DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, July 7/2023 | Page 16 | ₹ 7.00

୪୯ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 222 | ମୂଲ୍ୟ ₹୭/-




## ‘ବୃଷଭ’ରେ ଶନାୟାଙ୍କ ସାଉଥ୍ ଡେବ୍ୟୁ

ବଲିଉଡ୍ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର ନିକଟରେ ମୋହନଲାଲଙ୍କ ଫିଲ୍ମ ‘ବୃଷଭ’ ଜରିଆରେ ସାଉଥ୍ ଡେବ୍ୟୁ କରିବାକୁ ଯାଉଛନ୍ତି।

୧୨

୧୬

## ଲିଡ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ସ୍କଟଲାଣ୍ଡ ବିପକ୍ଷ ଆଇସିସି କ୍ରିକେଟ ବିଶ୍ୱକପ୍ କ୍ୱାଲିଫାୟର୍ସରେ ବାସ୍ ଡି ଲିଡ୍ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ବିଜୟୀ ହୋଇଛି ନେଦରଲାଣ୍ଡ୍ସ।







ପନିପରିବାଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ପ୍ରତିବାଦରେ ଉତ୍ତରାଖଣ୍ଡର ପ୍ରଦେଶ ମହିଳା କଂଗ୍ରେସର ସଦସ୍ୟମାନେ ଗୁରୁବାର ଡେରାଡୁନଠାରେ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି।

# ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ରେଭେନ୍‌ଶା

## ପ୍ରକାଶ ପାଇଲା ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ନାମ ଲେଖାଇବା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଗୁରୁବାର ପ୍ରକାଶ ପାଇଥିବା ଏହି ତାଲିକା ଅନୁସାରେ ଚଳିତବର୍ଷ ନାମଲେଖା ପାଇଁ ମୋଟ୍ ୪ ଲକ୍ଷ ୭୨,୨୭୯ ହଜାର ପିଲା ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ୪ ଲକ୍ଷ ୧୨,୩୬୮ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। କଳାରେ ସର୍ବାଧିକ ୨ ଲକ୍ଷ ୫୩,୧୭୮, ବାଣିଜ୍ୟରେ ୨୫,୧୬୮ ଓ ବିଜ୍ଞାନରେ ୧ଲକ୍ଷ ୨୧,୦୨୩, ଉପଶାସ୍ତ୍ରୀରେ ୭,୭୭୯ ଏବଂ ଧନ୍ଦାମୂଳକ ବିଷୟରେ ୫,୨୨୦ ଜଣ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଆବେଦନକାରୀଙ୍କ ମଧ୍ୟରେ ୨,୦୩,୫୪୩ ଛାତ୍ର, ୨,୦୮୭୮ ଛାତ୍ରୀ ଓ ୪୭ ଜଣ ଅନ୍ୟ ବର୍ଗର ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇ ନ ଥିବା ୫୯,୯୧୧ ଜଣ ☞ପୃଷ୍ଠା-୪

# ଜଷ୍ଟିସ ତାଳପତ୍ର ହେବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୬।୭(ପି.ଟି.)



ଜଷ୍ଟିସ ଶୁଭାଶିଷ ତାଳପତ୍ର

ଓଡ଼ିଶା ସମେତ ୭ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ୭ ଜଣ ବିଚାରପତିଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟ ହାଇକୋର୍ଟଗୁଡ଼ିକ ହେଲେ ବମ୍ବେ, ଗୁଜରାଟ, ☞ପୃଷ୍ଠା-୪







## ଆଜିର ସମ୍ପାଦକୀୟ

### ବନ୍ଧୁତ୍ୱବାଦ ଓ ଦୁର୍ନୀତିର ବିଶ୍ୱ

ଆମ ପୋଖରୀ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ପୃଷ୍ଠା-୩

# ୧୦୫ କୋଟିର ତଥ୍ୟ ମିଳିଲାଣି

## ଡିଏନ୍ ଗ୍ରୁପ ଉପରେ ଚଢ଼ାଉ ଜାରି

ଭୁବନେଶ୍ୱର,୬।୭(ସତ୍ୟଜିତ୍ ରାଉତ)

ଆୟକର ଫାଙ୍କି ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ଆୟକର ବିଭାଗ ପକ୍ଷରୁ ହେଉଥିବା ଚଢ଼ାଉ ଜାରି ରହିଛି। ବୁଧବାରଠାରୁ ଭୁବନେଶ୍ୱର ସମେତ ସଂସ୍ଥାର ପ୍ରାୟ ୨୦ଟି ସ୍ଥାନରେ ହେଉଥିବା ଚଢ଼ାଉରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆୟକର ବିଭାଗ ଜବତ କରିଥିବା ଜଣାପଡ଼ିଛି। ଏଥିସହ ଏହି ଚଢ଼ାଉରେ ଆୟକର ବିଭାଗ ହାତରେ ଡିଏନ୍ ଗ୍ରୁପ୍‌ର ୧୦୫ କୋଟି ଟଙ୍କାର ବ୍ୟବସାୟିକ କାରବାର ଚିଠା ମିଳିଥିବା ସୂଚନା ମିଳିଛି। ତେବେ ଏହି କାରବାର ମଧ୍ୟରେ ଡିଏନ୍ ଗ୍ରୁପ ପକ୍ଷରୁ ଫ୍ଲାଟ ପାଇଁ ଆଦାୟ ହୋଇଥିବା ୮୦ କୋଟି ଟଙ୍କାର ଚିଠା ରହିଛି। ସେହିଭଳି ବାକି ୨୫କୋଟି ଟଙ୍କା ସଂସ୍ଥାର ଅନ୍ୟାନ୍ୟ କାର୍ଯ୍ୟର ବୋଲି କୁହାଯାଉଛି। ଅନ୍ୟପକ୍ଷରେ କର୍ମଚାରୀ କୁହାଯାଉଥିବା ଚନ୍ଦ୍ରଶେଖର ପଣ୍ଡା ଡିଏନ୍ ଗ୍ରୁପର ଲିଗାଲ ଅଫିସର ବୋଲି ଜଣାପଡ଼ିଛି। ତେବେ ତାଙ୍କ ପାଖରୁ ବୁଧବାର ୩ଟି ଟ୍ରଙ୍କ୍‌ରେ ମିଳିଥିବା ପ୍ରାୟ ୩୦ କୋଟି ଟଙ୍କାକୁ ଆର୍‌ବିଆଇକୁ ଆୟକର ବିଭାଗ ଟିମ୍ ନେଇ ଡିଏନ୍ ଗ୍ରୁପର ଜଣେ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ଗଣିଛି। ତେବେ ଏତେ ପରିମାଣର ଟଙ୍କାର ଉତ୍ସ ସଂକ୍ରାନ୍ତରେ ଆୟକର ବିଭାଗ ଅଧିକ ଖୋଳତାଡ଼ କରୁଛି। ତେବେ ବଡ଼ କଥା ହେଲା ମିଳିଥିବା ଟଙ୍କାରେ କିଛି ନକଲି ଟଙ୍କା ଥିବା ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏତେ ପରିମାଣରେ ଟଙ୍କା ମିଳିବାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଜ ଆଡୁ ମାମଲା ରୁଜୁ କରି ବେଆଇନ ଅର୍ଥ କାରବାର ଦିଗକୁ ନେଇ ତଦନ୍ତ କରିବ ବୋଲି ମଧ୍ୟ ସୂଚନା ମିଳିଛି।

ତେବେ ଡିଏନ୍ ଗ୍ରୁପରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟଙ୍କା ନିବେଶ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଏହି ଘଟଣାକୁ ନେଇ ରାଜନୀତିରେ ଆରୋପ ☞ପୃଷ୍ଠା-୪

## ଟୁଇନ୍ ସିଟି ଇନ୍‌ଫ୍ରାକନ୍‌ରେ ଆୟକର ଚଢ଼ାଉ

ଭୁବନେଶ୍ୱର/କଟକ,୬।୭
(ସତ୍ୟଜିତ୍ ରାଉତ/କାର୍ତ୍ତିକ ସାହୁ)

ଆୟକର ଫାଙ୍କି ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ ଉପରେ ବୁଧବାରଠାରୁ ଆୟକର(ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଥିବାବେଳେ କଟକ ତ୍ରିଶୁଳିଆସ୍ଥିତ ଟୁଇନ୍ ସିଟି ଇନ୍‌ଫ୍ରାକନ୍(ଓପିସି) କମ୍ପାନୀରେ ମଧ୍ୟ ଆଇଟି ରେଡ୍ ଚାଲିଛି। ଆୟକର ବିଭାଗ ପକ୍ଷରୁ ପ୍ରାୟ ୧୫ରୁ ୧୮ଜଣ ଅଧିକାରୀ ଏହି ଚଢ଼ାଉରେ ନିୟୋଜିତ ଅଛନ୍ତି। କମ୍ପାନୀ ଆର୍ଥିକ କାରବାର ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆୟକର ବିଭାଗ ଜବତ କରିଥିବା ସୂଚନା ମିଳିଛି। କମ୍ପାନୀ ମାଲିକ ଓ କର୍ମଚାରୀଙ୍କୁ ମଧ୍ୟ ଆୟକର ଟିମ୍ ପକ୍ଷରୁ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରାଯାଉଛି। ଏପରିକି କଟକ ଚଣ୍ଡୀଛକସ୍ଥିତ କମ୍ପାନୀର ଏକ ଅଫିସରେ ମଧ୍ୟ ଆଇଟି ଟିମ୍ ଚଢ଼ାଉ କରିଥିବା ଜଣାପଡ଼ିଛି। ତେବେ ଏହି ଚଢ଼ାଉ ସଂକ୍ରାନ୍ତରେ ଆୟକର ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ, ଟୁଇନ୍ ସିଟି ଇନ୍‌ଫ୍ରାକନ୍ (ଓପିସି) ପ୍ରାଇଭେଟ୍ ଲିଃ ୨୦୧୮ ଅକ୍ଟୋବର ୧୭ରେ ଖୋଲାଯାଇଥିଲା। ଏହି କମ୍ପାନୀ ବିଭିନ୍ନ ସ୍ଥାନରେ ରେସିଡେନ୍‌ସିଆଲ୍ ପ୍ରୋଜେକ୍ଟ ନିର୍ମାଣ କରିଥିବା ଜଣାପଡ଼ିଛି। ୨ଜଣଙ୍କ ମାଲିକାନାରେ ☞ପୃଷ୍ଠା-୪

# ଟୁଇଟର ପ୍ରତିଦ୍ୱନ୍ଦ୍ୱୀ ଥ୍ରେଡ୍ସ

## ୭ ଘଣ୍ଟାରେ ୧ କୋଟି ଲୋକ ଯୋଡ଼ିହେଲେ





ୱାଶିଂଟନ୍,୬।୭

କେଜ୍ ଫାଇଟ୍‌କୁ ନେଇ ଟୁଇଟର ମାଲିକ ଏଲନ ମସ୍କ ଦେଇଥିବା ଚ୍ୟାଲେଞ୍ଜର ପ୍ରତିଶୋଧ ମେଟା ସହପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଥ୍ରେଡ୍ସ ଜରିଆରେ ନେଇଛନ୍ତି। ଗୁରୁବାର ଜୁକରବର୍ଗ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ପ୍ରତିଦ୍ୱନ୍ଦ୍ୱୀ ଭାବେ ଥ୍ରେଡ୍ସକୁ ଲଞ୍ଚ କରିଛନ୍ତି। ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଥ୍ରେଡ୍ସକୁ କିଛି ସମୟ ଲାଗିବ। ଆଗକୁ ୧ ବିଲିୟନ୍‌ରୁ ଅଧିକ ୟୁଜର୍ସ ଥ୍ରେଡ୍ସ ସହ ଯୋଡ଼ିହେବେ ବୋଲି ଜୁକରବର୍ଗ କହିଛନ୍ତି। ଅନ୍ୟପକ୍ଷେ ୟୁଜର୍ସଙ୍କୁ ବାନ୍ଧି ରଖିବା ପାଇଁ ଟୁଇଟର ପାଖରେ ସୁଯୋଗ ଥିଲେ ସୁଦ୍ଧା ସେ ବିଫଳ ହୋଇଥିବା ଜୁକରବର୍ଗ କହିଛନ୍ତି। ବିଶେଷଜ୍ଞଙ୍କ ମତରେ ଯେଉଁ ବ୍ୟକ୍ତିମାନେ ଟୁଇଟର ବ୍ୟବହାର ଦ୍ୱାରା ଅସୁଖୀ, ଜୁକରବର୍ଗଙ୍କ ଥ୍ରେଡ୍ସ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବ।

ଟୁଇଟର ପ୍ରତିଦ୍ୱନ୍ଦ୍ୱୀ ଥ୍ରେଡ୍ସ ଲଞ୍ଚ ହେବା ପରେ ଟେସ୍‌ଲା ମାଲିକ ଏଲନ ମସ୍କ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ଟୁଇଟର ବାବଦରେ ଅଜ୍ଞ ସେମାନଙ୍କ ପାଇଁ ଥ୍ରେଡ୍ସ ଉପଯୁକ୍ତ। ଇନ୍‌ଷ୍ଟାଗ୍ରାମ ବିଫଳତାକୁ ଲୁଚାଇବା ପାଇଁ ☞ପୃଷ୍ଠା-୪

### କେମିତି ଅଲଗା

- ଅନ୍ ଭେରିଫାଏଡ୍ ଟୁଇଟର ୟୁଜର୍ସ ନିଜ ପୋଷ୍ଟକୁ ୨୮୦ ଲେଟରରେ ସୀମିତ ରହୁଥିବାବେଳେ ଥ୍ରେଡ୍ସରେ ପ୍ରତ୍ୟେକ ବ୍ୟକ୍ତି ୫୦୦ ଲେଟରର ପୋଷ୍ଟ ଲେଖିପାରିବେ।
- ଭେରିଫାଏଡ୍ ଇନ୍‌ଷ୍ଟାଗ୍ରାମ ୟୁଜର୍ସଙ୍କୁ ଥ୍ରେଡ୍ସରେ ବ୍ଲୁ ବ୍ୟାଚ୍ ଲଗାଯିବ, ଯାହାପାଇଁ ଟୁଇଟର ମାସିକ ୮ ଡଲାର ଦାବି କରୁଛି।
- ଯେଉଁମାନଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଥିବ ସେମାନେ ହିଁ ଥ୍ରେଡ୍ସରେ ପ୍ରୋଫାଇଲ୍ ତିଆରି କରିପାରିବେ। ଆଗକୁ ଏହି ନିୟମ ପରିବର୍ତ୍ତନ କରାଯିବ ବୋଲି ମେଟା କହିଛି।
- ଥ୍ରେଡ୍ସରେ ୫ ମିନିଟ୍‌ର ଭିଡିଓ ଅପ୍‌ଲୋଡ୍ କରିହେବ। ଟୁଇଟର ଆକାଉଣ୍ଟଧାରୀ କେବଳ ୨ ମିନିଟ୍ ୨୦ ସେକେଣ୍ଡର ଭିଡିଓ ପୋଷ୍ଟ କରିପାରିବେ।
- ଡ୍ରାଫ୍ଟ ପୋଷ୍ଟଗୁଡ଼ିକୁ ସେଭ୍ କରିବାର ସୁବିଧା ଟୁଇଟରରେ ଥିବାବେଳେ ଥ୍ରେଡ୍ସରେ ଏହା ଉପଲବ୍ଧ ନାହିଁ।
- ଥ୍ରେଡ୍ସରେ ଅନ୍ୟ ୟୁଜର୍ସଙ୍କ ପ୍ରୋଫାଇଲ୍ ଦେଖିହେବ ନାହିଁ।
- ଆପତ୍ତିଜନକ ପୋଷ୍ଟ କରୁଥିବା ଆକାଉଣ୍ଟ ବନ୍ଦ କରିବାର ସୁବିଧା ଥ୍ରେଡ୍ସରେ ଅଛି।




## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ଗ୍ୟାସ୍ ଲିକ୍: ୧୭ ମୃତ

**ବୋକ୍ସବର୍ଗ, ୬।୭:** ଦକ୍ଷିଣ ଆଫ୍ରିକାର ଏକ ବେଆଇନ ସୁନା ପ୍ରକ୍ରିୟାକରଣ ସଂସ୍ଥାରୁ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩ ପିଲାଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜୋହାନ୍ସବର୍ଗ ନିକଟସ୍ଥ ବୋକ୍ସମବର୍ଗର ଏକ ଏଞ୍ଜେଲୋ ବସ୍ତିରେ ବୁଧବାର ରାତିରେ ବିଷାକ୍ତ ନାଇଟ୍ରେଟ୍ ଗ୍ୟାସ୍ ଲିକ୍ ହୋଇଥିଲା। ନିରୀହ ଲୋକମାନଙ୍କ ଜୀବନ ଯିବା ଅତ୍ୟନ୍ତ ଭୟାବହ ଓ ଦୁଃଖଦ କ୍ଷତି ବୋଲି ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲି ରାମାଫୋସାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### କହ୍ନେୟା କୁମାରଙ୍କୁ ଏନ୍ଏସ୍ୟୁଆଇ ଦାୟିତ୍ୱ

**ନୂଆଦିଲ୍ଲୀ, ୬।୭:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି



କହ୍ନେୟା କୁମାରଙ୍କୁ କଂଗ୍ରେସ ଏହାର ଛାତ୍ର ସଂଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନୟନ୍ ଅଫ୍ ଇଣ୍ଡିଆ (ଏନ୍ଏସ୍ୟୁଆଇ)ର ଏଆଇସିସି ପ୍ରଭାରୀ ନିଯୁକ୍ତ କରିଛି। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର କହ୍ନେୟାଙ୍କୁ ଏହି ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ନୀରଜ କୁନ୍ଦନ ଏନ୍ଏସ୍ୟୁଆଇ ମୁଖ୍ୟ ଅଛନ୍ତି। ସୂଚନାଯୋଗ୍ୟ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରାରେ କହ୍ନେୟା କୁମାର ସାମିଲ ହୋଇ କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

### ପ୍ରିନ୍ସିପାଲଙ୍କୁ ବଜରଙ୍ଗ ଦଳ କର୍ମୀଙ୍କ ଆକ୍ରମଣ

**ପୁଣେ, ୬।୭:** ପୁଣେର ତାଲେଗାଁଓ ଦାଭାଡେ ଅଞ୍ଚଳରେ ଥିବା ଡିୱାଇ ପାଟିଲ ହାଇସ୍କୁଲ ପରିସରରେ କେତେଜଣ ହିନ୍ଦୁତ୍ୱବାଦୀ ବଜରଙ୍ଗ ଦଳ କର୍ମୀ ପ୍ରବେଶ କରି ପ୍ରିନ୍ସିପାଲଙ୍କୁ ଆକ୍ରମଣ କରୁଥିବା ଭିଡିଓ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କୁ ଖ୍ରୀଷ୍ଟିଆନ୍ ପ୍ରାର୍ଥନା ଆବୃତ୍ତି କରିବା ଲାଗି ବାଧ କରିବା ଅଭିଯୋଗରେ ଉତ୍ୟକ୍ତ ହିନ୍ଦୁ କର୍ମୀମାନେ ପ୍ରିନ୍ସିପାଲ ଆଲେକଜାଣ୍ଡାର କୋଏଟେସ୍‌ଙ୍କୁ ମାଡ଼ ମାରିଥିଲେ। ପୋଲିସ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ପ୍ରାର୍ଥନା ଗାଇବାକୁ ବାଧ କରାଯାଉଥିବା କେତେଜଣ ଅଭିଭାବକ ହିନ୍ଦୁ କର୍ମୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପିଲାମାନଙ୍କୁ ହିନ୍ଦୁ ଉତ୍ସବରେ ଛୁଟି ଦିଆଯାଉ ନ ଥିବା ସେମାନେ କହିଥିଲେ।

### ମହିଳାଙ୍କୁ ହତ୍ୟାକଲେ ଝିଅଙ୍କ ପୂର୍ବତନ ପୁରୁଷବନ୍ଧୁ

**ନୂଆଦିଲ୍ଲୀ, ୬।୭:** ନୂଆଦିଲ୍ଲୀର ସରାଇ ରୋହିଲ୍ଲା ଅଞ୍ଚଳରେ ଜଣେ ୫୫ ବର୍ଷୀୟ ମହିଳାଙ୍କୁ ତାଙ୍କୁ ଝିଅଙ୍କ ପୂର୍ବତନ ପୁରୁଷବନ୍ଧୁ ଗୁଳିକରି ହତ୍ୟା କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୁନମ ନାମ୍ନୀ ଉକ୍ତ ମହିଳାଙ୍କ ମୃତଦେହ ପାଇଥିଲା। ଝିଅଙ୍କ ପୂର୍ବତନ ପୁରୁଷ ବନ୍ଧୁ ଅଙ୍କିତ କୌଶିକ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଡିସିପି (ଉତ୍ତର) ସାଗର ସିଂ କାଲ୍ସି କହିଛନ୍ତି। ହତ୍ୟା ମାମଲା ରୁଜୁ ପରେ ଘଟଣାର ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି କାଲ୍ସି କହିଛନ୍ତି।

# ଫରାସୀ ପୋଲିସକୁ ସର୍ଭିଲାନ୍ସ କ୍ଷମତା

## ଫୋନ୍‌ରେ ସନ୍ଦିଗ୍ଧଙ୍କ ଗୁପ୍ତଚରଗିରି କରିପାରିବ ପୋଲିସ ବାହିନୀ



**ପ୍ୟାରିସ୍,୬।୭**

ଜୁନ୍ ୨୭ରେ ପ୍ୟାରିସ୍‌ର ନାନ୍‌ଟେରେଠାରେ ୧୭ ବର୍ଷୀୟ ଡେଲିଭରି ଡ୍ରାଇଭର ନହେଲ ଏମ୍.ଙ୍କୁ ଜଣେ ପୋଲିସ ଅଫିସର ଗୁଳିକରି ହତ୍ୟା କରିବା ପ୍ରତିବାଦରେ ସାରା ଫ୍ରାନ୍ସରେ ଆନ୍ଦୋଳନର ନିଆଁ ଜଳୁଥିବାବେଳେ ମାକ୍ରଁଙ୍କ ସରକାର ପୋଲିସକୁ ସୁହାଇଲା ଭଳି ଏକ ବିବାଦୀୟ ଆଇନ ଆଣିଛନ୍ତି। ସନ୍ଦିଗ୍ଧମାନଙ୍କ କ୍ୟାମେରା, ମାଇକ୍ରୋଫୋନ୍, ମୋବାଇଲ ଫୋନ୍‌ର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଏବଂ ଅନ୍ୟ ଉପକରଣଗୁଡ଼ିକ ଜରିଆରେ ପୋଲିସ ଗୁପ୍ତଚରଗିରି କରିପାରିବା ଉଚିତ ବୋଲି ଦେଶର ଆଇନପ୍ରଣେତାମାନେ ଜୁଲାଇ ୫ରେ ସହମତି ପ୍ରକାଶ କରିଛନ୍ତି। ଏକ ବିସ୍ତୃତ ନ୍ୟାୟ ସଂସ୍କାର ବିଲ୍‌ର ଅଂଶ ଭାବେ ପୋଲିସକୁ ଗୁପ୍ତଚରଗିରି କ୍ଷମତା ପ୍ରଦାନ ସମ୍ପର୍କିତ ଏହି ବିଲ୍ ନ୍ୟାଶନାଲ ଆସେମ୍ବ୍ଲିରେ ଗୃହୀତ ହୋଇଛି। ସରକାରଙ୍କ ଏହି ଉଦ୍ୟମକୁ ଉଭୟ ବାମ ଓ ଦକ୍ଷିଣପନ୍ଥୀ ଆଡ୍‌ଭୋକେସି ଗ୍ରୁପ୍‌ଗୁଡ଼ିକ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି।

ନୂଆ ଆଇନ ଅନୁସାରେ ଲାପ୍‌ଟପ୍, କାର୍ ଓ ଫୋନ୍ ଭଳି ଅନ୍ୟ ସଂଲଗ୍ନ ଉପକରଣଗୁଡ଼ିକ ଜରିଆରେ ଅନ୍ୟୁନ ୫ ବର୍ଷ ଜେଲ ଦଣ୍ଡନୀୟ କୌଣସି ଆପରାଧିକ ମାମଲାର ସନ୍ଦିଗ୍ଧଙ୍କ ଭୌଗୋଳିକ ଅବସ୍ଥିତି ଠାବ ପାଇଁ ପୋଲିସକୁ ଅନୁମତି ମିଳିବ। ଅପକର୍ମ, ଆତଙ୍କବାଦ ଓ ସଙ୍ଗଠିତ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କ ଫଟୋ ଏବଂ ସ୍ୱର ରେକର୍ଡ କରିବା ପାଇଁ ଉପକରଣଗୁଡ଼ିକୁ ଦୂରବର୍ତ୍ତୀ ସ୍ଥାନରୁ ଆକ୍ଟିଭେଟ୍ କରାଯାଇପାରିବ। ଆଇନରେ ଏଭଳି ବ୍ୟବସ୍ଥା ଥିବାରୁ ବୁଧବାର ବିତର୍କ ବେଳେ ଅନେକ ଏମ୍‌ପି ଏହାକୁ ବିରୋଧ କରିଥିଲେ। କିନ୍ତୁ ଏହା ବାର୍ଷିକ କେବଳ କିଛି ଡଜନ୍ ମାମଲାକୁ ପ୍ରଭାବିତ କରିବ କହି ନ୍ୟାୟମନ୍ତ୍ରୀ ଏରିକ୍ ଡୁପୋଣ୍ଡ୍-ମୋରେଟ୍ଟି ବୁଝାଇବା ପରେ ସେମାନେ ସହମତି ପ୍ରକାଶ କରିଥିଲେ। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଶିବିରର ଏମ୍‌ପିମାନେ ଉକ୍ତ

> ମାକ୍ରଁ ସରକାରଙ୍କ ନୂଆ ଆଇନ ନାଗରିକଙ୍କ ମୌଳିକ ଅଧିକାରଗୁଡ଼ିକରେ ହସ୍ତକ୍ଷେପ କରୁଥିବାରୁ ଗମ୍ଭୀର ସ୍ଥିତି ଉପୁଜିବ। ଲୋକେ ନିଜର ସୁରକ୍ଷା ଅଧିକାର, ଅନ୍ତରଙ୍ଗ ଜୀବନ ଅତିବାହିତ କରିବା ଓ ବ୍ୟକ୍ତିଗତ ଭାବ ଆଦାନପ୍ରଦାନ ଅଧିକାର, ଅବାଧରେ ଯିବାଆସିବା ଅଧିକାର ହରାଇବେ। ଏହା ହେଉଛି ଏକଚ୍ଛତ୍ରବାଦୀ ଗୁପ୍ତଚରଙ୍କ ଅଧିକାରପତ୍ର।
>
> **-ଲା କ୍ୱାଡ୍ରାଚର ଡୁ ନେଟ୍, ଡିଜିଟାଲ ରାଇଟ୍ସ ଗ୍ରୁପ୍**

ବିଲ୍‌ରେ ଏକ ସଂଶୋଧନ ଯୋଡ଼ିଛନ୍ତି। ଏହାଦ୍ୱାରା ଅପରାଧର ପ୍ରକାର ଓ ଗମ୍ଭୀରତାକୁ ଦୃଷ୍ଟିରେ ରଖି ରିମୋଟ୍ ସ୍ୱାଇଂର ବ୍ୟବହାରକୁ ସ୍ୱଳ୍ପ ସମୟ ପାଇଁ ସୀମିତ କରାଯାଇପାରିବ। ତେବେ ଏଥିପାଇଁ ଜଣେ ବିଚାରପତିଙ୍କ ଅନୁମତି ନେବାକୁ ପଡ଼ିବ। ସର୍ଭିଲାନ୍ସର ମୋଟ ଅବଧି ୬ ମାସରୁ ଊର୍ଦ୍ଧ୍ୱ ହେବ ନାହିଁ। ଡାକ୍ତର, ଖବରଦାତା, ଆଇନଜୀବୀ, ବିଚାରପତି, ଏମ୍‌ପି ଭଳି ସମ୍ବେଦନଶୀଳ ପେସାଦାରମାନଙ୍କୁ ବୈଧ ଟାର୍ଗେଟ କରାଯାଇପାରିବ ନାହିଁ। ଟୋଟାଲ ସର୍ଭିଲାନ୍ସ ଅଧୀନ ସମାଜ ସମ୍ପର୍କିତ ଜର୍ଜ ଓରୱେଲଙ୍କ ଉପନ୍ୟାସ 'ଆମେ ୧୯୮୪ର ସର୍ବାଧିକାର ଏକଚ୍ଛତ୍ରବାଦଠାରୁ ବହୁ ଦୂରକୁ ଚାଲିଆସିଛେ'ର ଅବତାରଣା କରି ନ୍ୟାୟମନ୍ତ୍ରୀ ଏରିକ୍ କହିଛନ୍ତି, ଏହି ଆଇନ ଲୋକଙ୍କ ଜୀବନ ରକ୍ଷା କରିବ। ଭୋଟିଂ ପୂର୍ବରୁ ବିଲ୍‌ର ନାକାରାତ୍ମକ ଦିଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଛି।



ଫ୍ରାନ୍ସ ନ୍ୟାଶନାଲ ଆସେମ୍ବ୍ଲିରେ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ।



### ୧୪ରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ

**ବେଙ୍ଗାଲୁରୁ, ୬।୭**

ଚନ୍ଦ୍ରଯାନ-୩ ଜୁଲାଇ ୧୪ରେ ଶ୍ରୀହରିକୋଟାସ୍ଥିତ ସତିଶ ଧୱନ ସ୍ପେସ୍ ସେଣ୍ଟରରୁ ଅପରାହ୍ନରେ ଉତ୍କ୍ଷେପଣ କରାଯିବା ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସୂଚନା ଦେଇଛି। ଉତ୍କ୍ଷେପଣରେ ବ୍ୟବହାର ହେବାକୁ ଥିବା ଇସ୍ରୋର ନୂଆ ହେଭି ଲିଫ୍ଟ ଲଞ୍ଚ୍ ଭେହିକଲ ଏଲ୍‌ଭିଏମ୍-୩କୁ ଆନ୍ଧ୍ରପ୍ରଦେଶସ୍ଥିତ ଶ୍ରୀହରିକୋଟା ସ୍ପେସ୍ ସେଣ୍ଟରକୁ ପଠାଯାଇଛି। ଜି୨୦ ସ୍ପେସ୍ ଇକୋନୋମି ଲିଡର୍ସ ବୈଠକରେ ଇସ୍ରୋ ସଭାପତି ଏସ୍.ସୋମନାଥ କହିଛନ୍ତି, ଜୁଲାଇ ୧୩ ପରିବର୍ତ୍ତେ ୧୪ରେ ଚନ୍ଦ୍ରଯାନ ୩ ଉତ୍କ୍ଷେପଣ କରାଯିବ, ଯାହା ଅଗଷ୍ଟ ୨୩ରେ ଚନ୍ଦ୍ର ପୃଷ୍ଠରେ ଲ୍ୟାଣ୍ଡ କରିବ। ଅନୁକୂଳ ପାଣିପାଗ ନ ହେଲେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ ସ୍ଥଗିତ କରାଯିବା ସହ ଆସନ୍ତା ସେପ୍ଟେମ୍ବରରେ ଲଞ୍ଚ କରାଯିବ ବୋଲି ଇସ୍ରୋ କହିଛି। ଉତ୍କ୍ଷେପଣ ନେଇ ପ୍ରାୟ ସମସ୍ତ ପରୀକ୍ଷାମୂଳକ କାର୍ଯ୍ୟ ଶେଷ ହୋଇସାରିଛି। ଚନ୍ଦ୍ରଯାନ୨କୁ ନେଇ ହୋଇଥିବା ତ୍ରୁଟିକୁ ନ ଦୋହରାଇବା ପାଇଁ ଚନ୍ଦ୍ରଯାନ ୩ର ସଫ୍ଟ ଲ୍ୟାଣ୍ଡିଂକୁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଛି।



ୟୁକ୍ରେନ୍‌ର ଲଭିଭ୍ ସହରରେ ରୁଷିଆର ରକେଟ୍ ମାଡ଼ ପରେ ଆତଙ୍କିତ ଦୁଇ ମହିଳା।

# ଅଜିତଙ୍କୁ ବିଦାକଲେ ପାୱାର

## ପ୍ରଫୁଲ ପଟେଲ ଓ ୯ ବିଧାୟକ ମଧ୍ୟ ଏନ୍‌ସିପିରୁ ବହିଷ୍କୃତ

**ନୂଆଦିଲ୍ଲୀ/ମୁମ୍ବାଇ,୬।୭**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରତିଷ୍ଠାତା ଶରଦ ପାୱାର ଗୁରୁବାର ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ ଦଳର କାର୍ଯ୍ୟକାରୀ କମିଟି ବୈଠକରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ଏବଂ ୯ ବିଦ୍ରୋହୀ ବିଧାୟକଙ୍କୁ ବିଦା କରିବା ପରେ କହିଛନ୍ତି, ମୁଁ ଏନ୍‌ସିପି ଅଧ୍ୟକ୍ଷ। ଅନ୍ୟ କେହି ନିଜକୁ ଅଧ୍ୟକ୍ଷ ବୋଲାଇଲେ ସେଥିରେ ସତ୍ୟତା ନାହିଁ। ସଂଖ୍ୟାଗରିଷ୍ଠତା କାହା ପାଖରେ ଅଛି, ସତ ପଦାକୁ ଆସିବ। ବିଦ୍ରୋହକୁ ନେଇ ସମସ୍ତେ ମର୍ମାହତ। କିନ୍ତୁ ଏହା ଦଳକୁ ଆହୁରି ମଜଭୁତ କରିବ ବୋଲି ସବୁ ସଦସ୍ୟ ବୈଠକରେ ମତ ରଖିଛନ୍ତି। ମୋତେ ୮୨ ହେଉ କି ୯୨ ବର୍ଷ, କିଛି ଫରକ ପଡ଼େନାହିଁ। ଅଜିତଙ୍କ ଦାବିରେ କୌଣସି ସତ୍ୟତା ନାହିଁ। କେହି ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁଲେ ମୋର ଆପତ୍ତି ନାହିଁ। ସେମାନଙ୍କୁ ଶୁଭେଚ୍ଛା ଜଣାଉଛି। ଆମକୁ ଯାହା କହିବାର ଅଛି ଆମେ ନିର୍ବାଚନ କମିଶନଙ୍କ ଆଗରେ କହିବୁ। ବିରୋଧୀ ଦଳଗୁଡ଼ିକୁ ଅସୁବିଧାରେ ପକାଇବା ପାଇଁ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଅନ୍ୟ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି।

ଏନ୍‌ସିପିର ୫୩ ବିଧାୟକଙ୍କ ମଧ୍ୟରୁ ଅଧିକାଂଶଙ୍କ ସମର୍ଥନ ଦାବି ଉଦ୍ଦେଶ୍ୟରେ ବୁଧବାର ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ୍ ବୈଠକ କରାଯାଇଥିଲା। କିନ୍ତୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବିଦ୍ରୋହୀ ପୁତୁରା ଅଜିତ ପାୱାର ୩୧ ବିଧାୟକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଥିଲେ। କେବଳ ୧୩ ବିଧାୟକ ସିନିୟର ପାୱାରଙ୍କ ଶିବିରରେ ଉପସ୍ଥିତ ଥିଲେ। ହେଲେ ନିର୍ବାଚନ କମିଶନଙ୍କୁ ଅଜିତ ଗୋଷ୍ଠୀ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ୪୦ ନେତା(ଏମ୍‌ପି, ଏମ୍‌ଏଲ୍‌ଏ,



ଏନ୍‌ସିପି ମୁଖ୍ୟ ଶରଦ ପାୱାର।

ଏମ୍‌ଏଲ୍‌ସି)ଙ୍କ ସ୍ୱାକ୍ଷର ରହିଛି। ଏହି ସତ୍ୟପାଠ ଆଧାରରେ ରବିବାର ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବା ଅଜିତ ଏନ୍‌ସିପି ଏବଂ ଏହାର ନିର୍ବାଚନୀ ଚିହ୍ନ ଉପରେ ଦାବି ଉପସ୍ଥାପନ କରିଛନ୍ତି। ନିର୍ବାଚନ କମିଶନ ଏନେଇ ବିଚାର କରିବା ପୂର୍ବରୁ ଅଜିତଙ୍କୁ ଅନ୍ୟୁନ ଦୁଇତୃତୀୟାଂଶ ଅର୍ଥାତ୍ ୩୬ ବିଧାୟକଙ୍କ ସମର୍ଥନ ଦରକାର। ଅଦ୍ୟାବଧି ୩୨ ବିଧାୟକ ଅଜିତଙ୍କ ନେତୃତ୍ୱକୁ ମାନିଥିବାବେଳେ ସେମାନଙ୍କୁ ଗୁରୁବାର ସକାଳେ ମୁମ୍ବାଇର ଏକ ହୋଟେଲରେ ରଖାଯାଇଛି। ଇତିମଧ୍ୟରେ ଶରଦ ପାୱାର ନିଜ ନୂଆଦିଲ୍ଲୀ ବାସଭବନରେ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଭଳି ବୈଠକ ଡାକିବା କ୍ଷମତା ଅନ୍ୟ କାହାରି ନାହିଁ କହି ଅଜିତ ଏହାକୁ 'ବେଆଇନ' ଅଭିହିତ କରିଛନ୍ତି। ଜୁଲାଇ ୨ରେ ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇ ଏନ୍‌ଡିଏ ସହ ହାତ ମିଳାଇଥିବା ୯ ବିଧାୟକଙ୍କ ସମେତ ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଗଣମାଧ୍ୟମକୁ ସମ୍ବୋଧିତ କରି ଏନ୍‌ସିପି ନେତା ପି.ସି. ଚାକୋ କହିଛନ୍ତି, କାର୍ଯ୍ୟକାରୀ କମିଟି ବୈଠକରେ ୮ଟି ପ୍ରସ୍ତାବ ଗୃହୀତ ହୋଇଛି। ପ୍ରଫୁଲ ପଟେଲ, ସୁନୀଲ ଟାଟ୍‌କାରେ ଏବଂ ଏନ୍‌ଡିଏ ସହ ହାତ ମିଳାଇଥିବା ୯ ବିଧାୟକଙ୍କୁ ବହିଷ୍କାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କମିଟି ଅନୁମୋଦନ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦୁର୍ନୀତି ମାମଲାରେ ତଦନ୍ତ କରୁଛନ୍ତି। ଶରଦ ପାୱାର ଜାତୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ତେଣୁ ଅନ୍ୟ କେହି ନିଜକୁ ଏନ୍‌ସିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାବିକଲେ ଆମେ ଗମ୍ଭୀରତା ସହ ନେଉନାହୁଁ। ଆମ ସଙ୍ଗଠନ ଏବେ ମଧ୍ୟ ଅତୁଟ ରହିଛି ଏବଂ ଦଳର ସମସ୍ତ ୨୭ ରାଜ୍ୟ ଶାଖା ଶରଦ ପାୱାରଙ୍କ ସହ ରହିଛି। କାର୍ଯ୍ୟକାରୀ କମିଟିରେ ଗୃହୀତ ସଂକଳ୍ପନାମା ମଧ୍ୟରେ ରହିଛି, ଭାଜପାର ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ କାର୍ଯ୍ୟ ଏବଂ ବିରୋଧୀଙ୍କ ବିପକ୍ଷରେ ସରକାରୀ ଏଜେନ୍ସିଗୁଡ଼ିକୁ ଲଗାଇବା ବିରୋଧରେ ଲଢ଼େଇ କରିବା ପାଇଁ ଆମେ ପ୍ରସ୍ତୁତ।

## ପ୍ରଚଣ୍ଡଙ୍କ ଭାରତ ସମ୍ପର୍କିତ ମନ୍ତବ୍ୟକୁ ନେଇ ଝଡ଼



ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ

**କାଠମାଣ୍ଡୁ, ୬।୭**

କାଠମାଣ୍ଡୁରେ ପ୍ରତିଷ୍ଠିତ ଜଣେ ଭାରତୀୟ ବ୍ୟବସାୟୀ ତାଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ଏକଦା ଉଦ୍ୟମ କରିଥିଲେ ବୋଲି ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ମନ୍ତବ୍ୟ ଦେବା ପରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ପ୍ରଚଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି। ଭାରତ-ନେପାଳ ସମ୍ପର୍କ ବଢ଼ାଇବାରେ ନେପାଳର ପ୍ରମୁଖ ଟ୍ରକ୍ ବ୍ୟବସାୟୀ ସର୍ଦ୍ଦାର ପ୍ରୀତମ ସିଂଙ୍କର ସ୍ୱତନ୍ତ୍ର ତଥା ଐତିହାସିକ ଭୂମିକା ରହିଛି। ମୋତେ ପ୍ରଧାନମନ୍ତ୍ରୀ କରାଇବା ପାଇଁ ପ୍ରୀତମ୍ ଏକାଧିକ ଥର ଦିଲ୍ଲୀ ଯାଇଥିଲେ ଓ କାଠମାଣ୍ଡୁର ରାଜନେତାମାନଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା କରିଥିଲେ ବୋଲି ପ୍ରଚଣ୍ଡ କହିଥିଲେ। 'ରୋଡ୍ସ ଟୁ ଦି ଭ୍ୟାଲି: ଦି ଲିଜେଣ୍ଡ ଅଫ୍ ସର୍ଦ୍ଦାର ପ୍ରୀତମ ସିଂ ଇନ୍ ନେପାଳ' ନାମକ ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରଚଣ୍ଡଙ୍କ ଉପରୋକ୍ତ ମନ୍ତବ୍ୟ ତାଙ୍କୁ ଅଡୁଆରେ ପକାଇଛି। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ମୁଖ୍ୟ ବିରୋଧୀ ଦଳ ସିପିଏନ୍-ୟୁଏମ୍‌ଏଲ୍ ଏହାକୁ ନେଇ ବୁଧବାର ପାର୍ଲାମେଣ୍ଟରେ ହଟ୍ଟଗୋଳ କରିବା ସହ ଇସ୍ତଫା ଦାବି କରିଥିଲା। ଆମେ ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ନୁହେଁ, ତାଙ୍କର ଇସ୍ତଫା ଚାହୁଁ ବୋଲି ସିପିଏନ୍-ୟୁଏମ୍‌ଏଲ୍ ଅଧ୍ୟକ୍ଷ କେ.ପି. ଶର୍ମା ଓଲି କହିଛନ୍ତି। ନୂଆଦିଲ୍ଲୀ ଦ୍ୱାରା ନିଯୁକ୍ତ ପ୍ରଧାନମନ୍ତ୍ରୀ ଏହି ପଦବୀରେ ରହିବାର ଅଧିକାର ନାହିଁ ବୋଲି ବିରୋଧୀ ସ୍ଲୋଗାନ ଦେଇଥିଲେ।

## ଇମ୍ରାନ୍‌ଙ୍କ ବିରୋଧରେ ୧୫୦ ମାମଲା



ଇମ୍ରାନ୍ ଖାନ୍

**ଇସ୍‌ଲାମାବାଦ,୬।୭**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଗୁରୁବାର ଆଉ ୬ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୩ଟି ଆତଙ୍କବାଦ ବିରୋଧୀ ଆଇନ ଅଧୀନରେ ରୁଜୁ କରାଯାଇଛି। ମେ ୯ରେ ରାୱଲପିଣ୍ଡିସ୍ଥିତ ଆର୍ମି ଜେନେରାଲ ହେଡ୍ କ୍ୱାର୍ଟର୍ସ ଉପରେ ଆକ୍ରମଣ ନେଇ ମଧ୍ୟ ଇମ୍ରାନ୍ ଏବଂ ତାଙ୍କ ସମର୍ଥକଙ୍କ ନାଁରେ କେସ୍ ଫାଇଲ୍ ହୋଇଛି। ଇମ୍ରାନ୍‌ଙ୍କ ବିରୋଧରେ ଦାଏର ମାମଲାର ଯାଞ୍ଚ ଯୁଗ୍ମ ତଦନ୍ତକାରୀ ଟିମ୍ ଦ୍ୱାରା କରାଯାଉଛି। ଇମ୍ରାନ୍‌ଙ୍କ ବିରୋଧରେ ମୋଟ ୧୫୦ ମାମଲା ରୁଜୁ ହୋଇଛି।

## ଆଦିବାସୀଙ୍କ ଗୋଡ଼ ଧୋଇଲେ ମୁଖ୍ୟମନ୍ତ୍ରୀ

**ଭୋପାଳ, ୬।୭**

ଆଦିବାସୀ ଶ୍ରମିକଙ୍କ ଉପରେ ପରିସ୍ରା କରିବା ଘଟଣା ବିରୋଧରେ ମଧ୍ୟପ୍ରଦେଶରେ ପ୍ରତିବାଦ ଦେଖାଦେଇଥିବାବେଳେ ଆଦିବାସୀ ଶ୍ରମିକଙ୍କୁ କ୍ଷମା ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ। ଭୋପାଳସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପୀଡ଼ିତ ଦଶମତ ରାୱତଙ୍କୁ ଚୌକିରେ ବସାଇ ଶିବରାଜ ତାଙ୍କ ଗୋଡ଼ ଧୋଇବା ସହ ଫୁଲମାଳ ଏବଂ ଉପହାର ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ମଧ୍ୟ ବହୁଳ ପ୍ରସାର ହେଉଛି। ୩୬ ବର୍ଷୀୟ ଦଶମତଙ୍କ ଘର କରାଉଣ୍ଡିରେ। ଦଶମତଙ୍କୁ ଶିବରାଜ ସୁଦାମା ବୋଲି ସମ୍ବୋଧନ କରି ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତୁମ କଷ୍ଟ ଲାଘବ କରିବା ପାଇଁ ଏହା ଏକ ପ୍ରୟାସ ମାତ୍ର, ଘଟଣା ନେଇ ମୁଁ କ୍ଷମା ମାଗୁଛି। ଜନସାଧାରଣ ମୋ ପାଇଁ ଭଗବାନ



ସଦୃଶ ବୋଲି ଶିବରାଜ କ୍ୟାପଶନରେ ଲେଖିଛନ୍ତି। ଦଶମତଙ୍କ ପରିବାର ଲୋକଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି। ଶିବରାଜଙ୍କ ସହ ସାକ୍ଷାତ୍ କରି ଦଶମତ ଖୁସିଥିବା କହିଛନ୍ତି। ଦଶମତଙ୍କ ଉପରେ ପରିସ୍ରା କରିଥିବା ଭାଜପା ବିଧାୟକଙ୍କ ସହଯୋଗୀ ପ୍ରବେଶଙ୍କୁ ଗିରଫ ପରେ ଜାତୀୟ ସୁରକ୍ଷା ଆଇନ ବଳରେ ତାଙ୍କ ନାଁରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ସ୍କୁଲ ବାହାରେ ମହିଳାଙ୍କୁ ହତ୍ୟା

# ମଣିପୁରରେ ରାଷ୍ଟ୍ରପତି ଶାସନ ଦାବି

**ଗୁଆହାଟୀ, ୬।୭**

ହିଂସାକାଣ୍ଡ ଯୋଗୁ ଦୀର୍ଘ ଦୁଇ ମାସ ହେଲା ବନ୍ଦ ଥିବା ମଣିପୁର ସ୍କୁଲ୍ ଖୋଲିବାର ଦିନକ ପରେ ଗୁରୁବାର ସକାଳେ ଇମ୍ଫାଲ ଇଷ୍ଟ ଜିଲାର ଏକ ସ୍କୁଲ୍ ବାହାରେ ଜଣେ ମହିଳାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଶିଶୁ ନିଷ୍ଠା ନିକେତନ ସ୍କୁଲ ବାହାରେ ଏହି ଗୁଳିକାଣ୍ଡ ଘଟିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ତାଙ୍କ ପରିଚୟ ଖୋଜିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

ମହିଳାଙ୍କୁ ହତ୍ୟା ଘଟଣା ପରେ ହିଂସାପ୍ରବଣ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ପାଇଁ ଆଦିବାସୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍(ଆଇଟିଏଲ୍‌ଏଫ୍) ନାମକ ଏହି ସଂଗଠନ ମୃତ ମହିଳାଙ୍କୁ ଚିହ୍ନଟ କରିଛି। ଡୋନଗାଇଚିଙ୍ଗ ନାମ୍ନୀ ଏହି ମହିଳା ମାନସିକ ବିକୃତ ଏବଂ ଭିକ୍ଷାବୃତ୍ତି କରି ଚଳୁଥିଲେ ବୋଲି ଉକ୍ତ ସଂଗଠନ କହିଛି। ରାଜ୍ୟର ଅସମର୍ଥ ସରକାରଙ୍କୁ ହଟାଇ ସେଠାରେ ତୁରନ୍ତ ରାଷ୍ଟ୍ରପତି ଶାସନ ଜାରି କରାଯାଉ ବୋଲି ଆଇଟିଏଲ୍‌ଏଫ୍ ଏକ ବିବୃତିରେ କହିଛି। ସୂଚନାଯୋଗ୍ୟ, ମେ' ୩ରୁ ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବାବେଳେ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ୩,୦୦୦ ଆହତ ହୋଇଛନ୍ତି।



## ମଣିପୁର ଆଲୋଚନା ଦାବି ଅଗ୍ରାହ୍ୟ

### ସଂସଦୀୟ କମିଟି ବୈଠକରୁ ବିରୋଧୀ ଏମ୍‌ପିଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ, ୬।୭(ପି.ଟି.)**

ମଣିପୁର ସ୍ଥିତି ସମ୍ପର୍କରେ ଆଲୋଚନା ଦାବିକୁ ଗୃହ ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ମୁଖ୍ୟ ଅଗ୍ରାହ୍ୟ କରିଦେବା ପରେ ବିରୋଧୀ ଏମ୍‌ପିମାନେ ଗୁରୁବାର କମିଟି ବୈଠକରୁ କକ୍ଷତ୍ୟାଗ କରିଛନ୍ତି। ବୈଠକରେ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ଜେଲ ସଂସ୍କାର ଉପରେ ଆଲୋଚନା ହେବାର ଥିଲା। ମଣିପୁର ସ୍ଥିତିକୁ ଅଣଦେଖା କରା ନ ଯାଉ ବୋଲି ଟିଏମ୍‌ସିର ଡେରେକ ଓ'ବ୍ରାଏନ, କଂଗ୍ରେସର ଦିଗ୍‌ବିଜୟ ସିଂ ଏବଂ ପ୍ରଦୀପ ଭଟ୍ଟାଚାର୍ଯ୍ୟ ମିଳିତ ଭାବେ କମିଟି ଅଧ୍ୟକ୍ଷ ବ୍ରିଜ୍‌ଲାଲଙ୍କୁ ଏକ ପତ୍ର ଦେଇଥିଲେ। କମିଟିର ସଦସ୍ୟଭାବେ ଉକ୍ତ ପ୍ରସଙ୍ଗ ଉପରେ ଜରୁରୀ ଆଲୋଚନା ସେମାନଙ୍କର ନୈତିକ ଓ ସାମ୍ବିଧାନିକ ଦାୟିତ୍ୱ ବୋଲି ସେମାନେ ପତ୍ରରେ ଲେଖିଥିଲେ। ନିର୍ବାଚିତ ଜନପ୍ରତିନିଧି ଭାବେ ଆମେ ଏହାକୁ ଅଣଦେଖା କରିପାରିବା ନାହିଁ ବୋଲି ବିରୋଧୀ ଏମ୍‌ପିମାନେ କହିଥିଲେ। ଜାତୀୟ ଗୁରୁତ୍ୱ ଥିବା ଏଭଳି ଏକ ପ୍ରସଙ୍ଗ ଉପରେ ଆଲୋଚନାକୁ ଏଡ଼ାଇଦିଆଯାଉଥିବାରୁ ଏହାକୁ ବିରୋଧ କରି ବିରୋଧୀ ଏମ୍‌ପିମାନେ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ।

**ପୁଅଙ୍କୁ କୁରାଢ଼ିରେ ହାଣିଲେ ବାପା**

ଦେବଗଡ଼, ୬।୭(ଶଶାଙ୍କ ଶେଖର ଝାଙ୍କର): ଏକ ଅଭାବନୀୟ ଘଟଣାକ୍ରମରେ ଗୁରୁବାର ଦେବଗଡ଼ ଥାନା ଅନ୍ତର୍ଗତ କୁରଡ ଗ୍ରାମରେ ପୁଅକୁ କୁରାଢ଼ିରେ ହାଣି ତାଙ୍କ ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅଶୋକ ବରାଇ(୨୩)। ଅଭିଯୁକ୍ତ ବାପା ନିରଞ୍ଜନ ବରାଇଙ୍କୁ ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ିକୁ ଜବତ କରାଯାଇଛି।




# ବାହାନଗାର ବିକାଶ ପାଇଁ ୧. ୫୫ କୋଟି ମଞ୍ଜୁର

- ୨ ସପ୍ତାହ ମଧ୍ୟରେ ପ୍ରତିଶ୍ରୁତି ପୂରଣ କଲେ ରେଳମନ୍ତ୍ରୀ
- ରେଳ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ ଅଞ୍ଚଳବାସୀ

ଭୁବନେଶ୍ୱର, ୬।୭ (ଅଭିଜିତ ଦାସ)



ବାଲେଶ୍ୱର ଜିଲା ବାହାନଗାଠାରେ ଜୁନ୍ ୨ରେ ରେଳ ଦୁର୍ଘଟଣାରେ ଅନେକ କ୍ଷୟକ୍ଷତି ଘଟିଥିଲା। ଜୁନ୍ ୨୦ ଓ ୨୧ରେ ଏହି ଘଟଣାସ୍ଥଳ ପରିଦର୍ଶନ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ଅଞ୍ଚଳବାସୀଙ୍କୁ ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ଧନ୍ୟବାଦ ଦେବା ସହ ଅଞ୍ଚଳର ବିକାଶ ପାଇଁ ଅର୍ଥ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ରେଳମନ୍ତ୍ରୀ ଦୁଇ ସପ୍ତାହ ମଧ୍ୟରେ ନିଜ ପ୍ରତିଶ୍ରୁତି ରକ୍ଷା କରି ଗୁରୁବାର ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

ରେଳମନ୍ତ୍ରୀ ବୈଷ୍ଣବ ନିଜ ଏମ୍‌ପି ଲ୍ୟାଡ୍ ଫଣ୍ଡରୁ ଏହି ଅନୁଦାନ ଦେଇଛନ୍ତି। ୧ କୋଟି ଟଙ୍କା ବାହାନଗା ଅଞ୍ଚଳର ବିକାଶ ଲାଗି ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ଥିବାବେଳେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲରେ ୩୫ ଲକ୍ଷ ଟଙ୍କାରେ ଏକ ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଆମ୍ବୁଲାନ୍ସ ଏବଂ ୨୦ ଲକ୍ଷ ଟଙ୍କାରେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଅତ୍ୟାଧୁନିକ ଅପରେଶନ ଥିଏଟର ନିର୍ମାଣ କରାଯିବ। ବାହାନଗା ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ବାହାନଗା ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ୫ଟି କମ୍ୟୁନିଟି ସେଣ୍ଟର ଏବଂ ହଲ୍ ସହିତ ଶୌଚାଳୟ ନିର୍ମାଣ କରାଯିବ। ସେହିପରି ବାସୁଲି ହାଇସ୍କୁଲ ନିକଟରେ ଶିଶୁ ଉଦ୍ୟାନ ଏବଂ ଓପନ୍ ଜିମ୍, ୧୬ନଂ. ଜାତୀୟ ରାଜପଥରୁ ସାର୍ଟିରା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି, ପ୍ରାଣବନ୍ଧୁ ବିଦ୍ୟାପୀଠ ଖେଳ ପଡ଼ିଆର ଉନ୍ନତୀକରଣ ଏବଂ ୪୨ଟି ସୋଲାର ଷ୍ଟ୍ରିଟ୍ ଲାଇଟ ଲଗାଯିବାର ପ୍ରସ୍ତାବ ରହିଛି।

## ଆମ ପୋଖରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ | ପୌରାଞ୍ଚଳର ୨୦୦୦ ବୃହତ୍ ଜଳାଶୟର ନବୀକରଣ ହେବ

ଭୁବନେଶ୍ୱର,୬।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ପୌରାଞ୍ଚଳରେ 'ଆମ ପୋଖରୀ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଥିବା ଅବ୍ୟବହୃତ କିମ୍ବା ପୋତିହୋଇ ଯାଇଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯାଇ ସ୍ୱଚ୍ଛ ଓ ନିର୍ମଳ କରାଯିବା ସହିତ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଯିବ। ୧୧୫ ପୌରାଞ୍ଚଳର ୨୦୦୦ ବୃହତ୍ ଜଳାଶୟର ନବୀକରଣ କରାଯାଇ ଜନସାଧାରଣଙ୍କ ଅବସର ବିନୋଦନ ପାଇଁ ସ୍ୱାସ୍ଥ୍ୟପ୍ରଦ ସର୍ବସାଧାରଣ ସ୍ଥାନର ବିକାଶ କରାଯିବ। ମିଶନ ଶକ୍ତିର ମହିଳା ଏବଂ ଶିକ୍ଷିତ ଯୁବତୀଯୁବକମାନଙ୍କ ସହଭାଗିତାରେ ଏହା କରାଯିବ। ପ୍ରାକୃତିକ ଉପାୟରେ କମ୍ ଖର୍ଚ୍ଚରେ ଉନ୍ନତ ପରିବେଶ ସୃଷ୍ଟି କରାଯିବ।

ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀର ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ମା'ମାନେ ହେଉଛନ୍ତି ଟିମ୍ ୱାର୍କର ମଡେଲ। ଗାଁ, ସହର ସବୁଆଡ଼େ ଭଲ କାମ କରୁଛନ୍ତି। ମୁକ୍ତା ଯୋଜନାରେ, ଜଳସାଥୀ ଭାବରେ ମିଶନ ଶକ୍ତି ସଦସ୍ୟମାନେ ଭଲ କାମ କରୁଛନ୍ତି। ଆମ ପୋଖରୀ କାର୍ଯ୍ୟକ୍ରମକୁ ମଧ୍ୟ ଭଲ ଭାବରେ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଆମ ପୋଖରୀଗୁଡ଼ିକ ସହରାଞ୍ଚଳ ଜୀବନର ଏକ ମୌଳିକ ଅଂଶ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସାମାଜିକ ଓ ସାଂସ୍କୃତିକ ଜୀବନରେ ପୋଖରୀଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାସ୍ଥ୍ୟ ଓ ଅର୍ଥନୀତି ସହିତ ଏହାର ସମ୍ପର୍କ ରହିଛି। ଅବକ୍ଷୟପ୍ରାପ୍ତ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏକ ପ୍ରଶଂସନୀୟ ପଦକ୍ଷେପ।


କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଏହାର ରୂପାନ୍ତର ଦ୍ୱାରା ସହରାଞ୍ଚଳ ଜନଜୀବନରେ ଗୁଣାତ୍ମକ ଉନ୍ନତି ଆସିପାରିବ। ଆମ ପୋଖରୀ କାର୍ଯ୍ୟକ୍ରମର ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ କହିଛନ୍ତି , ଏହି କାର୍ଯ୍ୟକ୍ରମ ଦ୍ୱାରା ମିଶନ ଶକ୍ତିର ମହିଳାମାନେ ଏବେ ଜଳାଶୟଗୁଡ଼ିକର ରକ୍ଷକ ହୋଇ ଦେଖାଶୁଣା କରିବେ। ସହର, ଗାଁ ସବୁ କ୍ଷେତ୍ରର ବିକାଶରେ ମହିଳାମାନଙ୍କ ଭୂମିକା ଦିନକୁଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆମ ପୋଖରୀ କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ଆନନ୍ଦ ମଲ୍ଲିଗଭଡ୍‌ଙ୍କୁ ସମ୍ମାନିତ କରିଥିଲେ। ଜଣେ ମେକାନିକାଲ ଇଞ୍ଜିନିୟର ଭାବେ ବୃତ୍ତି ଆରମ୍ଭ କରିଥିବା ଆନନ୍ଦ ଜଳାଶୟ ସୁରକ୍ଷା ପାଇଁ ବୃତ୍ତି ପରିତ୍ୟାଗ କରି କାମ ଆରମ୍ଭ କରିଛନ୍ତି । ଜଳ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଦକ୍ଷତା ଓ ସୁନାମ ରହିଛି। ସାରା ଦେଶରେ ସେ ଲେକ୍‌ମ୍ୟାନ ଭାବରେ ପରିଚିତ। ଏହି ଅବସରରେ ଆମ ପୋଖରୀ ପାଇଲଟ୍ ପ୍ରୋଜେକ୍ଟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମର ଟିମ୍‌ଗୁଡ଼ିକୁ ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରୁଥିବା ଭୁବନେଶ୍ୱର ମହାନଗର ନିଗମ ମିଶନ ଶକ୍ତି ଗୋଷ୍ଠୀର ଗୀତାଞ୍ଜଳି ବେହେରା, କଟକ ମହାନଗର ନିଗମ ମିଶନ ଶକ୍ତିର ଅନିତା ରାଣୀ ଓ ବ୍ରହ୍ମପୁର ମହାନଗର ନିଗମ ମିଶନ ଶକ୍ତିର ସୁନୀତା ପଣ୍ଡା ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି ଜଳାଶୟର ପୁନରୁଦ୍ଧାରରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଜି. ମାଥିଭାଥନନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଦେଇଥିଲେ।

ASBM UNIVERSITY
ADMISSION - 2023
UG PROGRAMMES
BA-LLB (Hons.) | BBA-LLB (Hons.) | BBA (Hons.)
BA-Liberal Arts (Hons.) | BA-English (Hons.)
B.Com (Hons.) | BA-Economics (Hons.)
BA-Psychology (Hons.) | B.S-IT Management (Hons.)
B.S-Computer Science (Hons.) | BCA (Hons.)
PG PROGRAMMES
MBA-HR | Marketing | Finance | Operations & LSCM | Business Analytics
MBA-Agri-Business | MBA for Working Professionals
M.Com | M.Com-Financial Analytics | MCA
M.S-Computer Science | MA-English | MA-Economics
MA-Applied Psychology | MA-Comm. & Media
for more details, please visit : www.asbm.ac.in
Bhola, Chandaka, Bhubaneswar-754012
Tel.: 0674 - 2744881 / 82 | Mob.: 9040884628 / 7749939643
Email: admission@asbm.ac.in

## ତାଳଧ୍ୱଜ ରଥର ଭୋଇ ସେବକଙ୍କ ମୃତ୍ୟୁ

- ରଥ ଦଉଡ଼ି ଛିଡ଼ି ଆହତ ହୋଇଥିଲେ

ପୁରୀ,୬।୭(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାର ରଥ ଟଣା ସମୟରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ଭୋଇ ସେବକ ନକୁଳ ଭୋଇଙ୍କ ସମେତ କେତେଜଣ ଭକ୍ତ ଆହତ ହୋଇଥିଲେ। ତେବେ ଆହତ ହୋଇଥିବା ଭୋଇ ସେବକ ନକୁଳ ଭୋଇଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ଗୁରୁତର ହୋଇ ଭୁବନେଶ୍ୱରର ଏମ୍‌ସ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତେବେ ଭୋଇ ସେବକ ନକୁଳ ଭୋଇଙ୍କ ମୃତ୍ୟୁ ପରେ ମୃତଦେହକୁ ପୁରୀ ଅଣାଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ସମୟରେ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହ ଅନ୍ୟ ଭୋଇ ସେବକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦିନ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ଟଣାଯାଉଥିଲା। ଏହି ସମୟରେ ମାର୍କେଟ ଛକ ନିକଟରେ ହଠାତ୍ ରଥର ଦଉଡି ଛିଡିଯାଇଥିଲା। ଫଳରେ ଭୋଇ ସେବକ ନକୁଳ ଆହତ ହୋଇଥିଲେ। ସେହିପରି ଅଣନିଃଶ୍ୱାସୀ ହୋଇ କେତେଜଣ ଭକ୍ତ ମଧ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେବକ ନକୁଳଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଆଇସିୟୁରେ ଚିକିତ୍ସା ଚାଲିଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ସମୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ଭୋଇ ସର୍ଦ୍ଦାର ରବି ଭୋଇ, ଶ୍ରୀମନ୍ଦିର ପ୍ରଶାସନର ବିଭିନ୍ନ ଅଧିକାରୀ, ଉପଜିଲାପାଳ ଭବତାରଣ ସାହୁ ଏବଂ ଭୋଇ ସେବକମାନେ ଉପସ୍ଥିତ ଥିଲେ। ଏ ନେଇ ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ପ୍ରଶାସନ ପକ୍ଷରୁ ନକୁଳଙ୍କ ଚିକିତ୍ସା ପାଇଁ ପୂର୍ବରୁ ୩୦ହଜାର ଟଙ୍କା ଦିଆଯିବା ସହ ବିଭିନ୍ନ ପ୍ରକାର ସହଯୋଗ କରାଯାଇଛି। ପ୍ରଶାସନ ପକ୍ଷରୁ ଏକ୍ ଟିମ ଶୁକ୍ରବାର ନକୁଳଙ୍କ ଘରକୁ ଯାଇ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଅନ୍ୟାନ୍ୟ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।


ନକୁଳ ଭୋଇ

# ନୀଳଗିରିରେ ନରବଳି ଉଦ୍ୟମ

- ଉପସ୍ଥିତ ବୁଦ୍ଧି ଖଟାଇ ବର୍ତ୍ତିଲେ ଯୁବକ
- ତାନ୍ତ୍ରିକ, ୪ ସହଯୋଗୀ ଫେରାର

ନୀଳଗିରି,୬।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଧୋବଶିଳା ପଞ୍ଚାୟତର କଇଁଫୁଲିଆରେ ନିଛାଟିଆ ରାସ୍ତାରୁ ଜଣେ ଯୁବକଙ୍କୁ ଟେକି ନେଇ ନରବଳି ଉଦ୍ୟମ କରାଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ତନ୍ତ୍ର ସାଧନା ପାଇଁ ଜଣେ ତାନ୍ତ୍ରିକ ଓ ତାଙ୍କର ୪ ସହଯୋଗୀ ବୁଧବାର ରାତିରେ ଏଭଳି କାଣ୍ଡ ଘଟାଇଥିବା ବେଳେ ଉପସ୍ଥିତ ବୁଦ୍ଧି ଖଟାଇ ଅପହୃତ ଯୁବକ ଜଣକ ସେମାନଙ୍କ କବଳରୁ ବର୍ତ୍ତି ଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ତାନ୍ତ୍ରିକ ଓ ତାଙ୍କ ସହଯୋଗୀମାନେ ଗିରଫ ଭୟରେ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, କେରାଟପଡ଼ିଆ ଗାଁର ହରିଶ୍ଚନ୍ଦ୍ର ନାୟକଙ୍କ ପୁଅ ତପନ (୨୧) ବୁଧବାର ଧୋବଶିଳା ବଜାରକୁ ଯାଇ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ନିଛାଟିଆ ରାସ୍ତାରେ ୪ ଅଜଣା ବ୍ୟକ୍ତି ତାଙ୍କୁ ଅଟକାଇ ମୁହଁରେ କିଛି ଶୁଙ୍ଘାଇ ଦେବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ରାତି ୧୦ଟାରେ ଚେତା ଫେରିବା ବେଳକୁ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲର କଇଁଫୁଲିଆ ଠାକୁରାଣୀଙ୍କ ପୀଠରେ ସେ ନିଜକୁ ଠାବ କରିଥିଲେ। ସେଠାରେ ତରାମନଟୀ ଗ୍ରାମର ଜଣେ ତାନ୍ତ୍ରିକ ଓ ବରହମପୁର ଥାନା ଅଞ୍ଚଳର ୪ ସହଯୋଗୀ ପୂଜାର୍ଚ୍ଚନା କରୁଥିବା ସେ ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ବଳି ପକାଇବା ପାଇଁ ଯୋଜନା କରୁଥିବା ସନ୍ଦେହ କରି ପରିସ୍ରା ଯିବା ବାହାନାରେ ତପନ ସେଠାରୁ ଦୌଡ଼ି ପଳାଇ ଆସିଥିଲେ। କିଛି ବାଟ ଆସିବା ପରେ ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଡାହାଣୀମରା ଅଞ୍ଚଳର ଜଣେ ଦୋକାନୀଙ୍କ ପାଖରେ ପହଞ୍ଚି ତାଙ୍କ ମୋବାଇଲରୁ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ତପନଙ୍କୁ ଘରକୁ ଆଣିଥିଲେ। ଗୁରୁବାର ପରିବାର ଲୋକେ ସମ୍ପୃକ୍ତ ତାନ୍ତ୍ରିକଙ୍କୁ ତାଙ୍କ ଘରେ ଖୋଜାଖୋଜି କରିଥିବା ବେଳେ ସେ ଫେରାର ଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ତପନଙ୍କ ମା' ସସ୍ମିତା ନାୟକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି।


ମା'ଙ୍କ ସହ ତପନ ନାୟକ।

# ଭଡ଼ା ଟଙ୍କାକୁ ନେଇ ହତ୍ୟା

**ଟ୍ୟାକ୍ସି ଡ୍ରାଇଭରଙ୍କ ଗଳିତ ମୃତଦେହ ଜବତ ଘଟଣା**

- ୨ ଅଭିଯୁକ୍ତ ଗିରଫ, ଯୁବତୀ ଫେରାର
- କ୍ରାଇମ୍ ସିନ୍ ରିକ୍ରିଏସନ କଲା ପୋଲିସ

ଆନନ୍ଦପୁର(ସନ୍ତୋଷ ରାଉତ)/କୋଡ଼ପଡ଼ା (ରଞ୍ଜିତ୍ କୁମାର ରଣା),୬।୭

କେନ୍ଦୁଝର ଜିଲା ଘସିପୁରା ଥାନା ଅଞ୍ଚଳରୁ ଟ୍ୟାକ୍ସି ଡ୍ରାଇଭରଙ୍କ ଗଳିତ ମୃତଦେହ ଜବତ ଘଟଣା ରୋଚକ ମୋଡ଼ ନେଇଛି। ଭଡ଼ା ଟଙ୍କାକୁ ନେଇ ଯୁକ୍ତିତର୍କ ପରେ ଭଡ଼ାଟିଆ ଡ୍ରାଇଭରଙ୍କୁ ହତ୍ୟା କରି ଫିଙ୍ଗିଦେଇଥିବା ଜଣାପଡ଼ିଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଜଣେ ଯୁବତୀ ଫେରାର ଅଛନ୍ତି। ଅଭିଯୁକ୍ତଦ୍ୱୟ ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ବାତୋ ଗ୍ରାମର ଅଭିଷେକ ରାଉତରାୟ ଓ କଟକ ଜିଲା ନିଆଳି ଥାନା ଅଧୀନ ଅଭିନାଶ ସ୍ୱାଇଁ ବୋଲି ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ସ୍ୱାଇଁ ସ୍ପଷ୍ଟ କରିଛନ୍ତି। ପୋଲିସ ୨ ଅଭିଯୁକ୍ତଙ୍କୁ ଘସିପୁରା ଥାନା ଅଧୀନ ଘଟଣାସ୍ଥଳକୁ ଆଣି କ୍ରାଇମ୍ ସିନ୍ ରିକ୍ରିଏସନ କରିଛି। ଉଭୟ ଅଭିଯୁକ୍ତ ସମ୍ପର୍କୀୟ ଭାଇ ହୋଇଥିବା ବେଳେ ଯୁବତୀ ଜଣକ ଅଭିନାଶଙ୍କ ପ୍ରେମିକା ବୋଲି ସ୍ପଷ୍ଟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୨୪ ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ଜଣେ ଯୁବତୀଙ୍କ ସହ କଟକ କଲେଜ ଛକରୁ ଯାଜପୁର ଯିବାକୁ ଭଗବାନ ବୈରିରଞ୍ଜନଙ୍କ ଟ୍ୟାକ୍ସି ଭଡ଼ା ସୂତ୍ରରେ ନେଇଥିଲେ। କଟକରୁ ଯାଜପୁର ଭଡ଼ା ୨୪ଶହ ଟଙ୍କା ଛିଡ଼ିଥିଲା। ଯାଜପୁର ଗୋଲେଇ ଛକରେ ପହଞ୍ଚିବା ପରେ ଡ୍ରାଇଭର ଓ ଉଭୟ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଭଡ଼ା ଛିଡ଼ିଥିବା ଅର୍ଥ ଅଭାବ ଥିବାରୁ ଶେଷରେ ଅଭିଯୁକ୍ତ ଅଭିଷେକ ତାଙ୍କ ଘର ବାତୋକୁ ଆସିଲେ ବାକି ଟଙ୍କା ଦିଆଯିବ ବୋଲି ଡ୍ରାଇଭରଙ୍କୁ କହିଥିଲେ। ହସନପୁର ଟୋଲଗେଟ୍ ପାର ହୋଇ ସିଆପଡ଼ା ଛକ ଦେଇ ବାତୋ ଅଭିମୁଖେ ଯାତ୍ରା ସମୟରେ ଭଡ଼ା ଟଙ୍କାକୁ ନେଇ ପୁନର୍ବାର ଯୁକ୍ତିତର୍କ ହୋଇଥିଲା। ଭଡ଼ା ଟଙ୍କା ନ ମିଳିଲେ ଆଗକୁ ଯିବେ ନାହିଁ ବୋଲି ଭଗବାନ କହିଥିଲେ। ଫଳରେ ଉଭୟ ଅଭିଯୁକ୍ତ ରାଗିଯାଇ ସିଆପଡ଼ା-ବାତୋ ରାସ୍ତାରେ ବ୍ୟାଗ୍‌ରେ ଥିବା ଝିଅର ଲେଗିନ୍ସ ପ୍ୟାଣ୍ଟ ଡ୍ରାଇଭରଙ୍କ ବେକରେ ଗୁଡ଼ାଇ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ମୃତଦେହ ଦରଖଳା ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜଙ୍ଗଲରେ ଫିଙ୍ଗି ଫେରାର ହୋଇଯାଇଥିଲେ। ଯୁବତୀ ଜଣଙ୍କ ଫୁଲବାଣି ଅଞ୍ଚଳର ରୁକ୍ମିଣୀ ଦାସ (ପୂଜା) ବୋଲି ଜଣାପଡ଼ିଛି। କେନ୍ଦୁଝର ଏସ୍‌ପି କୁଶଲକର ନୀତିନ୍ ଡଗଡୁ କହିଛନ୍ତି, ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଛନ୍ତି। ଅଧିକ ତଦନ୍ତ ଚାଲିଛି, ପରବର୍ତ୍ତୀ ସମୟରେ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରାଯିବ।

ସୂଚନାଯୋଗ୍ୟ, ଜୁନ୍ ୨୮ ରେ ଘସିପୁରା ପୋଲିସ ଦରଖଳା ଅଞ୍ଚଳରୁ ଗଳିତ ମୃତଦେହ ଜବତ କରିଥିଲା। ମୃତକ ପୁରୀ ଜିଲା କଣାସ ଥାନା ଛୋଟିଯୋଡି ଗାଁର ଭଗବାନ ବୈରିରଞ୍ଜନ ବୋଲି ପରିଚୟ ମିଳିଥିଲା। ସେ ପେସାରେ ଟ୍ୟାକ୍ସି ଡ୍ରାଇଭର। ଜୁନ୍ ୨୪ ସନ୍ଧ୍ୟାରେ କଟକ କଲେଜ ଛକରୁ ଦୁଇଜଣ ପୁଅ ଓ ଜଣେ ଝିଅଙ୍କୁ ଯାଜପୁର ଯିବାକୁ କହିବାରୁ ଭଡ଼ା ସୂତ୍ରରେ ନେଇ ନିଖୋଜ ଥିବା କଟକ ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।


ମୃତଦେହ ମିଳିଥିବା ସ୍ଥାନରେ ୨ ଅଭିଯୁକ୍ତ।






**ଆଜିର ମନ୍ତବ୍ୟ**

"ମୋ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପାୱାର (ଶକ୍ତି) ଥିବାବେଳେ ଅଜିତ ପାୱାରଙ୍କ ଯୋଗଦାନ ପରେ ଆମ ସରକାର ଆହୁରି ମଜଭୁତ ହୋଇଛି। ମୁଁ ଇସ୍ତଫା ଦେଇଛି ବୋଲି ଗୁଜବ ସୃଷ୍ଟି କରୁଥିବା ଲୋକେ ନିଜ ଦଳକୁ ସମ୍ଭାଳନ୍ତୁ।

– ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଧରିବ ଗଣ୍ଠିରେ**
**ନାରୀ କି ଧରିବ ଖଟରେ।**

ସାଧାରଣତଃ ଚୋରକୁ ଧରି ବାନ୍ଧିଲେ ସେ ଚେଙ୍କ ପାଇଥାଏ ବା ହେଜି ପାରିଥାଏ। ସେହିପରି ସ୍ତ୍ରୀକୁ ଶଯ୍ୟାରେ ଶୋଇବା ବେଳେ ତା' ମନକୁ ନେଲେ ସେ ନିମ୍ନକୁ ଖସିଯାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚନ୍ଦ୍ର ହୁଏ ଯେବେ କୁମୁଦ ବନ୍ଧୁ**
**ପଦ୍ମ ହୁଏ ତେବେ ତପନ ବଧୂ।**

ଚାନ୍ଦିନୀ ରାତିରେ ଯେମିତି କଇଁଫୁଲ ଫୁଟିଥାଏ ଠିକ୍ ସେମିତି ସୂର୍ଯ୍ୟକିରଣରେ ପଦ୍ମଫୁଲ ଫୁଟିଥାଏ। ଚନ୍ଦ୍ରଙ୍କ ସଙ୍ଗେ କୁମୁଦ ବା କଇଁଫୁଲର ଏବଂ ସୂର୍ଯ୍ୟଙ୍କ ସଙ୍ଗେ ପଦ୍ମଫୁଲର ସମ୍ପର୍କକୁ ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଦୁର୍ବଳ ମୌସୁମୀ: ୧୬ ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର, ୬।୭(ଅନିଲ ଦାସ)

ବର୍ଷାଭାବ ଯୋଗୁ ରାଜ୍ୟରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଲାଣି। ମୌସୁମୀ ଦୁର୍ବଳ ରହିବା ଯୋଗୁ ଗତ କିଛିଦିନ ହେବ ରାଜ୍ୟରେ ବର୍ଷା କମିଯାଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୬ ତାରିଖ ମଧ୍ୟରେ ରାଜ୍ୟରେ ୨୮ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୨୬୫.୮ ମିଲିମିଟର ହେବା ସ୍ଥାନରେ ୧୯୧.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ରାଜ୍ୟରେ ଏବେ ୧୬ ଜିଲାରେ ବର୍ଷା ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି। ସେହି ଜିଲାଗୁଡ଼ିକରେ ୨୦ରୁ ୬୦ ପ୍ରତିଶତ କମ ବର୍ଷା ହୋଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ କଳାହାଣ୍ଡି ଓ କନ୍ଧମାଳ ଜିଲାରେ ୬୬ ପ୍ରତିଶତ ଲେଖାଏ କମ୍ ବର୍ଷା ହୋଇଥିବା ବେଳେ ଦେବଗଡ ୫୪, ରାୟଗଡା ୫୪, ନବରଙ୍ଗପୁର ୫୬, ପୁରୀ ୪୨, କେନ୍ଦ୍ରାପଡା ୪୬, ବଲାଙ୍ଗୀର ୪୩, ବାଲେଶ୍ୱର ଜିଲାରେ ୪୩ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ବର୍ଷା ସ୍ୱାଭାବିକଠାରୁ ୩୦ରୁ ୫୦ ପ୍ରତିଶତ କମ୍ ରହିଛି।

ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ କାଁ ଭାଁ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଚାନ୍ଦବାଲିରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୮.୪, ପାରାଦୀପ ୧୨.୮, ଭୁବନେଶ୍ୱର ୩୫.୩, ବାରିପଦା ୨୬.୪, ଝାରସୁଗୁଡା ୨୧.୨, ହୀରାକୁଦ ୩୧, ଭବାନୀପାଟଣା ୪୦.୨, କୋରାପୁଟ ୧୧, ନୟାଗଡ଼ ୨୯, ରାୟଗଡା ୩୪.୩, ଭଦ୍ରକ ୩୯.୫, ଯାଜପୁରରେ ୧୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଉତ୍ତର ଓଡ଼ିଶା ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବଂ ମୌସୁମୀ ଟ୍ରଫ୍‌ଲାଇନ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡା, ସମ୍ବଲପୁର, ବରଗଡ, ସୋନପୁର, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୧ ତାରିଖ ଯାଏ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

# ୧୫ରେ ପ୍ରମାଣପତ୍ର ଓ ବ୍ୟକ୍ତିଗତ ଯାଞ୍ଚ

**ଓସିଏସ୍-୨୦୨୧ ପରୀକ୍ଷା**

କଟକ, ୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)–୨୦୨୧ ପାଇଁ ପ୍ରମାଣପତ୍ର ଓ ବ୍ୟକ୍ତିଗତ ଯାଞ୍ଚ ନିମନ୍ତେ ୮୭୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ୧୫ ତାରିଖରେ ଓପିଏସ୍‌ସି କାର୍ଯ୍ୟାଳୟରେ ଏହି ଯାଞ୍ଚ ପ୍ରକ୍ରିୟା ହେବ ବୋଲି ଗୁରୁବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୮୭୧ ଜଣଙ୍କ ମଧ୍ୟରୁ ୩୧୩ ମହିଳା ପ୍ରାର୍ଥୀ ରହିଛନ୍ତି। ସେମାନଙ୍କର ରୋଲ୍ ନମ୍ବର ଓପିଏସ୍‌ସି ୱେବ୍‌ସାଇଟ୍ (https://www.opsc.gov.in)ରେ ଉପଲବ୍ଧ ରହିଛି। ସୂଚନାଥାଉ କି, ଓପିଏସ୍‌ସି ପକ୍ଷରୁ ଓସିଏସ୍–୨୦୨୧ମୁଖ୍ୟ ଲିଖିତ ପରୀକ୍ଷା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୨ ଓ ଆଉ ଏକ ପରୀକ୍ଷା ମାର୍ଚ୍ଚ ୧୮ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୭୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

# ଦଲାଲମୁକ୍ତ ହେବ ସରକାରୀ ହସ୍ପିଟାଲ

ଭୁବନେଶ୍ୱର,୬।୭(ଅଭିଜିତ ଦାସ)

**କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ**

ସରକାରୀ ହସ୍ପିଟାଲରୁ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରୁଥିବା ଦଲାଲଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗର କଡ଼ା ନଜର ରହିବ। ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ନେଇ ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ହସ୍ପିଟାଲର କର୍ମଚାରୀ ସମ୍ପୃକ୍ତ ରହିବା ଅଭିଯୋଗ ଆସେ, ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ହସ୍ପିଟାଲଗୁଡ଼ିକରେ ବିଭିନ୍ନ ସମୟରେ ଓପିଡିରେ ଟିକେଟ କାଟିବା ବେଳେ ଅନେକ ଦଲାଲ ସକ୍ରିୟ ରହି ରୋଗୀଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରଣ କରିଥାନ୍ତି। ମାଗଣା ଚିକିତ୍ସାର ପ୍ରଲୋଭନ ଦେଖାଇ ରୋଗୀଙ୍କ ପରିବାରବର୍ଗ ଠାରୁ ଟଙ୍କା ନେବା ସହ ଘରୋଇ ହସ୍ପିଟାଲଠାରୁ ମଧ୍ୟ ଟଙ୍କା ଆଦାୟ କରିଥାନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ଏ ନେଇ ଅନେକ ଥର କ୍ୟାପିଟାଲ ହସ୍ପିଟାଲରେ ଚଢାଉ କରାଯାଇଥିବା ବେଳେ ପରେ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଦଲାଲମୁକ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ତେବେ କିଛି ମାସ ପରେ ପୁଣି ହସ୍ପିଟାଲଗୁଡ଼ିକରେ ଦଲାଲମାନେ ସକ୍ରିୟ ରହିଥିବା ଅଭିଯୋଗ ହୋଇଆସୁଥିଲା। ତେଣୁ ସରକାରୀ ହସ୍ପିଟାଲଗୁଡ଼ିକୁ ଦଲାଲମୁକ୍ତ କରିବା ପାଇଁ ଏବେ ସ୍ୱାସ୍ଥ୍ୟ ବିଭାଗ ଅଣ୍ଟା ଭିଡ଼ିଛି। ଦଲାଲମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବର୍ତ୍ତମାନ ବିଭିନ୍ନ ମେଡିକାଲ କଲେଜଠାରୁ ଆରମ୍ଭ କରି ଜିଲାର ସମସ୍ତ ମୁଖ୍ୟ ଚିକିତ୍ସାଳୟରେ ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସ୍ଥାନାନ୍ତର କାର୍ଯ୍ୟରେ ଯଦି କୌଣସି ସରକାରୀ ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ମିଳେ, ତେବେ ତାଙ୍କ ବିରୋଧରେ ସିସିଏ ରୁଲ୍ସ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମସ୍ତ ଜିଲାପାଳ, ଜିଲା ମାଜିଷ୍ଟ୍ରେଟ୍ ଏବଂ ସିଡିଏମ୍‌ଓଙ୍କୁ ଚିଠି ଲେଖାଯାଇ ନିର୍ଦ୍ଦେଶ ଦିଆଯାଇଛି।

# ୧୩, ୧୪ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ୧୧ ତାରିଖ ସୁଦ୍ଧା ପରୀକ୍ଷାକେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଜୁଲାଇ ୧୩ ଓ ୧୪ରେ ଅନୁଷ୍ଠିତ ହେବ। ରାଜ୍ୟର ୩୨ କେନ୍ଦ୍ରରେ ଏହି ପରୀକ୍ଷା ହେବାକୁ ଥିବାବେଳେ ଜୁଲାଇ ୧୦ରୁ ୧୧ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରରେ ପହଞ୍ଚିବ। ଏ ନେଇ ସଜାଗ ରହିବା ପାଇଁ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସିଏଚ୍‌ଏସ୍‌ଇ ପକ୍ଷରୁ ଅବଗତ କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକର ଷ୍ଟ୍ରଙ୍ଗରୁମ୍ ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ପ୍ରଶ୍ନପତ୍ରଗୁଡ଼ିକ ୨୪ଘଣ୍ଟା ସିସିଟିଭି ନଜରରେ ରହିବ। ୧୦ ତାରିଖରେ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ବାହାରି ସେହିଦିନ କିମ୍ବା ଏହାର ପରଦିନ ସେଣ୍ଟରରେ ପହଞ୍ଚିବ। ତେଣୁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

ସୂଚନା ଥାଉ କି, ୧୩ ତାରିଖରେ ପରୀକ୍ଷାର୍ଥୀମାନେ ସମସ୍ତ ବିଷୟର ଥିଓରି ପେପର ପରୀକ୍ଷା ଦେବେ। ଧନ୍ଦାମୂଳକ ଟ୍ରେଡ୍ ପେପର ଓ ବାୟୋଲୋଜିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଷୟରେ ରେଗୁଲାର ତଥା ଏକ୍ସରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜୁଲାଇ ୧୪ରେ ସମସ୍ତ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ଆଦି ପରୀକ୍ଷା କରାଯିବ। ପୂର୍ବରୁ ଯିଏ କେବଳ ଥିଓରି ପାସ କରିଥିବେ କିନ୍ତୁ ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ଫେଲ୍ ହୋଇଥିବେ ତାଙ୍କୁ ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ପଡ଼ିବ। ସେହିପରି ଥିଓରିରେ ଫେଲ୍ ହୋଇ ପ୍ରାକ୍ଟିକାଲ ବା ପ୍ରୋଜେକ୍ଟରେ ପାସ୍ ହୋଇଥିଲେ କେବଳ ଥିଓରି ପରୀକ୍ଷା ଦେବାକୁ ହେବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷାରେ ଫେଲ୍ ଛାତ୍ରୀଛାତ୍ରଙ୍କୁ ଉଭୟ ପରୀକ୍ଷା ଦେବାକୁ ପଡ଼ିବ।

# ପଡ଼ୋଶୀଙ୍କ କାନ୍ଥ ପଡ଼ି ନାବାଳକ ମୃତ

ମୋରଡ଼ା,୬।୭(ସ୍ମାରକ ମାଜୀ)


ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିଛି।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଳମୁହାଁ ପଞ୍ଚାୟତରେ କାନ୍ଥ ଭୁଶୁଡ଼ି ଗୁରୁବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଣ୍ଡୁଆ ଗ୍ରାମର ପ୍ରଗଣାସାହି ୧୨ ନଂ. ୱାର୍ଡର ମାଇସା ମାର୍ଣ୍ଡିଙ୍କ ସାନପୁଅ ଭୁଜୁ (୧୪)। ସୂଚନା ଅନୁଯାୟୀ, ଉକ୍ତ ୱାର୍ଡର ଯମୁନା ମାର୍ଣ୍ଡିଙ୍କ ମାଟିଘର ଛପର ମରାମତି କାମ ଚାଲିଥିଲା। କିନ୍ତୁ ବର୍ଷା ଯୋଗୁ ବନ୍ଦ ହୋଇ ରହିଥିବା ବେଳେ ଝିପିଝିପି ବର୍ଷା କାଳ ହୋଇଛି। ପଡ଼ୋଶୀ ମାଇସାଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଭୁଜୁ ସକାଳ ପ୍ରାୟ ୯ଟା ବେଳେ ଖେଳୁଥିବା ସମୟରେ ହଠାତ୍ ଯମୁନାଙ୍କ ମାଟିଘର କାନ୍ଥ ପଡ଼ି ଯାଇଥିଲା। ଭୁଜୁ କାନ୍ଥ ତଳେ ଚାପି ହୋଇଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଭୁଜୁଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ କ୍ଷତିପୂରଣ ଦିଆଯାଉ ବୋଲି ତାଙ୍କ ସମ୍ପର୍କୀୟ କାକା ବାଜାଲ ସୋରେନ, ଧାନ ମାର୍ଣ୍ଡି ଏବଂ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଛାତ୍ରୀଛାତ୍ରଙ୍କ ପ୍ରଥମ...

ଆବେଦନକାରୀଙ୍କ ତାଲିକା ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା କିମ୍ବା ସ୍ପଟ୍ ନାମଲେଖା ବେଳେ ବିଚାରକୁ ନିଆଯିବ। ପ୍ରଥମ ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସବୁଠୁ ଆଗରେ ରହି ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଛି ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୪,୪୮,୨୮୭ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୩,୮୯,୪୯୪ ଜଣ ମନୋନୀତ ହୋଇଛନ୍ତି। ବିଜ୍ଞାନରେ ଶ୍ରେଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ୯୧.୬୭ ପ୍ରତିଶତ କଟ୍‌ଅଫ୍ ମାର୍କ ସହ କଟକସ୍ଥିତ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଛି। ସେହିପରି ୯୦ ପ୍ରତିଶତ ମାର୍କ ସହ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୮୯ ପ୍ରତିଶତ ମାର୍କ ସହ ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟରେ ରହିଛି। କଳା ବର୍ଗରେ ମଧ୍ୟ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୮୦ ପ୍ରତିଶତ କଟ୍‌ଅଫ୍ ମାର୍କ ସହ ପ୍ରଥମରେ ରହିଛି। ୭୯ ପ୍ରତିଶତ ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୭୮.୬୭ ପ୍ରତିଶତ ମାର୍କ ସହ ଟିଟିଲାଗଡ଼ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ୭୯.୨୦ ପ୍ରତିଶତ କଟଅଫ୍ ମାର୍କ ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, ୭୭.୩୩ ପ୍ରତିଶତ ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ୭୩.୦୦ ପ୍ରତିଶତ ମାର୍କ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ଉପଶାସ୍ତ୍ରୀ ବର୍ଗରେ ବରଗଡ଼ସ୍ଥିତ ଲାଲାଜୀ ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬୭.୩୩ ପ୍ରତିଶତ ମାର୍କ ସହ ପ୍ରଥମ, ବଲାଙ୍ଗୀରସ୍ଥିତ ବିଦ୍ୟାଭୂଷଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫୭.୬୭ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ରାୟଗଡ଼ାସ୍ଥିତ ଶ୍ରୀରାମେଶ୍ୱର ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫୫.୫୦ ପ୍ରତିଶତ ମାର୍କ ସହ ତୃତୀୟରେ ରହିଛି। ଅନ୍ୟପଟେ ଧନ୍ଦାମୂଳକ ବିଷୟରେ କଳାହାଣ୍ଡି ଧର୍ମଗଡ଼ସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୭.୬୭ ପ୍ରତିଶତ ମାର୍କ ସହ ପ୍ରଥମ, ଭବାନୀପାଟଣାସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୭ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଓ ଚାନ୍ଦିପୁଟସ୍ଥିତ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ୭୩.୧୭ ପ୍ରତିଶତ ମାର୍କ ସହ ତୃତୀୟ ସ୍ଥାନରେ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁଲାଇ ୭ରୁ ଆରମ୍ଭ ହୋଇ ୧୩ ତାରିଖ ମଧ୍ୟରେ ଶେଷ ହେବ। ସେହିପରି ଦ୍ୱିତୀୟ ମେଧା ତାଲିକା ଜୁଲାଇ ୧୯ ତାରିଖରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ସରିବ। ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ୨୭ ତାରିଖ ସୁଦ୍ଧା ସରିବ। ଅଗଷ୍ଟ ୧ରେ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଟ୍‌ଅଫ୍ ମାର୍କ (ପ୍ରତିଶତ) | | |
|---|---|---|---|
| | ବିଜ୍ଞାନ | ବାଣିଜ୍ୟ | କଳା |
| ବିଜେବି ଏଚ୍‌ଏସ୍‌ଏସ୍ | ୮୯.୦୦ | ୭୩.୦୦ | ୭୫.୩୩ |
| ବେସିକ ସାଇନ୍ସ ଏଚ୍‌ଏସ୍‌ଏସ୍ | ୮୫.୮୩ | ମିଳିନାହିଁ | ମିଳିନାହିଁ |
| ରମାଦେବୀ ଏଚ୍‌ଏସ୍‌ଏସ୍ | ୮୪.୩୩ | ୬୧.୮୩ | ୭୪.୦୦ |
| ରାଜଧାନୀ ଏଚ୍‌ଏସ୍‌ଏସ୍ | ୮୨.୧୭ | ୭୦.୦୦ | ୭୨.୦୦ |
| ମହର୍ଷି ଏଚ୍‌ଏସ୍‌ଏସ୍ | ୭୫.୨୦ | ୬୪.୧୭ | ୭୦.୧୭ |
| ବିଜୁ ପଟ୍ଟନାୟକ ଏଚ୍‌ଏସ୍‌ଏସ୍ | ୭୪.୬୭ | ୫୮.୦୦ | ୬୬.୦୦ |
| କମଳା ନେହେରୁ ଏଚ୍‌ଏସ୍‌ଏସ୍ | ୭୪.୬୭ | ୫୮.୦୦ | ୬୬.୦୦ |
| ଏକାମ୍ର ଏଚ୍‌ଏସ୍‌ଏସ୍ | ୭୦.୦୦ | ୪୦.୦୦ | ୬୨.୬୭ |
| ଦେବରାୟ ଏଚ୍‌ଏସ୍‌ଏସ୍ | ୭୧.୫୦ | ୩୩.୬୭ | ୬୧.୪୦ |
| ଶ୍ରୀ ସତ୍ୟସାଇ ଏଚ୍‌ଏସ୍‌ଏସ୍ | ୪୧.୬୭ | ମିଳିନାହିଁ | ୫୫.୩୩ |
| ସିଟି ଓମେନ୍ସ ଏଚ୍‌ଏସ୍‌ଏସ୍ | ୭୦.୪୦ | ମିଳିନାହିଁ | ୫୮.୧୭ |
| ମହର୍ଷି ମହିଳା ଏଚ୍‌ଏସ୍‌ଏସ୍ | ୬୦.୮୩ | ମିଳିନାହିଁ | ୫୬.୮୩ |
| ଆଚାର୍ଯ୍ୟ ହରିହର ଏଚ୍‌ଏସ୍‌ଏସ୍ | ୫୮.୧୭ | ୩୩.୦୦ | ୫୬.୮୩ |
| ରାଜା ମଧୁସୂଦନ ଏଚ୍‌ଏସ୍‌ଏସ୍ | ୬୧.୨୦ | ୩୩.୦୦ | ୫୯.୮୦ |

## ଜଷ୍ଟିସ ତାଳପତ୍ର ହେବେ...

ତେଲଙ୍ଗାନା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ମଣିପୁର ହାଇକୋର୍ଟ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଆସନ୍ତା ଅଗଷ୍ଟରେ ଅବସର ଗ୍ରହଣ କରିବାକୁ ଥିବାରୁ ଉକ୍ତ ପଦବୀ ଖାଲି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି କଲେଜିୟମ ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କୁ ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ସୁପାରିସ କରିଥିବା ଉକ୍ତ ପ୍ରସ୍ତାବରେ କୁହାଯାଇଛି। ଜଷ୍ଟିସ ତାଳପତ୍ର ୨୦୧୩ରୁ ତ୍ରିପୁରା ହାଇକୋର୍ଟର ବିଚାରପତି ରହିଥିଲେ ମଧ୍ୟ ମୁଖ୍ୟ ବିଚାରପତି ପଦ ପାଇଁ ତାଙ୍କ ନାମକୁ ଏପର୍ଯ୍ୟନ୍ତ ସୁପାରିସ କରାଯାଇ ନ ଥିବାରୁ କଲେଜିୟମ ଏହାକୁ ବିଚାରକୁ ନେଇଥିଲେ।

**୭ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମର ସୁପାରିସ**

ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନର ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରାଯାଇଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ ସୁନୀତା ଅଗ୍ରୱାଲଙ୍କୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯିବ। ସେହିପରି ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଧୀରଜ ସିଂ ଠାକୁରଙ୍କ ନାମ ସୁପାରିସ ହୋଇଛି। ସେ ୨୦୧୩ରେ ଜମ୍ମୁ–କଶ୍ମୀର ହାଇକୋର୍ଟର ବିଚାରପତି ନିଯୁକ୍ତ ହୋଇଥିଲେ ଏବଂ ଗତବର୍ଷ ଜୁନ୍‌ରେ ବମ୍ବେ ହାଇକୋର୍ଟକୁ ବଦଳି ହୋଇଥିଲେ। ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଆଶିଷ ଜେ. ଦେଶାଇଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ ହୋଇଛି। ସେହିପରି କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଆଲୋକ ଆରାଧେଙ୍କୁ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ସିଦ୍ଧାର୍ଥ ମୃଦୁଲଙ୍କୁ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି କଲେଜିୟମ ସୁପାରିସ କରିଛନ୍ତି।

ଏହା ବ୍ୟତୀତ ୫ ଜଣିଆ କଲେଜିୟମ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଉଜ୍ଜଳ ଭୂୟାଁ ଏବଂ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଏସ୍. ଭେଙ୍କଟନାରାୟଣ ଭଟ୍ଟିଙ୍କ ନାମକୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଛନ୍ତି।

## ୧୦୫ କୋଟିର ତଥ୍ୟ...

ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି। ସରକାରୀ ଦଳର ପୃଷ୍ଠପୋଷକତାରେ ଡିଏନ୍ ଗ୍ରୁପ୍ ତା'ର ସାମ୍ରାଜ୍ୟ ବିସ୍ତାର କରୁଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଉଛି। ଏପରିକି ଡିଏନ୍ ଗ୍ରୁପର ଅଧ୍ୟକ୍ଷ ଜଗଦିଶ୍ ପ୍ରସାଦ ନାୟକଙ୍କ ସହ ତୃତୀୟ ମହଲା ଲିଙ୍କ୍ ଥିବା ମଧ୍ୟ ବିରୋଧୀ କହି ସରକାରଙ୍କୁ ଘେରିଛନ୍ତି। ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଖବରଦାତା ସମ୍ମିଳନୀରେ କହିଛନ୍ତି, କର୍ପୋରେଟ୍ ହାଉସ୍‌ର ଜଣେ କର୍ମଚାରୀଙ୍କ ଘରୁ ୩୦ କୋଟି ଟଙ୍କା ମିଳିଲା। ଓଡ଼ିଶା ଇତିହାସରେ ଏମିତି କେବେ ହୋଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସହ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର ଓ ବ୍ୟବସାୟୀଙ୍କ ସହ ସମ୍ପର୍କ କ'ଣ? ଓଡ଼ିଶାର ଲୋକ ସିଏମ୍‌ଓ କହିଲେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ବୁଝୁନାହାନ୍ତି, ଏହାର ଅର୍ଥ କରପ୍‌ଶନ୍ ମୋବିଲାଇଜେଶନ୍ ଅଫିସ ବୋଲି ଅନିଲ କହି କଟାକ୍ଷ କରିଛନ୍ତି।

ସେହିଭଳି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଡିଏନ୍ ଗ୍ରୁପର କର୍ମଚାରୀଙ୍କଠୁ ମିଳିଥିବା ଟଙ୍କା ବଡ଼ ବଡ଼ ଅଫିସର, ମନ୍ତ୍ରୀ ଓ ଶାସକ ଦଳର ହୋଇଥିବା ବେଳେ ନିର୍ବାଚନ ବେଳେ ଏହାକୁ ଖଟାଇବା ପାଇଁ ରଖାଯାଇଥିଲା ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି ଏହାର ଜବାବରେ କହିଛନ୍ତି, ଯଦି କେହି ଟିକସ ଫାଙ୍କିଥିବେ ତାହା ଲୋକଲୋଚନକୁ ଆସୁ। ଆଇନ ତା' ବାଟରେ ଯିବ ବୋଲି ସବୁବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ କିଛି ଅସୁବିଧା ନାହିଁ। ବିରୋଧୀମାନେ ଜାଣିଲେଣି ତାଙ୍କର ଆଉ ସ୍ଥିତି, ଭିତ୍ତି ନାହିଁ। ହତାସାରେ ସେମାନେ ବିଳିବିଳଉଛନ୍ତି ବୋଲି ଲେଲିନ୍ କହିଛନ୍ତି।

## ଟୁଇନ୍ ସିଟି ଇନ୍‌ଫ୍ରାକନ୍‌ରେ...

ପ୍ରାୟ ୧୨୦ ଏକର ଜମି କମ୍ପାନୀ ଅଧୀନରେ ରହିଛି। ଚଢ଼ାଉ ସମୟରେ ବିଶେଷ କରି ଆୟକର ସମ୍ପର୍କିତ ଡକ୍ୟୁମେଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଥିବା ଜଣାଯାଇଛି। ଡିଏନ୍ ଗ୍ରୁପ୍ ଅଫ୍ କମ୍ପାନିଜ୍ ନିର୍ଦ୍ଦେଶକଙ୍କ ଘରୁ ଆୟକର ଅଧିକାରୀମାନେ ବହୁ ପରିମାଣ ଅର୍ଥ ଜବତ କରିଥିବା ବେଳେ ଟୁଇନ୍ ସିଟି ଇନ୍‌ଫ୍ରାକନ୍ ସହ ଡିଏନ୍ ଗ୍ରୁପ୍‌ର ସମ୍ପର୍କ ବାବଦରେ ଏପର୍ଯ୍ୟନ୍ତ କିଛି ସୂଚନା ମିଳିପାରି ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଟୁଇଟର ପ୍ରତିଦ୍ୱନ୍ଦ୍ୱୀ...

ମେଟା ମିଛରେ ଖୁସି ମନାଉଥିବା ମସ୍କ ଟୁଇଟ୍ କରି କହିଛନ୍ତି। ଦୀର୍ଘ ୧୧ ବର୍ଷ ଧରି ଟୁଇଟରରୁ ଦୂରେଇ ରହିଥିବା ଜୁକରବର୍ଗ କେବଳ ଥ୍ରେଡ୍ସର ଲଞ୍ଚ ନେଇ ମସ୍କଙ୍କ ମାଇକ୍ରୋବ୍ଲଗିଂ ସାଇଟ୍‌କୁ ଫେରି ଏ ସମ୍ପର୍କରେ ଟୁଇଟ୍ କରିଛନ୍ତି। ମସ୍କଙ୍କୁ ଆକ୍ଷେପ କରି ଶେୟାର କରିଥିବା ପୋଷ୍ଟରେ ଦୁଇଟି ସ୍ପାଇଡର ମ୍ୟାନ୍ ସାମ୍ନାସାମ୍ନି ହେଉଥିବା ଦେଖିବାକୁ ମିଳିଛି। ବୈଦ୍ୟୁତିକ କାର (ଇଭି) ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ମାଲିକ ଗତବର୍ଷ ଅକ୍ଟୋବରରେ ୪୪ ବିଲିୟନ୍ ଡଲାରରେ ଟୁଇଟରକୁ କିଣିବା ପରେ ଥ୍ରେଡ୍ସ ତାଙ୍କ ପାଇଁ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ହୋଇପାରେ ବୋଲି କୁହାଯାଉଛି। ସେହିପରି ନୂଆ ଟୁଇଟର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଲିଣ୍ଡା ୟାକାରିନୋଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ହେବ। ବିଶ୍ୱର ମୋଟ ୧୦୦ ଦେଶରେ ଥ୍ରେଡ୍ସ ଉପଲବ୍ଧ ଥିବାବେଳେ ଜାତିସଂଘରେ ଏହା ଲଞ୍ଚ ହୋଇନାହିଁ। ଅନ୍ୟ ସୋସିଆଲ ସାଇଟ୍‌ର ୟୁଜର୍ସଙ୍କ ସହ ଥ୍ରେଡ୍ସ ଜରିଆରେ କଥା ହୋଇପାରିବ ବୋଲି ମେଟାର ଉପାଧ୍ୟକ୍ଷ କକୋନର ହାୟେସ ପ୍ରକାଶ କରିଛନ୍ତି। ଥ୍ରେଡ୍ସ ଲଞ୍ଚ ହେବାର ୭ ଘଣ୍ଟା ମଧ୍ୟରେ ୧ କୋଟି ଲୋକ ଏହା ସହ ଯୋଡ଼ି ହୋଇଥିବାବେଳେ ପ୍ରଥମ ୨ ଘଣ୍ଟାରେ ୨୦ ଲକ୍ଷ ଲୋକ ଆପ୍‌ରେ ସାଇନ୍ ଅପ୍ କରିଥିଲେ। ଅନେକଙ୍କ ମତରେ ଟୁଇଟର ଜରିଆରେ ଲୋକେ ଦେଶ ବିଦେଶର ଖବର ସହଜରେ ଜାଣିହେଉଥିବାବେଳେ ଥ୍ରେଡ୍ସକୁ ଏହାର ସ୍ଥାନ ନେବା ପାଇଁ ସମୟ ଲାଗିବ। ଥ୍ରେଡ୍ସ ବ୍ୟତୀତ ବ୍ଲୁସ୍କାଏ, ମାଷ୍ଟୋଡନ୍ ଭଳି ସୋସିଆଲ ମିଡିଆ ରହିଛି, ଯାହା ଏବେବି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଂଘର୍ଷ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଡୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର କର୍ମାଧିପ ଯୁକ୍ତହୋଇ ଲାଭଭାବରେ ଥିବାରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ଅବହେଳାଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** – ପରିବାରର ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ କରିପାରନ୍ତି। କୃପଣତା ହେତୁ ବନ୍ଧୁଗହଣରେ ସମାଲୋଚନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** – ଗୃହୋପଯୋଗୀ ଜମିଜମା କ୍ରୟ କିମ୍ବା ବିକ୍ରୟ ସକାଶେ ଫଳପ୍ରଦ ଆଲୋଚନା ହୋଇପାରେ। ସମସ୍ତ ପ୍ରକାର ସମସ୍ୟାର ସରଳ ସମାଧାନ କରି କାର୍ଯ୍ୟ ହାସଲ କରିବେ। ଆଜିର ଯାତ୍ରାରେ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ଠିକ୍ କଥା କହିବା କାରଣରୁ ନିଜର ଲୋକମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** – କର୍ମକ୍ଷେତ୍ର ପାପଯୁକ୍ତ ଯୋଗୁ ଗତକାଲିର ଆଲୋଚନା ଜଟିଳ ଆଡ଼କୁ ଗତି କରିବ। କିନ୍ତୁ ଆତ୍ମୀୟମାନଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା ସକାଶେ ଚେଷ୍ଟା କରିବେ। ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ** – ନିଜେ ଚାହୁଁଥିବା ପ୍ରକାରେ ଅନ୍ୟମାନଙ୍କ ସମର୍ଥନ ହାସଲରେ ସମର୍ଥ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦରେ ପଡ଼ିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରଶାସନ, ଆଇନ, ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ସାମୟିକ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**କନ୍ୟା** – ସାମୟିକ ଭୁଲ୍ ନିଷ୍ପତ୍ତିରୁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କର୍ମକ୍ଷେତ୍ରରୁ ଅଭିଯୋଗ ଆସିବା ସୂଚନା ରହିଛି। ଔଷଧ, ବହିପତ୍ର, ଲୁଗାପଟା କାରବାର ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପାରିବାରିକ ସ୍ତରରେ ଆଜିର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ତୁଳା** – ମାନସିକ ଅସ୍ଥିରତା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଦୀର୍ଘ ଦିନରୁ କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ରହନ୍ତୁ। ବ୍ୟବସାୟିକ ଦିଗ ମନ୍ଦ ନ ହେଲେ ମଧ୍ୟ ପୂର୍ଣ୍ଣ ସନ୍ତୋଷଦାୟକ ନ ହୋଇପାରେ। ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ଯୋଡ଼ିହୋଇଯିବା ସମ୍ଭାବନା ରହିଛି।

**ବିଛା** – କର୍ମକ୍ଷେତ୍ରରେ ବିଭିନ୍ନ ଦୁଶ୍ଚିନ୍ତା କାରଣରୁ ମନୋବଳ ହ୍ରାସ ପାଇବ। କିନ୍ତୁ କେତେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇନେବେ। ନିଜ ପାଇଁ ଯେଉଁ କାମ ଦୁରୁହ ହେବ ପର ସକାଶେ ସେହି କାମକୁ ଆପଣ ସହଜରେ କରିପାରିବେ। ଆଜିର ସକାଳ ସମୟରେ ଶୁଣାକଥାକୁ ବିଶ୍ୱାସକରି ଟେନ୍‌ସନ ବଢ଼ିପାରେ।

**ଧନୁ** – ଯାତ୍ରାକାଳରେ ସତର୍କତା ଅଭାବରୁ ଧନହାନି କିମ୍ବା ସାଧାରଣ କଥାରେ କଳହ ଘଟିପାରେ। କର୍ମକ୍ଷେତ୍ରରେ ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ ଆଜି ବନ୍ଧୁମାନଙ୍କ ସାହାଯ୍ୟରେ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବା ସମ୍ଭାବନା ନାହିଁ।

**ମକର** – ଆଜି ଦୀର୍ଘଦିନରୁ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇଦେବ। ଆର୍ଥିକ ଅନଟନ ହେତୁ ଧାରକରଜ କରି କାମ ତୁଲାଇବାକୁ ବାଧ ହେବେ। ଆପଣଙ୍କ ଅସୁବିଧାଜନକ ସ୍ଥିତି ଅବଲୋକନକରି ନିକଟ ସମ୍ପର୍କୀୟମାନେ ଟାହିଟାପରା କରିପାରନ୍ତି। ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନନେଇ ଚଳିବାକୁ ବାଧହେବେ।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ହେବ ଓ ଅଭିଳଷିତ ଜିନିଷ ପାଇପାରିବେ। ମାତ୍ର ବନ୍ଧୁଙ୍କ କଥାରେ ଭାସିଯାଇ ଭାବପ୍ରବଣ ହେତୁ ଭୁଲ୍‌କରି ପାରନ୍ତି। ନିଜର ଚେଷ୍ଟା ଅବ୍ୟାହତ ରଖିଲେ ବିଳମ୍ବରେ କାର୍ଯ୍ୟସିଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶଂସିତ ହେବେ। କୌଣସି ଗୁରୁଦାୟିତ୍ୱ ନେଇଥିବା ଲୋକଟି ଅବହେଳା ପ୍ରଦର୍ଶନ କରିବାରେ ଆପଣ ଦୋଷୀସାବ୍ୟସ୍ତ ହୋଇପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଅଟକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ଆଜି ଶ୍ରାବଣ କୃଷ୍ଣପକ୍ଷର ନାଗପଞ୍ଚମୀ ଶୁକ୍ରବାର, ଜୁଲାଇ ୭ ତାରିଖ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ। ରାଶି ନକ୍ଷତ୍ର–ଦିବା ୦୧।୩୮ଗତେ ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୨ ଗତେ, ଘ. ୧୧।୫୧ ମଧ୍ୟେ ରାହୁକାଳ।

# ଜାଗ୍ରତ ସୈନିକ ରୂପେ କାର୍ଯ୍ୟ କରନ୍ତୁ ଯୁବପିଢ଼ି




ମାଲକାନଗିରି ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଏବଂ  କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅଧ୍ୟାପିକା ।

## ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ମହିଳା ମହାବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

**ମାଲକାନଗିରି,୬।୭(ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି)**

ଭାରତ ସ୍ୱାଧୀନ ହେବା ପରେ ଆମ ଦେଶର ସୁଶାସନ ଏବଂ ନାଗରିକଙ୍କ ସାମ୍ବିଧାନିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା ଏବଂ ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବାବା ସାହେବ ଆମ୍ବେଡକର ସମ୍ବିଧାନ ପ୍ରଣୟନ କରିଥିଲେ। ପରବର୍ତ୍ତୀ ସମୟରେ ଏଥିରେ ରହିଥିବା ଆଇନ ଅନେକ ଥର ପରିବର୍ତ୍ତିତ ହୋଇଛି। ତେବେ  ଗଣତନ୍ତ୍ର ଆଜି ବିପଦମୁଖୀ ହୋଇପଡ଼ିଥିବା ଅନେକ ବିରୋଧୀ ଦଳ ଅଭିଯୋଗ କରି ଆସୁଥିବାବେଳେ ଶାସକ ଦଳ ସମ୍ବିଧାନ ଅନୁଯାୟୀ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରୁଥିବା ଦାବି ରଖୁଛନ୍ତି।

ଗଣତନ୍ତ୍ର ସମ୍ପର୍କରେ ଆଜିର ଯୁବପିଢ଼ିଙ୍କୁ ଅବଗତ କରାଇବା ଲାଗି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଗୁରୁବାର ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା।  ଧରିତ୍ରୀ ଜିଲା ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ପ୍ରତିଯୋଗିତାରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ  ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସମ୍ମାନିତ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ମାଲକାନଗିରି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, କୋରାପୁଟ ଧରିତ୍ରୀ ଜିଲା ପ୍ରତିନିଧି ଅମିତାଭ ବେହେରା, ନବରଙ୍ଗପୁର ଧରିତ୍ରୀ ଜିଲା ପ୍ରତିନିଧି ସଦାଶିବ ପ୍ରହରାଜ, ରାୟଗଡା ସଂସ୍କରଣ ବିତରଣ ପରିଚାଳକ ବିଶ୍ୱଜିତ ପାଲଟାସିଂ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଧରିତ୍ରୀର ୫୦ ବର୍ଷ ପାଳନ ପାଳନ ଅବସରରେ ମହାବିଦ୍ୟାଳୟ ପରିସରରେ ୫୦ ଜଣ ଛାତ୍ରୀଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଛାତ୍ରୀମାନଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ସୋନାଲି ବିଶ୍ୱାସ, ଭାଗ୍ୟଶ୍ରୀ ପାତ୍ର, ତପସ୍ୱିନୀ ଓଝା, କାଜଲ ଶିଶା, ନମିତା ପଡିଆମି, ବେବି ଅନସାରୀ, ମାଳତି କିର୍ସାନୀ, ସ୍ମୃତି ପାତ୍ର, ପ୍ରିୟଙ୍କା ପାଲ ଓ ଲତା ମଜୁମଦାର ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଭାଗ୍ୟଶ୍ରୀ ପାତ୍ର ପ୍ରଥମ, ସ୍ମୃତି ପାତ୍ର ଦ୍ୱିତୀୟ ଓ ତପସ୍ୱିନୀ ଓଝା ତୃତୀୟ ବିବେଚିତ ହୋଇଥିଲେ। ଧରିତ୍ରୀ ଖବରକାଗଜ ଯୁବପିଢ଼ିଙ୍କ ପାଇଁ ଜ୍ଞାନର ଗନ୍ତାଘର। ଏଥିରେ ଜାତୀୟ ଅନ୍ତର୍ଜାତୀୟ ଏବଂ ରାଜ୍ୟର ବିଭିନ୍ନ କୋଣ ଅନୁକୋଣର ଖବର ପ୍ରକାଶ ପାଉଛି। ଏହାକୁ ଅନୁସରଣ କରି ଆଜିର ଯୁବପିଢି ଗଣତନ୍ତ୍ରର ସୁରକ୍ଷାରେ ଜାଗ୍ରତ ସୈନିକ ରୂପେ କାର୍ଯ୍ୟ କରିବାକୁ ଅତିଥିମାନେ ଉପସ୍ଥିତ ଯୁବପିଢିଙ୍କୁ ପରାମର୍ଶ ଦେଇଛନ୍ତି। ଧରିତ୍ରୀର ଏପରି କାର୍ଯ୍ୟକ୍ରମ  ଗଣତନ୍ତ୍ରକୁ ବୁଝିବାରେ ଯୁବପଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।  ମାଲକାନଗିରି ଜିଲା ଧରିତ୍ରୀ ପରିବାରର ଜିଲା ପ୍ରତିନିଧି ନୃସିଂହ ଚରଣ ମହାନ୍ତି, କ୍ଷୀରୋଦ ବେହେରା, ଶିବଦତ୍ତ ସାହୁ, ସୁବାସ ଖୁଲୁପିଆ, ହୃଷୀକେଶ ସେଠୀ, ଅବିନାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତିଯୋଗୀଙ୍କ ମୁହଁରୁ...



ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ପ୍ରତିଧିମାନଙ୍କ ମଧ ଗଣତନ୍ତ୍ର ସମ୍ପର୍କରେ ଅଧିକ ଜ୍ଞାନ ରହିବା ଉଚିତ। କେତେକ ଗଣମାଧ୍ୟମ ରାଜନୈତିକ ଦଳ ଓ ନେତାମାନଙ୍କ ପ୍ରଚାରକ ସାଜୁଛନ୍ତି,  ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। -**ସୋନାଲି ବିଶ୍ୱାସ**



ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରଭିତ୍ତିକ  ରାଷ୍ଟ୍ର। ଏହାର ଜନସଂଖ୍ୟାର ୬୫ଭାଗ ଯୁବବର୍ଗ। ତେଣୁ ଯୁବବର୍ଗଙ୍କୁ ସଚେତନ, ସକ୍ରିୟ ଓ ଆତ୍ମନିର୍ଭରଶୀଳ କରିବା ଗଣମାଧ୍ୟମର କର୍ତ୍ତବ୍ୟ ହେବା ଉଚିତ । -**ଭାଗ୍ୟଶ୍ରୀ ପାତ୍ର**



ଦେଶର ଯୁବବର୍ଗଙ୍କୁ ସବୁ ଦୃଷ୍ଟିକୋଣରୁ ସଶକ୍ତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ଶିକ୍ଷାର ବିକାଶ ପାଇଁ ଗଣମାଧ୍ୟମ କାମ କରିବା ଉଚିତ।  କାରଣ ବିକାଶର ପ୍ରଥମ ସୋପାନ ହେଉଛି ଶିକ୍ଷା । ଜଣେ ଶିକ୍ଷିତ ହୋଇପାରିଲେ ତା'ର ବିଭିନ୍ନ କ୍ଷେତ୍ରରେ ଜ୍ଞାନ ଆହରଣ ଲାଗି ଆଗ୍ରହ ବଢ଼ିବ। -**ଦେବୀ ଅନସାରୀ**



ରାଜନୀତିରେ ଗଣତନ୍ତ୍ରର ସଂସ୍କାର ଆଣିବାକୁ ହେଲେ ଯୁବବର୍ଗ ଏବଂ ବିଶେଷ କରି ମହିଳାମାନେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କଲେ ଗଣତନ୍ତ୍ର ସୁଦୃଢ ହେବ। ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଘଟଣା ଜାଣିବା ପାଇଁ ଧରିତ୍ରୀ ଭଳି ଏକ ବୃହତ୍ ଖବରକାଗଜ ପଢ଼ିବା ଉଚିତ। -**କାଜଲ ଶିଶା**



ଧରିତ୍ରୀର ଏହି କାର୍ଯ୍ୟକ୍ରମ  ଗଣତନ୍ତ୍ର ଓ ସମ୍ବିଧାନ ସମ୍ପର୍କରେ ଶିକ୍ଷାଲାଭ ପାଇଁ ଯୁବପିଢ଼ିଙ୍କୁ ଅଧିକ ପ୍ରେରଣା ଯୋଗାଇବ। ଗଣତନ୍ତ୍ରକୁ ଅଧିକ କ୍ରିୟାଶୀଳ କରିବା ଦିଗରେ  ଯୁବବର୍ଗଙ୍କ ଭୂମିକା ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ହେବ। -**ନମିତା ପଡିଆମି**



ଗଣତନ୍ତ୍ରର ସଫଳ ରୂପାୟନ ପାଇଁ ମୁକ୍ତ ଓ ନିରପେକ୍ଷ ପରିବେଶ ଜରୁରୀ। ଏହା ମାଧମରେ ଯୁବପିଢ଼ି ସଚେତନ ହୋଇ ଗଣତନ୍ତ୍ରକୁ ସଫଳ ରୂପ ଦେବାରେ ସହାୟକ ହେବେ । -**ସ୍ମୃତି ପାତ୍ର**



ସୁସ୍ଥ ଜନମତ ସୃଷ୍ଟି କରିବାରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ସୁସ୍ଥ ଗଣତନ୍ତ୍ରର ସଫଳ ରୂପାୟନରେ ସହାୟକ ହୋଇଥାଏ । ତେବେ ଅନେକ ଗଣମାଧମ ପ୍ରତିନିଧି  ମିଥ୍ୟା ଏବଂ ଏକତରଫା ଖବର ପ୍ରସାରଣ କରି ଜନମତକୁ ବିଭ୍ରାନ୍ତ କରୁଛନ୍ତି। ଏପରିସ୍ଥଳେ ଧରିତ୍ରୀର ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ ।  -**ତପସ୍ୱିନୀ**



ଯେତେଦିନ ପର୍ଯ୍ୟନ୍ତ ଦେଶର ଯୁବପିଢ଼ି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସକ୍ରିୟ ଭାବେ ଅଂଶଗ୍ରହଣ ନ କରିବେ ସେତେଦିନ ପର୍ଯ୍ୟନ୍ତ ଦେଶର ପ୍ରକୃତ ବିକାଶ ହୋଇପାରିବ ନାହିଁ। ଦେଶର ବିକାଶ ହେଲେ ଗଣତନ୍ତ୍ର ସମୃଦ୍ଧ ହେବ।  -**ମାଲତୀ କିର୍ସାନୀ**



ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ହେଉଛି ଗଣମାଧମ । ଏହା ସରକାର ଓ ଜନସାଧାରଣଙ୍କ ମଧରେ ଯୋଗସୂତ୍ର ରକ୍ଷା କରେ। ସରକାରଙ୍କ ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣେ । ତେଣୁ ଗଣତନ୍ତ୍ର ସୁରକ୍ଷାରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ। -**ପ୍ରିୟଙ୍କା ପାଲ**



ଗଣମାଧମ ଯୁବପିଢ଼ିଙ୍କୁ  ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଥାଏ। ସୁସ୍ଥ ଗଣତନ୍ତ୍ର, ମୁକ୍ତ ଓ ନିରପେକ୍ଷ ଗଣମାଧମ  ଗଣତନ୍ତ୍ରର ରକ୍ଷାକବଚ ସଦୃଶ। ଗଣତନ୍ତ୍ର ସୁରକ୍ଷିତ ରହିଲେ ସୁସ୍ଥ ସମାଜ, ସୁସ୍ଥ ଦେଶ ଗଠନରେ ଯୁବପିଢ଼ି ସକ୍ରିୟ ଭୂମିକା ଗ୍ରହଣ କରିବେ। -**ଲତା ମଜୁମଦାର**




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜୁଲାଇ, ୨୦୨୩

"ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ– ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। **–ଶ୍ରୀଅରବିନ୍ଦ**



# ବନ୍ଧୁତ୍ୱବାଦ ଓ ଦୁର୍ନୀତିର ବିଶ୍ୱ



କୌଶିକ ବସୁ

ନିମ୍ନଲିଖିତ ସ୍ଥିତି ବିଷୟରେ ଟିକେ ଭାବନ୍ତୁ। ରାଜନୈତିକ କ୍ଷମତା ପରିସର ବାହାରର ଜଣେ ବ୍ୟକ୍ତି ଦୁର୍ନୀତି ମୂଳୋତ୍ପାଟନ କରିବାର ପ୍ରତିଶ୍ରୁତି ଦେଇ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଜିତେ। ଯଦିଓ ଏହା ଏକ ବାସ୍ତବ ଉଦ୍ଦେଶ୍ୟ, ସେଥିପାଇଁ ସେମାନେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସରକାର ଓ ବିରୋଧୀ ରାଜନୈତିକ ଦଳର ସମାଲୋଚକ ଉପରେ ଧ୍ୟାନ ଦେବା ସବୁଠୁ ଭଲ ବୋଲି ସେମାନେ ଶୀଘ୍ର ଅନୁଭବ କରିବେ, କାରଣ ସେମାନେ ଜାଣନ୍ତି ନିଜ ବନ୍ଧୁଙ୍କୁ ଅନୁସରଣ କରିବା ରାଜନୈତିକ ଆଧାରକୁ ନଷ୍ଟ କରିଦିଏ। ଏଣୁ ଏହି ବନ୍ଧୁତ୍ୱବାଦ ବିହନ ବୁଣିବା ଭଳି ମୂଳ ଯୋଜନାର ଅପ୍ରତ୍ୟାଶିତ ପରିଣାମ ରହିଛି। ଏପରି କି ଦୁର୍ନୀତିକୁ ଟାର୍ଗେଟ କରିବାବେଳେ ନେତାମାନେ ବନ୍ଧୁମାନଙ୍କୁ ସୁରକ୍ଷା ଦେଇ ଓ ସହଯୋଗୀମାନଙ୍କ ସପକ୍ଷରେ କାର୍ଯ୍ୟ କରି କ୍ଷମତାରେ ସେମାନଙ୍କ ଶକ୍ତି ଦୃଢ଼ କରନ୍ତି। ଫଳରେ ଦେଶ ଧୀରେ ଧୀରେ ଏକଛତ୍ରବାଦ ଆଡ଼କୁ ଗତିକରେ। ଶେଷରେ ଦୁର୍ନୀତି କମିବା ବଦଳରେ ବଢ଼ିଚାଲେ। ଏହି ବିଷୟ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ବହୁବାର ଘଟିବା ଲକ୍ଷ୍ୟ କରାଯାଇଛି। ବାସ୍ତବରେ ଏଭଳି ଏକ ପରିବର୍ତ୍ତନ ରାଜନୈତିକ ନେତାଙ୍କ ନିଜ ଦେଶରେ ବଡ଼ ନକାରାତ୍ମକ ପ୍ରଭାବ ପକାଇପାରେ। ଏବକାର ଜଗତୀକରଣ ବିଶ୍ୱରେ ବନ୍ଧୁତ୍ୱବାଦର ପରିଣାମ ବହୁ ସମୟରେ ଦେଶ ବାହାରକୁ ବ୍ୟାପିଯିବା ଦେଖାଯାଏ।

ରୁଷିଆର ଉଦାହରଣ ନିଆଯାଉ। ପ୍ରଧାନମନ୍ତ୍ରୀ ଭାବେ ହେଉ କିମ୍ବା ରାଷ୍ଟ୍ରପତି, ଭ୍ଲାଡିମିର ପୁଟିନ୍ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହି ଏକ ଧନିକତନ୍ତ୍ର ଶାସନ ପ୍ରତିଷ୍ଠା କରିଛନ୍ତି, ଯାହା ବିଶେଷକରି ବନ୍ଧୁତ୍ୱ ପୁଞ୍ଜିବାଦର ଏକ କ୍ଷତିକାରକ ସ୍ୱରୂପ ଭାବେ ପ୍ରତୀୟମାନ ହୋଇଛି। ତାଙ୍କ ବନ୍ଧୁ ଓ ସହଯୋଗୀମାନେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ରୁଷିଆ ସମ୍ପତ୍ତିର ସିଂହଭାଗ ଦଖଲ କରିଥିବାବେଳେ ସାଧାରଣ ରୁଷୀୟମାନେ ଏକ ସ୍ଥିର ଓ ମାନ୍ଦା ଅର୍ଥ ବ୍ୟବସ୍ଥାରେ ରହିଥିବା ଅନୁଭବ କରୁଛନ୍ତି। ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣର ପରିଣାମ ହେଉଛି ପୁଟିନ୍‌ଙ୍କ ଦୁର୍ନୀତି ଏକ ବୈଶ୍ୱିକ ସମସ୍ୟାକୁ ପରିବର୍ତ୍ତନ ହୋଇଛି ଓ ଏହା ସାରା ୟୁରୋପ, ଆଫ୍ରିକା, ଏସିଆ ଏବଂ ଆମେରିକାରେ ଲଗାତର ପ୍ରତିଧ୍ୱନିତ ହୋଇ ଚାଲିଛି। ବିଶେଷକରି ଏହି ଧାରାକୁ ଯେଉଁ ନେତାମାନେ ସଞ୍ଚାଳିତ କରିଛନ୍ତି, ସେମାନଙ୍କୁ ଦାୟୀ କରିବା ବାସ୍ତବ କାର୍ଯ୍ୟ ହୋଇଛି। କିନ୍ତୁ ବନ୍ଧୁତ୍ୱବାଦ ହଟାଇବାକୁ ଆମକୁ ପ୍ରଥମେ ନୂତନ କାର୍ଯ୍ୟପଦ୍ଧତି ବିକାଶ କରିବାକୁ ହେବ। ପଦକ୍ଷେପ ଡାଞ୍ଚାର ବିଚାରଧାରାରେ ଉନ୍ନତି ଆଣିବାକୁ ପଡ଼ିବ, ଯାହା ନେତାମାନଙ୍କୁ ବନ୍ଧୁତ୍ୱବାଦ ଓ ବ୍ୟାପକ ଦୁର୍ନୀତିର ରାସ୍ତାରୁ ହଟିଯିବା ଲାଗି ପ୍ରେରିତ କରିବ।



ଇଣ୍ଡୋନେସିଆର ଇତିହାସ ପରିବର୍ତ୍ତନ ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତମୂଳକ ବିଷୟ। ଏହା ରାଜନୈତିକ ନେତାଙ୍କୁ ବନ୍ଧୁତ୍ୱବାଦକୁ କୋଳେଇ ନେବା ଲାଗି ଉତ୍ସାହିତ କରେ। ୧୯୬୦ ଦଶନ୍ଧିର ମଧ୍ୟଭାଗରେ ଆମେରିକା ସମର୍ଥନ ବଳରେ ଏକଛତ୍ରବାଦୀ ସୁହାର୍ତ୍ତୋ କ୍ଷମତା ଦଖଲ କରିଥିଲେ। ସେହି ସମୟରେ ସେ ତାଙ୍କ ପୂର୍ବର ଶାସକ ସୁକର୍ଣ୍ଣଙ୍କ ଦୁର୍ନୀତିକୁ ଶେଷ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁହାର୍ତ୍ତୋଙ୍କ ପାଶ୍ଚାତ୍ୟ ପ୍ରୀତି, ବ୍ୟବସାୟିକ ବନ୍ଧୁତାର ନୂଆ ବ୍ୟବସ୍ଥା ପୂର୍ବ ଶାସକଙ୍କ ଭଳି ଦୁର୍ନୀତିଗ୍ରସ୍ତ ଏବଂ କ୍ରୁର ପ୍ରମାଣିତ ହେଲା। ସେହିପରି ପୁଟିନ୍ ତାଙ୍କ ପୂର୍ବ ଶାସକ ବୋରିସ୍ ୟେଲ୍‌ତ୍ସିନ୍‌ଙ୍କ ସମୟରେ ସୃଷ୍ଟି ହୋଇଥିବା ରାଜନୈତକ ପ୍ରଭାବଶାଳୀ ଧନିକ ବର୍ଗଙ୍କୁ ଜାଣିଶୁଣି ଅସୁବିଧାରେ ପକାଇଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସ୍ଥାନ ଦେଇ ଏହାର ପରିସମାପ୍ତି ଘଟାଇବା ପ୍ରକାଶ କଲେ।

ଏହି ମହତ୍ତ୍ୱପୂର୍ଣ୍ଣ ତଥା ଗୁପ୍ତ ପ୍ରକ୍ରିୟାକୁ ବୁଝିବାକୁ ହେଲେ ଆମକୁ ଧରିନେବାକୁ ହେବ ଯେ,ଏହି ନେତାମାନେ ମଜଭୁତ ସ୍ଥିତିରେ ଥିବା ଦୁର୍ନୀତିର ମୁକାବିଲା କାରିବାକୁ ପ୍ରକୃତରେ ପ୍ରତିବଦ୍ଧ ଥିଲେ, ଯେହେତୁ କ୍ଷମତାକୁ ଆସିଥିବା ଅନେକ ରାଜନୈତିକ ନେତା ବି ଏହା କରି ଦେଖାଇଛନ୍ତି। ଏହା ନିଃସନ୍ଦେହ ଯେ, ବ୍ୟବସାୟ ଓ ରାଜନୈତିକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଥିବା ପାରସ୍ପରିକ ନିର୍ଭରଶୀଳତାର ସମ୍ପର୍କ ଛିନ୍ନ କରିବା ଅତି ଜଟିଳ। ଏହା କରିବାକୁ ଅନେକ ଉପାୟ ଅଛି ବୋଲି ନିକଟରେ ଭିଏନା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଡିମିଟ୍ରି କିଞ୍ଚାଜେଭ DMITRIY KNYAZEVଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ସ୍ପଷ୍ଟ କରିଛି। ଉଦାହରଣ ସ୍ୱରୂପ, ସରକାରୀ ଅଧିକାରୀମାନେ ଦୁର୍ନୀତି କଲେ ସେମାନଙ୍କ ଉପରେ ନୀତି ନିର୍ଦ୍ଧାରକମାନେ ଜରିମାନା ଲଗାଇପାରିବେ କିମ୍ବା ଏହି ଅପରାଧ ସମ୍ପର୍କରେ ଯେଉଁ ନାଗରିକ ଜଣାଇବେ, ସେମାନଙ୍କୁ ପୁରସ୍କାର ଦେଇପାରିବେ। ଦୁର୍ନୀତିରେ ଉବୁଟୁବୁ ଦେଶଗୁଡ଼ିକରେ ସମ୍ଭାବ୍ୟ ସନ୍ଦିଗ୍ଧଙ୍କ ଉପରେ ତଦନ୍ତ ଓ ମକଦ୍ଦମା କରିବା ଲାଗି ନେତାମାନଙ୍କର ଅଭାବ ନାହିଁ। ଏହା ସମ୍ଭବ ହେଲେ ବି ବାସ୍ତବରେ ତାହା ହୋଇ ପାରୁନାହିଁ। ନିକଟରେ ମୁଁ ଏକ ରିପୋର୍ଟରେ ପ୍ରକାଶ କରିଥିଲି ଯେ, ଅଧିକ ଯାଞ୍ଚ ସମସ୍ୟା ବଢ଼ାଇପାରେ। ତର୍କଟି ଅତି ସରଳ। ଏକ ଦୁର୍ନୀତି ବିରୋଧୀ ମଞ୍ଚରେ କ୍ଷମତାକୁ ଆସିବା ପରେ ନେତାମାନେ ଅନୁଭବ କରନ୍ତି ଯେ, ପ୍ରତ୍ୟେକଙ୍କ ବିରୋଧରେ ଯାଇ ଦୁର୍ନୀତିକୁ ମୁକାବିଲା କରିବା ଅର୍ଥ ନିଜ ସମର୍ଥକଙ୍କୁ ହରାଇବା। ଏଣୁ ଯେପର୍ଯ୍ୟନ୍ତ ଜଣେ ରାଜନୈତିକ ନେତା ଯାହା ଭାବନ୍ତି ତାହା କରିବାକୁ ଦୃଢ଼ନିଶ୍ଚିତ ନ ରୁହନ୍ତି, ସେତେବେଳେ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଓ ସେମାନଙ୍କ ଅନୁଗାମୀମାନଙ୍କୁ ଅସୁବିଧାରେ ପକାଇବାବେଳେ ସାଥୀ ଓ ବିଶ୍ୱସ୍ତମାନଙ୍କୁ ଛାଡ଼ିଦିଅନ୍ତି। ଏହା ହିଁ ସେମାନଙ୍କର ଦୁର୍ନୀତି ବିରୋଧୀ ଲଢ଼େଇର ଉପାୟ! ବାସ୍ତବରେ ଅଧିକ ଯାଞ୍ଚ ପରିସରରେ ଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଦୁର୍ନୀତି ରହିପାରେ, କିନ୍ତୁ ଯେଉଁ ସହଯୋଗୀ ଓ ବନ୍ଧୁମାନେ ଅନୁଭବ କରନ୍ତି ଯେ ସେମାନେ ସୁରକ୍ଷିତ, ସେମାନଙ୍କ ମଧ୍ୟରେ ବାସ୍ତବରେ ଏହା ବୃଦ୍ଧିପାଇବ। ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଦୁର୍ନୀତିର ପରିବର୍ତ୍ତନୀୟ ସ୍ଥିତିକୁ ନେଇ ସାମୂହିକ ଦୁର୍ନୀତି ଓ ବନ୍ଧୁତ୍ୱବାଦ ଅଧିକ ହୋଇପାରେ।

ଏଭଳି ଏକ ପରିଣାମକୁ ରୋକିବାକୁ ହେଲେ ସରକାରଙ୍କୁ ଏକ ସ୍ୱାଧୀନ ସଂସ୍ଥା ଗଢ଼ିବାକୁ ହେବ, ଯାହାକୁ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ଦାୟିତ୍ୱ ଦେବା ଦରକାର। ଏହାହିଁ ମୁଖ୍ୟ ଆବଶ୍ୟକତା। ସିଙ୍ଗାପୁରର କରପ୍ସନ ପ୍ରାକ୍ଟିସେସ୍ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ସିପିଆଇବି) ୧୯୫୨ରେ ପ୍ରତିଷ୍ଠା ହୋଇଥିଲା। ତଦନ୍ତ ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ମାମଲା ଆରମ୍ଭ କରିବାକୁ ଏକ ସରକାରୀ ସଂସ୍ଥାକୁ ଆବଶ୍ୟକ ସ୍ୱାଧୀନତା ପ୍ରଦାନ କରି ସଶକ୍ତ କରିବାର କିଲାଭ ମିଳେ ତାହାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ ହେଉଛି ସିପିଆଇବି। ତେବେ ସିଙ୍ଗାପୁରର ରାଜନୈତିକ ବ୍ୟବସ୍ଥାରେ ଅଧିକ ତ୍ରୁଟି ରହିଥିଲେ ବି ସିପିଆଇବି ଦୁର୍ନୀତି ମୁକାବିଲାରେ ଆଖିଦୃଶିଆ ପ୍ରଗତି ହାସଲ କରିଛି।

ପରସ୍ପର ସହ ସଂଯୋଜିତ ହୋଇ ରହିଥିବା ଏବକାର ବିଶ୍ୱରେ ପ୍ରତ୍ୟେକ ଦେଶ ପାଇଁ ତା' ସୀମା ଭିତରେ ଦୁର୍ନୀତି ବିରୋଧରେ ଲଢ଼ିବା ଯଥେଷ୍ଟ ହେବ ନାହିଁ। କୌଣସି ଦେଶରେ ବନ୍ଧୁତ୍ୱବାଦ ଓ ଦୁର୍ନୀତିର ଦୀର୍ଘମିଆଦୀ ଆର୍ଥିକ ପରିଣାମର ସମ୍ଭାବନା ଅଛି। ସେଥିପାଇଁ ଏହି ଆହ୍ୱାନର ସମାଧାନ କରିବା ଲାଗି ଏକମାତ୍ର ଉପାୟ ହେଉଛି ବହୁରାଷ୍ଟ୍ର ଭାଗୀଦାରି। ଏହା ନିଶ୍ଚିତ ଯେ, ବିଶ୍ୱ ସ୍ତରରେ ଦୁର୍ନୀତି ବିରୋଧୀ ଲଢ଼େଇ ପଥରେ ଅନେକ ବାଧା ଅଛି। ଏଣୁ କଠୋର ଅନ୍ତଃରାଷ୍ଟ୍ରୀୟ ନିୟମାବଳୀ ଉପରେ ଚୁକ୍ତି କରିବା ଏହା ଉତ୍ତମ ହେବ।

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**
**ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା, ଭାରତ ସରକାର**

# ପରିଚୟ



ନିମାଇଁ ଚରଣ ଲେଙ୍କା

ନଦୀଟି ଯେତେବେଳେ ସାଗରର ନିକଟବର୍ତ୍ତୀ ହୋଇଯାଏ, ତା'ର ସେହି ବିସ୍ତୀର୍ଣ୍ଣ, ଉତ୍ତାଳ ନୀଳ ତରଙ୍ଗ ଦେଖି ଭୟଭୀତ ହୋଇଯାଏ। ଏବେ ସେ ସେହି ସୀମାହୀନ ମହାସାଗରରେ ମିଶି ସବୁଦିନ ପାଇଁ ନିଜର ପରିଚୟ ହରାଇଦେବାକୁ ଯାଉଛି। ପୁନର୍ବାର ପଛକୁ ଫେରିଯିବାକୁ ଚାହିଁଲେ ମଧ୍ୟ ଆଉ ଫେରିପାରୁନାହିଁ। ଯେପରି ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବା ମନୁଷ୍ୟ ସମେତ ପ୍ରତ୍ୟେକ ପ୍ରାଣୀ ପୁନର୍ବାର ଯୌବନ ବା ଶୈଶବ ଅବସ୍ଥାକୁ ଫେରିବାକୁ ଚାହିଁଲେ ମଧ୍ୟ ଫେରିପାରନ୍ତି ନାହିଁ, ଏହା ଠିକ୍ ସେହିପରି। ନଦୀଟି ଜାଣେନା ତା'ର ପରିଚୟ ହରାଇବା ଆଶଙ୍କାଟି ସମ୍ପୂର୍ଣ୍ଣ ଅମୂଳକ। କାରଣ ନଦୀର ପରିଚୟ ହରାଇଲେ ମଧ୍ୟ ସେ ଏକ ନୂତନ ପରିଚୟ ପାଇବ। 'ନଦୀ' ପରିବର୍ତ୍ତେ 'ମହାସାଗର'ର ମାନ୍ୟତା ପାଇବ ବା ତା' 'ପରିଚିତି'ର ପରିବର୍ତ୍ତନ ଘଟିବ। ହୁଏତ ସେ ମହାସାଗରର ଅଂଶ ହୋଇରହିପାରେ କିମ୍ବା ପୁନର୍ବାର ଜଳୀୟବାଷ୍ପ ଆକାରରେ ଊର୍ଦ୍ଧ୍ୱଗାମୀ ହୋଇ ପର୍ବତ ଶିଖରରେ ବର୍ଷି ଆଉ ଏକ ନଦୀର ପରିଚୟ ପାଇପାରେ। କିନ୍ତୁ କୌଣସି ପରିସ୍ଥିତିରେ ନିଜ ପରିଚୟ ହରାଇବାର ପ୍ରଶ୍ନ ନାହିଁ। ଠିକ୍ ସେହିପରି ପ୍ରତ୍ୟେକ ପ୍ରାଣୀଙ୍କର ଜୀବନରୂପୀ ନଦୀର ସ୍ରୋତ ପରମାତ୍ମାରୂପୀ ମହାସାଗରରେ ମିଳିତ ହେବା ପାଇଁ ଧାବମାନ। ତାହା ମୃତ୍ୟୁ ନୁହେଁ,ଅମୃତର ସିନ୍ଧୁ ବା ମହାସାଗର।

ମୃତ୍ୟୁ ହେଉଛି ତା'ର ପ୍ରବେଶପଥ(ମୁହାଣ) ବା ସଂଯୋଗସ୍ଥଳ। ନଦୀଟି ଯେଉଁସ୍ଥଳରେ ସାଗର ସହ ମିଶିଥାଏ, ତାକୁ 'ମୁହାଣ' କୁହାଯାଏ। ସେହିପରି ଆତ୍ମା ଯେଉଁ ସ୍ଥଳରେ ପରମାତ୍ମାରୂପୀ ସାଗରରେ ମିଳିତ ହୁଏ, ସେହି ପ୍ରବେଶପଥ ବା ସଂଯୋଗସ୍ଥଳକୁ 'ମୃତ୍ୟୁ' କୁହାଯାଏ। ହୁଏତ ସେ ନିଜ ଶରୀରର ପରିଚୟ ହରାଇବ, କିନ୍ତୁ 'ଆତ୍ମା' ପରିଚୟ ପରିବର୍ତ୍ତେ 'ପରମାତ୍ମା'ଙ୍କ ପରିଚୟ ପାଇବ। ପରିଚୟ ହରାଇବାର କୌଣସି ସମ୍ଭାବନା ନାହିଁ। କାରଣ ବିଶୁଦ୍ଧ ଆତ୍ମା ଅବିନାଶୀ, ଅବିକାରୀ,ଈଶ୍ୱରୀୟ ସମୁଦ୍ରର ବିନ୍ଦୁ ଓ ପରମାତ୍ମାଙ୍କ କିରଣ। ସେହି ଚେତନା(ଆତ୍ମା) ନିର୍ବାଣମୁକ୍ତି ଲାଭକରି ମହାଚେତନା (ପରମାତ୍ମା)ଠାରେ ବିଲୀନ ହୋଇପାରେ କିମ୍ବା ନିଜ 'ପ୍ରାରବ୍ଧ' ଭୋଗକରିବା ପାଇଁ ପୁନର୍ବାର ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନହୋଇ ଆଉ ଏକ ନୂତନ ଶରୀର ଗ୍ରହଣ କରିପାରେ। ଏ ସମସ୍ତ ତା'ର କର୍ମଫଳ ଉପରେ ନିର୍ଭରକରେ।

'ନିର୍ବାଣମୁକ୍ତି' ବିଲୀନଭାବକୁ ହିଁ ବୁଝାଏ, 'ଲିଭିଯିବା'କୁ ନୁହେଁ। ଯେଉଁ ଆତ୍ମାର କ୍ଷୟ ନାହିଁ, ବିକାଶ ନାହିଁ, ଯେ ଅଜର, ଅମର, ସେ ଲିଭିଯିବ କିମ୍ବା ପରିଚୟ ହରାଇବ ବା କିପରି? କିନ୍ତୁ ଯେଉଁମାନେ ଜଡ଼ବାଦୀ, ଦେହାଭିମାନୀ, ସେମାନଙ୍କ ମତରେ, ମୃତ୍ୟୁରେ ହିଁ ସବୁର ଅନ୍ତ ହୁଏ। ଏହା ସେମାନଙ୍କର ଏକ ଭ୍ରାନ୍ତଧାରଣା। ଯେଉଁ ପ୍ରାଣୀର ଜନ୍ମ ଅଛି, ତା'ର ମୃତ୍ୟୁ ଅଛି। ସେହିପରି ଯାହାର ମୃତ୍ୟୁ ଅଛି, ତା'ର ଜନ୍ମ ନିଶ୍ଚିତ ରୂପେ ଅଛି। ମୃତ୍ୟୁ ଗୋଟିଏ ଦେହର, ଗୋଟିଏ ଜନ୍ମର ଶେଷଯାତ୍ରା ହୋଇପାରେ, ମାତ୍ର ଏ ଶେଷହୀନ ଜୀବନର ଅବିନାଶୀ ଆତ୍ମାର ଶେଷଯାତ୍ରା ହୋଇ ନ ପାରେ। 'ଆତ୍ମା'ର ଅସ୍ତିତ୍ୱକୁ କେବେ ଅସ୍ୱୀକାର କରାଯାଇ ନ ପାରେ।

ଆତ୍ମା ସ୍ଥୂଳଶରୀରରେ ପ୍ରବେଶ କରିବାର ନାମ 'ଜନ୍ମ' ଓ ସେହି ଶରୀରରୁ ବିଚ୍ଛିନ୍ନ ହୋଇଯିବାର ନାମ 'ମୃତ୍ୟୁ'। ଏହି ମୃତ୍ୟୁ ଆଉ କିଛି ନୁହେଁ, ଏହା 'ମହାନିଦ୍ରା'ର ଅନ୍ୟନାମ। ଜୀବନରେ ଆମର ଚେତନ ଆତ୍ମା ଯେପରି ରହିଥାଏ, ମୃତ୍ୟୁରେ ମଧ୍ୟ ଥାଏ। ମୃତ୍ୟୁ କାହାରି ବ୍ୟକ୍ତିତ୍ୱ ବା ଅନ୍ତର ଚେତନାର ସମାପ୍ତି ଘଟାଏ ନାହିଁ। ବରଂ ଏକ ଉଚ୍ଚସ୍ତରର ଜୀବନ ପାଇଁ ଦ୍ୱାର ଖୋଲିଦିଏ। ତେଣୁ ମୃତ୍ୟୁ ହେଉଛି ମନୁଷ୍ୟ ପାଇଁ ସର୍ବଶ୍ରେଷ୍ଠ ଆଶୀର୍ବାଦ।। ଗୀତା କହେ– ''ମୃତ୍ୟୁ ଏକ ଅବସ୍ଥାନ୍ତର। ମୃତ୍ୟୁ ପରେ ଆମେ ପୁରାତନ ଶରୀର ପରିତ୍ୟାଗକରି ନୂତନ ଶରୀର ଧାରଣକରୁ କିମ୍ବା ସମ୍ପୂର୍ଣ୍ଣ ମୋକ୍ଷ ଲାଭକରି ପରମାତ୍ମାଙ୍କ ସହ ମିଶିଯାଉ।'' ଭଗବାନ୍ ପୁନର୍ବାର ଅର୍ଜୁନଙ୍କୁ କହୁଛନ୍ତି –'' ଅତୀତରେ କୌଣସି ସମୟରେ ମୁଁ, ତୁମେ ବା ଏହି ରାଜାମାନେ ଯେ କେହି ନ ଥିଲେ, ପ୍ରକୃତରେ ସେପରି ନୁହେଁ। ପୁଣି ଏହା ପରେ ଯେ ଆମେ ନ ରହିବା ସେପରି ମଧ୍ୟ ଆଦୌ ନୁହେଁ।'' ଆତ୍ମା ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ, ତ୍ରିକାଳରେ ସ୍ଥାୟୀହୋଇ ରହିଛି। ଦେହର ମୃତ୍ୟୁ ପରେ ମଧ୍ୟ ଆତ୍ମା ରହିଥିବ। ମୃତ୍ୟୁ ପରେ ମଧ୍ୟ ଜୀବନ ଅଛି। 'ଆତ୍ମା' କୌଣସି କାଳରେ ଜନ୍ମହୁଏ ନାହିଁ କି ମରେନାହିଁ। ଜୀବାତ୍ମା ଅମୃତର ସନ୍ତାନ। ତା'ର ମୃତ୍ୟୁ ନାହିଁ। ସେ ଦେହରେ 'ମର', ମାତ୍ର ଆତ୍ମାରେ 'ଅମର'। ଯେତେବେଳେ 'ମୁଁ ତ୍ୱ' ର ସମ୍ପୂର୍ଣ୍ଣ ବିନାଶ ଘଟେ, ସେତେବେଳେ ଆତ୍ମା ସ୍ୱତଃ ବିଭାସିତ ହୋଇଉଠେ। ସେହି ସ୍ଥିତିକୁ ହିଁ 'ସମ୍ପୂର୍ଣ୍ଣ ଶାନ୍ତି' ଓ 'ନୀରବତା' କୁହାଯାଏ। ଆଉ ସେହି ଶାନ୍ତି ଓ ନୀରବତା, ଯାହା ପ୍ରକୃତରେ ରହିଥାଏ, ତା' ଜରିଆରେ ହିଁ ଜୀବନର ସବୁଠୁ ବଳି ରହସ୍ୟମୟ 'ସତ୍ତା'ର ଭେଟ ମିଳିଥାଏ।

**ମୋ–୯୨୩୮୬୧୫୪୭୮**

## ଏଇ ଭାରତରେ

ଫୁଟ୍‌ପାଥ ସ୍କୁଲ ବିଷୟରେ କେବେ ଶୁଣିଛନ୍ତି କି? ଏମିତିକା ସ୍କୁଲ ଏବେ ଚାଲିଛି ଗାଜିଆବାଦରେ। ଏନ୍‌ଟିପିସିରୁ ଅବସର ନେବା ପରେ ନିରଜା ସାକ୍‌ସେନା ଏହି ସ୍କୁଲ ଚଳାଉଛନ୍ତି। ଲକ୍‌ଡାଉନ ସମୟରେ ଏଭଳି ଫୁଟ୍‌ପାଥ ସ୍କୁଲ ଚଳାଇବା ଲାଗି ନିରଜା ନିଷ୍ପତ୍ତି ନେଇଥିଲେ ଓ ତାହା ଦୁଇ ବର୍ଷ ହେଲା ଚାଲିଛି। ଏଠାରେ କେବଳ ଅସହାୟ ପିଲାମାନେ ପଢ଼ୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ପିଲାମାନଙ୍କଠାରୁ ଫିସ୍ ଆକାରରେ ପ୍ଲାଷ୍ଟିକ୍ ବର୍ଜ୍ୟ ନେଉଛନ୍ତି। ଏବେ ଏହି ସ୍କୁଲରେ ୪୦ ଜଣ ପିଲା ପଢ଼ୁଛନ୍ତି। ପିଲାମାନଙ୍କ ପଢ଼ିବା ଖର୍ଚ୍ଚ ସହ ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏହି ସ୍କୁଲରେ ନିରଜା ପିଲାମାନଙ୍କୁ ପରିବେଶ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟରୁ ଏହି ପିଲାମାନେ ବି ପରିବେଶ ଉପଯୋଗୀ ଇଟା ପ୍ରସ୍ତୁତ କରିପାରୁଛନ୍ତି। ବଡ଼ ପିଲା ମାସକୁ ୪ଟି ଓ ଛୋଟ ପିଲା ୨ଟି ଇଟା ତିଆରି କରି ନିରଜାଙ୍କୁ ଦେଉଛନ୍ତି। ଏବେ ସୁଦ୍ଧା ପିଲାମାନେ ୪୦୦୦ ଇଟା ତିଆରି କରି ପ୍ଲାଷ୍ଟିକ୍ ବର୍ଜ୍ୟରୁ ପରିବେଶକୁ ରକ୍ଷା କରିବାରେ ଲାଗିଛନ୍ତି। ପିଲାମାନେ ବି ବୃକ୍ଷରୋପଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୭ ଜୁଲାଇ ୧୯୯୮

- ତୈଳ ସମୃଦ୍ଧ କାସ୍ପିଆନ ସାଗରର ଉତ୍ତରାଞ୍ଚଳ କ୍ଷେତ୍ରକୁ ଭାଗ ଭାଗ କରିବା ପାଇଁ ରୁଷିଆ ଓ କାଜାଖସ୍ଥାନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ।
- ହଙ୍ଗେରୀର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦକ୍ଷିଣପନ୍ଥୀ ନେତା ଭିକ୍ଟର ଓରବାନ ନିର୍ବାଚିତ।
- ଶିମ୍‌ଲାଠାରୁ ୭୫ କିମି ଦୂର ରାମପୁର ଅଞ୍ଚଳ ଅନ୍ତର୍ଗତ ସହରଣଠାରେ ଥିବା ଭୀମକାଳୀ ମନ୍ଦିରରୁ ଯାତ୍ରୀମାନଙ୍କୁ ଧରି ଫେରୁଥିବା ଏକ ଟ୍ରକ ୧୦୦ ମିଟର ଗଭୀରର ଏକ ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୨୭ ଜଣଙ୍କ ପ୍ରାଣହାନି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 7 | | |
| 5 | | | | 6 | 3 | 9 | | |
| 6 | | | 7 | | | | | |
| 9 | 4 | | | 3 | 1 | | | |
| | | | 4 | | | | | 3 |
| | 1 | | | | | | | |
| | | | | 2 | | | 4 | |
| | | 1 | | | | | 2 | 5 |
| 3 | | 9 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 5 | 6 | 8 | 3 | 2 | 4 |
| 5 | 2 | 3 | 4 | 1 | 9 | 6 | 8 | 7 |
| 8 | 6 | 4 | 2 | 7 | 3 | 5 | 9 | 1 |
| 4 | 1 | 7 | 9 | 3 | 6 | 8 | 5 | 2 |
| 6 | 5 | 2 | 1 | 8 | 4 | 9 | 7 | 3 |
| 3 | 8 | 9 | 7 | 2 | 5 | 4 | 1 | 6 |
| 1 | 9 | 8 | 3 | 4 | 2 | 7 | 6 | 5 |
| 2 | 4 | 6 | 8 | 5 | 7 | 1 | 3 | 9 |
| 7 | 3 | 5 | 6 | 9 | 1 | 2 | 4 | 8 |

ଗତକାଲିର ଉତ୍ତର

# ଖାଉଟିଙ୍କୁ ଲୁଟୁଛନ୍ତି ପରିବା ବେପାରୀ



ସୁମନ୍ତ କୁମାର ଭୂୟାଁ

ବର୍ତ୍ତମାନର ବଜାରକୁ ଦେଖିଲେ ପୂର୍ବପରି ପକେଟରେ ପଇସା ପୂରାଇ ବ୍ୟାଗ୍‌ରେ ଆଉ ପନିପରିବା କିଣିହେବ ନାହିଁ। ସର୍ବନିମ୍ନ ସାରୁଠାରୁ ଛଞ୍ଚିଣା, ଜହ୍ନିଠାରୁ ଲଙ୍କା, ବାଇଗଣଠାରୁ କଲରା ସବୁର ଅମୂଲ ମୂଲ ବଜାର ଚଢ଼ା ରେଟ୍। ବଜାର ଦରରେ ଏବେ ଯେମିତି ନିଆଁ ଲାଗି ପ୍ରତିଦିନ ପନିପରିବାର ଭାଉ ହୁ ହୁ ହୋଇ ଆକାଶଛୁଇଁ ଥିବାବେଳେ ଅନେକ କ୍ଷେତ୍ରରେ ଦେଖାଦେଉଛି ବାସ୍ତବରେ ଚାଷୀ ଯେତିକି ମୂଲ୍ୟରେ ପନିପରିବା ବିକୁଛି ତା'ଠାରୁ ୨ଗୁଣାରୁ ବେଶି ମୂଲ୍ୟରେ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଛନ୍ତି। ବର୍ଷାଦିନ, ସାମଗ୍ରୀ ସଙ୍କଟ, ପରିବହନ ବାଧାପ୍ରାପ୍ତ ଏହିଭଳି ଦୁନିଆ ବାହାନା ଦେଖାଇ ଦରଦାମକୁ କେତେଜଣ ମୁନାଫାଖୋର ବ୍ୟବସାୟୀ ବଢ଼ାଇ ଚାଲିଛନ୍ତି। ତେବେ ପ୍ରଶାସନର ନିୟନ୍ତ୍ରଣ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଧାରଣରେ ଖାଉଟିଙ୍କ ମଧ୍ୟରେ ଏହି ଦର ବୃଦ୍ଧି ଚଡ଼କ ସଦୃଶ। ଚାଷୀ ବିକୁଥିବା ମୂଲ୍ୟ ଓ ଖାଉଟି କିଣୁଥିବା ମୂଲ୍ୟ ଭିତରେ ବିରାଟ ବ୍ୟବଧାନ ରହୁଛି। ବର୍ତ୍ତମାନ ବଜାରରେ କୌଣସି ପରିବା ୧୦୦ତଳକୁ ନାହିଁ। ଶ୍ରାବଣ ମାସ ଥିବାରୁ ଆଗକୁ ବଡ଼ ବର୍ଷାର ସମ୍ଭାବନା ଓ ମୌସୁମୀର ଲଗାଣବର୍ଷା ସମ୍ଭାବନା ଥିବାରୁ ପନିପରିବା ଦର ଶୀଘ୍ର ଖସିଲା ପରି ଲାଗୁନାହିଁ।

୨୦୧୩ରେ ରାଜ୍ୟରେ ୧୪ ଲକ୍ଷ ୨୫ ହଜାର ମେଟ୍ରିକ ଟନ୍ ପରିବା ଉତ୍ପାଦନ ହେଉଥିଲା। ୧୦ ବର୍ଷ ମଧ୍ୟରେ ଏହା ୪.୫୧% ବୃଦ୍ଧି ପାଇ ୯୮ ଲକ୍ଷ ୫୧ହଜାର ମେଟ୍ରିକ ଟନ୍‌ରେ ପହଞ୍ଚିଛି ; ଯାହା ଗ୍ରାହକଙ୍କ ଚାହିଦା ପୂରଣ କରୁନାହିଁ। ଏହା ସତ୍ତ୍ୱେ ଓଡ଼ିଶା କନ୍ଦମୂଳ, ଛତୁ ଉତ୍ପାଦନରେ ପ୍ରଥମ, ବାଇଗଣ, ବନ୍ଧାକୋବି, ପଣସରେ ଦ୍ୱିତୀୟ, ଟମାଟୋରେ ପଞ୍ଚମ, ଫୁଲକୋବିରେ ଷଷ୍ଠ ସ୍ଥାନରେ ରହିଥିବା ନେଇ କୃଷି ବିଭାଗ ପକ୍ଷରୁ କୁହାଯାଏ। ତାହା ବି କେବେଳ ନିର୍ଦ୍ଦିଷ୍ଟ ସମୟରେ ଉତ୍ପାଦିତ ହେଉଛି। ଖରା ସହଣୀ, ବର୍ଷା ସହଣୀ ବିହନର ଲାଭ କିମ୍ବା ସଂରକ୍ଷଣ ସୁବିଧାର ଅଭାବ ଯୋଗୁ ବର୍ଷତମାମ ଓଡ଼ିଶା ବଜାରକୁ ଦେଶୀ ପରିବା ଆସୁପାରୁନାହିଁ। ବର୍ତ୍ତମାନ ଭଳି ବଜାରକୁ ବ୍ୟବସାୟୀ କବ୍‌ଜାକରି ଅଚାନକ ଦର ବଢ଼ିଯାଉଛି।

ଜଣେ ଚାଷୀଙ୍କ କହିବା ମୁତାବକ ରବିରେ ଅର୍ଥାତ୍ ସେପ୍ଟେମ୍ବର, ଡିସେମ୍ବର ମାସରେ ସେ ଟମାଟୋ, ଭେଣ୍ଡି, ବାଇଗଣ ଚାଷ କରନ୍ତି। ୩ ମାସ ମଧ୍ୟରେ ଫଳ ବିକ୍ରି ହୁଏ। ମାର୍ଚ୍ଚ ପରେ ଧାନ ଚାଷର ବ୍ୟସ୍ତତା ଯୋଗୁ ଅନ୍ୟ ଚାଷ କରିବା ସମ୍ଭବ ହୁଏନାହିଁ। ପାଣିର ଅଭାବ ମଧ୍ୟ ବାଧକ ହୁଏ। ଧାନ, ମାଣ୍ଡିଆ ଏବଂ କ୍ଷୀର ଉତ୍ପାଦନ ବିକ୍ରିରେ ଗ୍ୟାରେଣ୍ଟି ସହ ଏମ୍‌ଏସ୍‌ପି ରହିଛି। ମଣ୍ଡି ପର୍ଯ୍ୟନ୍ତ ପହଞ୍ଚି ନ ପାରିଲେ ମଧ୍ୟ ରାଇସ୍ ମିଲ୍, କ୍ଷୀର କମ୍ପାନୀ ଭଳି ପ୍ରୋସେସିଂ ୟୁନିଟ୍ ରହୁଥିବାରୁ ପ୍ରାପ୍ୟ କମ୍ ମିଳିଲେ ମଧ୍ୟ ବିକ୍ରିରେ କୌଣସି ଅସୁବିଧା ହୁଏ ନାହିଁ। ପରିବା ବିକ୍ରି ବେଳକୁ ଓଲଟା ସ୍ଥିତି ହୁଏ। ନିଜେ ବଜାରକୁ ବିକ୍ରି କରିବାକୁ ବାହାରିଲେ ପରିବହନ ଖର୍ଚ୍ଚ ଅଣ୍ଟା ଭାଙ୍ଗିଦିଏ। ବ୍ୟବସାୟୀ କିଣିଲେ କମ୍ ଟଙ୍କା ଦିଏ। ଏଠାରେ ଟମାଟୋ ଉତ୍ପାଦନ ପାଇଁ ପାଗ ଅନୁକୂଳ ଥିଲେ ମଧ୍ୟ ପ୍ରୋସେସିଂ ୟୁନିଟ୍ ନ ଥିବାରୁ ଲାଭ ମିଳେ ନାହିଁ।

ବର୍ଷା, ଖରାମାଡ଼ କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ଇନ୍‌ପୁଟ ସବ୍‌ସିଡି କିମ୍ବା ବୀମାର ଲାଭ ମଧ୍ୟ ପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳେନାହିଁ। ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶା ପାଇଁ ବର୍ଷାକୁ ଆଖି



ଆଗରେ ପରିବା ଚାଷ କରିବା କେତେ କଷ୍ଟକର ଅନୁମାନ କରାଯାଇପାରେ। ସେହିଭଳି ମାର୍ଚ୍ଚ,ଏପ୍ରିଲ ପରେ ପରିବା ଚାଷ ହେଉ ନ ଥିବାରୁ ମେ, ଜୁନ୍ ବେଳକୁ ଦେଶୀ ପରିବା ଓଡ଼ିଶା ବଜାରକୁ ଆସିପାରେ ନାହିଁ। ବାହାର ରାଜ୍ୟ ବ୍ୟବସାୟୀ ଏହାର ଲାଭ ନିଅନ୍ତି। କୋରାପୁଟ ଚାଷୀଙ୍କ କହିବା ଅନୁସାରେ ଏଠାରେ ଉତ୍ପାଦିତ ପରିବାକୁ ଅତି ଅଳ୍ପ ଦରରେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାର ବ୍ୟବସାୟୀମାନେ କିଣୁଛନ୍ତି। ବର୍ତ୍ତମାନ ଯେଉଁଠି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଟଳ ୮୦ରୁ ୧୦୦ ଟଙ୍କା, ବାଇଗଣ ୬୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି, କୋରାପୁଟ ଚାଷୀ ମାତ୍ର ୨୦ରୁ ୨୫ଟଙ୍କାରେ ବାଇଗଣ ଏବଂ ୩୫ରୁ ୪୦ ଟଙ୍କାରେ ପୋଟଳ ଆନ୍ଧ୍ରପ୍ରଦେଶ ବ୍ୟବସାୟୀଙ୍କୁ ବିକ୍ରିକରି ଦେଉଛନ୍ତି। ଚାଷୀଙ୍କ ଆର୍ଥିକ ସ୍ଥିତି ଅତି ଦୁର୍ବଳ ଥିବାରୁ ସେମାନେ ସଂରକ୍ଷଣ କରିପାରୁ ନାହାନ୍ତି। ଅନେକ ଚାଷୀ ରାତାରାତି ବିକ୍ରି କରିଦିଅନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗିର ରାତି ବଜାରର ବିଶେଷ ନାମ ରହିଛି। ପଲ୍ଲୀ ହାଉସ ଜରିଆରେ ସ୍ୱଚ୍ଛଳ ଚାଷୀ ପରିବା ଚାଷ କରୁଥିଲେ ମଧ୍ୟ ତାହା ମଧ୍ୟ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ।

ଆଜି ପର୍ଯ୍ୟନ୍ତ ରାଜ୍ୟରେ ପରିବା ବିକ୍ରି ପାଇଁ ଭଲ ମଣ୍ଡି ତିଆରି ହୋଇପାରିଲା ନାହିଁ, ଯେଉଁଠି ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ସୁଲଭ ମୂଲ୍ୟରେ କ୍ରୟ ବିକ୍ରୟ ଚାଲିବ। ବିଶେଷଜ୍ଞଙ୍କ ଅନୁସାରେ ଚାଷୀଙ୍କ ଅସହାୟତାର ଫାଇଦା ବ୍ୟବସାୟୀ ଉଠାଉଛନ୍ତି। କୃତ୍ରିମ ଅଭାବ ସୃଷ୍ଟିକରି ଦର ବଢ଼ାଉଛନ୍ତି। ପରିବା ଅତ୍ୟାବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ ହେଉ ନ ଥିବାରୁ ବ୍ୟବସାୟୀଙ୍କ ପାଇଁ ଏହା ଲାଭପ୍ରଦ ହେଉଛି। ଓଡ଼ିଶାର ଉତ୍ପାଦନ ଓ ବଜାର ଦରଦାମର କ୍ଷେତ୍ର ଯାହା ଓଡ଼ିଶା ପନିପରିବା ପାଇଁ ପାଖାପାଖି ୮ମାସ ବାହାର ରାଜ୍ୟ ଉପରେ ନିର୍ଭରକରେ। ଓଡ଼ିଶାରେ ଖରିଫରେ ଧାନ ବେଶି ଉତ୍ପାଦନ ହେଉଥିବାବେଳେ ପରିବା ଉତ୍ପାଦନ ଡିପ ଜମିରେ ହୋଇଥାଏ। ଉତ୍ପାଦନ ବେଶି ନ ଥିବାରୁ ଚାହିଦା ଓ ଯୋଗଣ ଭିତରେ ବଡ଼ ପାର୍ଥକ୍ୟ ରହିଥାଏ। ରାଜ୍ୟ ଅଧିକାଂଶ ସମୟ ବାହାର ରାଜ୍ୟର ପରିବାର ବଜାର ଉପରେ ନିର୍ଭରଶୀଳ ରହୁଥିବାରୁ ଓ ବର୍ତ୍ତମାନ ଉତ୍ପାଦନ ପ୍ରଭାବିତ ଥିବାରୁ କିଛି ସମୟ ଦର ଚଢ଼ା ରହିବ ଏବଂ ଆଗାମୀ କିଛି ସପ୍ତାହ ପରେ ନୂଆ ଫସଲ ଆସିବା ପର୍ଯ୍ୟନ୍ତ ଦର ଆହୁରି ବଢ଼ିବ। ସେହିପରି ଆମ୍ଭମାନଙ୍କ ଭିତରେ ବାଡ଼ିବଗିଚାରେ କିଛି ନିହାତି ଉତ୍ପାଦନ କରିପାରୁଥିବା କଞ୍ଚାଲଙ୍କାଟିଏ ହେଉ ବା ଜହ୍ନି ବୁଦାଏ, ବାଇଗଣ ହେଉ ବା ବିଲାତି ବାଇଗଣ ଏପରିକି ଶାଗ ପଟାଳିଟି କରିବାର ଆଗ୍ରହ ବା ଶ୍ରଦ୍ଧା କିଛି ମାନସିକତା ଆମମାନଙ୍କ ଭିତରେ ବି ନାହିଁ। ନିଜର ଜାଗା ଖଣ୍ଡେ ଥାଇ ମଧ୍ୟ ଯଦି ଆମେ ସର୍ବନିମ୍ନ ଜାଗାରେ ପରିବା ଗଛଟିଏ ଉଧାଇପାରିବା ନାହିଁ ତା'ହେଲେ ଆମେ ପରିବା ବେପାରୀଙ୍କ ଚଢ଼ା ମୂଲ୍ୟକୁ ମୁଣ୍ଡପାତି ସହିବାକୁ ବାଧ ହେବା ନିଶ୍ଚୟ। ପ୍ରଶାସନର ବଜାର ଦରକୁ ନିର୍ଦ୍ଦିଷ୍ଟ ଲଗାମ ଲଗାଇବା ପାଇଁ ଆଇନ ଥିଲେ ବି ସେମାନେ ହାତ ଟେକିଦେବା ପାଇଁ ବାଧ ହେଉଛନ୍ତି। ତେଣୁ ଏ କ୍ଷେତ୍ରରେ ଚିନ୍ତା କରିବାର ସମୟ ଆସିଛି, କାରଣ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ ଓ ଉତ୍କୃଷ୍ଟ ଚାଷ ପାଇଁ ଅନେକ ବର୍ଷ ଧରି କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶା ଶ୍ରେଷ୍ଠ କୃଷି କର୍ମଣ ପୁରସ୍କାର ମଧ୍ୟ ପାଉଛି। ତେବେ ବର୍ତ୍ତମାନର ବଜାରର ଚଢ଼ା ମୂଲ୍ୟ ଆମ ସମସ୍ତଙ୍କ ପାଇଁ କେବଳ ଅର୍ଥନୀତିର ବିଚାର ନୁହେଁ, ନିଜ ବାଡ଼ିଘରେ କିଛି ଗୋଟିଏ ପନିପରିବା ଗଛ ନ ଲଗାଇବା କ'ଣ ପାଇଁ? ଏହି ବିଚାରକୁ ଗ୍ରହଣ କଲେ ଅନେକ ଉତ୍ତର ଆମେ ପାଇଯିବା।

**ମୋ : ୯୯୩୭୪୭୦୯୮୦**

# ପାଠକ ଶ୍ରେଷ୍ଠ ବିଚାରକ

## ମଣିପୁର ହିଂସା ଏକ ଚେତାବନୀ

ମହାଶୟ,

ନିକଟରେ ମଣିପୁରରେ ଯେଭଳି ଅରାଜକତା, ଅଶାନ୍ତ, ହିଂସା, ଧନଜୀବନ ହାନି ଓ ଜାତୀୟ କ୍ଷତି ଘଟୁଛି ତାହା ଅତ୍ୟନ୍ତ ଦୁଃଖଦାୟକ। ଏହାର ପୁନରାବୃତ୍ତି ଯେରି ନ ଘଟେ ଏଥିପାଇଁ ବହୁ ଆଗରୁ ସତର୍କତା ଅବଲମ୍ବନ କରିବା କଥା। ଶାସନଗତ ତ୍ରୁଟି ମଧ୍ୟ ହିଂସାର କାରଣ ହେଉଛି। ଏହାକୁ ସୁଧାରିବା ଦରକାର। ଦେଶରେ ଅରାଜକତା ସୃଷ୍ଟି ସହ ଶାନ୍ତି ପରିବେଶ ନଷ୍ଟ କରିବା ପାଇଁ ବହୁ ଚକ୍ରାନ୍ତକାରୀ, ଦେଶଦ୍ରୋହୀ ମଧ୍ୟ ଅଛନ୍ତି। ଏମାନଙ୍କୁ ଦୃଢ଼ହସ୍ତରେ ଦମନ କରାଯାଉ। ଏମାନଙ୍କର ସମସ୍ତ ବେଆଇନ କାର୍ଯ୍ୟକଳାପକୁ ପଣ୍ଡ କରାଯାଉ। ହିଂସା ଏବଂ ଜୀବନହାନି ଘଟିବା ଆଗରୁ କଠୋର ଆଇନ ବଳରେ ଏହାକୁ ଦମନ କରାଯାଉ। ଭାରତର ଐତିହ୍ୟ, ପରମ୍ପରାକୁ ପ୍ରଥମେ ଗୁରୁତ୍ୱ ଦିଆଯିବା ଜରୁରୀ। ଏ କ୍ଷେତ୍ରରେ ମଣିପୁର ହିଂସା ଏକ ଚେତାବନୀ।

**–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା
ଗ୍ରନ୍ଥ ଅଗଣନ
ମାନବ–ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର
ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି!

**(ଅମର ଆଶା)**
**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଆହାଟୀରେ ଓଡ଼ିଶା ଭାଜପା ସଙ୍ଗଠନ ନେଇ ରଣନୀତି



ଆସାମ ଗୁଆହାଟୀଠାରେ ଓଡ଼ିଶା ଭାଜପା ସଂଗଠନ ରଣନୀତି ପ୍ରସ୍ତୁତିରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**■କେନ୍ଦ୍ର ଯେଉଁ ନିଷ୍ପତ୍ତି ନେବ ତାକୁ କାର୍ଯ୍ୟକାରୀ କରାଯିବ: ମନମୋହନ**

**■ଓଡ଼ିଶାରେ ଭାଜପାର କୌଣସି ପ୍ରଭାବ ପଡ଼ିବ ନାହିଁ: ଶରତ**

ଭୁବନେଶ୍ୱର, ୬।୭(ସୁନିତ୍ ମିଶ୍ର)

ଗୁଆହାଟୀରେ ଭାଜପା ଶୀର୍ଷ ନେତୃତ୍ୱଙ୍କ ପକ୍ଷରୁ ସବୁ ରାଜ୍ୟର ସାଙ୍ଗଠନିକ ସ୍ଥିତି ଏବଂ ପରବର୍ତ୍ତୀ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ହେବାକୁ ଥିବା ଆଲୋଚନା ନେଇ ୩ ଦିନିଆ ବୈଠକ ଗୁରୁବାରଠାରୁ ଆରମ୍ଭ ହୋଇଛି। ଦେଶକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ପ୍ରଥମେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇଛି। ସେହିକ୍ରମରେ ଓଡ଼ିଶାର ନେତାମାନେ ଏଥିରେ ସାମିଲ ହୋଇଛନ୍ତି। ତେବେ ରାଜ୍ୟରେ ଭାଜପା ସରକାର ଏବଂ କେନ୍ଦ୍ରରେ ପୁନର୍ବାର ମୋଦି ସରକାରକୁ କ୍ଷମତାରେ ବସାଇବା ଲାଗି ମୁଖ୍ୟତଃ ଆଲୋଚନା ହୋଇଥିବା ଜଣାପଡ଼ିଛି। ରାଜ୍ୟରେ ସଙ୍ଗଠନ ମଜଭୁତ, ରାଜନୈତିକ ସ୍ଥିତି, କେନ୍ଦ୍ରର ୯ ବର୍ଷ ଶାସନ କାଳରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାର ଏବଂ ମହାଜନସମ୍ପର୍କ ପଦଯାତ୍ରାର ପ୍ରଭାବ ସହିତ ଆଗକୁ କେଉଁ ରଣନୀତି ନେଇ ଦଳ ନିର୍ବାଚନ ଲଢ଼େଇକୁ ଓହ୍ଲାଇବ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସେହିପରି ଆଗକୁ ଦଳର ରଣନୀତି କିପରି ରହିବ ସେନେଇ ରାଜ୍ୟ ନେତୃବୃନ୍ଦଙ୍କୁ ଦାୟିତ୍ୱ ବଣ୍ଟାଯାଇଥିବା ମଧ୍ୟ ଶୁଣିବାକୁ ମିଳିଛି। ଏହି ବୈଠକ ସମୟରେ ବିଭିନ୍ନ ରାଜ୍ୟର ନେତାମାନେ ନିଜ ରାଜ୍ୟରେ ଦଳର ସ୍ଥିତି ସମ୍ପର୍କରେ ତଥ୍ୟ ରଖିଥିଲେ। ଓଡ଼ିଶାରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସହ ପର୍ଯ୍ୟବେକ୍ଷକ ବିଜୟ ପାଲ୍ ସିଂ ତୋମାର, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶା ସମ୍ପର୍କରେ ବିଶେଷ ଆଲୋଚନା କରିଛନ୍ତି।

ମନମୋହନ କହିଛନ୍ତି, ସାଙ୍ଗଠନିକ ଅବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୪ ନିର୍ବାଚନ ଲାଗି ଯାହାସବୁ କରଣୀୟ କାର୍ଯ୍ୟକ୍ରମ ତା' ଉପରେ ନିଷ୍ପତ୍ତି ହୋଇଛି। କେନ୍ଦ୍ର ପକ୍ଷରୁ ଯାହାସବୁ ନିଷ୍ପତ୍ତି ଚୂଡ଼ାନ୍ତ ହେବ ତାକୁ ଏଠି କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୦୨୪ ନିର୍ବାଚନ କିପରି ଲଢ଼ାଯିବ ଏବଂ ଯେଉଁ ଲୋକ ସଭା ଆସନଗୁଡ଼ିକ ଦଳ ହାରିଛି ସେଠାରେ କିପରି ଜିତିହେବ ସେଥିଲାଗି ସମ୍ପୂର୍ଣ୍ଣ ଖସଡ଼ା ପ୍ରସ୍ତୁତ ହେଉଛି। ସେହି ଆଧାରରେ ଆଗାମୀ ଦିନର ବ୍ଲୁପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ହେବ। ତେବେ ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଗତ ଥର ସେମାନେ ୧୨୦ରୁ ଅଧିକ ଆସନ ଜିତିବେ ବୋଲି କହିଥିଲେ। ଏଥର ମଧ୍ୟ ସରକାର କରିବେ ବୋଲି କହୁଛନ୍ତି। ହେଲେ ଓଡ଼ିଶାରେ ଭାଜପାର କୌଣସି ପ୍ରଭାବ ପଡ଼ିବ ନାହିଁ। ସାଧାରଣ ଜନତା ପ୍ରଶ୍ନ କରୁଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଓଡ଼ିଶା ପାଇଁ କ'ଣ କରିଛନ୍ତି ବୋଲି ଶରତ କହିଛନ୍ତି।

# ରାଜ୍ୟ ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ନବୀନ






ଶଙ୍ଖ ଭବନରେ ଅନୁଷ୍ଠିତ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ଭର୍ଚୁଆଲରେ ଉଦ୍‌ବୋଧନ ଦେଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୬।୭(ଅନିଲ ଦାସ)

ରାଜ୍ୟ କିମ୍ବା ଦେଶ ବିକାଶରେ ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ସମସ୍ତ ବିକାଶ କେବଳ ଯୁବଗୋଷ୍ଠୀ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ଭର୍ଚୁଆଲରେ ଯୋଗଦେଇ ସେ କହିଛନ୍ତି, ବିଜୁବାବୁ ସବୁବେଳେ ଓଡ଼ିଶାର ଯୁବବର୍ଗଙ୍କ ଉପରେ ଭରସା କରୁଥିଲେ। ଯେଉଁମାନେ କି ଆମ ରାଜ୍ୟର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ। ବିଜେଡି ସବୁବେଳେ ବିଜୁବାବୁଙ୍କ ଜୀବନୀ ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ। ଦଳ ତାଙ୍କ ପଦାଙ୍କ ଅନୁସରଣ କରି ଚାଲିଛି।

୨୦୦୦ମସିହାରେ ବିଜେଡି ଦାୟିତ୍ୱ ନେବା ବେଳେ ଓଡ଼ିଶା କେଉଁଠି ଥିଲା ଓ ଆଜି କେଉଁଠି ଅଛି ସେ କଥା ଆପଣମାନେ ଜାଣନ୍ତି ବୋଲି ନବୀନ କହିଛନ୍ତି। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଆର୍ଥିକ ପରିଚାଳନା, ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତୀକରଣ, କ୍ରୀଡ଼ା, ସୂଚନା ପ୍ରଯୁକ୍ତି, ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଶିଳ୍ପ ଓ ଭିତ୍ତିଭୂମି ବିକାଶ ସହିତ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଆଖିଦୃଶିଆ ପ୍ରଗତି ହାସଲ କରିଛି। ଏହା ଯୁବଗୋଷ୍ଠୀଙ୍କ ଯୋଗଦାନ ବିନା ସମ୍ଭବ ହୋଇପାରି ନ ଥାଆନ୍ତା। ଏବେ ଓଡ଼ିଶା ବିକାଶର ଏକ ସ୍ୱତନ୍ତ୍ର ସ୍ତରରେ ପହଞ୍ଚି ପାରିଛି। ରାଜ୍ୟର ସମସ୍ତ ବିକାଶମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାମାଜିକ ଗଣମାଧ୍ୟମକୁ ଯୁବକର୍ମୀମାନେ ବହୁଳ ଭାବେ ବ୍ୟବହାର କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ସମଗ୍ର ଦେଶରେ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ରାଜ୍ୟ ସରକାରଙ୍କ କେତେକ କାର୍ଯ୍ୟକୁ ବିଶ୍ୱସ୍ତରରେ ମଧ୍ୟ ସ୍ୱୀକୃତି ପ୍ରଦାନ କରାଯାଇଛି। ଆମେ ସବୁବେଳେ ଲୋକଙ୍କ ପାଖରେ ସେମାନଙ୍କର ସୁଖ,ଦୁଃଖ ସମୟରେ ଛିଡା ହେବାକୁ ପଡ଼ିବ। ଲୋକମାନଙ୍କ ସହ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ନବୀନ ପରାମର୍ଶ ଦେଇଛନ୍ତି।

## ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ବାହାନଗା ରେଳ ଦୁର୍ଘଟଣା ଏବଂ କୋଭିଡ୍ ସମୟରେ ଯୁବକମାନଙ୍କର ସେବା କାର୍ଯ୍ୟ ପ୍ରଶଂସନୀୟ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହିଭଳି ସେବାକାର୍ଯ୍ୟ ଜାରି ରଖିବା ପାଇଁ ସେ ଯୁବକର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ(ଯୁବ-ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ ତୃଣମୂଳ ସ୍ତରରେ ବିରୋଧୀଙ୍କ ସମସ୍ତ ଅପପ୍ରଚାରକୁ ରୋକିବା ସହ ସରକାରଙ୍କ ଜନମଙ୍ଗଳ ଯୋଜନାର ପ୍ରଚାର ପାଇଁ ଯୁବ କର୍ମକର୍ତ୍ତାମାନଙ୍କୁ କହିଛନ୍ତି। ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ କହିଛନ୍ତି, ନବୀନ ଓଡ଼ିଶା ଗଠନରେ ଯୁବସମାଜ ନିଜର ଦାୟିତ୍ୱ ନିର୍ବାହ କରିବ। ନବୀନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଷଷ୍ଠ ଥର ନିର୍ବାଚିତ କରିବାରେ ଯୁବକମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଏହି କାର୍ଯ୍ୟକାରିଣୀ ବୈଠକରେ ଯୁବ ବିଜେଡି ପକ୍ଷରୁ ରାଜନୈତିକ ପ୍ରସ୍ତାବ, ସାଙ୍ଗଠନିକ ପ୍ରସ୍ତାବ, ଧନ୍ୟବାଦ ପ୍ରସ୍ତାବ, ସଂକଳ୍ପ ପ୍ରସ୍ତାବ ପାରିତ କରାଯାଇଛି। ବୈଠକରେ ବିଜୁ ଯୁବ ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା,ଜୋନ ସଭାପତି, ଜିଲା ସଭାପତି ଯୋଗ ଦେଇଥିଲେ।

# ଡି.ଏନ୍. ଗ୍ରୁପ୍‌ରେ ଆଇଟି ଚଢ଼ାଉ | ଜୋର୍ ଧରିଲା ରାଜନୀତି

**■ଶାସକ ଦଳ ନେତାଙ୍କ ଗଚ୍ଛିତ ପାଣ୍ଠି ଭାବେ ରଖାଯାଉଥିଲା: ଭାଜପା**

**■ଭାଜପା ଡାର୍ଟି ପଲିଟିକ୍ସ କରୁଛି: ବିଜେଡି**

**■ଅଫିସର, ମନ୍ତ୍ରୀ, ବିଜେଡି ନେତା ଟଙ୍କା ଲଗାଉଥିଲେ: କଂଗ୍ରେସ**

ଭୁବନେଶ୍ୱର, ୬।୭(ଅନିଲ ଦାସ, ସୁନିତ୍ ମିଶ୍ର)

ଡି.ଏନ୍. ଗ୍ରୁପ୍ ଉପରେ ଆଇଟି ଚଢ଼ାଉ କରି ନଗଦ ୩୦ କୋଟି ଟଙ୍କା ଧରିବା ପରେ ଶାସକ ଦଳ ଆଡକୁ ବିରୋଧୀ ଅଙ୍ଗୁଳି ଉଠାଇବା ଆରମ୍ଭ କରିଦେଇଛନ୍ତି। ଡି.ଏନ୍. ଗ୍ରୁପ୍ ମାଲିକ ଜଗଦୀଶ ନାୟକଙ୍କର ବିଜେଡି ଲିଙ୍କ୍ ରହିଥିବା ଯୋଗୁ ଏହା ଶାସକ ଦଳର ନେତା, ମନ୍ତ୍ରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଟଙ୍କା ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଶାସକ ବିଜେଡି ଏହାର ପାଲଟା ଜବାବ ଦେଇଛି।

ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ଆଗରୁ ଏପରି କେବେ ହେଲାଭଳି ଜଣାପଡ଼ିନି। ଗୋଟେ କର୍ପୋରେଟ ହାଉସ୍‌ର କର୍ମଚାରୀଙ୍କ ଘରୁ ୩୦ କୋଟି ଭଳି ନଗଦ ଟଙ୍କା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଏହି ଦୁର୍ନୀତିଖୋର କର୍ପୋରେଟ ଏବଂ ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କ କ'ଣ ଜଣାପଡୁ ନାହିଁ। ସିଏମ୍‌ଓର ଅର୍ଥ ଏବେ କରପସନ୍ ମୋବିଲାଇଜେଶନ୍ ଅଫିସ୍ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେଉଁ ଜାଗାରେ ଚଢ଼ାଉ ହେଉଥିଲା ସେଠି ଶାସକ ଦଳର ଗଚ୍ଛିତ ପାଣ୍ଠି ରଖାଯାଇଥିଲା।

ଏହି ପ୍ରସଙ୍ଗରେ ବିଜେଡି କଡ଼ା ଜବାବ ଦେଇଛି। ସ୍ୱର୍ଣ୍ଣକାତର ମାମଲାରେ ବିଜେଡି ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ଭାଜପାର ପୁରୁଣା ଅଭ୍ୟାସ। ଏବେ ଡିଏନ୍ ଗ୍ରୁପ୍ ଉପରେ ଆୟକର ଚଢ଼ାଉକୁ ନେଇ ଓଡ଼ିଶା ଭାଜପା ନେତାମାନେ ପୁଣିଥରେ ଡାର୍ଟି ପଲିଟିକ୍ସ କରିବା ଆରମ୍ଭ କରିଦେଇଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଓଡ଼ିଶାରେ କୌଣସି ସ୍ୱର୍ଣ୍ଣକାତର ଅପରାଧ ଘଟିଲେ ଅଥବା ଭିଜିଲାନ୍ସ କି ଆଇଟି ଚଢ଼ାଉ ହେଲେ, ଓଡ଼ିଶା ଭାଜପା ନେତାମାନେ ଏମିତି ବାଉଳାଚାଉଳା ହୁଅନ୍ତି। ବିଜେଡିକୁ ଏହା ଭିତରକୁ ଟାଣିବାକୁ ଅପଚେଷ୍ଟା କରନ୍ତି। ଏଭଳି ହୀନ ରାଜନୀତି ପାଇଁ ହିଁ ଭାଜପାକୁ ଓଡ଼ିଶାବାସୀ ବାରମ୍ବାର ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି ବୋଲି ଇପ୍ସିତା କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଏବେ ସାଧାରଣ ଲୋକମାନେ କହି ବୁଲୁଛନ୍ତି ବଡ଼ ବଡ଼ ଅଫିସର, ମନ୍ତ୍ରୀ, ବିଧାୟକ ଏବଂ ବିଜେଡି ନେତାମାନେ ଏଠାରେ ଟଙ୍କା ଖଟାଉଥିଲେ। ନିଜ ଟଙ୍କାକୁ ଶାସକ ଦଳ ନେତାମାନେ ଏହିପରି କାମରେ ଲଗାଉଥିଲେ ବୋଲି ସାଲୁଜା କହିଛନ୍ତି।

# କେନ୍ଦ୍ରର 'ଅମୃତ ସରୋବର' ଯୋଜନାକୁ ହାଇଜାକ୍ କରାଯାଇଛି: ଭାଜପା

ଭୁବନେଶ୍ୱର, ୬।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ 'ଆମ ପୋଖରୀ' ଯୋଜନାର ଶୁଭାରମ୍ଭ ଗୁରୁବାର କରିଛନ୍ତି। କେନ୍ଦ୍ର ସରକାରଙ୍କ 'ଅମୃତ ସରୋବର' ଯୋଜନାକୁ ହାଇଜାକ୍ କରି ରାଜ୍ୟ ସରକାର ନୂଆ ନାଁ ଦେଇ 'ଆମ ପୋଖରୀ' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ସମ୍ପୂର୍ଣ୍ଣଭାବେ କେନ୍ଦ୍ର ସରକାରଙ୍କ ଅର୍ଥରେ ହେବ। କେନ୍ଦ୍ର ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଥିବା ଅର୍ଥ ରାଶିରେ ହିଁ 'ଆମ ପୋଖରୀ' ଯୋଜନା ରାଜ୍ୟ ସରକାର ଚଳାଇବେ। ଏହି ଯୋଜନା ପାଇଁ ରାଜ୍ୟ ସରକାର ଟଙ୍କାଟିଏ ବି ନିଜ ବଜେଟରୁ ଖର୍ଚ୍ଚ କରିବେ ନାହିଁ ବରଂ କେନ୍ଦ୍ର ସରକାରଙ୍କ ବଜେଟରୁ ଏହି ଅର୍ଥ ଖର୍ଚ୍ଚ ହେବ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲିକ କହିଛନ୍ତି।

Shailabala Women's Autonomous College, Cuttack
Accredited with "A Grade' by N.A.A.C. (UGC) (2006, 2017)
GRADUATE & POSTGRADUATE PROFESSIONAL COURSES
ADMISSION NOTICE 2023

| MSW | M.Com (F&C) | MBA |
|---|---|---|
| Master in Social Work | Master in Commerce (Finance & Control) | Master in Business Administration |

Duration: 2 Years (4 Semesters)
Eligibility: Graduate in any stream with 40% in aggregate
Applications are invited for admission into the above self financing courses for the session 2023-24. The **Prospectus and Application Form** can be obtained directly by the applicants from the SFC Department on payment of Rs. 300/- OR may be downloaded through college site **www.shailabalawomenscollege.ac.in** and payment ensure through Payphone **(8337900578)**
Sd /- Principal
For any query or Call for Admission: 6371786698, 8917318528, 8249864218
E-mail: shailabalasfc@gmail.com

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]
QUOTATION CALL NOTICE FOR MULTIPLE SUPPLY WORKS FOR 10TH ANNUAL CONVOCATION AT NLUO CUTTACK
Sealed quotations in prescribed format are invited for **Printing Works, Supply of High Tea, Supply of Lunch, Supply of Biryani Packets, Supply of Electrical Items, Supply of Furniture, and Supply of Tent House** Items for 10th Annual Convocation at NLUO, Cuttack. Last date & time of receipt is **14.07.2023 at 11.00AM**. For details please visit website- **www.nluo.ac.in**".
Sd/- Registrar

पुलिस अधीक्षक का कार्यालय,
रेल जमशेदपुर
आवश्यक सूचना
सूचित किया जाता हैं कि रेल थाना हटिया काण्ड सं0–02/2022, दिनांक–13.01.2022, धारा–20(b)(ii)(c)/29 N.D.P.S. Act के प्राथमिकी अभियुक्त शनि कच्छी, पिता–अमर कच्छी, सा0–मालगोदाम बसन्ती रोड, राउरकेला, थाना–उदितनगर, जिला–सुन्दरगढ़ (उड़ीसा) के विरूद्ध माननीय न्यायालय ए0के0 राय, न्यायायुक्त–सह–विशेष न्यायाधीश, राँची द्वारा इश्तिहार निर्गत किया गया है।
अतः इस उद्घोषणा के द्वारा शनि कच्छी, पिता–अमर कच्छी, सा0–मालगोदाम बसन्ती रोड, राउरकेला, थाना–उदितनगर, जिला–सुन्दरगढ़ (उड़ीसा) को सूचित किया जाता हैं कि माननीय न्यायालय में उपस्थित होकर अपना पक्ष प्रस्तुत करें या निम्नलिखित दुरभाष नंबरो पर संपर्क स्थापित करें !
पुलिस अधीक्षक, रेल जमशेदपुर :– 9431303400
पुलिस उपाधीक्षक(मु0), रेल जमशेदपुर :– 8340185711
पु0नि0–सह–थाना प्रभारी, रेल थाना हटिया :– 8340296733
पुलिस अधीक्षक,
रेल जमशेदपुर
PR301607 (Police)23-24*D

NIMAPARA AUTONOMOUS COLLEGE
NIMAPARA, PURI - 752106
TENDER NOTICE
Sealed quotations are invited from the interested registered Firms/Authorized Dealers having valid GST, PAN and GST Clearance Certificate for supply of **Laboratory Equipments, CBCS Books, Desktop Computers, Black & White Xerox Machine, Multifunction Black & White Laser Printer** under World Bank assisted project OHEPEE. Concerned suppliers should visit the College website **http//nimaparacollege.org.in** for detailed information. The quantity of the items will be mentioned at the time of placing the order. The sealed quotations should reach the office of the undersigned on or before 29.07.2023 by 5.00 P.M. through Registered/Speed Post. The undersigned reserves the right to cancel any or all the tenders without assigning any reason thereof.
Sd./- Principal
Nimapara Autonomous College

कार्यपालक अभियंता का कार्यालय,
पथ निर्माण विभाग, पथ प्रमण्डल मनोहरपुर
नेशनल कम्पीटिटिभ बिडींग
(अलपकालीन ई0–निविदा आमंत्रण सूचना)
ई– निविदा आमंत्रण सूचना संख्या –RCD/MANOHARPUR/04/2023-24 दिनांक: 06.07.2023

| | | |
|---|---|---|
| 1. | कार्य का नाम :– | IRQP Work of Chakradharpur-Toklo-Kuchai Road Total Length (22.17 k.m.) |
| 2. | प्राक्कलित राशि (रूपये में) | रू0 13,23,94,018.00 (तेरह करोड़ तेईस लाख चौरानबे हजार अठारह रूपये) |
| 3. | कार्य समाप्ति की अवधि | 06 (छः) माह । |
| 4. | वेबसाईट पर निविदा प्रकाशन की तिथि एवं समय | 19.07.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 25.07.2023, 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 27.07.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है।
विस्तृत जानकारी हेतु वेवसाईट http://jharkhandtenders.gov.in पर देखें।
कार्यपालक अभियंता,
प0नि0वि0, पथ प्रमण्डल, मनोहरपुर
PR 301637 West Singhbhum(23-24).D

DSPL - 135
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
ଆଖିଧରା ରୋଗର ପ୍ରତିରୋଧ ସମ୍ପର୍କରେ ମାର୍ଗଦର୍ଶିକା
କିଛି ଦିନ ହେଲା ରାଜ୍ୟର କେତେକ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପିବାର ନଜରକୁ ଆସୁଛି । ବିଶେଷଜ୍ଞଙ୍କ ମତରେ ଏହା ଏକ ସଂକ୍ରାମକ ରୋଗ ଏବଂ ମୁଖ୍ୟତ ସ୍ପର୍ଶ ମାଧ୍ୟମରେ ବ୍ୟାପିଥାଏ । ଏଥିପାଇଁ ନିମ୍ନଲିଖିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

- ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କର ରୁମାଲ୍, ତଉଲିଆ, ତକିଆ କିମ୍ବା ସେ ବ୍ୟବହାର କରିଥିବା ଆଇ-ଡ୍ରପ୍ ଅନ୍ୟମାନେ ବ୍ୟବହାର କରନ୍ତୁ ନାହିଁ।
- ନିଜର ଚଷମାକୁ ନିୟମିତ ସଫା କରନ୍ତୁ।
- ସୁଇମିଂ ପୁଲ୍, ପୋଖରୀ ଆଦିରେ ମୁହଁ ବୁଡାନ୍ତୁ ନାହିଁ।
- କଣ୍ଟାକ୍ଟ ଲେନ୍ସ ବ୍ୟବହାରକାରୀ ନିଜର ଚକ୍ଷୁ ଚିକିତ୍ସକଙ୍କ ସହ ପରାମର୍ଶ କରି ସାବଧାନତା ଅବଲମ୍ବନ କରନ୍ତୁ।
- ଆଖିରେ କୌଣସି ପ୍ରସାଧନ ସାମଗ୍ରୀ ବ୍ୟବହାର କରନ୍ତୁ ନାହିଁ।
- ଆଖି ଧରିଲେ ପରିଷ୍କାର କପଡା ଉଷୁମପାଣିରେ ପକାଇ ଆଖିକୁ ପୋଛନ୍ତୁ।
- ଆଖି ପୋଛା କପଡାକୁ ଗରମ ପାଣି ଓ ଡିଟେରେଜେଣ୍ଟ ପାଉଡରରେ ଭିଜାଇବା ପରେ ନଷ୍ଟ କରିଦିଅନ୍ତୁ।
- ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଆଖି ଔଷଧ ବ୍ୟବହାର କରନ୍ତୁ ନାହିଁ।
- ଆବଶ୍ୟକ ହେଲେ ନିକଟସ୍ଥ ଡାକ୍ତରଖାନକୁ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

OIPR-10003/13/0078/2324

# ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ଆହ୍ୱାନ

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ):**

## ଜିଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସଚେତନତା କର୍ମଶାଳା

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ଶ୍ରମ ଆୟୁକ୍ତ(ଡିଏଲସି)ତଥା ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇ କହିଥିଲେ, ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ବିକାଶ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ଉପରେ ରୋକ ଲଗାଇବା, ସଚେତନା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲା ଶିଶୁ ଶ୍ରମିକ ଉଚ୍ଛେଦ ଲାଗି ଜିଲା ସ୍ତରରେ ଏକ ଟାସ୍କ ଫୋର୍ସ ରହିଛି। ଏହି ଟାସ୍କ ଫୋର୍ସ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥାଏ। ଏତଦ୍ ବ୍ୟତୀତ ପ୍ରତିବର୍ଷ ଜିଲା ପ୍ରଶାସନ ଉପସ୍ଥିତିରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଘରୋଇ ଉଦ୍ୟୋଗ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ନେଇ ଏ ଦିଗରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।


କର୍ମଶାଳାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ ।

ଅତିରିକ୍ତ ଶ୍ରମ କମିଶନର(ଏଏଲସି) ଏଲ୍. ମିଶାଲ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ୧୪ବର୍ଷରୁ କମ୍ ପିଲାଙ୍କୁ କୋଠାବାଡି, ଗୃହ ନିର୍ମାଣ ଭଳି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ଢାବା, ହୋଟେଲ, ରେଷ୍ଟୁରାଣ୍ଟ, ଗ୍ୟାରେଜ, ଶିଳ୍ପ ଅନୁଷ୍ଠାନ ଆଦି ସ୍ଥାନରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ଥଇଥାନ, ଶିକ୍ଷା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଜନଗହଳି ସ୍ଥାନ, ଶିଳ୍ପାଞ୍ଚଳ ଆଦି ସ୍ଥାନରେ ଶିଶୁ ଶ୍ରମିକ ସମ୍ପର୍କିତ ପୋଷ୍ଟର, ହୋର୍ଡିଂ ଲଗାଯାଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକୁ ନେଇ କର୍ମଶାଳା ଆୟୋଜନ ଉପରେ ଜିଲାପାଳ ଚକ୍ରବର୍ତ୍ତୀ ଗୁରୁତ୍ୱ ଦେଇଥିଲେ। ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରାଯାଇଛି। ଏଭଳି କାମରେ ନିୟୋଜିତ କରିଥିବା ବ୍ୟକ୍ତିବିଶେଷଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ବ୍ୟବସ୍ଥା ରହିଛି। ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଦ୍ୱିତୀୟ ଥର ଧରାପଡିଲେ ୩ବର୍ଷ ଯାଏ ଜେଲ ଦଣ୍ଡାଦେଶ ରହିଛି। ଏଥିପ୍ରତି ବ୍ୟାପକ ସଚେତନତା ଆବଶ୍ୟକତା ରହିଛି। ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି। ଏହାକୁ ରୋକିବାକୁ ହେଲେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏ ଦିଗରେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ, ସମସ୍ତ ବିଭାଗ, ପୋଲିସର ସକ୍ରିୟ ଭୂମିକା ରହିଛି। ଏ ବିଷୟରେ ଅଧିକ ଜାଣିବା କିମ୍ବା ଶିଶୁ ଶ୍ରମିକ ଦେଖିଲେ ଶ୍ରମିକ ସହାୟତା ହେଲ୍ପ ଲାଇନ ନଂ. ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରିପାରିବେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ମୋନାଲିସା ଜେନା, ବିକାଶ ନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୮ ଏକରରୁ ଊର୍ଦ୍ଧ୍ୱ ଜମିରୁ ହଟିଲା ଜବରଦଖଲ

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ସରକାରୀ ଖାତାକୁ ଫେରିଲା ୮ ଏକର ୧୪୦ ଡିସିମିଲ ଜମି। କଳାରାହାଙ୍ଗ ମୌଜାର ସରକାରୀ ଖାତା ନମ୍ବର ୭୬୬ର ପ୍ଲଟ ନମ୍ବର ୨୯୪ ଓ ୨୯୫ରେ ଦୀର୍ଘଦିନ ଧରି ବେଆଇନ ଜବରଦଖଲ ହୋଇଥିଲା। ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିଶନ କ୍ରମେ ବିଡିଏ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ହଟାଇଥିଲା। ଏଥିରେ ୧୫ଟି ଆଜବେଷ୍ଟସ ଘର, ୩ଟି ଟିଣ ଶେଡ୍, ଗୋଟିଏ ଗୁହାଳ, ଗୋଟିଏ ଗେଟ୍, ୩ଶହ ଫୁଟ ଲମ୍ବର ପାଚେରୀ, ଗୋଟିଏ ଅର୍ଦ୍ଧନିର୍ମିତ ଘର ଏବଂ ଗୋଟିଏ ପୂଜାମଣ୍ଡପକୁ ଉଚ୍ଛେଦ କରାଯାଇଥିଲା। ପ୍ଲଟ ନମ୍ବର ୨୯୪ରେ ୨ ଏକର ୫୪୦ ଡିସିମିଲ ଓ ପ୍ଲଟ୍ ନମ୍ବର ୨୯୭ରେ ୫ ଏକର ୬୦୦ ଡିସିମିଲ ଜମିକୁ ବିଡିଏ ଜବଦଖଲ ମୁକ୍ତ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଏବଂ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ ହୋଇଥିଲେ। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର ଶ୍ୱେତ ଦାଶ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଭୁବନେଶ୍ୱର ଅତିରିକ୍ତ ତହସିଲଦାର, ଇନ୍‌ଫୋସିଟି ଆଇଆଇସି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବରଯାତ୍ରୀଙ୍କୁ ମଦବୋତଲ ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

ଗୋପ,୬।୭(ଭାରତୀ ଭୂଷଣ ଉପାଧ୍ୟାୟ): ବରଯାତ୍ରୀରେ ସାମାନ୍ୟ ପାଟିତୁଣ୍ଡକୁ ନେଇ ଜଣେ ଯୁବକଙ୍କୁ ମଦବୋତଲ ମାଡ଼ ଘଟଣାରେ ଗୋପ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ସୁଜାନଗର ଗ୍ରାମର ଅଟୋ ଚାଳକ ସୁଦର୍ଶନ ମୁଦୁଲି (୪୬)। ଏନେଇ ପୋଲିସ ୨୯୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିରେ ସୁଦର୍ଶନ ଗଣ୍ଡଗୋଳ କରି ନ ଥିବା, କାହାକୁ ଆକ୍ରମଣ କରି ନ ଥିବାବେଳେ ତାଙ୍କ ଗାଡ଼ି ଭାଙ୍ଗିଦେଇଥିବା ପାଲଟା ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବୁଧବାର ପୁରୀ ମାର୍କଣ୍ଡେଶ୍ୱର ସାହିର ଦେବ ପ୍ରସାଦ ଖୁଣ୍ଟିଆ(୨୭) ଗୋପ ଥାନା ଅଧୀନ କୁଆଁପଡା ଗ୍ରାମକୁ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ। ବିଳମ୍ବିତ ରାତ୍ରିରେ ବର କୁଆଁପଡ଼ା ନିକଟ ମଦରଙ୍ଗ ଛକରେ ପହଞ୍ଚିବା ପରେ ବରଯାତ୍ରୀଙ୍କ ସହ ବାଣ ବାଜା ରୋଶଣି ସହ ଶଶୁର ଘରେ ପହଞ୍ଚିଥିଲେ। ବରକୁ ବେଦିକୁ ନେବା ପରେ ବରଯାତ୍ରୀଙ୍କୁ ଆତିଥ୍ୟ ଦିଆଯାଇଥିଲା। କେତେକ ବରଯାତ୍ରୀ ବାହାରେ ବସିଥିଲେ। ସେହି ରାସ୍ତା ଦେଇ ଗୋଟିଏ ଗୋଟିଏ ଅଟୋ ଯିବାବେଳେ ସେମାନଙ୍କ ଉପରେ କାଦୁଅ ପଡ଼ିଥିଲା। ଫଳରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ବରଯାତ୍ରୀଙ୍କ ସହିତ ଦେବ ପ୍ରସାଦଙ୍କୁ ସୁଦର୍ଶନ ଏକ ମଦ ବୋତଲରେ ଆକ୍ରମଣ କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### 'ଚାରାଟିଏ ରୋପଣ କରି ଯତ୍ନ ନିଅ'

ବେଗୁନିଆ,୬।୭(ହରପ୍ରସନ୍ନ ପଣ୍ଡା): ଜୀବମାନଙ୍କର ଅସମୟରେ ସବୁଠାରୁ ଅଧିକ ସହାୟ ହୋଇଥାଏ ବୃକ୍ଷ। ପିଲାମାନେ ଆମେ ସଭିଏଁ ସଙ୍କଳ୍ପ କରିବା, ଜଣେ ପିଛା ଗୋଟିଏ ଲେଖାଏ ଚାରାରୋପଣ କରିବା। ଠିକ୍ ଯେମିତି ଶୈଶବ ଅବସ୍ଥାରେ ପିଲାର ଯତ୍ନ ମା' ନେଇଥାଏ, ସେହିଭଳି ଚାରାଟିଏ ରୋପଣ କରି ତାର ଯତ୍ନ ନେବା ନିହାତି ଜରୁରୀ ବୋଲି ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମ ସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମତପ୍ରକାଶ ପାଇଛି। ସ୍ଥାନୀୟ ପ୍ରକୃତିବନ୍ଧୁ ଶିବ ନରାୟଣ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବଂଶୀଧର ପାଣିଗ୍ରାହୀ, ୱାର୍ଡ ସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ, ନରସିଂହ ପ୍ରଧାନ, ବରିଷ୍ଠ ଶିକ୍ଷକ କୈଳାଶ ନାଥ ସୁବୁଦ୍ଧି, ଶିକ୍ଷୟିତ୍ରୀ ଉମା ବେହେରା, ମାନସ କୁମାର ସେଠୀ, ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଅତିଥିମାନେ ପିଲାମାନଙ୍କୁ ଗଛର ଉପକାର ସମ୍ପର୍କରେ କହିବା ସହ ସଚେତନତା ସୃଷ୍ଟି କରିଥିଲେ।


ବନ ମହୋତ୍ସବ ଅବସରରେ ଜଟଣୀ ନିରଞ୍ଜନପୁର ଗ୍ରାମସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଚାରାରୋପଣ କରାଯାଉଛି।

# ସବୁଜିମା ରକ୍ଷା କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜଟଣୀ,୬।୭(ରବୀନ୍ଦ୍ର ନାଥ ମହାକୁଡ଼):**

ଜଟଣୀ ବ୍ଲକ ଅଧୀନ ନିରଞ୍ଜନପୁର ଗ୍ରାମସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହରିଶ୍ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରକୃତିର ସବୁଜିମା ରକ୍ଷା କରିବାରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଥିଲା। ସମ୍ମାନିତ ଅତିଥିଭାବେ ବନପାଳ ଲୋକିତା ଗୋଛାୟତ, ବିଶ୍ୱମ୍ଭର ଛୋଟରାୟ, ବନରକ୍ଷୀ ଯୁଧିଷ୍ଠିର ମାଲିକ, ସ୍ଥାନୀୟ ସରପଞ୍ଚ ମନୋଜ ବେହେରା, ସମିତି ସଭ୍ୟ ଭୀମସେନ ଭୁଜବଳ, ଦକ୍ଷିଣକାଳୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ପାଲଟାସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଦେବରାଜ ବେହେରା, ମୋ ସ୍କୁଲ କମିଟିର ସଭାପତି ନାରାୟଣ ବେହେରା, ଗୋପାଳ ବଳିୟାରସିଂ, ଇକୋ କ୍ଲବର ମନୋରଞ୍ଜନ ପାଟଶାହାଣି, କିଶୋର ସୁବୁଦ୍ଧି, ଚିତ୍ତରଞ୍ଜନ ସାହୁ, ବିପିନ ବିହାରୀ ଦାସ, ସାବିତ୍ରୀ ମିଶ୍ର, ଗଣେଶ ବେହେରା, ନରେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ପରିବେଶ ସୁରକ୍ଷା ଓ ସୁନ୍ଦର ସବୁଜିମା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କିସମର ଚାରାରୋପଣ କରିଥିଲେ।

# ମାଷ୍ଟରମାଇଣ୍ଡଙ୍କୁ ଧରିପାରୁନି ପୋଲିସ

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ):**

## ଡ୍ରଗ୍ସ ବେପାରୀ ସୋମନାଥଙ୍କୁ ଗୁଳିକରି ହତ୍ୟା ଘଟଣା
■ ସଞ୍ଜୁ ବାହାରେ ବୁଲୁଥିବା ଅଭିଯୋଗ ■ ବାହାର ରାଜ୍ୟରେ ବୁଲୁଛି ଟିମ୍

ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଓରଫ ପାକୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଗତ ୧ ତାରିଖରେ ମୁକୁନ୍ଦପ୍ରସାଦର ସାହିତ୍ୟ ବେହେରା ଓ ପିଏନ କଲେଜ ରୋଡର ରାଜ ଦଳବେହେରାଙ୍କୁ ଗିରଫ କରିଛି। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁଙ୍କ ସମେତ ମିକି, ଅମଜାଦ ଏବଂ ଅନ୍ୟମାନଙ୍କୁ ପୋଲିସ ଧରିପାରୁନାହିଁ। ଏମାନେ ବୁଲୁଥିବା ବେଳେ ପୋଲିସ ଏମାନଙ୍କ ଟେର୍ ପାଉନାହିଁ। ଏନେଇ ମୃତ ପାକୁଙ୍କ ମା' ମିନତୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡକୁ ୨୫ଦିନ ବିତିଥିଲେ ମଧ୍ୟ ସଞ୍ଜୁଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏନେଇ ପୋଲିସକୁ ବାରମ୍ବାର ପଚାରିବା ସତ୍ତ୍ୱେ ତଦନ୍ତ ଜାରି ରହିଥିବା କହି ପୋଲିସ ଘଟଣାକୁ ଏଡାଇ ଯାଉଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଲାଗି ମିନତୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ୨ଟି ବନ୍ଧୁକ ପୋଲିସ ହାତରେ ଲାଗିନଥିବା ବେଳେ ପୋଲିସ ମାଷ୍ଟରମାଇଣ୍ଡ ସଞ୍ଜୁ ଏବଂ ଅନ୍ୟମାନଙ୍କୁ ଧରିବା ପାଇଁ ଜାଲ ବିଛାଇଛି। ଗୋଟିଏ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଅନ୍ୟ ଏକ ଟିମ୍ ବାହାର ରାଜ୍ୟରେ ଡେରା ପକାଇଥିବା ଜଣାପଡିଛି।

ସୂଚନା ମୁତାବକ, ସୋମନାଥଙ୍କ ସହ ଡ୍ରଗ୍ସ ବେପାରୀ ସଞ୍ଜୁ ଓ ତାଙ୍କ ସହଯୋଗୀଙ୍କ ସହ ପୂର୍ବରୁ ଶତ୍ରୁତା ରହିଥିଲା। ପାକଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ପାଇଁ ସଞ୍ଜୁ ତାର ଖୋର୍ଦ୍ଧା, ଭୁବନେଶ୍ୱର, ନୟାଗଡ ଏବଂ ପୁରୀ ଅଞ୍ଚଳର ସହଯୋଗୀଙ୍କ ସହ ଆଲୋଚନା କରିଥିଲା। ଯୋଜନାକୁ ସଫଳ ରୂପାୟନ ଦେବା ଲାଗି ସେ ଜଣଙ୍କୁ ଏକ ଚୋରା ଗାଡି ବ୍ୟବସ୍ଥା କରିବା ଲାଗି କହିଥିଲା। ପାକୁଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଗୁଳିକାଣ୍ଡ ଘଟଣା ଦିନ(ଜୁନ୍ ୭ ତାରିଖ) ରାମଚଣ୍ଡୀର ଏକ ଫାର୍ମ ହାଉସରେ ମଧ୍ୟାହ୍ନ ପରେ ଅଭିଯୁକ୍ତମାନେ ଏକାଠି ହୋଇଥିଲେ। ଘଟଣାକୁ ପୂର୍ଣ୍ଣାଙ୍ଗ ରୂପ ଦେବାଲାଗି ଚୋରି ପିକ୍‌ଅପ ଭ୍ୟାନ୍, ବୋଲେରୋ ଏବଂ ବନ୍ଧୁକ ଯୋଗାଡ଼ କରିଥିଲେ। ରାତି ସାଢ଼େ ୯ଟାରେ ସାମନ୍ତରାପୁର ଠେଙ୍ଗାହାଟ ଛକରେ ପାକୁ ମୋବାଇଲରେ କାହା ସହିତ କଥା ହେଉଥିଲେ। ଯୋଜନା ମୁତାବକ ସଞ୍ଜୁ, ସାହିତ୍ୟ ବେହେରା ଏବଂ ୪ଜଣଙ୍କ ସହିତ ବୋଲେରୋ, ପିକଅପ ଭ୍ୟାନରେ ବେଆଇନ ଭାବେ ଗଚ୍ଛିତ ବନ୍ଧୁକ ଓ ଫାର୍ମ ହାଉସରୁ ଖଣ୍ଡା ଧରି ଠେଙ୍ଗାହାଟ ଛକରେ ପହଞ୍ଚିଥିଲେ। ଅତର୍କିତ ଭାବେ ପାକୁଙ୍କ ଉପରକୁ ୮ରାଉଣ୍ଡ ଗୁଳି ଚଳାଇଥିଲେ। ୪ଟି ଗୁଳି ତାଙ୍କ ହାତ ପାପୁଲି, ଛାତି ଓ ପିଠିରେ ବାଜିଥିଲା। ଗୁରୁତର ଅବସ୍ଥାରେ ପାକୁଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସପି ସିଦ୍ଧାର୍ଥ କଟାରିଆ କହିଛନ୍ତି।

## କମଳା ନେହେରୁ କଲେଜରେ ବନ ମହୋତ୍ସବ


ବନମହୋତ୍ସବ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ):**

କମଳା ନେହେରୁ ମହାବିଦ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଏହି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ପୋରେଟର ଆୟେଶା ବେଗମ, ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ, ମହାବିଦ୍ୟାଳୟର ଅଧ୍ୟକ୍ଷା ଶୋଭା ଦାସ ମଧ୍ୟ ଚାରାରୋପଣ କରିଥିଲେ। ଏନ୍‌ଏସ୍‌ଏସ୍ ପିଲାମାନେ ଏକ ରାଲି ମାଧ୍ୟମରେ ଲୋକମାନଙ୍କୁ ବୃକ୍ଷରୋପଣ ଦିଗରେ ସଚେତନ କରାଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବନ ମହୋତ୍ସବ ଅବସରରେ ବେଗୁନିଆ ନୀଳକଣ୍ଠ ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## 'ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ'

**ବୋଲଗଡ଼,୬।୭(ଦେବବ୍ରତ ହୋତା):**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବେଣାଗାଡିଆ ଗ୍ରାମସ୍ଥିତ ଭାଗବତ ଦେବ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ ବନବିଭାଗ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମଳୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଜିଲାପରିଷଦ ସଦସ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ମୁଖ୍ୟ ଅତିଥି, ବନପାଳ ପ୍ରଦୀପ୍ତ ପଟ୍ଟନାୟକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ, ସାଧନକେନ୍ଦ୍ର ସଂଯୋଜକ ଧୀରେନ୍ଦ୍ର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ସୁସ୍ଥ ପରିବେଶ ପାଇଁ ସବୁଜିମା ଆବଶ୍ୟକ। ପରିବେଶର ସନ୍ତୁଳନ ଓ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ ଓ ଜଙ୍ଗଲର ସୁରକ୍ଷା ଜରୁରୀ ବୋଲି କହିଥିଲେ। ପରେ ଛାତ୍ରୀଛାତ୍ରମାନେ ଅତିଥିଙ୍କ ଗହଣରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ସହକାରୀ ଶିକ୍ଷକ ଚନ୍ଦ୍ରଶେଖର ନାୟକ, ବନରକ୍ଷୀ ମମତା ସାହୁ, ଅର୍ପିତା ନାୟକ, ଅରୂପ ବେହେରା, ଛବିରାଣୀ ଦେଈଙ୍କ ସମେତ ବିଦ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ସୁଧୁରୁନି ସହରର ପରିମଳ ବ୍ୟବସ୍ଥା

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରର ପରିମଳ, ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ସ୍ୱଚ୍ଛତା ପାଇଁ ଲକ୍ଷାଧିକ ଟଙ୍କା ଆସୁଥିଲେ ମଧ୍ୟ ଠିକ୍ ଭାବେ ଖର୍ଚ୍ଚ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ଖୋର୍ଦ୍ଧା, ସୁସ୍ଥ ଖୋର୍ଦ୍ଧା ପ୍ରହସନ ପାଲଟିଛି। ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ ଅଭିଯାନ ଚାଲିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତାର ପୋଷ୍ଟର, ୱାଲ ପେଣ୍ଟିଂ କରାଯାଇଛି। ରାସ୍ତାରେ ଅଳିଆ ପଡିବ ନାହିଁ, ସ୍ୱଚ୍ଛ ସାଥୀମାନେ ଘରକୁ ଘର ବୁଲି ଅଳିଆ ଉଠାଇବେ। ପ୍ରତ୍ୟେକ ଘରୁ ପୃଥକ ଭାବେ ଓଦା ଓ ଶୁଖିଲା ଆବର୍ଜନା ସଂଗ୍ରହ କରିବେ। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛସାଥୀ, ସାନିଟାଇଜ କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ବାଲି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଏହା ପ୍ରହସନ ପାଲଟିଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଅଳିଆ ଗଦାରେ ଗୋରୁ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡ଼ିକୁ ଏଣେତେଣେ କରୁଛନ୍ତି। ସେହିପରି ଗଳିକନ୍ଦି ରାସ୍ତା ଖାଲଖମା ହୋଇ ରହିଛି। ମରାମତି ହେଉ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଅତ୍ୟନ୍ତ କଦର୍ଯ୍ୟ ହୋଇପଡୁଛି।


ରାସ୍ତା କଡ଼ରେ ଗଦା ହୋଇଥିବା ଅଳିଆ ଆବର୍ଜନା ।

ଟ୍ରାଫିକ ଛକଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ବାଳିକା ସ୍କୁଲ ଭିତର ଦେଇ ଯାଇଥିବା ଡ୍ରେନ୍ ପୋତି ହୋଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡରେ ଡ୍ରେନ ନାହିଁ। ସେହିପରି ମାରୱାଡି ପଟିଠାରୁ ଗୋଡ଼ିପୋଖରୀ ପର୍ଯ୍ୟନ୍ତ ଡ୍ରେନ୍ ପୋତି ହୋଇଗଲାଣି। ଡାକ୍ତର୍‌ସ ଲେନ୍‌ଠାରୁ ଗୁରୁଜଙ୍ଗ ରାସ୍ତା, ଉପରସାହି, ବରୁଣେଇ ସାହି, ଖ୍ରୀଷ୍ଟିଆନ ସାହି, ରାଧାବଲ୍ଲଭ ସାହିର ଡ୍ରେନ ପୋତି ହୋଇଗଲାଣି। ଅନେକ ସ୍ଥାନରେ ଡ୍ରେନ ମରାମତି ଅଭାବରୁ ଭୁଶୁଡି ପଡିଲାଣି। ପ୍ରକାଶ ଯେ, ୫୦ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିଲାଗି ମାସକୁ ଲକ୍ଷାଧିକ ଟଙ୍କା ପୌର ପ୍ରଶାସନ ପକ୍ଷରୁ ପଇଠ କରାଯାଉଛି। ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସହରର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦିରେ ଅଳିଆ ପଡ଼ି ରହୁଛି। ଅଳିଆ ଉଠୁଛି କି ନାହିଁ, କେଉଁ ସ୍ଥାନରୁ ଅଳିଆ ଉଠାଯାଉଛି ପ୍ରଶାସନ ପକ୍ଷରୁ ତଦନ୍ତ ହେଉନି। ଫଳରେ ଠିକା ସଂସ୍ଥା ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ଉଠାଉ ନ ଥିବା ସାହିବାସିନ୍ଦା କହିଛନ୍ତି।

■ ଡ୍ରେନ୍ ସଫା ନ ହୋଇ ଅଧିକାଂଶ ପୋତି ହୋଇଗଲାଣି

■ ଗଳିକନ୍ଦିରୁ ଅଳିଆ ଉଠାଉନି ଠିକା ସଂସ୍ଥା

### ଏମାନେ ଯାହା କୁହନ୍ତି...

ଡ୍ରେନ୍ ସଫେଇ ନ ହେବାରୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ତୁରନ୍ତ ଡ୍ରେନ ସଫେଇ ନ ହେଲେ ସହର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିବ।
**- ବସନ୍ତ ଦାସ, ସାମାଜିକ କର୍ମୀ**

ଦୀର୍ଘବର୍ଷ ଧରି ଏହି ସମସ୍ୟା ଲାଗିରହିଛି। କେବଳ ବର୍ଷାଦିନ ଆସିଲେ ଲୋକଦେଖାଣିଆ ଭାବେ ଡ୍ରେନ୍ ସଫାକରି ଛାଡ଼ିଦିଆଯାଉଛି। ଅନ୍ୟଦିନେ ସମାନ ସମସ୍ୟା। ସହର ସ୍ୱଚ୍ଛତା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି।
**- ହରିହର ଖାଡଙ୍ଗା, ସାମାଜିକ କର୍ମୀ**

ଡ୍ରେନ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ଏକ୍ସପର୍ଟମାନଙ୍କୁ ଡକାଯାଇ ଏହାର ପ୍ଲାନ ପ୍ରସ୍ତୁତ କରାଯାଇ ଡ୍ରେନ ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ ହେବ। ଆଗକୁ ଯେପରି ଡ୍ରେନରେ ପାଣି ଜମିବା ସମସ୍ୟା ରହିବ ନାହିଁ, ସେଥିପାଇଁ ୱାଟର ଲଗିଙ୍ଗ ଅଞ୍ଚଳକୁ ପ୍ରାଥମିକ ପର୍ଯ୍ୟାୟରେ ସଫା କରାଯିବ।
**- କନକଲକ୍ଷ୍ମୀ ମହାନ୍ତି, ପୌରାଧ୍ୟକ୍ଷା**

ସମସ୍ତ ଡ୍ରେନ୍ ସଫେଇ କରାଯିବ। ୱାର୍ଡ, ଗଳିକନ୍ଦିରୁ ଠିକ୍ ସମୟରେ ଅଳିଆ ଉଠାଇବା ପାଇଁ ସ୍ୱଚ୍ଛ ସାଥୀଙ୍କୁ କୁହାଯାଇଛି। ଏଥିରେ ସହରବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି। ଏଣେତେଣେ ଅଳିଆ ପକାନ୍ତୁ ନାହିଁ। ଅଳିଆ ଗାଡିରେ ଓଦା ଏବଂ ଶୁଖିଲା ଅଳିଆ ଅଲଗା କରି ଦିଅନ୍ତୁ।
**- ରିଜୱାନ କିଅକପ୍, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜୁଲାଇ , ୨୦୨୩



## କଣାସକୁ ମୋ ବସ୍ ଚଳାଚଳ ଦାବି

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- ରାଜ୍ୟ ସରକାର ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳକୁ ମୋ ବସ୍ ସେବା ଯୋଗାଇ ଚାଲିଛନ୍ତି। ପୁରୀ ଜିଲାର କଣାସ ଏକ ଅନଗ୍ରସର ଅଞ୍ଚଳ ରୂପେ ସରକାରୀ ରେକର୍ଡ ପତ୍ରରେ ଲିପିବଦ୍ଧ ଅଛି। କଣାସରୁ ଭୁବନେଶ୍ୱର, ପୁରୀକୁ ଯିବାଆସିବା ପାଇଁ ବସ୍‌ର ବ୍ୟବସ୍ଥା ନାହିଁ। ଏଥିନେଇ କଣାସ ବରିଷ୍ଠ ନାଗରିକ କମିଟି ପୂର୍ବରୁ କଣାସରୁ ପୁରୀ ଏବଂ ଭୁବନେଶ୍ୱର ପାଇଁ ମୋ ବସ୍ ସେବା ଯୋଗାଇ ଦେବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲା। ବର୍ତ୍ତମାନ ସୁଦ୍ଧା କଣାସକୁ ମୋ ବସ୍ ଚାଲିବା ସମ୍ପର୍କରେ ରାଜ୍ୟ ସରକାରଙ୍କର କୌଣସି ସୂଚନା ନାହିଁ। ଅଞ୍ଚଳର ବୁଦ୍ଧିଜୀବୀ ତୁରନ୍ତ ଭୁବନେଶ୍ୱର ଓ ପୁରୀରୁ କଣାସକୁ ମୋ ବସ୍ ଚାଲିବା ପାଇଁ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ଶ୍ରୀକାନ୍ତ ପଟ୍ଟଯୋଷୀ, ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

### ସଂକ୍ଷେପରେ

## କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ଅଗ୍ନି ସୁରକ୍ଷା ପାଇଁ ୪୫ ପଦବୀ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୭(ଅନିଲ ଦାସ)-କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବୁର୍ଲା ଭିଏସ୍ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗର ବିଭିନ୍ନ ସ୍ତରରେ ୪୫ ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଅନୁମୋଦନ ଲାଭ କରିଥିବା ଅଗ୍ନିଶମ ବିଭାଗର ଏହି ନୂତନ ପଦବୀଗୁଡ଼ିକ ହେଲା, ୩ ଷ୍ଟେଶନ ଅଫିସର, ୪ ଲିଡିଂ ଫାୟାରମ୍ୟାନ, ୩ ହାବିଲଦାର, ୩ ଫାୟାରମ୍ୟାନ ଡ୍ରାଇଭର ଏବଂ ୩୦ଟି ଫାୟାରମ୍ୟାନ । ଏହି ନୂତନ ପଦବୀ ସୃଷ୍ଟି ଦ୍ୱାରା ଉପରୋକ୍ତ ୩ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ନିରାପତ୍ତା ଅଧିକ ସୁଦୃଢ଼ ହୋଇପାରିବ ।

## ରାଜନେତା ଗଙ୍ଗାଧର ଖଟୋଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ



ନିମାପଡ଼ା,୬।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ବ୍ଲକ ଅଧୀନ ଶରଡ଼ା ପଞ୍ଚାୟତ ଶ୍ରୀମୁଖ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ରାଜନେତା ସ୍ୱର୍ଗତ ଗଙ୍ଗାଧର ଖଟୋଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ଶ୍ରୀମୁଖସ୍ଥିତ ଜୟଦୁର୍ଗା କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ସ୍ୱର୍ଗତ ଖଟୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କୁଞ୍ଜଲତା ସାମଲ, ରବୀନ୍ଦ୍ର ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷ ଅନସୂୟା ମହାନ୍ତି, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ, ଆଇନଜୀବୀ ବିଜୟ ପ୍ରଧାନ, ବିଜେଡି ବ୍ଲକ ସଭାପତି ଅଶୋକ ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବହୁ ସାମାଜିକ କର୍ମୀ, ସ୍ଥାନୀୟ ବହୁ ପ୍ରତିଷ୍ଠିତ ବ୍ୟକ୍ତି ସ୍ୱର୍ଗତ ଖଟୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ସେଥିରେ ଓ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଗଭୀର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତ ଖଟୋଇ ଜଣେ ଶାନ୍ତ, ସରଳ, ମେଳାପି, ଦକ୍ଷ ରାଜନେତା, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଓ ବିଶିଷ୍ଟ ସାମାଜିକ କର୍ମୀ ଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡ଼ିଶା ରେଡକ୍ରସ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ପ୍ରତିଷ୍ଠିତ କଣ୍ଠଶିଳ୍ପୀ, କଳାକାର ଭଜନ ପରିବେଷଣ କରିଥିଲେ। ଭାଗ୍ୟଧର ଖଟୋଇ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୬ ଗିରଫ

ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା (ଦିଲୀପ ସ୍ୱାଇଁ)/ ବାଲୁଗାଁ,୬।୭(ସଂଗ୍ରାମ ପାଇକରାୟ)



ଏସ୍‌ପି ସିଦ୍ଧାର୍ଥ କଟାରିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା ଜିଲାର ବାଣପୁର, ବାଲୁଗାଁ ଓ ନାଚୁଣୀ ଥାନା ଅଞ୍ଚଳରେ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା। ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ବୁଧବାର ରାତିରେ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଏହି ଟିମ୍ ଚଢ଼ାଉ କରି ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲୁଗାଁ ଥାନା ନୂଆଗଡ ଅଞ୍ଚଳର ମାନସ ପଲେଇ ଓରଫ ଚାନ୍ଦୁ(୨୮), ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ(୨୦) ଓ ଶିବରାମ ନାହାକ ଓରଫ ମୁନା (୨୬), ବାଣପୁର ଥାନା ଅଞ୍ଚଳର ଆଦିତ୍ୟ ପ୍ରସାଦ ସୁବୁଦ୍ଧି ଓରଫ ଆଦି(୨୦) ଓ ସନ୍ତୋଷ ବସ୍ତି (୨୨) ଏବଂ ନିରାକାରପୁର ଥାନା ଅଞ୍ଚଳର ଶେଖ୍ ଅରବାଜ ଓରଫ ନଟୁ (୨୦) । ଏମାନଙ୍କ ନିକଟରୁ ଗୋଟିଏ ଚାଇନା ପିସ୍ତଲ, ଦୁଇଟି ଖଣ୍ଡା, ଦୁଇଟି ବାଇକ୍, ବିଅର ବୋତଲ, ଚିଲି ପାଉଡର, ରୁମାଲ ଓ ମୋବାଇଲ ଫୋନ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି ବୋଲି ଗୁରୁବାର ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି।

- ଚାଇନା ପିସ୍ତଲ, ଖଣ୍ଡା, ବାଇକ୍ ଓ ମୋବାଇଲ ଜବତ
- ୩ ଜଣ ଖସି ପଳାଇଲେ

ସୂଚନା ମୁତାବକ, ଅଭିଯୁକ୍ତ ମାନସ ଜଣେ ପେସାଦାର ନିଶା ବେପାରୀ। ପୋଲିସର ବାରମ୍ବାର ଚଢ଼ାଉ ପରେ ମାନସ ନିଶା ବେପାର ଛାଡି ଚୋରି, ଡକାୟତି, ଛିନତାଇ ଆଦି ଅପରାଧ ବାଣପୁର, ବାଲୁଗାଁ ଓ ଖଲିକୋଟ ଅଞ୍ଚଳରେ କରିବା ପାଇଁ ଏକ ଗ୍ୟାଙ୍ଗ ଗଠନ କରିଥିଲା। ତେଣୁ ସେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସହିତ ଗ୍ୟାଙ୍ଗ କରି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଭିଆଉଥିଲା, ଯାହାକି ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଣପୁର,ବାଲୁଗାଁ ଓ ନାଚୁଣୀ ଆଇଆଇସି ଏକ ଟିମ୍ ଗଠନ କରି ଉକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ତେବେ ବୁଧବାର ରାତିରେ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ମାନସ ଓ ତାର ଗ୍ୟାଙ୍ଗ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଏହି ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ସମ୍ପୃକ୍ତ ଘରକୁ ଘେରାଉ କରିଥିଲେ। ଏହା ଦେଖି ଅଭିଯୁକ୍ତମାନେ ପୋଲିସ ଉପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଅଭିଯୁକ୍ତ ଖସି ପଳାଇଥିଲେ। ତେବେ ଖସିଯାଇଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା, ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାସ, ନାଚୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଜଟଣୀ,୬।୭(ରବୀନ୍ଦ୍ର ନାଥ ମହାକୁଡ଼):

ଜଟଣୀ ଥାନା ସମ୍ମୁଖରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ରାମଚନ୍ଦ୍ରପୁର ମା'ଡମଣେଇ ମନ୍ଦିର ଅଞ୍ଚଳର ସୌମ୍ୟକାନ୍ତ ବଡ଼ଜେନା(୩୩)। ସୂଚନା ମୁତାବକ, ରାତି ପ୍ରାୟ ୧୦ଟାରେ ସୌମ୍ୟକାନ୍ତ କୌଣସି କାମରେ ସ୍କୁଟିରେ ବଜାରକୁ ଯାଉଥିଲେ। ଏହି ସମୟରେ ଖୋର୍ଦ୍ଧା ପଟୁ ଜଟଣୀ ଅଭିମୁଖେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ ନେବା ପାଇଁ ସ୍ଥାନୀୟ ପୋଲିସ ପହଞ୍ଚି ଫୋନ କରିଥିଲେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ଜଟଣୀ ୟୁଥ ଫେଡରେଶନ ସ୍ୱେଚ୍ଛାସେବୀ ଓ ପୋଲିସ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସରେ ଆହତ ସୌମ୍ୟକାନ୍ତଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

## ଭିକ୍ଷୁକ, ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର ଅଭିଯାନ



ରଥଯାତ୍ରା ପରେ ରହିଯାଇଥିବା ଭିକ୍ଷୁକ, ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର ନେଇ ହୋଇଥିବା ସ୍ୱତନ୍ତ୍ର ଯାନକୁ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ପୁରୀ,୬।୭(ଅଜିତ ମହାନ୍ତି)

ଚଳିତବର୍ଷର ରଥଯାତ୍ରା ସମୟରେ ଆସି ପୁରୀ ସହରର ବିଭିନ୍ନ ଗଳିକନ୍ଦି, ଷ୍ଟେଶନ, ବସଷ୍ଟାଣ୍ଡ ଓ ସମୁଦ୍ରକୂଳ ଇତ୍ୟାଦି ସ୍ଥାନରେ ଭିକ୍ଷୁକ ଓ ମାନସିକ ବିକାରଗ୍ରସ୍ତ ଲୋକ ରହିଯାଇଛନ୍ତି। ଏମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ୨ଦିନିଆ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯାଇଛି। ଏ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୨୧ଜଣଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି ବୋଲି ପୁରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସୂଚନା ଦେଇଛନ୍ତି। ସେହିପରି ରଥଯାତ୍ରା ଗହଳିରେ ଅଧିକ ରୋଜଗାର ଉଦ୍ଦେଶ୍ୟରେ କିଛି ଲୋକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଲି ଆସୁଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ପୁରୀ ସହର ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତି। ଏପରିକି ନିଜ ପରିବାରର ବୃଦ୍ଧ ଲୋକ, ଦିବ୍ୟାଙ୍ଗ ଓ ମାନସିକ ବିକାରଗ୍ରସ୍ତ ଲୋକଙ୍କୁ ଆଣି ଜାଣିଶୁଣି ରଥଯାତ୍ରା ଗହଳିରେ ନିଜ ଲୋକମାନେ ଛାଡି ଦେଇଥାନ୍ତି। ତେଣୁ ଏହିସବୁ ବିଷୟକୁ ଲକ୍ଷ୍ୟ ରଖି ଏଭଳି ସ୍ୱତନ୍ତ୍ର ଡ୍ରାଇଭର ଆୟୋଜନ କରାଯାଇଛି ବୋଲି ଏହି କାର୍ଯ୍ୟକ୍ରମର ପରାମର୍ଶଦାତା ସିଦ୍ଧାର୍ଥ ରାୟ ଜଣାଇଛନ୍ତି। ସୂଚନାଯୋଗ୍ୟ, ସହରର ଗଳିକନ୍ଦିରେ ଘୂରି ବୁଲୁଥିବା ଭିକାରି ଓ ମାନସିକ ବିକାରଗ୍ରସ୍ତମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୯୮୬୧୪୫୬୭୨୪୮ ଓ ୯୩୪୮୫୦୬୦୦୭ ଦୁଇଟି ନମ୍ବର ଜାରି କରାଯାଇଛି। ଏହି ନମ୍ବର୍‌ରେ କଲ୍ ଓ ହ୍ୱାଟ୍‌ସପ କରି ଉଦ୍ଧାର ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଯେକେହି ସୂଚନା ଦେଇପାରିବେ।

**ପ୍ରଥମଦିନ ଉଦ୍ଧାର ହେଲେ ୨୧ଜଣ**

## ମହିଳା ଗୋଷ୍ଠୀର ବ୍ୟାଙ୍କ ଋଣ, ସୁଧ ସମ୍ପର୍କିତ ସଚେତନତା କର୍ମଶାଳା

ଡେଲାଙ୍ଗ,୬।୭(ରଶ୍ମିରଞ୍ଜନ ପ୍ରଧାନ)

ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ନିମନ୍ତେ ବ୍ୟାଙ୍କ ଋଣ ଗ୍ରହଣ ଓ ସୁଧ ଫେରସ୍ତ ସମ୍ପର୍କିତ କର୍ମଶାଳା ଗଡ଼ମୋଟରି ପଞ୍ଚାୟତସ୍ଥିତ କଲ୍ୟାଣମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ପ୍ରକଳ୍ପ ସଂଯୋଜିକା ନନ୍ଦିତା ସ୍ୱାଇଁ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧକ୍ଷ ଦୁର୍ବାସା ନିଶଙ୍କ, ୟୁକୋ ବ୍ୟାଙ୍କ ପ୍ରବନ୍ଧକ ଯୋଗେଶ ପ୍ରଧାନ, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ପ୍ରକଳ୍ପ ପରିଚାଳିକା ପ୍ରମୋଦିନୀ ବେହେରା, ମିଶନ ଶକ୍ତି ମହିଳା ମହାସଂଘ ସଭାନେତ୍ରୀ ବିଦ୍ୟୁଲତା ସ୍ୱାଇଁ ପ୍ରମୁଖ ବ୍ୟାଙ୍କରେ ଉପଲବ୍ଧ ସୁବିଧା, ଆର୍ଥିକ ସହାୟତା, ସାକ୍ଷରତା ଓ ସାମାଜିକ ସୁରକ୍ଷା ପ୍ରଣାଳୀ ସମ୍ପର୍କରେ ସଚେତନ କରାଇଥିଲେ। ବ୍ଲକ ପରିଚାଳକ ଅନଙ୍ଗସେନ ତାଡ଼ ଅତିଥିଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିମା ଦାସ, ଶୁଭଲକ୍ଷ୍ମୀ ସ୍ୱାଇଁ, ସ୍ୱର୍ଣ୍ଣମୟୀ ଜେନା, ବନିତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମାବେଶରେ ବିଭିନ୍ନ ପଞ୍ଚାୟତରୁ ୨ ଶହରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ।

## ବିନାୟକ ମନ୍ଦିର ପ୍ରତିଷ୍ଠା ନେଇ ସମ୍ମିଳନୀ

ପୁରୀ,୬।୭(ଅଜିତ୍ ମହାନ୍ତି)

ଗଜପତି ନଗର ଯୁବ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶ୍ରୀ ବିନାୟକ ଦେବଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ବଡ଼ଶଙ୍ଖ ସନ୍ନିକଟ ଗଜପତି ନଗର ପରିସରରେ ପ୍ରତିଷ୍ଠା କରାଯିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଏକ ଖବରଦାତା ସମ୍ମିଳନୀ ଜଗପତି ନଗର ଯୁବ ଉନ୍ନୟନ ପରିଷଦଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ପରିଷଦର ସଭାପତି କିଶୋର ଚନ୍ଦ୍ର ଦାଶ, ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ବୈଦିକ ବିଧାନ ଅନୁସାରେ ୧୧ ତାରିଖରେ ଅଙ୍କୁରାରୋପଣ କରାଯିବ। ସେହିପରି ୧୨ ତାରିଖରେ ଜଳଯାତ୍ରା, ୧୩ ତାରିଖରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ଉତ୍ସବ ସମ୍ପନ୍ନ ହେବା ପରେ ୧୪ ତାରିଖରେ ଶ୍ରୀବିଗ୍ରହ ମାନଙ୍କ ସିଂହାସନ ଆରୋହଣ ଏବଂ ପୂଜ୍ୟପାଦ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଗଣପତି ଭଗବାନଙ୍କ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହେବ। ସେହିପରି ୧୨ ଏବଂ ୧୩ ତାରିଖ ସନ୍ଧ୍ୟାରେ ଭଜନ ସମାରୋହ ଏବଂ ମନ୍ଦିର ନିର୍ମାଣ ଆଦି କାର୍ଯ୍ୟର ଶ୍ରମଦାନ ଏବଂ ଆର୍ଥିକ ସହାୟତା କରିଥିବା ବଦାନ୍ୟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରଯିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି ଦୁଇ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୪ତାରିଖ ଦିନ ସନ୍ଧ୍ୟାରେ ସାଧୁ ସନ୍ଥ, ମଠାଧୀସମାନଙ୍କ ଗ୍ରହଣରେ ପରମପୂଜ୍ୟ ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଆଶୀର୍ବାଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଆୟୋଜକମାନେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



ବିନାୟକ ମନ୍ଦିର ପ୍ରତିଷ୍ଠା ନେଇ ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟ ସୂଚନା ଦେଉଛନ୍ତି ।

## ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୬।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ବଡ଼ ଶିରିବିଲା ପଞ୍ଚାୟତ ଧନୁଆଁ ଛକଠାରେ ଗୁରୁବାର ଗଡ଼ତୋରିହିଁ ଉପସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟାରମ୍ଭ ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ, ଗାଁଗଣ୍ଡାର ଲୋକଙ୍କ ପାଖରେ ଉତ୍ତର ସ୍ୱାସ୍ଥ୍ୟସେବା ପହଞ୍ଚାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକମାନେ ବହୁଳ ଭାବେ ଉପକୃତ ହେଉଛନ୍ତି। ରାଜ୍ୟରେ ବହୁ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବହୁଳ ଭାବେ ବିକାଶ ହେବାରେ ଲାଗିଛି ବୋଲି ବିଧାୟକ ଦାଶ ମତପ୍ରକାଶ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସରପଞ୍ଚ ଶାନ୍ତି ମାହାରି, ସମିତି ସଭ୍ୟ ପ୍ରହ୍ଲାଦ ମାହାରି, ଯୁବନେତା ସଞ୍ଜୟ ପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀଧର ମାହାରି, ବିଦ୍ୟାଧର ପାତ୍ର, ପଦ୍ମଭୂଷଣ ଦାସ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ନୀହାର ରଞ୍ଜନ ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଅଲଣ୍ଡା, ଧଳେଶ୍ୱର, କୋଟକୋସାଙ୍ଗ, ବଡ଼ଶିରିବିଲା ସମେତ ୪/୫ଟି ପଞ୍ଚାୟତର ହଜାର ହଜାର ଲୋକ ବହୁଳ ଭାବେ ଉପକୃତ ହେବେ ବୋଲି ଅତିଥିମାନେ କହିଛନ୍ତି। ଏହା କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଗଡ଼ତୋରିହିଁ ଗ୍ରାମବାସୀ ଓ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟକ ଦାଶଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।



ବିଧାୟକ ସମୀର ରଞ୍ଜନ ଦାଶ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## 'ସମନ୍ୱୟ ରଖି କାମ କଲେ ଡେଙ୍ଗୁ ନିୟନ୍ତ୍ରଣ ହେବ'

ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଉଦ୍‌ବେଗଜନକ ରହିଛି। ଜିଲାରେ ଡେଙ୍ଗୁ ରୋଗ ପ୍ରତିରୋଧ ଓ ନିରାକରଣ ପାଇଁ ଏକ ଆନ୍ତଃ ବିଭାଗୀୟ ଜିଲାସ୍ତରୀୟ ସମନ୍ୱୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ଜିଲାରେ ଡେଙ୍ଗୁ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟରବାହିତ ରୋଗ) ଡା. ଜୀବନ୍ତ ଆଚାର୍ଯ୍ୟ ଏବଂ ଆଇଡି(ଭିଭିଡି) ଡା. ଶୁଭାଶିଷ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଜାନୁୟାରୀରୁ ଗୁରୁବାର ସୁଦ୍ଧା ଜିଲାରେ ୧୬୮ ରୋଗୀ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ଭୁବନେଶ୍ୱର ସଂଖ୍ୟା ୧୧୮ ରହିଛି। ଖୋର୍ଦ୍ଧାରେ ୬, ଅଜଣା ୪୪ଜଣ ରହିଛନ୍ତି। କ୍ୟାପିଟାଲ ଓ ଖୋର୍ଦ୍ଧା ହସ୍ପିଟାଲରେ ୯ଜଣ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କଲେ ଜିଲାରେ ଡେଙ୍ଗୁକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ।





ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଏ ସମ୍ପର୍କରେ ଏଡିପିଏଚଓ(ଭିଭିଡି) ଆଚାର୍ଯ୍ୟ କହିଥିଲେ, ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାସ୍ତରରେ ଏହା ପରିଚାଳନା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜିଲା ସ୍ତରରେ ଏକ କମିଟି ରହିଥିବା ବେଳେ ପ୍ରତି ବ୍ଲକସ୍ତରରେ କମିଟି ଗଠନ କରାଯାଇଛି। ଜୁଲାଇ ପହିଲାରୁ ଡୋର କ୍ୟାମ୍ପେନ ଆରମ୍ଭ ହୋଇଛି। ସପ୍ତାହକୁ ଦୁଇ ଦିନ ଡ୍ରାଇ ଡେ ଘୋଷଣା କରାଯାଇଛି। ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗାଁ କଲ୍ୟାଣ ସମିତି ଜରିଆରେ ପ୍ରତି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବେ। ଘର ଛାତ, ଅଗଣାରେ ଖାଲି ସ୍ଥାନରେ ପାଣି ଜମିବାକୁ ଦେବେ ନାହିଁ। ଅଳିଆ ଆବର୍ଜନା ଏଣେତେଣେ ପକାଇବେ ନାହିଁ। ମଶାରି ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରିବେ।

**ଆନ୍ତଃ ବିଭାଗୀୟ ଜିଲାସ୍ତରୀୟ ସମନ୍ୱୟ ବୈଠକ**

ଜିଲା ଶିକ୍ଷାଧିକାରୀ ସମସ୍ତ ବିଦ୍ୟାଳୟ, ହାଇସ୍କୁଲ ସ୍ତରରେ ପିଲାଙ୍କୁ ସଚେତନ କରିବା ବ୍ୟବସ୍ଥା କରିବେ। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଇଓ, ସିଆରସିସିମାନେ ନିଜସ୍ତରରେ ଏହାକୁ ସଂଯୋଜନା କରିବେ। ପଞ୍ଚାୟତ ସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବେ। ସହରାଞ୍ଚଳରେ ସମସ୍ତ ପରିବା ବଜାରରେ ଦୋକାନୀଙ୍କୁ ପୌର ପ୍ରଶାସନ ପକ୍ଷରୁ ଅବଗତ କରାଯିବ। ସମସ୍ତ ଡ୍ରେନକୁ ଜରୁରିକାଳିନ ଭିତିରେ ସଫା ସହ ମଶାମରା ତେଲ, ମଶା ଧୂଆଁ ବ୍ୟବସ୍ଥା କରିବେ। ପ୍ରତି ୱାର୍ଡରେ ସ୍ୱଚ୍ଛ ସାଥୀମାନେ ଲୋକଙ୍କୁ ସଚେତନ କରିବେ। ଅଳିଆ ବୁହା ଗାଡିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଡେଙ୍ଗୁ ପ୍ରତିରୋଧ ସମ୍ପର୍କରେ ସୂଚନା ଦେବେ। ଏଥିସହିତ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେବା ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଆରଟିଓ, ଶ୍ରମ ବିଭାଗ, ଗୃହ ଓ କୋଠାବାଡି, କୃଷି, ମତ୍ସ୍ୟ ଓ ପଶୁପାଳନ, ପ୍ରାଣୀଧନ ବିଭାଗୀୟ ଅଧିକାରୀ, ଯେଉଁମାନେ ଫିଲ୍ଡରେ କାମ କରୁଛନ୍ତି ସେମାନେ ବ୍ୟାପକ ସଚେତନ କରିବା ସହ ଲୋକଙ୍କୁ ଲିଫଲେଟ ଦେବା ବ୍ୟବସ୍ଥା ମଧ୍ୟ କରିବେ। ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇ ପଡିଥିବା ଗାଡି, ଗ୍ୟାରେଜ ଆଦି ସ୍ଥାନରେ ଯେପରି ଡେଙ୍ଗୁ ନ ବ୍ୟାପିବ ସେଥିଲାଗି ପରିବହନ ବିଭାଗ ଏଥିପ୍ରତି ଯତ୍ନବାନ ହେବା ଲାଗି ଜିଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ(ଜନସ୍ୱାସ୍ଥ୍ୟ) ଡା.ପ୍ରଶାନ୍ତ କୁମାର ନାୟକ, ଏଡିଏମଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡା, ଜିଲା ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ପୌର ନିର୍ବାହୀ ଅଧିକାରୀ ରିଜୱାନ୍ କିଅକପ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଭେକ୍ଟରବାହିତ ରୋଗ କନସାଲଣ୍ଟାଟ୍ ଅଧିକାରୀ ସ୍ମିତିରଞ୍ଜନ ରାଉତ ଓ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜଟଣୀ,୬।୭(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ଥାନା ସମ୍ମୁଖରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ରାମଚନ୍ଦ୍ରପୁର ମା'ଡମଣେଇ ମନ୍ଦିର ଅଞ୍ଚଳର ସୌମ୍ୟକାନ୍ତ ବଡ଼ଜେନା(୩୩)। ସୂଚନା ମୁତାବକ, ରାତି ପ୍ରାୟ ୧୦ଟାରେ ସୌମ୍ୟକାନ୍ତ କୌଣସି କାମରେ ସ୍କୁଟିରେ ବଜାରକୁ ଯାଉଥିଲେ। ଏହି ସମୟରେ ଖୋର୍ଦ୍ଧା ପଟୁ ଜଟଣୀ ଅଭିମୁଖେ ଅସୁଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ ନେବା ପାଇଁ ସ୍ଥାନୀୟ ପୋଲିସ ପହଞ୍ଚି ଫୋନ କରିଥିଲେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ଜଟଣୀ ଯୁଥ ଫେଡରେଶନ ସ୍ୱେଚ୍ଛାସେବୀ ଓ ପୋଲିସ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସରେ ଆହତ ସୌମ୍ୟକାନ୍ତଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବୋଲଗଡ଼,୬।୭(ଦେବବ୍ରତ ହୋତା):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ତହସିଲ କାର୍ଯ୍ୟାଳୟ ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତେବେ ତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଜଣେ ଏକ ବାଇକ (ଓଡି-୦୨ଜି ୮୯୫୫)ରେ ରାଜସୁନାଖଳାରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ବୋଲଗଡ଼ ତହସିଲ କାର୍ଯ୍ୟାଳୟ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ପ୍ରଥମେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର ସ୍ଥାନନ୍ତର କରାଯାଇଛି।

### ୫୦ କେଜି ବାସିଖାଦ୍ୟ ନଷ୍ଟ, ୩ ହୋଟେଲ ସିଲ

**କଟକ,୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ମଙ୍ଗଳାବାଗ ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇଛି। ୩ଟି ହୋଟେଲରୁ ୫୦ କେଜିରୁ ଊର୍ଦ୍ଧ୍ୱ ବାସି ଖାଦ୍ୟ ନଷ୍ଟ କରାଯାଇଛି। ବିଭାଗୀୟ ଅଧିକାରୀମାନେ କାଠଗୋଲା ସାହିର ଅନ୍ନପୂର୍ଣ୍ଣା ହୋଟେଲ, ମଙ୍ଗଳାବାଗଠାରେ ଥିବା ସାହୁ ହୋଟେଲ ଓ ହାଡିବନ୍ଧୁ ହୋଟେଲରେ ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଏହି ହୋଟେଲଗୁଡିକର ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ ଥିବା ଜଣାପଡିଥିଲା। ଏପରି କି ହୋଟେଲ ମାଲିକ ୟୁଜର ଫି' ଦେଉ ନ ଥିଲେ। ଫଳରେ ଉକ୍ତ ୩ଟି ହୋଟେଲକୁ ସିଲ୍ କରାଯାଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

# ସଂଶୋଧିତ ମାଟ୍ରିକ ସାର୍ଟିଫିକେଟ୍ ପାଇଁ ହଟହଟା

**ନବରଙ୍ଗପୁର, ବଲାଙ୍ଗୀର ଛାତ୍ର ୨୦୧୪ରୁ ବୋର୍ଡ କାର୍ଯ୍ୟାଳୟକୁ ଆସୁଛନ୍ତି**

**କଟକ,୬।୭ (କାର୍ତ୍ତିକ ସାହୁ)**

ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଂସ୍କାର ଆଣୁଥିବା ଡିଣ୍ଡିମ ପିଟୁଛି। ହେଲେ ସଂଶୋଧିତ ମାଟ୍ରିକ ସାର୍ଟିଫିକେଟ୍ ପାଇବା ପାଇଁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ବଲାଙ୍ଗୀର, ନବରଙ୍ଗପୁର ଭଳି ଦୂର ଅଞ୍ଚଳରୁ ୨୦୧୪ରୁ ବୋର୍ଡ କାର୍ଯ୍ୟାଳୟକୁ ଦୌଡୁଥିବାବେଳେ କାର୍ଯ୍ୟ କେବଳ କାଗଜରେ ସୀମିତ ରହିଯାଇଛି। ଶତାଧିକ ଛାତ୍ରୀଛାତ୍ର ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପାଲିର ସରକାରୀ ୟୁଜି ହାଇସ୍କୁଲର ଛାତ୍ର ଜଗମୋହନ ସାହୁ ୨୦୧୪ ମେ' ମାସରେ ନିୟମିତ ବାର୍ଷିକ ପରୀକ୍ଷାର୍ଥୀ ଭାବେ ମାଟ୍ରିକ ପାସ୍ କରିଥିଲେ। ସେ ପାଇଥିବା ବୋର୍ଡ ସାର୍ଟିଫିକେଟ୍‌ରେ ତାଙ୍କର ଫଟୋ ନ ଥିଲା। ସାର୍ଟିଫିକେଟ ସଂଶୋଧନ ପାଇଁ ସେ ପଢୁଥିବା ହାଇସ୍କୁଲ ଜରିଆରେ ବୋର୍ଡର ଶାଖା କାର୍ଯ୍ୟାଳୟ ସମ୍ବଲପୁରରେ ଆବଶ୍ୟକ ଦେୟ ପଇଠ କରି ଆବେଦନ କରାଯାଇଥିଲା। ହେଲେ କୌଣସି ଫଳ ମିଳି ନ ଥିଲା। ପୁନର୍ବାର ୨୦୧୬ ଓ ୨୦୨୧ରେ ମଧ୍ୟ ଏଥିପାଇଁ ଆବେଦନ କରାଯାଇଥିଲା। ତାଙ୍କୁ ୨୦୨୨ ଜୁଲାଇ ୧୪ରେ ଏକ ସାର୍ଟିଫିକେଟ ଇସ୍ୟୁ ହୋଇଥିଲା, ହେଲେ ଏଥିରେ ବି ଫଟୋ ନ ଥିଲା। ବିଭିନ୍ନ ସମୟରେ ହାଇସ୍କୁଲ୍‌ର ଶିକ୍ଷକ ଓ ସେ ନିଜେ ବୋର୍ଡ ଅଫିସ୍‌କୁ ଦୌଡ଼ି ଚାଲିଛନ୍ତି। ଗୁରୁବାର ପୁଣି ସେ ବୋର୍ଡ କାର୍ଯ୍ୟାଳୟକୁ ଆସି ତାଙ୍କ ସାର୍ଟିଫିକେଟ୍ ସଂଶୋଧନ ବାବଦରେ ପଚାରି ନିରାଶ ହୋଇଛନ୍ତି। ମାଟ୍ରିକ ସାର୍ଟିଫିକେଟ୍‌ରେ ଫଟୋ ଥିବା ହେତୁ ଏହାକୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବ୍ୟବହାର କରାଯାଉଛି। ହେଲେ ଜଗମୋହନଙ୍କୁ ୯ ବର୍ଷ ପରେ ବି ମିଳିପାରିଲାନି ସଂଶୋଧିତ ସାର୍ଟିଫିକେଟ୍। ଏନେଇ ଜଗମୋହନ କହିଛନ୍ତି, କଟକରୁ ବଲାଙ୍ଗୀର ୫୦୦ କିଲୋମିଟରରୁ ଅଧିକ ଦୂର। ଏଠାକୁ ଆସିବାକୁ ହେଲେ ଯିବାଆସିବା ଗାଡ଼ିଭଡ଼ା, କଟକରେ ରହିବା, ଖାଇବା ଆଦି ବାବଦରେ ଥରକେ ୨୦୦୦ରୁ ୩୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଦୀର୍ଘ ୯ ବର୍ଷ ହେବ ଏକପ୍ରକାର ମାନସିକ ନିର୍ଯାତନା ମଧ୍ୟରେ ମୁଁ ଓ ମୋର ମାତାପିତା ରହିଆସିଛୁ। କେବେ ଏ ସଂଶୋଧିତ ସାର୍ଟିଫିକେଟ ମିଳିବ ସେନେଇ ଅନ୍ଧାରରେ ରହିଛି। ଏ ଦିଗରେ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କଲେ ହୁଏତ ଆମେ ସାର୍ଟିଫିକେଟ ପାଇପାରନ୍ତୁ ବୋଲି ସେ କହିଛନ୍ତି।

ସେହିପରି ଅନ୍ୟ ଜଣେ ଛାତ୍ର ହେଲେ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଜମୁଗୁଡ଼ା ରାଜୀବ ଗାନ୍ଧୀ ହାଇସ୍କୁଲ୍‌ର ଛାତ୍ର ଦେବାଶିଷ ନାୟକ। ଦେବାଶିଷଙ୍କ ସମେତ ତାଙ୍କ ହାଇସ୍କୁଲର ୯ ଜଣ ପିଲାଙ୍କର ବୋର୍ଡ ସାର୍ଟିଫିକେଟ୍‌ରେ ବିଭିନ୍ନ ପ୍ରକାର ତ୍ରୁଟି ହୋଇଥିଲା। ଏହାକୁ ସଂଶୋଧନ କରିବା ପାଇଁ ୨୦୧୪ ଅଗଷ୍ଟ ୨୭ରେ ହାଇସ୍କୁଲ ପକ୍ଷରୁ ୮୦୦ ଟଙ୍କା ଦେୟ ପ୍ରଦାନ କରି ବୋର୍ଡର ଜୟପୁର ଶାଖା କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା। ଦେବାଶିଷଙ୍କ ସାର୍ଟିଫିକେଟ୍‌ରେ ବାପାଙ୍କ ଠିକ୍ ନାମ ଭିକାରି ଚରଣ ନାୟକ ବଦଳରେ ଭିକାରା ଚରଣ ନାୟକ ହୋଇଥିଲା। ଏହାକୁ ସଂଶୋଧନ କରିବା ପାଇଁ ସେ ନିଜେ ବହୁବାର ବୋର୍ଡ ମୁଖ୍ୟାଳୟକୁ ଦୌଡୁଛନ୍ତି। ଏହାବାଦ ବିଭିନ୍ନ ସମୟରେ ସମ୍ପୃକ୍ତ ହାଇସ୍କୁଲ୍‌ର ଶିକ୍ଷକମାନେ ବୋର୍ଡ ମୁଖ୍ୟାଳୟକୁ ଦୌଡ଼ି ନୟାନ୍ତ ହେଲେଣି। ଦେବାଶିଷ ମଧ୍ୟ ଗୁରୁବାର ବୋର୍ଡ କାର୍ଯ୍ୟାଳୟକୁ ବୁଝିବାକୁ ଆସି ନିରାଶରେ ଫେରିଛନ୍ତି। ଏହାବାଦ ଓଡ଼ିଶାରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ଏଭଳି ସମସ୍ୟାରେ ପଡ଼ି ବୋର୍ଡ ମୁଖ୍ୟାଳୟକୁ ଦୌଡୁଛନ୍ତି ତା'ର ହିସାବ କେବଳ ବୋର୍ଡ ପାଖରେ ଥିବ ବୋଲି ସେ କହିଛନ୍ତି। ଏନେଇ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ବୋର୍ଡ ସମ୍ପାଦକ ସୁମିତା ସରକାର ବି ଅନୁରୂପ ଭାବେ ଏ ବାବଦରେ ମତ ରଖିବାକୁ ନିଜର ଅକ୍ଷମତା ପ୍ରକାଶ କରିଥିଲେ।



ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବାର୍ଷିକ ଉତ୍ସବରେ ପିଲାମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ।

# ମନମୋହିଲା ନାଟକ 'ମିଛ ମରୀଚିକା'

**ଓଏମ୍‌ସିର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

**ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ବାର୍ଷିକ ଉତ୍ସବ ଗୁରୁବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ଅତିଥି ଭାବେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ସବ୍ୟସାଚୀ ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଲ୍ ଏବଂ ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ ଯୋଗଦେଇଥିଲେ। ଏହି ଅବସରରେ ନିଗମରେ କାମ କରୁଥିବା ଲୋକଙ୍କ ଦ୍ୱାରା ଏକ ନାଟକ 'ମିଛ ମରୀଚିକା' ପରିବେଷଣ କରାଯାଇଥିଲା। ନାଟକର କାହାଣୀ ଅନୁଯାୟୀ, ସତ୍ୟ ପ୍ରଧାନ ଏକ ଗରିବ ପରିବାରର ଶିକ୍ଷିତ ଯୁବକ। ତାଙ୍କର ଆଶା ଅନେକ। ତେବେ ତାଙ୍କର ବ୍ୟବସାୟରେ କ୍ଷତି ହୋଇଥିବାରୁ ସେ ହଠାତ୍ ରାଗିଯାଇ ଭୁଲ୍ କରିବସନ୍ତି। ଅନ୍ୟପକ୍ଷରେ ରାଜ ବରାଳ ନାମକ ବ୍ୟକ୍ତିଙ୍କର ଅନ୍ୟାୟ, ଅନୀତି, ଦୁର୍ନୀତି, ଠକାମି ସବୁ ଅଭ୍ୟାସଗତ। ଜଣେ ପରିସ୍ଥିତିରେ ପଡ଼ି ଗୋଟାଏ ଭୁଲ୍ କାମ କରିବସେ। କିନ୍ତୁ ଅନ୍ୟ ଜଣେ ଭୁଲ୍ ବାଟରେ ଅଭ୍ୟାସ କରି ଚାଲୁଥାଏ। ଏପରିକି ସତ୍ୟଙ୍କ ସ୍ତ୍ରୀ ସୀମା ମଧ୍ୟ ସେଇ ଭୁଲ୍‌ର ଶିକାର ପାଲଟିଯାନ୍ତି। ସାରଥି ବାବୁ ଜଣେ ଧନୀ ବାପା, ଯିଏ କି ନିଜ ବିଧବା ଝିଅର ସଂସାର ବସେଇବା ଉତ୍କଣ୍ଠାରେ ଅପେକ୍ଷା କରିବସିଥାନ୍ତି। ତାଙ୍କୁ ରାଜଙ୍କ ବାପା ପ୍ରଭୁରାମ ବରାଳ ନିଜର ଶିକାର ବନେଇ ଦିଅନ୍ତି। ସେହିପରି ପରେଶ ପ୍ରଧାନ ନୀତି, ଆଦର୍ଶରେ ପୁଅକୁ ବଢ଼ାଉଥିବା ବେଳେ ପ୍ରଭୁରାମ ଅମଣିଷ କରିବାରେ ଲାଗିଥାନ୍ତି। ଶେଷରେ ନୀତି ଆଦର୍ଶରେ ବିଶ୍ୱାସ ରଖୁଥିବା ପରେଶଙ୍କର ଜୟ ହୁଏ। ଏହି ବିଷୟବସ୍ତୁକୁ ନେଇ ମଞ୍ଚସ୍ଥ ନାଟକ ମିଛ ମରୀଚିକା ଦର୍ଶକଙ୍କୁ ଶେଷପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେହିପରି ଆନନ୍ଦ ଇନ୍‌ଷ୍ଟିଚ୍ୟୁଟର ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ କରାଯାଇ ଏହାର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସଙ୍ଗୀତ ପରିବେଷଣ କରାଯିବା ସହ କୁନି ପିଲାଙ୍କ ଦ୍ୱାରା ଗୀତ, ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

## 'ଶୃଙ୍ଖଳିତ ଭାବେ ନ ଆସିଲେ, ନିୟମ କରାଯିବ'

**ପୁରୀ,୬।୭(ଅଜିତ୍ ମହାନ୍ତି)**

ଶ୍ରୀକ୍ଷେତ୍ର ପୁରୀ ବିଶ୍ୱରେ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ପରିଚିତ। ତେଣୁ ଶ୍ରୀମନ୍ଦିରରେ ଧାର୍ମିକ ତଥା ଆଧ୍ୟାତ୍ମିକ ପରିବେଶ ରହିବା ଆବଶ୍ୟକ। ମାତ୍ର ସେଥିରେ ବର୍ତ୍ତମାନ ଆଧୁନିକତା ସ୍ପର୍ଶ ଦେଖିବାକୁ ମିଳୁଛି। ଯାହା ଧାର୍ମିକ ଭାବନାକୁ କ୍ଷୁଣ୍ଣ କରୁଛି। ତେଣୁ ମନ୍ଦିରରେ ଭକ୍ତମାନେ ଦର୍ଶନ କରିବା ସମୟରେ ଶାଳୀନତା ସମ୍ପନ୍ନ ବେଶଭୂଷା ରହିବା ଆବଶ୍ୟକ। ଭାରତ ବର୍ଷର ବିଭିନ୍ନ ମନ୍ଦିର ଭିତରକୁ ଯିବା ସମୟରେ ଡ୍ରେସ୍‌କୋଡ ରହିଛି ବିଶେଷକରି ଦକ୍ଷିଣ ଭାରତରେ ଏହି ଡ୍ରେସକୋଡ କଡ଼ାକଡ଼ି ଭାବରେ ପାଳନ କରାଯାଇଥାଏ, ସେହି ଅନୁସାରେ ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଡ୍ରେସକୋଡ ଲାଗୁ କରାଯାଉ ବୋଲି ଦଇତାପତି ନିଯୋଗ ପକ୍ଷରୁ ବୁଧବାର କୁହାଯାଇଥିଲା। ତେବେ ଡ୍ରେସ୍‌କୋର୍ଡ ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଗୁରୁବାର କହିଛନ୍ତି, ଶ୍ରୀମନ୍ଦିର ମହାପ୍ରଭୁଙ୍କ ଦର୍ଶନବେଳେ ଡ୍ରେସକୋର୍ଡ ପାଇଁ ଯେଉଁ ପ୍ରସ୍ତାବ ବା ଦାବି ହେଉଛି, ତାହାକୁ ନିଶ୍ଚିତ ଭାବରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଭକ୍ତ ଶୁଦ୍ଧପୁତ ମନୋଭାବ ନେଇ ଆସନ୍ତୁ। ଶାଳୀନତା ଭଳି ପୋଷାକ ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ କରନ୍ତୁ। ଯଦି ଭକ୍ତମାନେ ଶୃଙ୍ଖଳିତ ଭାବେ ନ ଆସନ୍ତି, ତେବେ ବାଧ ହୋଇ ନିୟମ ଅଣାଯିବ। ସେହିପରି ରତ୍ନ ଭଣ୍ଡାର ଖୋଲିବା ସମ୍ପର୍କରେ କହିଛନ୍ତି, କୋର୍ଟ ଯାହା ନିଷ୍ପତ୍ତି ନେବେ ତାହାକୁ ଆମେ ସ୍ୱୀକାର କରିବୁ।

# ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ସ୍ଥିର ହେବା ଉଚିତ



ଶିକ୍ଷା ବୃତ୍ତି ମେଳାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଡିପିଏସ୍ କଳିଙ୍ଗରେ ଶିକ୍ଷା ବୃତ୍ତି ମେଳା**

**ଫୁଲନଖରା,୬।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

ଶିକ୍ଷା ସମାପ୍ତି ପରେ ବୃତ୍ତି ଚୟନ କ୍ଷେତ୍ରରେ ଠିକ୍ ନିର୍ଣ୍ଣୟ ନେବା ଆବଶ୍ୟକ। ଜୀବନର ଲକ୍ଷ୍ୟ, ପ୍ରବୃତ୍ତି ଓ ବୃତ୍ତି ସମାନ୍ତରାଳ ନ ହେଲେ ଯୋଗ୍ୟତାର ମାପଦଣ୍ଡକୁ ଯଥାର୍ଥ ସ୍ୱୀକୃତି ମିଳେ ନାହିଁ। ତେଣୁ ବିଦ୍ୟାର୍ଥୀମାନଙ୍କ ଲକ୍ଷ୍ୟ ସ୍ଥିର ହେବା ଉଚିତ୍ ବୋଲି ଗୁରୁବାର ଫୁଲନଖରା ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ପରିସରରେ ଆୟୋଜିତ ଶିକ୍ଷା ବୃତ୍ତି ମେଳାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଅନୁରାଧା ରକ୍ଷିତଙ୍କ ତତ୍ତ୍ୱାବଧାନରେ ଡିପିଏସ୍ କଳିଙ୍ଗ ଓ କୋଲକାତାସ୍ଥିତ ଷ୍ଟୁଡେଣ୍ଟ ଆଉଟ୍‌ରିଚର ମିଳିତ ଆନୁକୂଲ୍ୟରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉକ୍ତ ମେଳାରେ ଅଂଶଗ୍ରହଣ କରି ଜୀବନର ଲକ୍ଷ୍ୟ ସାଧନ କ୍ଷେତ୍ରରେ ବିଭିନ୍ନ ମାର୍ଗ ଓ ବୃତ୍ତିଗତ ଶିକ୍ଷା ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଳା ମିଶ୍ର କହିଥିଲେ, ବିଦ୍ୟାର୍ଥୀଙ୍କ ପାଇଁ ଏପରି ମେଳା ଅତ୍ୟନ୍ତ ଆବଶ୍ୟକ। ସେହିପରି ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ କହିଥିଲେ, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଯତ୍ନବାନ ହୋଇ ଏଭଳି ମେଳା ଆୟୋଜନ କରାଯାଇଛି। ଏହି ଶିକ୍ଷା ବୃତ୍ତି ମେଳାରେ ଅଶୋକା ବିଶ୍ୱବିଦ୍ୟାଳୟ, ଡି.ଡି .ଗୋୟଙ୍କା ବିଶ୍ୱବିଦ୍ୟାଳୟ, ମାନବ ରଚନା ଶିକ୍ଷାନୁଷ୍ଠାନ, ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ଋଷିହୁଡ୍ ବିଶ୍ୱବିଦ୍ୟାଳୟ, ବିଟ୍‌ଲ ସ୍କୁଲ, ଭେଲୋର ବୈଷୟିକ ଶିକ୍ଷାନୁଷ୍ଠାନ, ସାଇ ବିଶ୍ୱବିଦ୍ୟାଳୟ, ଭାରତୀୟ କଳା ଓ ସ୍ଥାପତ୍ୟ ଅନୁଷ୍ଠାନ ଏବଂ ଆଙ୍ଗ୍ଲୋ ଇଷ୍ଟର୍ନ ମ୍ୟାରିଟାଇମ ଏକାଡେମୀ ପ୍ରମୁଖ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲ।

## ବିଦ୍ୟାଳୟରେ ଡେଙ୍ଗୁ ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ମଶାବଂଶ ବୃଦ୍ଧି ରୋକିବା ସହ ପାଣି ଜମୁଥିବା ସ୍ଥାନ, ମଶାଧୂଆଁ ଦିଆଯିବା ସ୍ଥାନ ଏବଂ ମଶାତେଲ ସ୍ପ୍ରେ ସ୍ଥଳୀ ଏବଂ ଘାସ ରହିଥିବା ସ୍ଥାନରୁ ତୁରନ୍ତ ଚିହ୍ନଟ ଘାସ କାଟିବାକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଡେଙ୍ଗୁ ସଚେତନତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ବିଏମ୍‌ସିର ପ୍ରତ୍ୟେକ ଅଧିକାରୀଙ୍କୁ ବିଭିନ୍ନ ବିଦ୍ୟାଳୟକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଟାୟାର, ଭଙ୍ଗା ଡବା, ପାତ୍ର, ସମ୍ବେଦନଶୀଳ ସ୍ଥାନ ଇତ୍ୟାଦି ପ୍ରଦର୍ଶନ କରି ବିଦାର୍ଥୀମାନଙ୍କୁ ଭଲଭାବେ ବୁଝାଇଦେଲେ ସେମାନେ ସଚେତନ ହେବା ସହ ପରିବାର ଲୋକଙ୍କୁ ସଚେତନ କରିପାରିବେ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ପ୍ରତିରୋଧ ଉପାୟ, ବର୍ଜ୍ୟ ପୃଥକୀକରଣର ଆବଶ୍ୟକତା ଓ ଉପକାରିତା ଏବଂ ନିଜ ଘର ଓ ଅନୁଷ୍ଠାନର ୫ ମିଟର ପରିଧିକୁ ସଫା ରଖିବା ବାବଦରେ ସଚେତନ କରାଯିବ। ଏନେଇ କାର୍ଯ୍ୟ ଯୋଜନା ଆରମ୍ଭ କରିବାକୁ ସିଟି ହେଲ୍‌ଥ ସୋସାଇଟିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ କମିଶନରଙ୍କ ସମେତ ଅତିରିକ୍ତ କମିଶନର, ଡେପୁଟି କମିଶନର, ସିଟି ଇଞ୍ଜିନିୟର, ଡାକ୍ତର, ସାନିଟାରୀ ଇନ୍ସପେକ୍ଟର, ୱାର୍ଡ ଅଫିସର, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯାଇ ବିଦ୍ୟାଳୟରେ ସଚେତନତା କାର୍ଯ୍ୟ କରିବେ ବୋଲି କମିଶନର କହିଥିଲେ।

ବିଭିନ୍ନ ୱାର୍ଡରେ ଚାଲୁ ରହିଥିବା ଫଗିଙ୍ଗ୍ ଭଲଭାବେ କରାଯିବା, ଆବଶ୍ୟକ ପଡ଼ିଲେ ସମ୍ଭବ ହେଉଥିବା ଜଳ ଉତ୍ସରେ ମଶା ଲାର୍ଭାଖିଆ ମାଛ ଛାଡ଼ିବାକୁ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ମହାନଗର ନିଗମ ଅଞ୍ଚଳରେ ଥିବା ଡ୍ରେନଗୁଡିକୁ ସଫା କରିବା ସହ ତୁରନ୍ତ ପଙ୍କଗୁଡିକୁ ସ୍ଥାନାନ୍ତର କରିବାକୁ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାମ ଠିକ୍‌ଭାବେ ହେଉଛି କି ନାହିଁ, ସେ ନେଇ ଜଣାଇବା ପାଇଁ ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଳିଆ ଜମିଥିବା କିମ୍ବା ପଙ୍କୋଦ୍ଧାର ହୋଇ ନ ଥିବା ସ୍ଥାନର ଫଟୋ ଉଠାଇ ସଂପୃକ୍ତ ଏଜେନ୍ସିଙ୍କୁ ଅବଗତ କରାଯିବ। ତୁରନ୍ତ କାମ ନ ହେଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ତାଗିଦ୍ କରିଥିଲେ। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ପରିମଳ ଉପାୟୁକ୍ତ ଡ. ମନୋରଞ୍ଜନ ସାହୁ ଏବଂ ୱାର୍ଡ ଅଫିସର ବିଭିନ୍ନ ଏଜେନ୍ସିର ପ୍ରତିନିଧିମାନେ ଯୋଗଦେଇଥିଲେ।

## କମଳା ନେହେରୁ କଲେଜରେ ବନ ମହୋତ୍ସବ

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ):** କମଳା ନେହେରୁ ମହାବିଦ୍ୟାଳୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଏହି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କର୍ପୋରେଟର ଆୟେଶା ବେଗମ, ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ, ମହାବିଦ୍ୟାଳୟର ଅଧ୍ୟକ୍ଷା ଶୋଭା ଦାସ ମଧ୍ୟ ଚାରାରୋପଣ କରିଥିଲେ। ଏନ୍‌ଏସ୍‌ଏସ୍ ପିଲାମାନେ ଏକ ରାଲି ମାଧ୍ୟମରେ ଲୋକମାନଙ୍କୁ ବୃକ୍ଷରୋପଣ ଦିଗରେ ସଚେତନ କରାଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବନମହୋତ୍ସବ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୬ ଗିରଫ

**■ ଚାଇନା ପିସ୍ତଲ, ଖଣ୍ଡା, ବାଇକ୍ ଓ ମୋବାଇଲ ଜବତ**

**■ ୩ ଜଣ ଖସି ପଳାଇଲେ**

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା (ଦିଲୀପ ସ୍ୱାଇଁ)/ ବାଲୁଗାଁ,୬।୭(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲାର ବାଣପୁର, ବାଲୁଗାଁ ଓ ନାଚୁଣୀ ଥାନା ଅଞ୍ଚଳରେ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା। ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ବୁଧବାର ରାତିରେ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଏହି ଟିମ୍ ଚଢ଼ାଉ କରି ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲୁଗାଁ ଥାନା ନୂଆଗଡ ଅଞ୍ଚଳର ମାନସ ପଲେଇ ଓରଫ ଚାନ୍ଦୁ(୨୮), ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ(୨୦) ଓ ଶିବରାମ ନାହାକ ଓରଫ ମୁନା (୨୬), ବାଣପୁର ଥାନା ଅଞ୍ଚଳର ଆଦିତ୍ୟ ପ୍ରସାଦ ସୁବୁଦ୍ଧି ଓରଫ ଆଦି(୨୦) ଓ ସନ୍ତୋଷ ବସ୍ତି (୨୨) ଏବଂ ନିରାକାରପୁର ଥାନା ଅଞ୍ଚଳର ଶେଖ୍ ଅରବାଜ ଓରଫ ନଟୁ (୨୦) । ଏମାନଙ୍କ ନିକଟରୁ ଗୋଟିଏ ଚାଇନା ପିସ୍ତଲ, ଦୁଇଟି ଖଣ୍ଡା, ଦୁଇଟି ବାଇକ୍, ବିଅର ବୋତଲ, ଚିଲି ପାଉଡର, ରୁମାଲ ଓ ମୋବାଇଲ ଫୋନ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି ବୋଲି ଗୁରୁବାର ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି।



ଏସ୍‌ପି ସିଦ୍ଧାର୍ଥ କଟାରିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୂଚନା ମୁତାବକ, ଅଭିଯୁକ୍ତ ମାନସ ଜଣେ ପେସାଦାର ନିଶା ବେପାରୀ। ପୋଲିସର ବାରମ୍ବାର ଚଢ଼ାଉ ପରେ ମାନସ ନିଶା ବେପାର ଛାଡି ଚୋରି, ଡକାୟତି, ଛିନତାଇ ଆଦି ଅପରାଧ ବାଣପୁର, ବାଲୁଗାଁ ଓ ଖଲିକୋଟ ଅଞ୍ଚଳରେ କରିବା ପାଇଁ ଏକ ଗ୍ୟାଙ୍ଗ ଗଠନ କରିଥିଲା। ତେଣୁ ସେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସହିତ ଗ୍ୟାଙ୍ଗ କରି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଭିଆଉଥିଲା, ଯାହାକି ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଣପୁର,ବାଲୁଗାଁ ଓ ନାଚୁଣୀ ଆଇଆଇସି ଏକ ଟିମ୍ ଗଠନ କରି ଉକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ତେବେ ବୁଧବାର ରାତିରେ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ମାନସ ଓ ତାର ଗ୍ୟାଙ୍ଗ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଏହି ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ସମ୍ପୃକ୍ତ ଘରକୁ ଘେରାଉ କରିଥିଲେ। ଏହା ଦେଖି ଅଭିଯୁକ୍ତମାନେ ପୋଲିସ ଉପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଅଭିଯୁକ୍ତ ଖସି ପଳାଇଥିଲେ। ତେବେ ଖସିଯାଇଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା, ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାସ, ନାଚୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଚୋରି ଅଭିଯୋଗରେ ଯୁବକ ଗିରଫ

କଟକ ସଦର,(ସୁଶାନ୍ତ କୁମାର ଜେନା): ଚୋରି ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଚିତ୍ରସେନ ଭୋଇ। ଗତ ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣଙ୍କ ବ୍ରହ୍ମପୁର ଗ୍ରାମର ଅଜୟ ମଲ୍ଲିକଙ୍କ ଘରେ ପଶି ଚୋରି କରୁଥିଲେ। ସେହି ସମୟରେ ଅଜୟଙ୍କ ପରିବାର ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୩୦/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### 'ଆମ ପୋଖରୀ' କାର୍ଯ୍ୟକ୍ରମ ଶୁଭାରମ୍ଭ

**ଚୌଦ୍ୱାର,୬।୭(ଆଶୁତୋଷ ଦାସ):** ରାଜ୍ୟ ସରକାର ସହରାଞ୍ଚଳରେ ଥିବା ବିଭିନ୍ନ ଜଳାଶୟଗୁଡିକର ନବୀକରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ଥାନୀୟ ପୌରକଲ୍ୟାଣ ମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରପାଳିକାର ସମସ୍ତ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, କାଉନସିଲର ଅଜୟ କୁମାର ବେହେରା, ବିଜୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୌରଯନ୍ତ୍ରୀ ସଞ୍ଜୟ ସାମଲ, ବାସନ୍ତୀ ସାହୁ, ସିକ୍ତା ମହାନ୍ତି, ସଞ୍ଜୟ କୁମାର ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକ ସଂଘ ବୈଠକ

**ଚୌଦ୍ୱାର,୬।୭(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ନୂଆସାହି ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ ପରିଷଦ ଗୃହ ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଇଂ. ହରିହର ରଣା ଅଧକ୍ଷତା କରି ଉପସ୍ଥିତ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକଙ୍କ ପାଇଁ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବିଧାୟକଙ୍କ ସହିତ ଆଲୋଚନା କରାଯିବ ବୋଲି ସ୍ଥିର ହୋଇଥିଲା। ସଂଘ ସଦସ୍ୟ ପ୍ରସନ୍ନ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କାଉନସିଲର ଆଶୁତୋଷ ଦାସ, ତପନ କୁମାର ଦାସ, ଗୋଲଖ ଚନ୍ଦ୍ର ବିଶ୍ୱାଳ, ବୈଷ୍ଣବ ଜେନା, ଯୋଗେନ୍ଦ୍ର ସାହୁ, ବସନ୍ତ ନାୟକ, ଅମ୍ବୁଜ ସାମଲ, ଧନେଶ୍ୱର ବିଶ୍ୱାଳ, ରଘୁନାଥ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ତ୍ରିପାଠୀଙ୍କ ସହ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

### ତ୍ରିନାଥପଲ୍ଲୀ ବସ୍ତି ପରିଦର୍ଶନ କଲା ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

**ଚୌଦ୍ୱାର,୬।୭(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ଅଧୀନ ତ୍ରିନାଥପଲ୍ଲୀ ବସ୍ତିକୁ ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପରିଦର୍ଶନରେ ଯାଇଥିଲା। ସେଠାରେ ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ବସ୍ତିର ଥିବା ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବସ୍ତିରେ ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ଥିବା ବାସଗୃହ ମରାମତି ଓ ଅନ୍ୟ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଟିମ୍‌ର ଅଧିକାରୀମାନଙ୍କୁ ବସ୍ତିବାସିନ୍ଦା ନିବେଦନ କରିଥିଲେ। ଏଥିସହ ବସ୍ତିରେ ନୂତନ ପାଇଖାନା ନିର୍ମାଣ ପାଇଁ ପୌରପାଳିକାକୁ ଦରଖାସ୍ତ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବସ୍ତିରେ ନିର୍ମାଣ ହୋଇଥିବା ପ୍ରକଳ୍ପକୁ ଅଧିକାରୀମାନେ ବୁଲି ଦେଖିଥିଲେ। ପୌରପାଳିକାର ସାମାଜିକ ନିରାପତ୍ତା ଅଧିକାରୀ ସନ୍ତୋଷ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଦୀପା ପଟ୍ଟନାୟକ, ନୀଲାକ୍ଷୀ ସରକାର, ଡା. ନଗେନ୍ଦ୍ର କୁମାର ନାୟକ, ବିଜୟ କୁମାର ରଥଙ୍କ ସମେତ ବସ୍ତି ମୁରବି ଉପସ୍ଥିତ ଥିଲେ।

# ସଂଶୋଧିତ ମାଟ୍ରିକ ସାର୍ଟିଫିକେଟ୍ ପାଇଁ ହଟହଟା

**କଟକ,୬।୭ (କାର୍ତ୍ତିକ ସାହୁ)**

**୨୦୧୪ରୁ ବୋର୍ଡ କାର୍ଯ୍ୟାଳୟକୁ ଆସୁଛନ୍ତି ନବରଙ୍ଗପୁର, ବଲାଙ୍ଗୀର ଛାତ୍ର**

ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଂସ୍କାର ଆଣୁଥିବା ଡିଣ୍ଡିମ ପିଟୁଛି। ହେଲେ ସଂଶୋଧିତ ମାଟ୍ରିକ ସାର୍ଟିଫିକେଟ୍ ପାଇବା ପାଇଁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ବଲାଙ୍ଗୀର, ନବରଙ୍ଗପୁର ଭଳି ଦୂର ଅଞ୍ଚଳରୁ ୨୦୧୪ରୁ ବୋର୍ଡ କାର୍ଯ୍ୟାଳୟକୁ ଦୌଡୁଥିବାବେଳେ କାର୍ଯ୍ୟ କେବଳ କାଗଜରେ ସୀମିତ ରହିଯାଇଛି। ଶତାଧିକ ଛାତ୍ରୀଛାତ୍ର ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପାଲିର ସରକାରୀ ୟୁଜି ହାଇସ୍କୁଲର ଛାତ୍ର ଜଗମୋହନ ସାହୁ ୨୦୧୪ ମେ' ମାସରେ ନିୟମିତ ବାର୍ଷିକ ପରୀକ୍ଷାର୍ଥୀ ଭାବେ ମାଟ୍ରିକ ପାସ୍ କରିଥିଲେ। ସେ ପାଇଥିବା ବୋର୍ଡ ସାର୍ଟିଫିକେଟ୍‌ରେ ତାଙ୍କର ଫଟୋ ନ ଥିଲା। ସାର୍ଟିଫିକେଟ ସଂଶୋଧନ ପାଇଁ ସେ ପଢୁଥିବା ହାଇସ୍କୁଲ ଜରିଆରେ ବୋର୍ଡର ଶାଖା କାର୍ଯ୍ୟାଳୟ ସମ୍ବଲପୁରରେ ଆବଶ୍ୟକ ଦେୟ ପଇଠ କରି ଆବେଦନ କରାଯାଇଥିଲା। ହେଲେ କୌଣସି ଫଳ ମିଳି ନ ଥିଲା। ପୁନର୍ବାର ୨୦୧୬ ଓ ୨୦୨୧ରେ ମଧ୍ୟ ଏଥିପାଇଁ ଆବେଦନ କରାଯାଇଥିଲା। ତାଙ୍କୁ ୨୦୨୨ ଜୁଲାଇ ୧୪ରେ ଏକ ସାର୍ଟିଫିକେଟ ଇସ୍ୟୁ ହୋଇଥିଲା, ହେଲେ ଏଥିରେ ବି ଫଟୋ ନ ଥିଲା। ବିଭିନ୍ନ ସମୟରେ ହାଇସ୍କୁଲ୍‌ର ଶିକ୍ଷକ ଓ ସେ ନିଜେ ବୋର୍ଡ ଅଫିସ୍‌କୁ ଦୌଡ଼ି ଚାଲିଛନ୍ତି। ଗୁରୁବାର ପୁଣି ସେ ବୋର୍ଡ କାର୍ଯ୍ୟାଳୟକୁ ଆସି ତାଙ୍କ ସାର୍ଟିଫିକେଟ୍ ସଂଶୋଧନ ବାବଦରେ ପଚାରି ନିରାଶ ହୋଇଛନ୍ତି। ମାଟ୍ରିକ ସାର୍ଟିଫିକେଟ୍‌ରେ ଫଟୋ ଥିବା ହେତୁ ଏହାକୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବ୍ୟବହାର କରାଯାଉଛି। ହେଲେ ଜଗମୋହନଙ୍କୁ ୯ ବର୍ଷ ପରେ ବି ମିଳିପାରିଲାନି ସଂଶୋଧିତ ସାର୍ଟିଫିକେଟ୍। ଏନେଇ ଜଗମୋହନ କହିଛନ୍ତି, କଟକରୁ ବଲାଙ୍ଗୀର ୫୦୦ କିଲୋମିଟରରୁ ଅଧିକ ଦୂର। ଏଠାକୁ ଆସିବାକୁ ହେଲେ ଯିବାଆସିବା ଗାଡ଼ିଭଡ଼ା, କଟକରେ ରହିବା, ଖାଇବା ଆଦି ବାବଦରେ ଥରକେ ୨୦୦୦ରୁ ୩୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଦୀର୍ଘ ୯ ବର୍ଷ ହେବ ଏକପ୍ରକାର ମାନସିକ ନିର୍ଯାତନା ମଧ୍ୟରେ ମୁଁ ଓ ମୋର ମାତାପିତା ରହିଆସିଛୁ। କେବେ ଏ ସଂଶୋଧିତ ସାର୍ଟିଫିକେଟ ମିଳିବ ସେନେଇ ଅନ୍ଧାରରେ ରହିଛି। ଏ ଦିଗରେ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କଲେ ହୁଏତ ଆମେ ସାର୍ଟିଫିକେଟ ପାଇପାରନ୍ତୁ ବୋଲି ସେ କହିଛନ୍ତି।

ସେହିପରି ଅନ୍ୟ ଜଣେ ଛାତ୍ର ହେଲେ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଜମୁଗୁଡ଼ା ରାଜୀବ ଗାନ୍ଧୀ ହାଇସ୍କୁଲ୍‌ର ଛାତ୍ର ଦେବାଶିଷ ନାୟକ। ଦେବାଶିଷଙ୍କ ସମେତ ତାଙ୍କ ହାଇସ୍କୁଲର ୯ ଜଣ ପିଲାଙ୍କର ବୋର୍ଡ ସାର୍ଟିଫିକେଟ୍‌ରେ ବିଭିନ୍ନ ପ୍ରକାର ତ୍ରୁଟି ହୋଇଥିଲା। ଏହାକୁ ସଂଶୋଧନ କରିବା ପାଇଁ ୨୦୧୪ ଅଗଷ୍ଟ ୨୭ରେ ହାଇସ୍କୁଲ ପକ୍ଷରୁ ୮୦୦ ଟଙ୍କା ଦେୟ ପ୍ରଦାନ କରି ବୋର୍ଡର ଜୟପୁର ଶାଖା କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା। ଦେବାଶିଷଙ୍କ ସାର୍ଟିଫିକେଟ୍‌ରେ ବାପାଙ୍କ ଠିକ୍ ନାମ ଭିକାରି ଚରଣ ନାୟକ ବଦଳରେ ଭିକାରୀ ଚରଣ ନାୟକ ହୋଇଥିଲା। ଏହାକୁ ସଂଶୋଧନ କରିବା ପାଇଁ ସେ ନିଜେ ବହୁବାର ବୋର୍ଡ ମୁଖ୍ୟାଳୟକୁ ଦୌଡୁଛନ୍ତି। ଏହାବାଦ ବିଭିନ୍ନ ସମୟରେ ସମ୍ପୃକ୍ତ ହାଇସ୍କୁଲ୍‌ର ଶିକ୍ଷକମାନେ ବୋର୍ଡ ମୁଖ୍ୟାଳୟକୁ ଦୌଡ଼ି ନୟାନ୍ତ ହେଲେଣି। ଦେବାଶିଷ ମଧ୍ୟ ଗୁରୁବାର ବୋର୍ଡ କାର୍ଯ୍ୟାଳୟକୁ ବୁଝିବାକୁ ଆସି ନିରାଶରେ ଫେରିଛନ୍ତି। ଏହାବାଦ ଓଡ଼ିଶାରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ଏଭଳି ସମସ୍ୟାରେ ପଡ଼ି ବୋର୍ଡ ମୁଖ୍ୟାଳୟକୁ ଦୌଡୁଛନ୍ତି ତା'ର ହିସାବ କେବଳ ବୋର୍ଡ ପାଖରେ ଥିବ ବୋଲି ସେ କହିଛନ୍ତି। ଏନେଇ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ। ବୋର୍ଡ ସମ୍ପାଦକ ସୁମିତା ସରକାର ବି ଅନୁରୂପ ଭାବେ ଏ ବାବଦରେ ମତ ରଖିବାକୁ ନିଜର ଅକ୍ଷମତା ପ୍ରକାଶ କରିଥିଲେ।

## ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ସ୍ଥିର ହେବା ଉଚିତ


ଶିକ୍ଷା ବୃତ୍ତି ମେଳାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଫୁଲନଖରା,୬।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

**ଡିପିଏସ୍ କଳିଙ୍ଗରେ ଶିକ୍ଷା ବୃତ୍ତି ମେଳା**

ଶିକ୍ଷା ସମାପ୍ତି ପରେ ବୃତ୍ତି ଚୟନ କ୍ଷେତ୍ରରେ ଠିକ୍ ନିର୍ଣ୍ଣୟ ନେବା ଆବଶ୍ୟକ। ଜୀବନର ଲକ୍ଷ୍ୟ, ପ୍ରବୃତ୍ତି ଓ ବୃତ୍ତି ସମାନ୍ତରାଳ ନ ହେଲେ ଯୋଗ୍ୟତାର ମାପଦଣ୍ଡକୁ ଯଥାର୍ଥ୍ୟ ସ୍ୱୀକୃତି ମିଳେ ନାହିଁ। ତେଣୁ ବିଦ୍ୟାର୍ଥୀମାନଙ୍କ ଲକ୍ଷ୍ୟ ସ୍ଥିର ହେବା ଉଚିତ୍ ବୋଲି ଗୁରୁବାର ଫୁଲନଖରା ଅଡାଳିଆସ୍ଥିତ ଡିପିଏସ୍ କଳିଙ୍ଗ ପରିସରରେ ଆୟୋଜିତ ଶିକ୍ଷା ବୃତ୍ତି ମେଳାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧକ୍ଷା ଅନୁରାଧା ରକ୍ଷିତଙ୍କ ତତ୍ତ୍ୱାବଧାନରେ ଡିପିଏସ୍ କଳିଙ୍ଗ ଓ କୋଲକାତାସ୍ଥିତ ଷ୍ଟୁଡେଣ୍ଟ ଆଉଟ୍‌ରିଚର ମିଳିତ ଆନୁକୂଲ୍ୟରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉକ୍ତ ମେଳାରେ ଅଂଶଗ୍ରହଣ କରି ଜୀବନର ଲକ୍ଷ୍ୟ ସାଧନ କ୍ଷେତ୍ରରେ ବିଭିନ୍ନ ମାର୍ଗ ଓ ବୃତ୍ତିଗତ ଶିକ୍ଷା ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ମାଳା ମିଶ୍ର କହିଥିଲେ, ବିଦ୍ୟାର୍ଥୀଙ୍କ ପାଇଁ ଏପରି ମେଳା ଅତ୍ୟନ୍ତ ଆବଶ୍ୟକ। ସେହିପରି ଏକ୍‌ଜିକ୍ୟୁଟିଭ ଟ୍ରଷ୍ଟି ସୁନୟନା ପାତ୍ରୋ କହିଥିଲେ, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଯତ୍ନବାନ ହୋଇ ଏଭଳି ମେଳା ଆୟୋଜନ କରାଯାଇଛି। ଏହି ଶିକ୍ଷା ବୃତ୍ତି ମେଳାରେ ଅଶୋକା ବିଶ୍ୱବିଦ୍ୟାଳୟ, ଡି.ଡି .ଗୋୟଙ୍କା ବିଶ୍ୱବିଦ୍ୟାଳୟ, ମାନବ ରଚନା ଶିକ୍ଷାନୁଷ୍ଠାନ, ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ଋଷିହୁଡ୍ ବିଶ୍ୱବିଦ୍ୟାଳୟ, ବିଡ୍‌ଲ ସ୍କୁଲ, ଭେଲୋର ବୈଷୟିକ ଶିକ୍ଷାନୁଷ୍ଠାନ, ସାଇ ବିଶ୍ୱବିଦ୍ୟାଳୟ, ଭାରତୀୟ କଳା ଓ ସ୍ଥାପତ୍ୟ ଅନୁଷ୍ଠାନ ଏବଂ ଆଙ୍ଗ୍ଲୋ ଇଷ୍ଟର୍ନ ମ୍ୟାରିଟାଇମ ଏକାଡେମୀ ପ୍ରମୁଖ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ।

# ୭ ବିଭାଗରେ ପୂରଣ ହେବ ଖାଲି ପଦବୀ


ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ଅନ୍ୟମାନେ।

**କଟକ,୬।୭ (କାର୍ତ୍ତିକ ସାହୁ)**

**ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକ**

ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକ ଗୁରୁବାର ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଚେୟାରମ୍ୟାନ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତିଷ୍ଠାନରେ ଉତ୍ତମ ରୋଗୀସେବା ନିମନ୍ତେ ଖାଲି ଥିବା ପଦବୀ ପୂରଣ କରାଯିବ। ୭ଟି ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପୂରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇଟି ମହାପ୍ରୟାଣ ଗାଡ଼ି ସ୍ୱାସ୍ଥ୍ୟ ବିଭାଗ ଯୋଗାଇ ଦେବା ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ମତି ପ୍ରକାଶ କରିଥିଲେ। ପ୍ରତିଷ୍ଠାନରେ ଏବେ କାମଚଳା ଭାବେ ଜଣେ ନିର୍ଦ୍ଦେଶକଙ୍କୁ ଚୁକ୍ତିଭିତ୍ତିକ ଭାବେ ରଖାଯାଇଥିବାରୁ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଠାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଦିଗରେ କୌଣସି ଆଲୋଚନା କରାଯାଇ ନ ଥିବା ଜଣାପଡିଛି। ଯଦ୍ଦ୍ୱାରା ବୈଠକ ସରିବା ପରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଶାଳିନ ପଣ୍ଡିତ, ବିଧାୟକ ସୌଭିକ୍ ବିଶ୍ୱାଳ, ଆବାହକ ତଥା ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ସମେତ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷକ ପଦବୀ ପୂରଣ ପାଇଁ ଡିଇଓଙ୍କୁ ଦାବିପତ୍ର

**ମଙ୍ଗୁଳି-ଜଗତପୁର,୬।୭ (ମାନସ ସାମଲ)**

କଟକ ମହାନଗର ନିଗମ(ସିଏମ୍‌ସି) ୪୮ନଂ. ୱାର୍ଡ ଅଧୀନରେ ଥିବା ପୁରାତନ ନିମପୁର ନୋଡାଲ ହାଇସ୍କୁଲକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ଏଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ନାହାନ୍ତି। ଏ ନେଇ କଟକ-ଚୌଦ୍ୱାର ବିକାଶ ପରିଷଦର ସଭାପତି ମାନସ ପରିଡା ଗୁରୁବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ସେ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଏହି ବିଦ୍ୟାଳୟ ପରିସରରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଏଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଏହି ବିଦ୍ୟାଳୟରେ ବିଜ୍ଞାନ, ହିନ୍ଦୀ, କ୍ରୀଡ଼ା ଶିକ୍ଷକ ସହ ଗୋଟିଏ ଲେଖାଏଁ କିରାଣି, ପିଅନ ଓ ରାତ୍ରୀ ଜଗୁଆଳି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଫଳରେ ଉନ୍ନତ ମାନର ଶିକ୍ଷାଦାନ ଓ ଅଫିସିଆଲ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ଡିଇଓ ନାୟକ କହିଛନ୍ତି, ଉକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ଶୁକ୍ରବାର ଯୋଗାଯୋଗ କରାଯିବ। ପ୍ରକୃତରେ କେତେ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲି ଅଛି ତାହା ଜାଣିବା ପରେ ପୂରଣ କରାଯିବ।

## କନ୍ଦରପୁର କଲେଜ ଅଧକ୍ଷଙ୍କ ବିରୋଧରେ ଅଭିଯୋଗ:ତଦନ୍ତ କଲେ ଉପନିର୍ଦ୍ଦେଶକ

**କଟକ ସଦର,୬।୭(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ଅଧକ୍ଷ ଶାରଦା ପ୍ରସନ୍ନ ମହାପାତ୍ର ବଦଳି ନ ହେବା ନେଇ ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗପତ୍ରରେ କେତେଜଣଙ୍କ ଦସ୍ତଖତ ଉଲ୍ଲେଖ ରହିଥିଲା। ଏହି ଅଭିଯୋଗ ଆଧାରରେ ତଦନ୍ତ କରିବା ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପବିତ୍ର ମୋହନ ନନ୍ଦଙ୍କ ନେତୃତ୍ୱରେ ୨ ଜଣିଆ ଟିମ୍ ବୁଧବାର ଓ ଗୁରୁବାର କନ୍ଦରପୁର କଲେଜକୁ ଆସିଥିଲା। ମୁଖ୍ୟ ଅଭିଯୋଗକାରିଣୀ ତଥା କନ୍ଦରପୁର ସରପଞ୍ଚ ସୁବାସିନୀ ରାଉତଙ୍କୁ କଲେଜକୁ ଡକାଯାଇ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ତାଙ୍କ ଦସ୍ତଖତକୁ ଜାଲିଆତି କରି କେହି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏପରି ଅଭିଯୋଗ କରିଥିବା ତଦନ୍ତବେଳେ ଜଣାପଡିଥିଲା। ଏପରି କି ତାଙ୍କର ଦସ୍ତଖତକୁ ଜାଲ୍ କରି କଲେଜ ଅଧକ୍ଷଙ୍କୁ ବଦ୍‌ନାମ କରାଯାଉଥିବାରୁ ସେ ଅସନ୍ତୋଷ ପ୍ରକାଶ କରି ୨୦୨୨ ନଭେମ୍ବରରେ କନ୍ଦରପୁର ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ଅନ୍ୟତମ ବ୍ୟକ୍ତି କନ୍ଦରପୁର ପଞ୍ଚାୟତ ବିଜେଡି ସଭାପତି ଭିକାରି ଚରଣ ବେହେରା ଓ ପ୍ରଭାକର ବେହେରାଙ୍କ ମଧ୍ୟ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତବେଳେ ଉଭୟଙ୍କ ଦସ୍ତଖତ ମଧ୍ୟ ଜାଲ୍ କରାଯାଇଥିବା ଜଣପଡିଛି। ଏ ନେଇ ପଞ୍ଚାୟତ ବିଜେଡି ସଭାପତି ବେହେରା କହିଛନ୍ତି, ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କ ସତ୍‌ସାହସ ଅଛି ତା' ହେଲେ ସେ ନିଜେ ଆଗକୁ ଆସି ଅଭିଯୋଗ କରନ୍ତୁ। ଆମ ଦସ୍ତଖତକୁ ଜାଲ୍ କରି କଲେଜ ଅଧକ୍ଷଙ୍କୁ ବଦ୍‌ନାମ ନ କରନ୍ତୁ ବୋଲି ସେ କହିଥିଲେ। ଅପରପକ୍ଷରେ ଉପ ନିର୍ଦ୍ଦେଶକ ନନ୍ଦ କହିଛନ୍ତି, ତଦନ୍ତ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରାଯିବ। ଏହି ତଦନ୍ତକାରୀ ଦଳରେ ଅନ୍ୟତମ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ସାହୁ ସାମିଲ ହୋଇଥିଲେ।

## ୫୦ କେଜି ବାସିଖାଦ୍ୟ ନଷ୍ଟ, ୩ ହୋଟେଲ ସିଲ୍

**କଟକ,୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)**

**ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ**

କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ମଙ୍ଗଳାବାଗ ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢଉ କରାଯାଇଛି। ଖାଦ୍ୟ ସୁରକ୍ଷା ଆଇନ ଉଲ୍ଲଙ୍ଘନ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି ହେଉଥିବା ଯାଞ୍ଚବେଳେ ଜଣାପଡିଥିଲା। ୩ଟି ହୋଟେଲରୁ ୫୦ କେଜିରୁ ଉର୍ଦ୍ଧ୍ୱ ବାସି ଖାଦ୍ୟ ନଷ୍ଟ କରାଯାଇଛି। ବିଭାଗୀୟ ଅଧିକାରୀମାନେ କାଠଗୋଲା ସାହିର ଅନ୍ନପୂର୍ଣ୍ଣା ହୋଟେଲ, ମଙ୍ଗଳାବାଗଠାରେ ଥିବା ସାହୁ ହୋଟେଲ ଓ ହାଡିବନ୍ଧୁ ହୋଟେଲରେ ଚଢଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଏହି ହୋଟେଲଗୁଡିକର ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ ଥିବା ଜଣାପଡିଥିଲା। ଏପରି କି ହୋଟେଲ ମାଲିକ ୟୁଜର ଫି' ଦେଉ ନ ଥିଲେ। ଫଳରେ ଉକ୍ତ ତିନୋଟି ହୋଟେଲକୁ ସିଲ୍ କରାଯାଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ବିଭାସ ମଜୁମ୍‌ଦାର ଓ ରଶ୍ମିତା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଆଗରେ

**କଟକ,୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)**

**ପ୍ରକାଶ ପାଇଲା ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ**

ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଷୟରେ ନାମଲେଖା ପାଇଁ ଚଳିତ ବର୍ଷର ପ୍ରଥମ କଟ୍‌ଅଫ୍ ମାର୍କ ଗୁରୁବାର ପ୍ରକାଶ ପାଇଛି। ଏଥିରେ ରେଭେନ୍‌ଶା ଜୁନିୟର କଲେଜ ଆଗରେ ରହିଛି। ଏଠାରେ କଳାରେ ୮୦%, ବିଜ୍ଞାନରେ ୯୧.୬୭%, ଓ ବାଣିଜ୍ୟରେ ୭୯.୨୦% କଟ୍‌ଅଫ୍ ମାର୍କ ରହିଛି। ସେହିପରି ଜେକେବିକେ କଲେଜର ବିଜ୍ଞାନରେ ୮୬.୬୭%, ବାଣିଜ୍ୟରେ ୭୨.୨୦% ଓ କଳାରେ ୭୩.୬୭% କଟ୍‌ଅଫ୍ ମାର୍କ ରହିଛି। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର କଳାରେ ୭୪.୬୭%, ବିଜ୍ଞାନରେ ୮୫% ଓ ବାଣିଜ୍ୟରେ ୭୨.୧୭% କଟ୍‌ଅଫ୍ ରହିଛି। ଖ୍ରୀଷ୍ଟ କଲେଜର ବିଜ୍ଞାନରେ ୭୫.୩୩%, ବାଣିଜ୍ୟରେ ୬୦% ଓ କଳାରେ ୬୭.୩୩% କଟ୍‌ଅଫ ମାର୍କ ରହିଛି। ସେହିପରି କଟକ କଲେଜର ବିଜ୍ଞାନରେ ୩୩% , ବାଣିଜ୍ୟରେ ୩୯.୮୩ % ଓ କଳାରେ ୫୩.୬୭% କଟ୍‌ଅଫ୍ ମାର୍କ ରହିଛି। ଇମର୍ତ୍ତି ଦେବୀ କଲେଜର ବିଜ୍ଞାନରେ ୬୫.୩୩%, ବାଣିଜ୍ୟରେ ୩୯.୬୦% ଓ କଳାରେ ୫୨% କଟଅଫ୍ ମାର୍କ ରହିଛି। ଇନ୍ଦିରାଗାନ୍ଧୀ କଲେଜର ବିଜ୍ଞାନରେ ୬୬.୪୦%, ବାଣିଜ୍ୟରେ ୩୫% ଓ କଳାରେ ୬୪.୬୭% କଟଅଫ୍ ମାର୍କ ରହିଛି । କୁସୁମ ଦେବୀ କଲେଜର କଳାରେ ୩୩.୧୭% କଟଅଫ୍ ମାର୍କ ରହିଛି। ଲକ୍ଷ୍ମୀନାରୟଣ ସାହୁ କଲେଜର କଳାରେ ୪୮.୫୦%, ବିଜ୍ଞାନରେ ୬୭.୩୩% ଓ ବାଣିଜ୍ୟରେ ୩୭.୮୩% କଟ୍‌ଅଫ୍ ମାର୍କ ରହିଛି। ମହାନଦୀ ବିହାର ମହିଳା ମହାବିଦ୍ୟାଳର କଳାରେ ୩୯.୩୩%, ବିଜ୍ଞାନରେ ୫୨.୫୦% କଟ୍‌ଅଫ୍ ମାର୍କ ରହିଛି । ସିଟି କଲେଜରେ କଳା ପାଇଁ ୬୨.୫୦%, ବିଜ୍ଞାନ ପାଇଁ ୭୧.୧୭% ଓ ବାଣିଜ୍ୟ ପାଇଁ ୩୪% କଟ୍‌ଅଫ୍ ମାର୍କ ରହିଛି। ରଘୁନାଥଜୀଉ ମହାବିଦ୍ୟାଳୟର କଳାରେ ୫୬.୧୭%, ବିଜ୍ଞାନରେ ୬୧.୮୩% ଓ ବାଣିଜ୍ୟରେ ୩୪.୮୩% କଟ୍‌ଅଫ୍ ମାର୍କ ରହିଛି। ସେହିପରି ତୁଳସୀପୁରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାବିଦ୍ୟାଳୟର ବିଜ୍ଞାନ ପାଇଁ ୫୬.୬୦% ଓ ଷ୍ଟିୱାର୍ଟ ସାଇନ୍ସ କଲେଜରେ ବିଜ୍ଞାନ ପାଇଁ ୮୦.୫୦% କଟ୍‌ଅଫ୍ ମାର୍କ ରହିଛି।



ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୋଧରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।


କଟକ ରାଣୀହାଟ ଛକଠାରେ ଜଣେ ବ୍ୟବସାୟୀ ଛତା ମରାମତି କରୁଛନ୍ତି।


ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କରାଯାଉଥିବାବେଳେ ଛତ୍ରବଜାର ପରିବା ମାର୍କେଟର ଆବର୍ଜନାକୁ କେନାଲ ମଧ୍ୟକୁ ଫିଙ୍ଗାଯାଉଛି।

## ସଂକ୍ଷେପରେ

### କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ଅଗ୍ନି ସୁରକ୍ଷା ପାଇଁ ୪୫ ପଦବୀ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୭(ଅନିଲ ଦାସ):** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବୁର୍ଲା ଭିଏସ୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗର ବିଭିନ୍ନ ସ୍ତରରେ ୪୫ ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଅନୁମୋଦନ ଲାଭ କରିଥିବା ଅଗ୍ନିଶମ ବିଭାଗର ଏହି ନୂତନ ପଦବୀଗୁଡ଼ିକ ହେଲା, ୩ ଷ୍ଟେଶନ ଅଫିସର, ୪ ଲିଡିଂ ଫାୟାରମ୍ୟାନ, ୩ ହାବିଲଦାର, ୩ ଫାୟାରମ୍ୟାନ ଡ୍ରାଇଭର ଏବଂ ୩୦ଟି ଫାୟାରମ୍ୟାନ । ଏହି ନୂତନ ପଦବୀ ସୃଷ୍ଟି ଦ୍ୱାରା ଉପରୋକ୍ତ ୩ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ନିରାପତ୍ତା ଅଧିକ ସୁଦୃଢ଼ ହୋଇପାରିବ ।

### ୪ ଗାଡ଼ିରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**ବାଲିଅନ୍ତା,୬।୭(ନୀଳମାଧବ ସାହୁ):** ବିନା ୱାଇ ଫର୍ମରେ ମାଟି, ବାଲି ଓ ମାଙ୍କଡ଼ାପଥର ଚାଲାଣ ହେଉଥିବା ୨ଟି ହାଇୱା, ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟ୍ରକକୁ ବାଲିଅନ୍ତା ତହସିଲ ପକ୍ଷରୁ ଜବତ କରାଯାଇଛି। ତେବେ ଏହି ଜବତ ୪ଟି ଗାଡ଼ିରୁ ଗୁରୁବାର ଜରିମାନା ବାବଦକୁ ୨ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଥିବା ବାଲିଅନ୍ତା ତହସିଲଦାର ବିମଳ ଲେଙ୍କା କହିଛନ୍ତି। ସେଥିରୁ ୨ଟି ଗାଡ଼ିର କଟକ ପାଇଁ ଲଘୁ ଖଣିଜ ପରମିଟ୍ ଥିବାବେଳେ ବାଲିଅନ୍ତା ଅଞ୍ଚଳକୁ ପଳାଇ ଆସିଥିଲେ। ତହସିଲଦାର ଲେଙ୍କା, ବଇଁଚୁଆ ଆରଆଇ ଦୁଃଖୀଶ୍ୟାମ ସ୍ୱାଇଁ ଓ ବାଲିଅନ୍ତା ଆରଆଇ ସମୀର ବେହେରା ପ୍ରମୁଖ ବୁଧବାର ଅପରାହ୍ନରେ ଧବଳାହାର ଓ ଭୁବନପୁର ଗ୍ରାମ ନିକଟରେ ଏହି ଗାଡ଼ିକୁ ଜବତ କରିଥିଲେ।

### ବନ ମହୋତ୍ସବ ପାଳିତ

**ବାଲକାଟୀ,୬।୭(ମନୋଜ ମଣ୍ଡଳ):** ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଗୁରୁବାର ବାଲିଅନ୍ତା ବ୍ଲକ ଯଶୁଆପୁର ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ପ୍ରଥମେ ସ୍କୁଲ ପରିସରରେ ଚାରାରୋପଣ କରିବା ସହ ବିଶ୍ୱ ତାପମାନ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ବନ ବିଭାଗ ରେଞ୍ଜର ମାନସ ମହାନ୍ତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସମିତି ସଭ୍ୟ ରଞ୍ଜନ ମହାପାତ୍ର, ଶିକ୍ଷାବିତ ନାରାୟଣ ବେହେରା, ବିଦ୍ୟୁଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

### ଦୋକାନରୁ ଚୋରି

**ଭୁବନେଶ୍ୱର,୬।୭ (ସୂର୍ଯ୍ୟକାନ୍ତ ବେହେରା):** ଗତ କିଛିଦିନ ଧରି ଭୁବନେଶ୍ୱରରେ କ୍ରମାଗତ ଲୁଟ ଓ ଚୋରି ଘଟଣା ବଢ଼ିଚାଲିଛି। ଦୁର୍ବୃତ୍ତ କେତେବେଳେ ଘରେ ପଶି ତ ପୁଣି କେତେବେଳେ ଅଫିସ ଓ ଦୋକାନରୁ ଚୋରି କରୁଛନ୍ତି। ଏହିକ୍ରମରେ ୟୁନିଟ-୩ ଅଞ୍ଚଳରେ ଥିବା ଏକ ଦୋକାନର ତାଲା କାଟି ଦୁର୍ବୃତ୍ତ ଏକ ଲକ୍ଷ ଟଙ୍କା ସମେତ କିଛି ସାମଗ୍ରୀ ନେଇଯାଇଛନ୍ତି । ଏନେଇ ଦୋକାନ ମାଲିକ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅନ୍ୟପଟେ ୨ ଯୁବକ ବିଳମ୍ବିତ ରାତିରେ ଚୋରି କରିଥିବା ସିସିଟିଭିରୁ ସ୍ପଷ୍ଟ ହେବା ପରେ ପୋଲିସ ସେମାନଙ୍କୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଆରମ୍ଭ କରିଛି ।

# ଶିଖରଚଣ୍ଡୀ ପାହାଡ଼ ସୁରକ୍ଷା ପାଇଁ ପ୍ରୟାସ

## ଆରମ୍ଭ ହେଲା ଜନସମ୍ପର୍କ ଯାତ୍ରା, ମୁଠି ଚାଉଳ ସଂଗ୍ରହ

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରିବା ସହ ଏହାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି। ପ୍ରଥମେ ପ୍ରକଳ୍ପକୁ ବିରୋଧ କରି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବା ପରେ ଶିଖରଚଣ୍ଡୀ ପାହାଡ଼ ସହ ପାଇକମାନଙ୍କ ଅସ୍ମିତାକୁ ବଞ୍ଚାଇବା ପାଇଁ ଗୁରୁବାରଠାରୁ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଛି। ଏହି କ୍ରମରେ ଖୋର୍ଦ୍ଧା ଜିଲାରେ ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ଘରୁ ମୁଠି ଚାଉଳ ସଂଗ୍ରହ ସହ ସହଭାଗିତା ସଂଗ୍ରାମ ପାଇଁ ଅଭିଯାନ ଆରମ୍ଭ ହୋଇଛି। ପାଇକମାନଙ୍କ ପାଇଁ ବରୁଣେଇ ପରି ଶିଖରଚଣ୍ଡୀ ମଧ୍ୟ ସମରାଭ୍ୟାସ ପୀଠ। ସେଠାରେ ମା'ଙ୍କ ଆଶିର୍ବାଦ ନେଇ ବ୍ରିଟିଶ ବିରୋଧରେ ଲଢେଇ କରାଯାଉଥିଲା। କୌଣସି ପଲ୍ଲୀସଭା କି ଜନ ଶୁଣାଣି ନ କରି ଏଭଳି ଏକ ଐତିହାସିକ ପୀଠକୁ ଖଣ୍ଡଖଣ୍ଡ କରିବାକୁ ଯେଉଁ ଯୋଜନା ଚାଲିଛି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସମିତି ପକ୍ଷରୁ କୁହାଯାଇଛି। ସରକାର ଜାଣିଶୁଣି ପାଇକଙ୍କ ସମସ୍ତ ସ୍ମୃତିପୀଠକୁ ନଷ୍ଟ କରିଦେବାକୁ ଚାହୁଁଛନ୍ତି। ନଚେତ ମା' ଶିଖରଚଣ୍ଡୀଙ୍କ ୨୧୨ଏକର ଜମିକୁ କିଭଳି ଇଡ୍‌କୋ ନେଇ ଶାଗ ମାଛ ଦରରେ ବିକ୍ରି କରିଚାଲିଛି ବୋଲି ପ୍ରଶ୍ନ କରାଯାଇଛି। ଅପରପକ୍ଷେ ଏତେବଡ଼ ପାହାଡ଼କୁ କାଟିବା ପାଇଁ ଜଙ୍ଗଲ ବିଭାଗର ମଧ୍ୟ ଅନୁମତି ନିଆଯାଇ ନାହିଁ। ତେଣୁ ସମସ୍ତେ ମିଳିମିଶି ଶିଖରଚଣ୍ଡୀଙ୍କ ଜମିକୁ ହଡ଼ପ କରିଥିବା ସ୍ପଷ୍ଟ ହୋଇଛି ବୋଲି ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସମିତିର ସଚିନ ମହାପାତ୍ର କହିଛନ୍ତି, ଆଗକୁ ଅଞ୍ଚଳବାସୀ ମହାସଂଗ୍ରାମ ପାଇଁ ପ୍ରସ୍ତୁତି ସହ ଖୋର୍ଦ୍ଧା ଜିଲାର ସମସ୍ତ ପାଇକ ଏକଜୁଟ ହୋଇ ଆଗକୁ ଆସିବେ। ସରକାର ଚଙ୍କତା କରି ନେଇଥିବା ଜମିକୁ ଶିଖରଚଣ୍ଡୀଙ୍କ ନାମରେ କରାଯାଇ ପାଣିଟାଙ୍କିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ୍ୟ ହେବେ।

ଶିଖରଚଣ୍ଡୀ ପାହାଡ଼ରେ ନିର୍ମାଣାଧୀନ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନେଇ କୌଣସି ସମାଧାନ ହୋଇପାରିନାହିଁ। ପାହାଡ଼ କାଟି ପ୍ରକଳ୍ପ ନିର୍ମାଣ ବିରୋଧରେ ନ୍ୟାଶନାଲ୍ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଦାଖଲ ହୋଇଥିବା ମାମଲାର ଶୁଣାଣି ବୁଧବାର ହୋଇଥିଲା। ଏଥିରେ ବିଭିନ୍ନ ପକ୍ଷ ନିଜ ନିଜର ମତ ରଖିଥିଲେ। ଏନ୍‌ଜିଟି ପକ୍ଷରୁ ଗଠନ ହୋଇଥିବା ତଦନ୍ତ କମିଟି ରିପୋର୍ଟ ହସ୍ତଗତ ହୋଇ ନ ଥିବା ନେଇ ରାଜ୍ୟ ସରକାରଙ୍କ ଓକିଲ କହିଥିବାବେଳେ କାଉଣ୍ଟର ଆଫିଡେଭିଟ ଲାଗି ବିଡିଏ କର୍ତ୍ତୃପକ୍ଷ ଆଉ ୭ଦିନ ସମୟ ମାଗିଥିଲେ। ତଦନ୍ତ କମିଟି ରିପୋର୍ଟକୁ ଅଭିଯୋଗକାରୀ ବିରୋଧ କରିବା ସହ ଆହୁରି ତଥ୍ୟ ଉପସ୍ଥାପନ କରିବାକୁ ସମୟ ମାଗିଥିଲେ। ସମସ୍ତ ପକ୍ଷଙ୍କ କଥା ଶୁଣିବା ପରେ ଏନ୍‌ଜିଟି ଖଣ୍ଡପୀଠ ଅନ୍ତରୀଣ ଆଦେଶକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ରେ ହେବ।



ଶିଖରଚଣ୍ଡୀ ସୁରକ୍ଷା ପାଇଁ ମୁଠିଚାଉଳ ସଂଗ୍ରହ କରାଯାଉଛି।

# ୮ ଏକରରୁ ଊର୍ଦ୍ଧ୍ୱ ଜମିରୁ ହଟିଲା ଜବରଦଖଲ



କଳାରାହାଙ୍ଗରେ ବେଆଇନ ଭାବେ ନିର୍ମିତ ଏକ ଘରକୁ ଭଙ୍ଗାଯାଉଛି। (ଫଟୋ: ମନୋରଞ୍ଜନ)

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ସରକାରୀ ଖାତାକୁ ଫେରିଲା ୮ ଏକର ୧୪୦ ଡିସିମିଲ ଜମି। କଳାରାହାଙ୍ଗ ମୌଜାର ସରକାରୀ ଖାତା ନମ୍ବର ୭୬୬ର ପ୍ଲଟ ନମ୍ବର ୨୯୪ ଓ ୨୯୫ରେ ଦୀର୍ଘଦିନ ଧରି ବେଆଇନ ଜବରଦଖଲ ହୋଇଥିଲା। ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିଶନ କ୍ରମେ ବିଡିଏ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ହଟାଇଥିଲା। ଏଥିରେ ୧୫ଟି ଆଜବେଷ୍ଟସ ଘର, ୩ଟି ଟିଣ ଶେଡ୍, ଗୋଟିଏ ଗୁହାଳ, ଗୋଟିଏ ଗେଟ୍, ୩ଶହ ଫୁଟ ଲମ୍ବର ପାଚେରି, ଗୋଟିଏ ଅର୍ଦ୍ଧନିର୍ମିତ ଘର ଏବଂ ଗୋଟିଏ ପୂଜାମଣ୍ଡପକୁ ଉଚ୍ଛେଦ କରାଯାଇଥିଲା। ପ୍ଲଟ ନମ୍ବର ୨୯୪ରେ ୨ ଏକର ୫୪୦ ଡିସିମିଲ ଓ ପ୍ଲଟ୍ ନମ୍ବର ୨୯୭ରେ ୫ ଏକର ୬୦୦ ଡିସିମିଲ ଜମିକୁ ବିଡିଏ ଜବଦଖଲ ମୁକ୍ତ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଏବଂ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଭୁବନେଶ୍ୱର ଅତିରିକ୍ତ ତହସିଲଦାର, ଇନ୍‌ଫୋସିଟି ଥାନା ଆଇଆଇସି ଉପସ୍ଥିତ ଥିଲେ। ସେହିପରି ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ହାଉସିଂ ବୋର୍ଡ କଲୋନୀରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ସ୍ଥାନରେ ବିଏମ୍‌ସି ୱାର୍ଡ ଅଫିସ ପାଇଁ ଏହି ଉଚ୍ଛେଦ ହୋଇଥିଲା। ଏଥିରେ ୩ଟି ଆଜବେଷ୍ଟସ ଘର, ଗୋଟିଏ କବାଡ଼ିଆ ଦୋକାନ, ୨ଟି କ୍ୟାବିନ ଏବଂ ୨ଟି ଉଠାଦୋକାନ ଭଙ୍ଗାଯାଇଥିଲା। ପ୍ରାୟ ୮୦୦୦ ବର୍ଗ ଫୁଟ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି।





ଭୁବନେଶ୍ୱର ଅଶୋକନଗରସ୍ଥିତ ଏକ ହୋଟେଲରେ ଗୁରୁବାର ଆର୍ଟମାସ୍ କ୍ରିଏଟିଭ୍ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର 'ଜହ୍ନ ରାତିର ସାଥୀ'ର ଅଡ଼ିଓ ଏବଂ ପୋଷ୍ଟର ରିଲିଜ କରାଯାଉଛି।

# ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ

## ବାଉନ୍ସର ଗିରଫ

**ଭୁବନେଶ୍ୱର,୬।୭(ସୂର୍ଯ୍ୟକାନ୍ତ ବେହେରା)**

ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣେ ବାଉନ୍ସରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁନ୍ଦରପଦା ଅଞ୍ଚଳର ରାକେଶ ଚମ୍ପତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ଅବଦୁଲ ରଜାକ ମଙ୍ଗଳବାର କାର୍ ଯୋଗେ ଘରକୁ ଫେରୁଥିଲେ। ସୁନ୍ଦରପଦା ହାଟ ନିକଟରେ ଅଭିଯୁକ୍ତଙ୍କ ବାଇକରେ ତାଙ୍କ କାର୍ ସାମାନ୍ୟ ଘଷି ହୋଇଯାଇଥିଲା। ଏତିକିରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ଉତ୍‌କ୍ଷିପ୍ତ ହୋଇ ଅବଦୁଲଙ୍କ ପିଛା କରି ସଣାକର ବଜାର ଛକ ନିକଟରେ ଅଟକାଇଥିଲେ। ଏହାପରେ ଅବଦୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହାକୁ ଅବଦୁଲ ବିରୋଧ କରିବାରୁ ଅଭିଯୁକ୍ତମାନେ କାର୍ ଚାବିକାଠି ଫିଙ୍ଗିଦେବା ସହ ଗାଡ଼ି ମିରର ଭାଙ୍ଗିଦେଇଥିଲେ। ପରେ ହଠାତ ତାଙ୍କର ତଣ୍ଟିକୁ ଚିପି ଧରି ତାଙ୍କର ଛାତିକୁ ମୁଥ ମାରିଥିଲେ। ଏହାସହ ମୁହଁ ଏବଂ ଆଖିକୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଅଭିଯୁକ୍ତଙ୍କ ମୁହଁରେ କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା । ଘଟଣାସ୍ଥଳରେ ପିସିଆର୍ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଅଧିକାରୀଙ୍କୁ ସିଧାସଳଖ ପ୍ରଶ୍ନ କରିପାରିବେନି ଖବରଦାତା

## ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଅଜବ ନିୟମ

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ବିଏମ୍‌ସି ଅଧିକାରୀଙ୍କୁ ଆଉ ସିଧାସଳଖ ପ୍ରଶ୍ନ ପଚାରିପାରିବେନି ଖବରଦାତା। ଯାହା ସୂଚନା ଆବଶ୍ୟକ ହେବ ବିଏମ୍‌ସିର ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଅଧିକାରୀଙ୍କୁ ପଚରାଯିବ। ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ମିଳିବ। ଏଭଳି ଏକ ଅଜବ ନିୟମ ଆଣିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଯଦିଓ ଏନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ତେବେ ମୌଖିକ ଭାବେ ଏହା କାର୍ଯ୍ୟକାରୀ କରିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ଗଣମାଧ୍ୟମ ପ୍ରତିନିଧିମାନେ ସତ୍ୟ ଘଟଣା ସହିତ ଲୋକଙ୍କ ସୁବିଧା ଅସୁବିଧାକୁ ନିଜ ଲେଖନୀ ଦ୍ୱାରା ଲୋକଲୋଚନକୁ ଆଣିଥାନ୍ତି। ସେଥିପାଇଁ ସେମାନଙ୍କ ପାଖରେ ବିଭିନ୍ନ ଅଧିକାରୀଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବାର ସ୍ୱାଧୀନତା ରହିଥାଏ। ମାତ୍ର ଏବେ ବିଏମ୍‌ସିର ଏଭଳି ନିର୍ଦ୍ଦେଶ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଉଛି।

ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୁଲାଙ୍ଗେ ସହରବାସୀଙ୍କ ପାଇଁ ପ୍ରଥମକରି 'ଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ଆରମ୍ଭ କରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ, ଯାହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିଲା। ମାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ଏଭଳି ଅଜବ ନିୟମ ସେ ଆଣିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ବିଏମ୍‌ସିର କୌଣସି ଅଧିକାରୀ ଏଭଳି ବ୍ୟବସ୍ଥା ଲାଗୁ କରି ନ ଥିବାବେଳେ କମିଶନରଙ୍କ ଏହି କଟକଣା ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଅନେକ ସମୟରେ ବିଏମ୍‌ସି ବିବାଦ ମଧ୍ୟରେ ଛନ୍ଦି ହୋଇ ପଡୁଥିବା ଘଟଣା ଗଣମାଧ୍ୟମରେ ପ୍ରସାରିତ ହେଉଛି। ତେଣୁ ଏଭଳି ଭାବେ ବିଏମ୍‌ସି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ କମିଶନର କୁଲାଙ୍ଗେ କହିଛନ୍ତି, ସବୁ ସରକାରୀ କାର୍ଯ୍ୟାଳୟର ଏକ ନିୟମ ରହିଛି। ସେଠାରୁ ସୂଚନା ପାଇବାକୁ ହେଲେ ଜନସମ୍ପର୍କ ଅଧିକାରୀଙ୍କ ଜରିଆରେ ତଥ୍ୟ ମିଳିଥାଏ। ତେଣୁ ବିଏମ୍‌ସି ଏହା କରି କିଛି ନୂଆ କରୁନାହିଁ। ଅଧିକାଂଶ ସମୟରେ ଅନେକ ଗଣମାଧ୍ୟମରେ ଭୁଲ୍ ଖବର ପ୍ରକାଶିତ ହେଉଛି। ସେମାନେ ମନଇଚ୍ଛା ଭୁଲ ସୂଚନା ପ୍ରସାରଣ କରୁଛନ୍ତି। ଫଳରେ ବିଏମ୍‌ସି କର୍ତ୍ତୃପକ୍ଷ ଭାବେ ମେୟର କିମ୍ବା ମୋତେ ସରକାରଙ୍କ ନିକଟରେ ଉତ୍ତର ରଖିବାକୁ ପଡୁଛି। ଏଭଳି ବ୍ୟବସ୍ଥା ଦ୍ୱାରା ସମ୍ପୃକ୍ତ ଅଧିକାରୀଙ୍କ ଉତ୍ତର ବା ତଥ୍ୟ ନିର୍ଭୁଲ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଖରେ ପହଞ୍ଚିପାରିବ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିଏମ୍‌ସି କାର୍ଯ୍ୟାଳୟକୁ ବାରଣ କରାଯାଉନାହିଁ। ସେମାନେ ଚାହିଁଲେ ସିଧାସଳଖ ମେୟର କିମ୍ବା ମୋତେ ପ୍ରଶ୍ନ କରିପାରିବେ। ତେବେ ଜନସମ୍ପର୍କ ଅଧିକାରୀଙ୍କ ମାଧ୍ୟମରେ ଅଧିକାରୀଙ୍କୁ ପ୍ରଶ୍ନ କରିବା ଏକ ବ୍ୟବସ୍ଥିତ ପ୍ରକ୍ରିୟା ବୋଲି ସେ କହିଥିଲେ।

# ଚୋରି ଉଦ୍ୟମ ବିଫଳ, ଅଭିଯୁକ୍ତ ଗିରଫ

## ୫ ଚୋରା ମୋବାଇଲ ଜବତ

**ଭୁବନେଶ୍ୱର,୬।୭ (ସୂର୍ଯ୍ୟକାନ୍ତ ବେହେରା)**

ବାଇକ ଚୋରି ଉଦ୍ୟମ ବେଳେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି ଗାଡ଼ିମାଲିକ। ଅଭିଯୁକ୍ତ ହେଲେ ୟୁନିଟ-୬ ଅଞ୍ଚଳର ରାକେଶ ଖୁଣ୍ଟିଆ। ତାଙ୍କଠାରୁ ୫ଟି ଚୋରା ମୋବାଇଲ ଜବତ ହୋଇଛି। ଘଟଣାସ୍ଥଳରୁ ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ୨୦୧୯ ମସିହାରୁ ଏଯାବତ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୩ଟି ଚୋରି, ଛିନତାଇ ଓ ଲୁଟ ପ୍ରଭୃତି ମାମଲା ରହିଛି। ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି। ସୂଚନାନୁସାରେ ଅଭିଯୋଗକାରୀ ଶୁଭକାନ୍ତ ସାହୁ ବାଇକ ଯୋଗେ ତାଙ୍କ ଅଫିସକୁ ଯାଇଥିଲେ। ସେ ସେଠାରେ ତାଙ୍କ ବାଇକକୁ ପାର୍କ କରି ଫୋନରେ କଥା ହେଉଥିଲେ। ଏହି ସମୟରେ ରାକେଶ ଆସି ବାଇକ ଷ୍ଟାର୍ଟ କରିଥିଲେ। ଶୁଭକାନ୍ତ ଶବ୍ଦ ଶୁଣି ଅଭିଯୁକ୍ତଙ୍କୁ କାବୁ କରିଥିଲେ ।

# ବନ ମହୋତ୍ସବ, ସମ୍ବର୍ଦ୍ଧନା ସଭା

**ବାଲିଅନ୍ତା,୬।୭ (ନୀଳମାଧବ ସାହୁ)**

ବନ ମହୋତ୍ସବ ସପ୍ତାହ ପରିପ୍ରେକ୍ଷୀରେ ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ଶ୍ରୀବାଣେଶ୍ୱର ଯୁକ୍ତ ୩ ମହାବିଦ୍ୟାଳୟରେ ଗୁରୁବାର ଏକ ଚାରାରୋପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକ ହେଲେ ସମାଜର ମୂଳଦୁଆ ଓ ଜଣେ ଜଣେ ସୁନା ମୁଣ୍ଡା ବୋଲି ବିଧାୟକ ଢାଲି କହିଥିଲେ। ସଭାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଚେୟାରମ୍ୟାନ ଶରତ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେଦାନ୍ତ, ଶିକ୍ଷାବିତ୍ ନାରାୟଣ ବେହେରା, ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରିୟବ୍ରତ ପାତ୍ର ପ୍ରମୁଖ ଯୋଗଦେଇଥିଲେ।



# କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଇକୋ ସିଷ୍ଟମ ନିର୍ମାଣ କର୍ମଶାଳା

**ଭୁବନେଶ୍ୱର,୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)**

ହର୍ଷ ଟ୍ରଷ୍ଟ ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଇକୋ ସିଷ୍ଟମ ନିର୍ମାଣ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଟ୍ରଷ୍ଟ ଚେୟାରମ୍ୟାନ ଡ. ଅରବିନ୍ଦ ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିଜିତ କୁଲକର୍ଣ୍ଣୀ, ସ୍ୱରୂପ ଶର୍ମା, ସୌମ୍ୟଶ୍ରୀ ଓମ୍ ପ୍ରକାଶ ସାହୁ ଏବଂ ବିଶାଖା ଭଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ପାଦକ ସଙ୍ଗଠନର ସମାଜ ଉନ୍ନତିରେ ଭୂମିକା, ମହିଳାମାନଙ୍କର ଭୂମିକା, ଉତ୍ପାଦକ ସାମଗ୍ରୀର ଉଚିତ୍ ମୂଲ୍ୟ ଓ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହଯୋଗ ବିଷୟରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ୩ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ କୃଷି ଉତ୍ପାଦକ ସଙ୍ଗଠନଗୁଡ଼ିକର ଦାୟିତ୍ୱ, ବର୍ତ୍ତମାନ ପରିସ୍ଥିତିରେ କେଉଁ କେଉଁ ସମସ୍ୟା ଦେଇ ଗତି କରୁଛନ୍ତି ଓ ସମ୍ମୁଖୀନ ହେଉଛନ୍ତି, କିପରି ଆର୍ଥିକ ସହାୟତା ପାଇପାରିବେ ଏବଂ ଏହାର ସୁଯୋଗ, ସମସ୍ୟା ଓ ସମାଧାନର ବାଟ କିଭଳି ହୋଇପାରିବ ସେନେଇ ଉପସ୍ଥିତ କର୍ମକର୍ତ୍ତାମାନେ ମତାମତ ରଖିଥିଲେ।





କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ। (ଫଟୋ: ବିକାଶ ନାୟକ)

# ଛାତ୍ରଙ୍କ କଥାରେ ରହୁନି ତାଳମେଳ

- ଟିଟିଲାଗଡ଼ରୁ ଉଦ୍ଧାର ୨ଛାତ୍ର ପରିବାରକୁ ହସ୍ତାନ୍ତର
- ଫେରିବାବେଳେ ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା କାର୍
- ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

**ବାରଙ୍ଗ, ୬।୭ (ଲିଙ୍ଗରାଜ ରାଉତ)**

ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲର ଦଶମ ଶ୍ରେଣୀର ଦୁଇଜଣ ଛାତ୍ର ମଙ୍ଗଳବାର ନିଖୋଜ ହୋଇଥିଲେ। ପରେ ସେମାନେ ଟିଟିଲାଗଡ଼ରେ ଥିବା ଜଣାପଡ଼ିବା ପରେ ପୋଲିସ ଗୁରୁବାର ସେଠାକୁ ଯାଇ ସେମାନଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତେବେ ସେମାନଙ୍କୁ ଅପହରଣ କରି ଏକ କଣ୍ଟେନରରେ ନିଆଯାଇଥିବାର ଉଦ୍ଧାର ହୋଇଥିବା ୨ଛାତ୍ର କହୁଥିବାବେଳେ ସେମାନଙ୍କ ବୟାନରେ ତାଳମେଳ ରହୁନାହିଁ ବୋଲି ପୋଲିସ କହିଛି।

ପ୍ରକାଶ ଯେ, କୁଜିମହଲ ଗ୍ରାମର ପୃଥ୍ୱୀରାଜ ପ୍ରଧାନ ଓ ଭରତପୁର ଅଞ୍ଚଳର ସୋନୁ କୁମାର ମଙ୍ଗଳବାର ସକାଳେ ଟ୍ୟୁଶନ ପାଇଁ ଆସିଥିଲେ। ପୁଣି ବିସ୍କୁଟ ନେବା ପାଇଁ ବାହାରେ ଥିବା ଦୋକାନକୁ ଆସିବା ବେଳେ ହଠାତ୍ ଜଣେ ବ୍ୟକ୍ତି ଆସି ଛାତ୍ରଦ୍ୱୟଙ୍କ ମୁହଁରେ କପଡ଼ା ଦେଇଦେବାରୁ ଚେତାଶୂନ୍ୟ ହୋଇଯାଇଥିଲେ। ପୃଥ୍ୱୀରାଜଙ୍କ ଚେତା ଆସିବାବେଳକୁ ଘରଠାରୁ ବହୁଦୂରରେ ଏକ କଣ୍ଟେନରରେ ଥିବାର ଜାଣିବାକୁ ପାଇଥିଲେ। କଣ୍ଟେନରଟି ରଖାଯାଇଥିବା ବେଳେ କପଡାରେ ହାତବନ୍ଧା ହୋଇଥିଲା। ହେଲେ ତାହା ଢିଲାଥିବାରୁ ସେ ଖୋଲି ଅଚେତ ଅବସ୍ଥାରେ ଥିବା ତାଙ୍କ ସାଙ୍ଗ ସୋନୁକୁ ଉଠାଇଥିଲେ। ଗାଡି ପାଖରେ କେହି ନ ଥିବାର ସୁଯୋଗ ଦେଖି ଗାଡ଼ିରୁ ଡେଇଁ ଉଭୟ ପଳାଇଆସିଥିଲେ। ଗାଡିରେ ଆହୁରି ଦୁଇଜଣ ଝିଅ ଓ ୪ଜଣ ପୁଅ ମଧ୍ୟ ଅଚେତ ଅବସ୍ଥାରେ ଥିଲେ। ସେଠାରୁ ଖସି ପାଖରେ ଥିବା ରେଲୱେ ଫାଟକକୁ ଆସି ସେଠାରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ସବୁ ଖବର ଜଣାଇବାପରେ ତାଙ୍କ ମୋବାଇଲରୁ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଲୁ ବୋଲି ଉଦ୍ଧାର ହୋଇଥବା ଛାତ୍ର କହିଛନ୍ତି।ମ୍

ପରେ ସେଠାରୁ ଖବରପାଇ ଟିଟିଲାଗଡ଼ ଥାନା ପୋଲିସ ଆସି ସେମାନଙ୍କୁ ନେଇଯାଇଥିଲେ। ବୁଧବାର ବିଳମ୍ବିତ ରାତିରେ ପରିବାର ଲୋକ ଚନ୍ଦକା ପୋଲିସର ସହାୟତାରେ ଟିଟିଲାଗଡ଼ରୁ ପିଲାଦୁଇଜଣଙ୍କୁ ଆଣିବା ସହ ପରିବାର ଲୋକଙ୍କୁ ଗୁରୁବାର ହସ୍ତାନ୍ତର କରିଛନ୍ତି। ହେଲେ ପିଲାମାନଙ୍କୁ ନେଇ ପୋଲିସ ୨ଟି କାର୍‌ରେ ଆସୁଥିବାବେଳେ ନୟାଗଡ଼ ଅଞ୍ଚଳରେ ଗୋଟିଏ କାର୍ ଅନ୍ୟ ଏକ ଗାଡ଼ି ସହ ଧକ୍କା ହୋଇଯାଇଥିଲା। ସମସ୍ତେ ଅଳ୍ପକେ ବର୍ତ୍ତିଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ସମସ୍ତେ ସୁରକ୍ଷିତ ଅବସ୍ଥାରେ ଚନ୍ଦକା ଥାନାରେ ପହଞ୍ଚିଥିଲେ। ଅନ୍ୟପଟେ ନିଖୋଜ ହୋଇଥିବା ପିଲାଙ୍କୁ ପାଇ ପରିବାର ଲୋକ ଖୁସି ଅନୁଭବ କରିଛନ୍ତି। ତେବେ ଏହି ଘଟଣା ଏକ ପିଲାଚୋରର ବଡ଼ ର୍ୟାକେଟ ହୋଇଥାଇପାରେ ବୋଲି ଅନୁମାନ କରାଯାଉଥିବାବେଳେ ପିଲାମାନଙ୍କର ବୟାନରେ ତାଳମେଳ ରହୁନାହିଁ ବୋଲି ପୋଲିସ କହିବା ସହ ତଦନ୍ତ ଆରମ୍ଭ କରିଛି।

**ତାଲୁକ ଆଇନ ସେବା କମିଟି ପକ୍ଷରୁ ବନ ମହୋତ୍ସବ**

ତିଗିରିଆ, (ଜାଫର ଖାଁ ) ତିଗିରିଆ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ବୁଧବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ତାଲୁକ୍ ଆଇନ ସେବା କମିଟି ଅଧକ୍ଷା ସୁଶ୍ରୀ ପ୍ରେରଣାଶ୍ରୀ ଦେଓ ଅଧକ୍ଷତା କରି ବୃକ୍ଷରୋପଣର ଆବଶ୍ୟକତା ଉପରେ କହିବା ସହ ଚାରା ଲଗାଇଥିଲେ। ତିଗିରିଆ ଓକିଲ ସଂଘ ସଭାପତି ମଙ୍ଗଳକୃଷ୍ଣ ଦାସ, ଆଇନଜୀବୀ ବିକ୍ରମ କେଶରୀ ଦାସ, ସରୋଜ କୁମାର ସାହୁ, ଶ୍ରୀକାନ୍ତ କୁମାର ସାହୁ, ଆଶୁତୋଷ ମିଶ୍ର, ଆଠଗଡ଼ ବନଖଣ୍ଡ ର ଏସସିଏଫ ହରେକୃଷ୍ଣ ମଲ୍ଲିକ ଓ ସ୍ଥାନୀୟ ହାଇସ୍କୁଲର ଛାତ୍ରମାନେ ମଧ ବୃକ୍ଷରୋପଣ କରିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ନିଶ୍ଚିନ୍ତକୋଇଲି, ୬।୭ (ଅଶୋକ କୁମାର ମହାପାତ୍ର) ନିଶ୍ଚିନ୍ତକୋଇଲି ତହସିଲ ବନ୍ଧକାଟିଆ ଗ୍ରାମରେ ନିଆଁ ଲାଗି ଗୋଟିଏ ପରିବାରର ୨ ବଖରା ଜଳିଯାଇଛି। ବନ୍ଧକାଟିଆ ଗ୍ରାମର ସାରଦା ପ୍ରସାଦ ଶତପଥୀଙ୍କ ପରିବାର ପକ୍ଷରୁ ବୃନ୍ଦାବତୀଙ୍କ ନିକଟରେ ଦିଆଯାଇଥିବା ସଞ୍ଜ ସଳିତାରୁ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଧାନ, ଚାଉଳ, ଆସବାବପତ୍ର, ମୂଲ୍ୟବାନ୍ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଅଗ୍ନିବିପନ୍ନ ପରିବାରକୁ ତହସିଲ ପକ୍ଷରୁ ୨ଟି ପଲିଥିନ ଯୋଗାଇ ଦିଆଯାଇଛି। ତହସିଲଦାର ଦିଲୀପ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ସରଜମିନ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି।

### ରାସରସିକପୁର ବିଦ୍ୟାଳୟର ୨ ଛାତ୍ରୀଙ୍କ କୃତିତ୍ୱ

ଆଠଗଡ଼,୬।୭(ସତ୍ୟ ପ୍ରସାଦ ରଥ): ରାସରସିକପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରୀ ସଫଳତା ହାସଲ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଅବସରରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାସିନୀ ସାହୁ ଓ ଆୟୁଷ୍ମିତା ତ୍ରିପାଠୀ ବକ୍ତୃତା ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟର ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ଛାତ୍ରୀ ଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗୁରୁବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଦେବରାଜ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଛାତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସହକାରୀ ଶିକ୍ଷକ ଶଶଧର ମହାରଣାଙ୍କ ଉଦ୍ୟମ ଯୋଗୁ ଛାତ୍ରୀ ଦ୍ୱୟ ଏହି ସଫଳତା ହାସଲ କରିଛନ୍ତି ବୋଲି ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

### ସାପ ଧରାଳିଙ୍କ ପରଲୋକ

କଟକ,୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)- ସାପ ଧରାଳି ବିଭୁଦତ୍ତ ଜେନା(୫୫)ଙ୍କର ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ବିଷଧର ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡୁଥିଲେ। ସେ ସାପ ଉଦ୍ଧାରକାରୀ ଭାବେ ବେଶ ପରିଚିତ ଥିଲେ। ଏଥିସହ ସେ ବନ୍ୟପ୍ରାଣୀଙ୍କୁ ବହୁତ ଭଲ ପାଉଥିଲେ। ସିଡିଏସ୍ଥିତ ବାସଭବନରେ ବିଭୁଦତ୍ତଙ୍କୁ ଶେଷଦର୍ଶନ କରିବା ପାଇଁ ବନ୍ଧୁ ଓ ପ୍ରିୟଜନଙ୍କ ଭିଡ଼ ଲାଗିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# କେନାଲ ସଫେଇ ନାମରେ ଚାଲିଛି ଘାସକଟା

**ଜମିର ଶେଷ ମୁଣ୍ଡରେ ପାଣି ପହଞ୍ଚିବା ନେଇ ଆଶଙ୍କା**

ସାଲେପୁର,୬।୭(ଅରବିନ୍ଦ ଭୂୟାଁ)



ଆଗକୁ ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ କେନ୍ଦ୍ରାପଡ଼ା କେନାଲ ସମେତ ଶାଖା କେନାଲଗୁଡ଼ିକୁ ସଫେଇ କରାଯାଉଛି। ସରକାରଙ୍କ ପକ୍ଷରୁ ଜଳସେଚନକୁ ଅଧିକ ଗୁରୁତ୍ୱ ଦେଇ କେନାଲଗୁଡିକୁ ସଫେଇ କରିବା ନିମନ୍ତେ ଅର୍ଥ ମଞ୍ଜୁର କରାଯାଉଥିବାବେଳେ ସଫେଇ କରୁଥିବା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ସଫେଇ ନାମରେ ଖାଲି ଘାସ କଟାଯାଇ ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି। ଆଗକୁ ଚାଷକାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଚାଷ ଜମିଗୁଡ଼ିକରେ କେନାଲ ମାଧ୍ୟମରେ ସୁରୁଖୁରୁରେ ଜଳସେଚନ କରିବାକୁ କେନାଲ ଗୁଡ଼ିକୁ ଜଳସେଚନ ବିଭାଗ ପକ୍ଷରୁ ସଫେଇ କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମେଶିନ ମାଧ୍ୟମରେ ସଫେଇ ନାମରେ ଖାଲି ଘାସ ସଫା କରି ସରକାରୀ ଅର୍ଥ ଆତ୍ମସାତ କରିବା ପାଇଁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ସାଲେପୁର ବ୍ଲକର କେନ୍ଦ୍ରାପଡ଼ା ମୁଖ୍ୟ କେନାଲରୁ ବାହାରିଥିବା ୬ନଂ. ଶାଖା କେନାଲର ସଫେଇ କାର୍ଯ୍ୟ ଏବେ ଚାଲୁଅଛି। ୬ ନଂ. କେନାଲର ଡାକପୋଲଠାରୁ ରୋଧପୁର ଗ୍ରାମ ପର୍ଯ୍ୟନ୍ତ ମେଶିନ ମାଧ୍ୟମରେ ସଫେଇ ନାମରେ ଖାଲି ଘାସ କଟା ଚାଲିଛି। ଯେଉଁ ସ୍ଥାନରେ କେନାଲ ପୋତି ହୋଇଯାଇଛି, ସେ ସ୍ଥାନରେ ମାଟି ଖୋଳାଯାଉନାହିଁ। ଫଳରେ କେନାଲରେ ପାଣି ଆସିଲେ ଜମିର ଶେଷମୁଣ୍ଡରେ କେନାଲ ପାଣି ପହଞ୍ଚିବାରେ ଆଶଙ୍କା ପ୍ରକାଶ ପାଇଛି। ପୂର୍ବରୁ ଠିକାଦାର ମାଧ୍ୟମରେ କେନାଲ ସଫେଇ କରାଯାଉଥିଲା, ଠିକ୍ ଭାବେ ଠିକାଦାର କେନାଲ ସଫେଇ କାର୍ଯ୍ୟ ନ କରିବାରୁ ବାରମ୍ବାର ଅଭିଯୋଗ ହେବାରୁ ଚଳିତ ବର୍ଷ ପାଣିପଞ୍ଚାୟତର ସଦସ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ ହେଉଥିଲେ ମଧ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଏବେ ବି ସେହିପରି ସଫେଇ କାର୍ଯ୍ୟ ଚାଲୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ମଳିକଙ୍କୁ ପଚାରିବାରେ ଏ ନେଇ ଅଭିଯୋଗ ପହଞ୍ଚିଛି। ସଫେଇ କାର୍ଯ୍ୟ ଯେଉଁ ସ୍ଥାନରେ ଠିକ୍ ଭାବେ କରାଯାଇନାହିଁ, ପୁନର୍ବାର ସେହି ସ୍ଥାନରେ ସଫେଇ କାର୍ଯ୍ୟ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ଜଳ ଲାଗି ବ୍ୟବସ୍ଥାର ତଦାରଖ କଲେ ଗ୍ରାମାଞ୍ଚଳ ଏସ୍‌ପି

ଖୁଣ୍ଟୁଣୀ, ୬।୭( ସଚ୍ଚିଦାନନ୍ଦ ପଣ୍ଡା )

**ଧବଳେଶ୍ୱର ଶୈବପୀଠ**

ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ନିକଟରେ ଆସନ୍ତା ୧୦ରେ ବୋଲବମ୍ ଭକ୍ତମାନେ ଜଳଲାଗି କରିବେ। ଏଥିପାଇଁ ସେମାନଙ୍କ ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଗୁରୁବାର ପୂର୍ବାହ୍ନ ସାଢେ ୧୧ଟାରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋର ଧବଳେଶ୍ୱର ପୀଠରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିଥିଲେ। ପରେ ପୀଠ ନିକଟରେ ବୋଲ୍‌ବମ୍ ଭକ୍ତଙ୍କ ଲାଗି କରାଯାଉଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳ, ବ୍ୟାରିକେଡ୍ ଓ ଅନ୍ୟାନ୍ୟ ବ୍ୟବସ୍ଥାର ତଦାରଖ କରିଥିଲେ। ସମସ୍ତ କାର୍ଯ୍ୟ ଶନିବାର ମଧ୍ୟରେ ସାରିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ବୋଲ୍‌ବମ୍ ଭକ୍ତଙ୍କ ସ୍ୱାସ୍ଥ୍ୟସେବା ଉପରେ ସେ ଅଧିକ ଗୁରୁତ୍ୱ ଦେଇଥିଲେ। ଏସ୍‌ପିଙ୍କ ଏହି ପରିଦର୍ଶନବେଳେ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ, ଡିଏସ୍‌ପି ପି.କେ. ମଲ୍ଲ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଧବଳେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ସେଠୀଙ୍କ ସହିତ ପୂଜକ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବଡ଼ମ୍ବା ତାଲୁକ ଆଇନସେବା କମିଟି ପକ୍ଷରୁ ଅଧକ୍ଷା ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ ଓ ଅନ୍ୟମାନେ କୋର୍ଟ ପରିସରରେ ଚାରାରୋପଣ କରୁଛନ୍ତି। (ଫଟୋ–ମାୟାଧର ମଲ୍ଲିକ)

# ସୁସ୍ଥ ସମାଜ ଗଠନ ପାଇଁ ଚାରା ରୋପଣ ଜରୁରୀ



ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ଛାତ୍ରମାନେ ଚାରାରୋପଣ କରୁଛନ୍ତି।

ମାଣିଆବନ୍ଧ, ୬।୭ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ଓ ବଡ଼ମ୍ବା ବନ ବିଭାଗ ପକ୍ଷରୁ ମିଳିତ ଭାବରେ ବିଦ୍ୟାଳୟ ପରିସରରେ ଗୁରୁବାର ୭୪ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯାମୀ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସୁସ୍ଥ ସମାଜ ଗଠନ ପାଇଁ ଚାରା ରୋପଣ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନସୂୟା ନାୟକ, ମନୋରଞ୍ଜନ ମହାନ୍ତି, ମଙ୍ଗୁଳି ଜେନା ପ୍ରମୁଖ ଯୋଗଦେଇଥିଲେ। ସଦର ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବନ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବନବିଭାଗ ତରଫରୁ ଅଁଳା, ବାହାଡା, କରଞ୍ଜ, କୃଷ୍ଣଚୁଡା ଆଦି ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଗଡ଼ିପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ରାଉତ, ସତୀଶ କୁମାର ମହାନ୍ତି, ଅକ୍ଷୟ କୁମାର ନାୟକ, ଶାନ୍ତିଲତା ନାୟକ, ଅନିତା ନାୟକ ଓ ସସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଶତ୍ରୁଘ୍ନ ବେହେରା ଧନ୍ୟବାଦ ଦେଇଥିଲେ।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି,୬।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମରେ ବ୍ୟବସାୟକୁ କେନ୍ଦ୍ର କରି ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସେକ୍ ନଫିସ(୩୨)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ତାଙ୍କ ସ୍ତ୍ରୀ ସୁହାନା ବିବି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୧୩/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, କିଛି ଦିନ ହେବ ନଫିସଙ୍କ ସହ ଏକ ଗୋଷ୍ଠୀର ବ୍ୟବସାୟିକ ଶତ୍ରୁତା ଲାଗି ରହିଥିଲା। ବୁଧବାର ରାତିରେ ନଫିସ ଗ୍ରାମର ଜୋର ପୋଲ ଉପରେ ବସିଥିବାବେଳେ ପ୍ରାୟ ୭ରୁ ୮ ଜଣ ବ୍ୟକ୍ତି ହାତରେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ତାଙ୍କ ନିକଟରେ ପହଞ୍ଚି ଥିଲେ। ଏହି ସମୟରେ ନଫିସଙ୍କ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବଚସା ହୋଇଥିଲା। ଏହାପରେ ସେମାନେ ନଫିସଙ୍କୁ ମାଡ଼ମାରି ଗୁରୁତର କରିବା ସହ ବନ୍ଧୁକ ଦେଖାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କ ଠାରୁ ୩୦ ହଜାର ଟଙ୍କା ଓ ମୋବାଇଲ ଛଡାଇ ନେଇ ସେଠାରୁ ଚାଲିଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ବୋଲି ଆଇଆଇସି ଗିରିଜା ଶଙ୍କର ପଟ୍ଟନାୟକ କହିଛନ୍ତି।

# କଟକ, ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ଅଗ୍ନି ସୁରକ୍ଷା ପାଇଁ ୪୫ ପଦବୀ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୭(ଅନିଲ ଦାସ)

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବୁର୍ଲା ଭିଏସ୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗର ବିଭିନ୍ନ ସ୍ତରରେ ୪୫ ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଅନୁମୋଦନ ଲାଭ କରିଥିବା ଅଗ୍ନିଶମ ବିଭାଗର ଏହି ନୂତନ ପଦବୀଗୁଡ଼ିକ ହେଲା, ୩ ଷ୍ଟେଶନ ଅଫିସର, ୪ ଲିଡିଂ ଫାୟାରମ୍ୟାନ, ୩ ହାବିଲଦାର, ୩ ଫାୟାରମ୍ୟାନ ଡ୍ରାଇଭର ଏବଂ ୩୦ଟି ଫାୟାରମ୍ୟାନ । ଏହି ନୂତନ ପଦବୀ ସୃଷ୍ଟି ଦ୍ୱାରା ଉପରୋକ୍ତ ୩ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ନିରାପତ୍ତା ଅଧିକ ସୁଦୃଢ଼ ହୋଇପାରିବ ।

# ଆମ ପୋଖରୀ ଯୋଜନାରେ ଏନ୍‌ଏସିର ୮ ଜଳାଶୟ ସାମିଲ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଓ ଅନ୍ୟମାନେ।

ବାଙ୍କୀ,୬।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏନ୍‌ସି ଅଞ୍ଚଳରେ ଥିବା ଜଳାଶୟଗୁଡ଼ିକର ନବୀକରଣ କାର୍ଯ୍ୟକ୍ରମ ଓ ଆମ ପୋଖରୀ ଯୋଜନାକୁ ମୁଖ୍ୟମନ୍ତ୍ରୀ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଙ୍କୀ ଏନ୍‌ଏସି ଅଞ୍ଚଳର ୮ ଜଳାଶୟକୁ ପ୍ରାଥମିକଭାବେ ଚୟନ କରାଯାଇଛି।
ସେଥିରୁ ୱାର୍ଡ ନଂ.୪ ଶିଶୁଆ ଓ ୱାର୍ଡ ନମ୍ବର -୧୭, ମନ୍ତ୍ରୀ ସାହି ଆଦି ୨ ଜଳାଶୟର କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି। ମିଶନ ଶକ୍ତି ମହିଳାଙ୍କ ସହଭାଗିତାରେ ପ୍ରକଳ୍ପ କାର୍ଯ୍ୟ ହେବା ସହ ଏହାର ନବୀକରଣ ଓ ରକ୍ଷଣାବେକ୍ଷଣ ମଧ ମହିଳାମାନଙ୍କ ଦ୍ୱାରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ସହରାଞ୍ଚଳର ପାରିପାର୍ଶ୍ୱିକ ସ୍ଥିତିରେ ଅଭିବୃଦ୍ଧି ହେବା ସହ ସୌନ୍ଦର୍ଯ୍ୟକରଣ ହୋଇପାରିବ। ବାଙ୍କୀ ବ୍ଲକ ସ୍ମାର୍ଟ ଗୃହଠାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ନିର୍ବାହୀ ଅଧିକାରୀ ସମ୍ପାଦକ କୁମାର ସ୍ୱାଇଁ, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, ପ୍ରତୀମା ରାଉତ, ଅଶାନ୍ତି ରାଉତ, ନିରୂପମା ବେହେରା, ମନୋରମା ବେହେରା, ବବିତା ମନ୍ତ୍ରୀ ,ପ୍ରଭାତି ମଙ୍ଗୁଆଳ ଓ ୫ନଂ. ୱାର୍ଡ କାଉନସିଲରଙ୍କ ପ୍ରତିନିଧି ଶ୍ରୀନିବାସ ବେହେରା, କନିଷ୍ଠଯନ୍ତ୍ରୀ ରମେଶ ଚନ୍ଦ୍ରସେଠୀ, ମୁକ୍ତା ସଂଯୋଜକ ଦୀପକ ସାମଲ, ହିସାବ ରକ୍ଷକ ବନୀତା ନାୟକ, ଗୋଷ୍ଠୀ ସଙ୍ଗଠିକା ମଧୁସ୍ମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମଙ୍ଗଳା ପୀଠର ବାର୍ଷିକ ଉତ୍ସବ

ମାହାଙ୍ଗା,୬।୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ପରିଡ଼ାପାଟଣା ଗ୍ରାମରେ ଥିବା ଗ୍ରାମ ଦେବତୀ ମା' ମଙ୍ଗଳା ପୀଠର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଅଗ୍ନି ସଂଯୋଗ ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଗୋବିନ୍ଦ ମହାନ୍ତି, କର୍ତ୍ତ୍ରୀ ଭାବେ ନିର୍ମଳା ମହାନ୍ତି ପୂଜାରେ ବସିଥିଲେ। ପୂଜକ ଭାବେ ପଣ୍ଡିତ ଚିନ୍ମୟ ଦାଶ, ଗୋବିନ୍ଦ ଦାଶ, ଦିଲୀପ ଦାଶ, ଅଭିମନ୍ୟୁ ପାଢ଼ୀ ଓ ଜନ୍ମେଜୟ ଦାଶ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମବାସୀ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ



ସମାବେଶରେ ଭାଜପା ନେତା ଓ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର,୬।୭ (ମାନସ ସାମଲ)

**ଭାଜପାର କର୍ମୀ ସମାବେଶ**

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପାଟଣାସ୍ଥିତ ସରଦେଇ ମନ୍ଦିର ପ୍ରାଙ୍ଗଣରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଏକ କର୍ମୀ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ତଥା ଭାଜପା ନେତା ପ୍ରମୋଦ କୁମାର ସାହୁ ଯୋଗଦେଇ କହିଥିଲେ, କର୍ମୀମାନେ ଗରିବ ଲୋକଙ୍କ ନିକଟକୁ ଯାଇ ଅସୁବିଧା ବୁଝିବା ସହ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଅ। ପକ୍କାଘର ନ ଥିବା ଲୋକଙ୍କୁ ଆଗାମୀ ଦୁଇ ମାସ ମଧ୍ୟରେ ଆବାସ ଯୋଜନାରେ ସାମିଲ କରିବା ପାଇଁ କହିଥିଲେ। ଏହି ସମାବେଶରେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତି ରଞ୍ଜନ ମିଶ୍ର, ବିକାଶ ବେହେରା, କଳ୍ପନା ସାହୁ, ଏସ୍. ରାବଣା ରେଡ୍ଡୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକ, ସମିତି ସଭ୍ୟା ସସ୍ମିତା ନାୟକ, ହେମନ୍ତ ମଞ୍ଜରୀ ଭଞ୍ଜଦେଓ, ନିରୋଦ ଚନ୍ଦ୍ର ପଣ୍ଡା, ଗୁଟୁ ନନ୍ଦ, ବିରଞ୍ଚି ମଲ୍ଲିକ, ଚତୁର୍ଭୁଜ ସାହାଣୀ ଯୋଗଦେଇଥିଲେ। ଯୁବ ସଙ୍ଗଠକ ଦୀପକ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ବିଧାନସଭାସ୍ତରୀୟ ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ

ଆଠଗଡ଼,୬।୭(ସତ୍ୟ ପ୍ରସାଦ ରଥ)



ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାଏଙ୍କ ନେତୃତ୍ୱରେ ଆଠଗଡ଼ସ୍ଥିତ ମହାବୀର ପ୍ଲାଜାଠାରେ ଆଠଗଡ଼ ବିଧାନସଭାସ୍ତରୀୟ ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ମୋର୍ଚ୍ଚାର ସମସ୍ତ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମ୍ମିଳନୀକୁ ବିଧାନସଭା ସଂଯୋଜକ ବିକ୍ରମ କେଶରୀ ଦାଶ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଏସିମୋର୍ଚ୍ଚା ରାଜ୍ୟ ସଭାପତି ଡ. ବିଭୁ ପ୍ରସାଦ ତରାଇ ଯୋଗଦେଇ ମୋଦିଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ କିଭଳି ପହଞ୍ଚାଯାଇପାରିବ ସେ ବିଷୟରେ ସମସ୍ତ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କଟକ ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ବିଧାନସଭା ପ୍ରଭାରୀ ଜ୍ଞାନେନ୍ଦ୍ର ସ୍ୱାଇଁ, ଲୋକସଭା ବିସ୍ତାରକ ମୃତ୍ୟୁଞ୍ଜୟ ଜେନା, କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, କଟକ ଜିଲା ସମ୍ପାଦିକା ହେମମଞ୍ଜରି ଭଞ୍ଜଦେଓ, ଆଠଗଡ଼ର ନାରୀନେତ୍ରୀ ସୁଶ୍ରୀ ଇଲ୍ଲା ପଣ୍ଡ, ଏସ୍‌ସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସତ୍ୟଜିତ ମଲ୍ଲିକ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଅଶିନୀ ସାହୁ, ସମସ୍ତ ମଣ୍ଡଳର ସଭାପତି ତପନ ଲେଙ୍କା, ଉମେଶ ସାମଲ, ନିର୍ମଳ କୁମାର, ସନ୍ତୋଷ ରାଉତ, ଚିନ୍ମୟ ମଲ୍ଲିକ, ନଗର ମଣ୍ଡଳ ସଭାପତି ହେମନ୍ତ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁନିଲ ମିଶ୍ର, ରମାକାନ୍ତ ସେନାପତି, ପ୍ରଫୁଲ୍ଲ ପରିଡ଼ା, ହରିହର ସାହୁ, ବିବେକାନନ୍ଦ ବେଉରା, ଶଶଧର ମିଶ୍ର, ନିର୍ବାଚନମଣ୍ଡଳୀ ମିଡିଆ ସଂଯୋଜକ ପରେଶ ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

# କର୍ମଚାରୀ ଅଭାବରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା

ନିଶ୍ଚିନ୍ତକୋଇଲିଲ ୬।୭ (ଅଶୋକ କୁମାର ମହାପାତ୍ର)

- **ବିଭିନ୍ନ ପଦବୀ ଖାଲି ପଡ଼ିଛି**
- **ହିତାଧିକାରୀ ନିରାଶ ହୋଇ ଫେରୁଛନ୍ତି**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି ପଡିଛି।
ଏଠାରେ କାର୍ଯ୍ୟରତ ପିଅନଙ୍କ ମୃତ୍ୟୁ ଘଟିଛି। ଏଥିସହ ୨ ସୁପରଭାଇଜର ପଦବୀ ମଧ ଖାଲି ପଡ଼ିଛି। ଫଳରେ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ସିଡିପିଓଠାରୁ ସୁପରଭାଇଜର ପର୍ଯ୍ୟନ୍ତ ସଭିଏଁ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଅଙ୍ଗନୱାଡିକେନ୍ଦ୍ର ପରିଦର୍ଶନ ଠିକ୍ ଢଙ୍ଗରେ ହୋଇପାରୁନାହିଁ। ଏହାର ସୁଯୋଗ ନେଇ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ମନମୁଖିଭାବେ କାମ କରୁଛନ୍ତି।
ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନରେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତ ରହିଛି। ଏହି ୪୧ ପଞ୍ଚାୟତ ଅଧିନରେ ୨୮୪ ଅଙ୍ଗନୱାଡି ଓ ୨୫ଟି ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡିକୁ ପରିଚାଳନା କରିବା ନିମନ୍ତେ ୧୧ ଜଣ ପରିଦର୍ଶିକାଙ୍କ ଆବଶ୍ୟକ ଥିବା ବେଳେ ୨ ପଦବୀ ଖାଲି ପଡ଼ିଛି। ଫଳରେ ୯ ଜଣ ପରିଦର୍ଶିକାଙ୍କ ପକ୍ଷରେ ଏତେବଡ ଅଞ୍ଚଳକୁ ନେଇ କାର୍ଯ୍ୟ କରିବା କାଠିକର ହୋଇଯାଇଛି। ସେହିପରିଭାବେ କାର୍ଯ୍ୟାଳୟର ବରିଷ୍ଠ କିରାଣି ମେ ୩୧ରେ ନିଶ୍ଚିନ୍ତକୋଇଲି ତହସିଲକୁ ବଦଳି ହୋଇଯାଇଛନ୍ତି। ଏଠାରେ ଏପର୍ଯ୍ୟନ୍ତ କୌଣସି ବରିଷ୍ଠ କିରାଣିଙ୍କୁ ଦିଆଯାଇ ନ ଥିବାବେଳେ କାର୍ଯ୍ୟାଳୟର ଜୁନିୟର କିରାଣିଙ୍କ ବଦଳି ମାର୍ଚ୍ଚ ୨୭ରୁ ହୋଇଯାଇଛି। ପିଅନ କ୍ଷେତ୍ରବାସୀ ସ୍ୱାଇଁଙ୍କ ଗତ ଏପ୍ରିଲ ୨୦ରେ ଅକାଳ ବିୟୋଗ ଘଟିଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ନୂତନ ନିଯୁକ୍ତି ହୋଇନାହିଁ। ଏହି କାର୍ଯ୍ୟାଳୟ ଅଧୀନରେ ଥିବା ୨୮୪ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୨ଟି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି। ଗୋଟିକରେ ସହାୟିକା ପଦବୀ ଖାଲି ପଡିଛି। ଅପରପକ୍ଷେ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଦୈନନ୍ଦିନ ଦୂର ଦୂରାନ୍ତରୁ ବହୁ ସଂଖ୍ୟାରେ ଗର୍ଭବତୀ, ମହିଳା ସେମାନଙ୍କ ଶିଶୁକୁ ନେଇ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସି ନିରାଶ ହେଉଛନ୍ତି। ପ୍ରଶାସନିକ ସ୍ତରରେ ତୁରନ୍ତ ଏହି ପଦବୀଗୁଡିକୁ ପୂରଣ କରାଯିବା ନିମନ୍ତେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ଅମିୟ କୁମାର ବିଶ୍ୱାଳ,ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ସିଡିପିଓ ସତ୍ୟଭାମା ବିଶୋଇ କୁହନ୍ତି, ସେ ନୂଆ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ପଦବୀଖାଲି ପଡିଥିବା କାରଣରୁ ସମସ୍ତ କାର୍ଯ୍ୟ ଠିକ ଭାବେ କରିହେଉ ନାହିଁ। ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜଟଣୀ,୬।୭(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ଥାନା ସମ୍ମୁଖରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ରାମଚନ୍ଦ୍ରପୁର ମା'ଡମଣେଇ ମନ୍ଦିର ଅଞ୍ଚଳର ସୌମ୍ୟକାନ୍ତ ବଡ଼ଜେନା(୩୩)। ସୂଚନା ମୁତାବକ, ରାତି ପ୍ରାୟ ୧୦ଟାରେ ସୌମ୍ୟକାନ୍ତ କୌଣସି କାମରେ ସ୍କୁଟିରେ ବଜାରକୁ ଯାଉଥିଲେ। ଏହି ସମୟରେ ଖୋର୍ଦ୍ଧା ପଟୁ ଜଟଣୀ ଅଭିମୁଖେ ଅସୁଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ୧୦୮ ଆମ୍ବୁଲାନ୍ସରେ ନେବା ପାଇଁ ସ୍ଥାନୀୟ ପୋଲିସ ପହଞ୍ଚି ଫୋନ କରିଥିଲେ ମଧ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପରେ ଜଟଣୀ ୟୁଥ ଫେଡରେଶନ ସ୍ୱେଚ୍ଛାସେବୀ ଓ ପୋଲିସ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସରେ ଆହତ ସୌମ୍ୟକାନ୍ତଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟଇଥିବା ଟ୍ରକକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବୋଲଗଡ଼,୬।୭(ଦେବବ୍ରତ ହୋତା):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ତହସିଲ କାର୍ଯ୍ୟାଳୟ ନିକଟରେ ଗୁରୁବାର ମଧାହ୍ନରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତେବେ ତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଜଣେ ଏକ ବାଇକ (ଓଡି-୦୨ଜି ୮୯୫୫)ରେ ରାଜସୁନାଖଳାରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ବୋଲଗଡ଼ ତହସିଲ କାର୍ଯ୍ୟାଳୟ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ସ୍ଥାନନ୍ତର କରାଯାଇଛି। ବୋଲଗଡ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

### ସାଇବାବାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନିରାକାରପୁର,୬।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତରେ ଥିବା ସାଇବାବାଙ୍କ ପୀଠରେ ସପ୍ତାହବ୍ୟାପୀ ଚାଲିଥିବା ସାଇବାବାଙ୍କ ବିଗ୍ରହ ପ୍ରତିଷ୍ଠା ଓ ଗୁରୁପୂର୍ଣ୍ଣିମା ଉତ୍ସବର ପୂର୍ଣ୍ଣାହୁତି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତି ଦିବସରେ ରୀତିନୀତି ଅନୁଯାୟୀ ଗୋପୂଜା, ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ହରିବୋଲ, ହୁଳହୁଳି ଓ ନମ ସଂକୀର୍ତ୍ତନରେ ବାବାଙ୍କ ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବହୁ ଶ୍ରଦ୍ଧାଳୁଙ୍କ ସମେତ ସମାଜିକକର୍ମୀ ଚନ୍ଦ୍ରଶେଖର ମହାପାତ୍ର, ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ପ୍ରଭୁକୃପା ଲାଭ କରିଥିଲେ।

# 'ସମନ୍ୱୟ ରଖି କାମ କଲେ ଡେଙ୍ଗୁ ନିୟନ୍ତ୍ରଣ ହେବ'

**ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ)**


ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଉଦ୍‌ବେଗଜନକ ରହିଛି। ଜିଲାରେ ଡେଙ୍ଗୁ ରୋଗ ପ୍ରତିରୋଧ ଓ ନିରାକରଣ ପାଇଁ ଏକ ଆନ୍ତଃ ବିଭାଗୀୟ ଜିଲାସ୍ତରୀୟ ସମନ୍ୱୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ଜିଲାରେ ଡେଙ୍ଗୁ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟରବାହିତ ରୋଗ) ଡା. ଜୀବନ୍ତ ଆଚାର୍ଯ୍ୟ ଏବଂ ଆଇଡି(ଭିଭିଡି) ଡା. ଶୁଭାଶିଷ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଜାନୁୟାରୀରୁ ଗୁରୁବାର ସୁଦ୍ଧା ଜିଲାରେ ୧୬୮ ରୋଗୀ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ଭୁବନେଶ୍ୱର ସଂଖ୍ୟା ୧୧୮ ରହିଛି। ଖୋର୍ଦ୍ଧାରେ ୬, ଅଜଣା ୪୪ଜଣ ରହିଛନ୍ତି। କ୍ୟାପିଟାଲ ଓ ଖୋର୍ଦ୍ଧା ହସ୍ପିଟାଲରେ ୯ଜଣ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କଲେ ଜିଲାରେ ଡେଙ୍ଗୁକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ।

ଏ ସମ୍ପର୍କରେ ଏଡିପିଏଚଓ(ଭିଭିଡି) ଆଚାର୍ଯ୍ୟ କହିଥିଲେ, ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାସ୍ତରରେ ଏହା ପରିଚାଳନା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜିଲା ସ୍ତରରେ ଏକ କମିଟି ରହିଥିବା ବେଳେ ପ୍ରତି ବ୍ଲକସ୍ତରରେ କମିଟି ଗଠନ କରାଯାଇଛି। ଜୁଲାଇ ପହିଲାରୁ ଡୋର କ୍ୟାମ୍ପେନ ଆରମ୍ଭ ହୋଇଛି। ସପ୍ତାହକୁ ଦୁଇ ଦିନ ଡ୍ରାଇ ଡେ ଘୋଷଣା କରାଯାଇଛି। ଆଶା, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟ

**ଆନ୍ତଃ ବିଭାଗୀୟ ଜିଲାସ୍ତରୀୟ ସମନ୍ୱୟ ବୈଠକ**

କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗାଁ କଲ୍ୟାଣ ସମିତି ଜରିଆରେ ପ୍ରତି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବେ। ଘର ଛାତ, ଅଗଣାରେ ଖାଲି ସ୍ଥାନରେ ପାଣି ଜମିବାକୁ ଦେବେ ନାହିଁ। ଅଳିଆ ଆବର୍ଜନା ଏଣେତେଣେ ପକାଇବେ ନାହିଁ। ମଶାରି ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରିବେ।

ଜିଲା ଶିକ୍ଷାଧିକାରୀ ସମସ୍ତ ବିଦ୍ୟାଳୟ, ହାଇସ୍କୁଲ ସ୍ତରରେ ପିଲାଙ୍କୁ ସଚେତନ କରିବା ବ୍ୟବସ୍ଥା କରିବେ। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଇଓ, ସିଆରସିସିମାନେ ନିଜସ୍ତରରେ ଏହାକୁ ସଂଯୋଜନା କରିବେ। ପଞ୍ଚାୟତ ସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବେ। ସହରାଞ୍ଚଳରେ ସମସ୍ତ ପରିବା ବଜାରରେ ଦୋକାନୀଙ୍କୁ ପୌର ପ୍ରଶାସନ ପକ୍ଷରୁ ଅବଗତ କରାଯିବ। ସମସ୍ତ ଡ୍ରେନକୁ ଜରୁରିକାଳିନ ଭିତିରେ ସଫା ସହ ମଶାମରା ତେଲ, ମଶା ଧୂଆଁ ବ୍ୟବସ୍ଥା କରିବେ। ପ୍ରତି ୱାର୍ଡରେ ସ୍ୱଚ୍ଛ ସାଥୀମାନେ ଲୋକଙ୍କୁ ସଚେତନ କରିବେ। ଅଳିଆ ବୁହା ଗାଡିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଡେଙ୍ଗୁ ପ୍ରତିରୋଧ ସମ୍ପର୍କରେ ସୂଚନା ଦେବେ। ଏଥିସହିତ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେବା ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଆରଟିଓ, ଶ୍ରମ ବିଭାଗ, ଗୃହ ଓ କୋଠାବାଡ଼ି, କୃଷି, ମତ୍ସ୍ୟ ଓ ପଶୁପାଳନ, ପ୍ରାଣୀଧନ ବିଭାଗୀୟ ଅଧିକାରୀ, ଯେଉଁମାନେ ଫିଲ୍ଡରେ କାମ କରୁଛନ୍ତି ସେମାନେ ବ୍ୟାପକ ସଚେତନ କରିବା ସହ ଲୋକଙ୍କୁ ଲିଫଲେଟ ଦେବା ବ୍ୟବସ୍ଥା ମଧ କରିବେ। ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇ ପଡିଥିବା ଗାଡ଼ି, ଗ୍ୟାରେଜ ଆଦି ସ୍ଥାନରେ ଯେପରି ଡେଙ୍ଗୁ ନ ବ୍ୟାପିବ ସେଥିଲାଗି ପରିବହନ ବିଭାଗ ଏଥିପ୍ରତି ଯତ୍ନବାନ ହେବା ଲାଗି ଜିଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ(ଜନସ୍ୱାସ୍ଥ୍ୟ) ଡା.ପ୍ରଶାନ୍ତ କୁମାର ନାୟକ, ଏଡିଏମଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡା, ଜିଲା ସମାଜମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ପୌର ନିର୍ବାହୀ ଅଧିକାରୀ ରିଜୱାନ୍ କିଅକପ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଭେକ୍ଟରବାହିତ ରୋଗ କନସାଲଣ୍ଟାଟ୍ ଅଧିକାରୀ ସ୍ମୃତିରଞ୍ଜନ ରାଉତ ଓ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପରିଚାଳନା କରିଥିଲେ।

### କୃଷ୍ଣପ୍ରସାଦକୁ ମୋ ବସ୍ ଚଳାଚଳ ପାଇଁ ଦାବି

**ପୁରୀ,୬।୭(ଅଜିତ୍ ମହାନ୍ତି)**

କୃଷ୍ଣପ୍ରସାଦ ବ୍ଲକ ଏବଂ ଏହାର ପାଖ ଅଞ୍ଚଳ ମଧ୍ୟରେ ମୋ ବସ୍ ସୁବିଧା ଆରମ୍ଭ କରିବାକୁ କୃଷ୍ଣପ୍ରସାଦ ବ୍ଲକର ସମାଜସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, କୃଷ୍ଣପ୍ରସାଦ ବ୍ଲକ ଏକ ଚିଲିକା ମଧ୍ୟସ୍ଥ ଦୀପାଞ୍ଚଳ ଏବଂ ପୁରୀ ସଦର ମହକୁମାଠାରୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ରହିଛି। ଜିଲାରେ ରହି ମଧ ଏଠିକାର ଅଞ୍ଚଳବାସୀ ଜିଲା ସଦର ମହକୁମାର ସୁବିଧା ପାଇବାରେ ବଞ୍ଚିତ ଅଛନ୍ତି। 'ଭାରତମାଳା' ପ୍ରକଳ୍ପ ଦ୍ୱାରା 'ଜହ୍ନିକୁଦା- ସାତପଡ଼ାକୁ' ହେବାକୁ ଥିବା ବ୍ରିଜ ମଧ ହୋଇପାରିଲା ନାହିଁ। ବର୍ତ୍ତମାନ କୃଷ୍ଣପ୍ରସାଦ ବ୍ଲକର ଜନସଂଖ୍ୟା ଅନେକ ମାତ୍ରାରେ ବଢିଛି ଏବଂ ଜନସଂଖ୍ୟାକୁ ଦେଖିଲେ ଜନସାଧାରଣଙ୍କ ଗମନାଗମନ ସୁବିଧା ଢେର କମ ରହିଛି। ଯାହାଦ୍ୱାରା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଲୋକମାନେ ଅତ୍ୟନ୍ତ ଖର୍ଚ୍ଚାନ୍ତ ବି ହେଉଛନ୍ତି। କୃଷ୍ଣପ୍ରସାଦ ଅଞ୍ଚଳରେ ଉଚିତ ସ୍ୱାସ୍ଥ୍ୟାବସ୍ଥାର ଅସୁବିଧା ଥିବାରୁ ଅସୁବିଧା ସମୟରେ ଏଠାକାର ଲୋକମାନେ ଗଞ୍ଜାମ ଜିଲାର ଛତ୍ରପୁର, ବ୍ରହ୍ମପୁର ମେଡିକାଲ ଉପରେ ନିର୍ଭର କରନ୍ତି। ଦାବିପତ୍ର ପ୍ରଦାନ ବେଳେ ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ବିଷ୍ଣୁଚରଣ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବେଗୁନିଆ ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## 'ପ୍ରତିଭା ବିକଶିତ ହେଲେ ପରିଚୟ ଆପେ ସୃଷ୍ଟି ହୁଏ'

**ବେଗୁନିଆ,୬।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ପ୍ରତିଭା ସମ୍ମାନ ଓ ପ୍ରଧାନ ଶିକ୍ଷକ ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗୋଷ୍ଠୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ୫୩ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ଡ. ହରିପ୍ରସାଦ ଦାସ ବକ୍ତାଭାବେ ଯୋଗଦେଇଥିଲେ। ଅତିଥିଭାବେ ଖୋର୍ଦ୍ଧା ଡିଆଇଇଟି ଅଧକ୍ଷ ତାପସ ନାୟକ, ବିଡିଓ ଲକ୍ଷ୍ମୀଧର ସାହୁ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଭକ୍ତିରଞ୍ଜନ ବେହେରା, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବିଧାୟକଙ୍କ

**ସମ୍ବର୍ଦ୍ଧିତ ହେଲେ ୫୩ ଛାତ୍ରୀଛାତ୍ର**

ପ୍ରତିନିଧି ପ୍ରଶାନ୍ତ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ସ୍ୱାଗତିକା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ ପାଇ ଉତ୍ତୀର୍ଣ୍ଣ ହୋଇଥିବା ୩୮ଜଣ ଏବଂ ଜବାହର ନବୋଦୟ ବିଦ୍ୟାଳୟକୁ ସିଲେକ୍ସନ ହୋଇଥିବା ୧୫ ଜଣଙ୍କୁ ମିଶାଇ ମୋଟ୍ ୫୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶ୍ରମ କରି ନିଜର ପ୍ରତିଭାକୁ ବିକଶିତ କର, ତେବେ ପରିଚୟ ଆପେ ଆପେ ସୃଷ୍ଟି ହେବ ବୋଲି ଅତିଥି ସାହୁ କହିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, କୈଳାସ ତ୍ରିପାଠୀ, ଡ.ଗଣେଶ୍ୱର ସ୍ୱାଇଁ, ସନ୍ତୋଷ ପଟ୍ଟନାୟକ, ବସନ୍ତ ପ୍ରହରାଜ, ଆଶିଷ ସୁବୁଦ୍ଧିଙ୍କ ସମେତ ବହୁ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଶରତ ପଟ୍ଟନାୟକ, ବିରଞ୍ଚି ନାରାୟଣ ମହାପାତ୍ର, ସରୋଜ ବେହେରା, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ସମାରୋହରେ ସହଯୋଗ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟ ଉନ୍ନତିର ବିନ୍ଧାଣି ଥିଲେ ନୀଳକଣ୍ଠ

**ବେଗୁନିଆ,୬।୭(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ନୀଳକଣ୍ଠ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁରୁବାରି ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁବନାନନ୍ଦ ଶତପଥୀ, ସରପଞ୍ଚ ଶାନ୍ତିଲତା ଦାସ, ସମିତିସଭ୍ୟା ପୁଷ୍ପାଞ୍ଜଳି ପାଇକରାୟ, ଗଣେଶ୍ୱର ସ୍ୱାଇଁ, ରତିକାନ୍ତ କହଳସିଂହ, ଉମାକାନ୍ତ ପାଣିଗ୍ରାହୀ, ଭାଗବତ ପ୍ରସାଦ ପାଣ୍ଡେ, ଭିକାରିଚରଣ ସାହୁ, ପ୍ରଦୀପ୍ତ ବ୍ରହ୍ମା, ସୁଶ୍ରୀ ଚାରୁଲତା ବେହେରା, ମଧୁସୂଦନ ଦାସ, ବିଧୁଭୂଷଣ ଦାସ, ପ୍ରଫୁଲ୍ଲ ତୋଷ ଉପସ୍ଥିତ ଥିଲେ। ବିଦ୍ୟାଳୟ ଉନ୍ନତିର ବିନ୍ଧାଣି ସାଜିଥିଲେ ନୀଳକଣ୍ଠ ବୋଲି ମତପ୍ରକାଶ ପାଇଥିଲା। ଅଶୋକ ମହାପାତ୍ର ମଞ୍ଚ ପରିଚାଳନା, ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗିରଫ କରିବାକୁ ଯାଇ ପୋଲିସ ହଟହଟା

**ନିରାକାରପୁର, ୬।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

**ସାଦା ପୋଷାକରେ ଆସିଥିଲେ**



ଜଣେ ଯୁବକଙ୍କୁ ଗିରଫ କରିବାକୁ ଯାଇଥିବା ଦୁଇଜଣ ସାଦା ପୋଷାକଧାରୀ ପୋଲିସ ହଟହଟା ହେବା ସହ ଖାଲି ହାତରେ ଫେରିଛନ୍ତି। ଏପରିକି ଯୁବକଙ୍କ ପରିବାର ଲୋକଙ୍କ ସହ ପୋଲିସର ଠେଲାପେଲା ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ଖୋର୍ଦ୍ଧା ଜଲା ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ଷ୍ଟେଶନ ରାସ୍ତାରେ ଗୁରୁବାର ଦେଖିବାକୁ ମିଳିଛି । ଅନ୍ୟପଟେ ଯୁବକଙ୍କ ଭଉଣୀ ଏନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଯୁବକ ଜଣଙ୍କ ଗଡ଼ିଶାଗୋଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲପାଇଥିଲେ। ତେବେ ଏ ସମ୍ପର୍କରେ ଯୁବକଙ୍କ ପରିବାର ଲୋକେ ଜାଣି ନ ଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଯୁବତୀଙ୍କ ଫଟୋ ଭାଇରାଲ ଯୁବକ ଜଣକ କରିଥିବା ନେଇ ପୁରୀ ଜିଲା ଗଡ଼ିଶାଗୋଦା ଥାନା ପକ୍ଷରୁ ପରିବାର ଲୋକେ ଜାଣିବାକୁ ପାଇଥିଲେ। ପରେ ଉଭୟ ପକ୍ଷର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିଲା। ଗୁରୁବାର ହଠାତ୍ ଦୁଇଜଣ ବ୍ୟକ୍ତି ଘରକୁ ଆସି ସମ୍ପୃକ୍ତ ଯୁବକଙ୍କୁ ଜୋରଜବରଦସ୍ତ ବାଇକରେ ବସାଇବା ବେଳେ ପାଟିଶୁଣି ପରିବାରଲୋକେ ପହଞ୍ଚିଥିଲେ। କାହିଁକି ନେଉଛ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହିତ ବାପା, ବୋଉକୁ ଟଣାଓଟରା କରିଥିବା ନେଇ ଅଭିଯୋଗ ହୋଇଛି। ପରେ ଉକ୍ତ ଦୁଇ ବ୍ୟକ୍ତି ସେଠାରେ ପଳାଇଥିଲେ। ଅନ୍ୟପକ୍ଷରେ ସାଦା ପୋଷାକରେ ଆସିଥିବା ପୋଲିସଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଚିଲିକା ଅଞ୍ଚଳରେ ଆଖି ଧରା ରୋଗ ବ୍ୟାପୁଛି

**ବାଲୁଗାଁ,୬।୭(ସଂଗ୍ରାମ ପାଇକରାୟ)**

ବାଲୁଗାଁ, ବାଣପୁର ଓ ଏହାର ଆଖପାଖ ତଥା ଚିଲିକା ଅଞ୍ଚଳରେ କିଛି ଦିନ ହେବ ଆଖି ଧରା ରୋଗ ବ୍ୟାପିବାରେ ଲାଗିଛି। ଆଖି ଲାଲ ପଡିବା ସହ କୁଣ୍ଡେଇ ହେବା ସହିତ ଦରଜ ହୋଇ ଫୁଲି ଯାଇ ଯନ୍ତ୍ରଣା ହେଉଥିବା ଜଣାପଡ଼ିଛି। ଜଣଙ୍କ ଠାରେ ଏହି ରୋଗ ଆରମ୍ଭ ହୋଇ ସାରା ପରିବାରକୁ ବ୍ୟାପୁଛି। ତିନି ଚାରି ଦିନ ପରେ କେତେଜଣ ସୁସ୍ଥ ଅନୁଭବ କରୁଥିବା ବେଳେ କାହାର ସପ୍ତାହରୁ ଅଧିକ ଦିନ ଧରି ଆଖି ଯନ୍ତ୍ରଣା ଲାଗି ରହୁଛି। ଏହା ସଂକ୍ରମଣ ଜନିତ ରୋଗ ହୋଇଥିବା ବେଳେ ଔଷଧ ବ୍ୟବହାର କଲେ କାହାର ଉପଶମ ହେଉଛି ତ କାହାର ଉପଶମ ହେବାରେ ଡେରି ହେଉଛି। ତେବେ ଏହି ସଂକ୍ରମଣ ରୋଗର ଔଷଧ ବ୍ୟାପକ ପରିମାଣରେ କଳା ବଜାରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପର୍ଯ୍ୟାପ୍ତ ପରିମାଣରେ ଆଖି ଧରା ଔଷଧର ବ୍ୟବସ୍ଥା ନିମନ୍ତେ ସାଧାରଣରେ ଦାବି ହେଉଛି।

## ଶିଖରଚଣ୍ଡୀ ପାହାଡ଼ ସୁରକ୍ଷା ପାଇଁ ପ୍ରୟାସ

**ଆରମ୍ଭ ହେଲା ଜନସମ୍ପର୍କ ଯାତ୍ରା, ମୁଠି ଚାଉଳ ସଂଗ୍ରହ**

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**



ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରିବା ସହ ଏହାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି। ପ୍ରଥମେ ପ୍ରକଳ୍ପକୁ ବିରୋଧ କରି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବା ପରେ ଶିଖରଚଣ୍ଡୀ ପାହାଡ଼ ସହ ପାଇକମାନଙ୍କ ଅସ୍ମିତାକୁ ବଞ୍ଚାଇବା ପାଇଁ ଗୁରୁବାରଠାରୁ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଛି। ଏହି କ୍ରମରେ ଖୋର୍ଦ୍ଧା ଜିଲାରେ ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ଘରୁ ମୁଠି ଚାଉଳ ସଂଗ୍ରହ ସହ ସହଭାଗୀତା ସଂଗ୍ରାମ ପାଇଁ ଅଭିଯାନ ଆରମ୍ଭ ହୋଇଛି। ପାଇକମାନଙ୍କ ପାଇଁ ବରୁଣେଇ ପରି ଶିଖରଚଣ୍ଡୀ ମଧ ସମରାଭ୍ୟାସ ପୀଠ। ସେଠାରେ ମା'ଙ୍କ ଆର୍ଶୀବାଦ ନେଇ ବ୍ରିଟିଶ ବିରୋଧରେ ଲଢେଇ କରାଯାଉଥିଲା। କୌଣସି ପଲ୍ଲୀସଭା କି ଜନ ଶୁଣାଣି ନ କରି ଏଭଳି ଏକ ଐତିହାସିକ ପୀଠକୁ ଖଣ୍ଡଖଣ୍ଡ କରିବାକୁ ଯେଉଁ ଯୋଜନା ଚାଲିଛି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସମିତି ପକ୍ଷରୁ କୁହାଯାଇଛି। ସରକାର ଜାଣିଶୁଣି ପାଇକଙ୍କ ସମସ୍ତ ସ୍ମୃତିପୀଠକୁ ନଷ୍ଟ କରିଦେବାକୁ ଚାହୁଁଛନ୍ତି। ନଚେତ ମା' ଶିଖରଚଣ୍ଡୀଙ୍କ ୨୧୨ଏକର ଜମିକୁ କିଭଳି ଇଡ୍‌କୋ ନେଇ ଶାଗ ମାଛ ଦରରେ ବିକ୍ରି କରିଚାଲିଛି ବୋଲି ପ୍ରଶ୍ନ କରାଯାଇଛି। ଅପରପକ୍ଷେ ଏତେବଡ଼ ପାହାଡ଼କୁ କାଟିବା ପାଇଁ ଜଙ୍ଗଲ ବିଭାଗର ମଧ ଅନୁମତି ନିଆଯାଇ ନାହିଁ। ତେଣୁ ସମସ୍ତେ ମିଳିମିଶି ଶିଖରଚଣ୍ଡୀଙ୍କ ଜମିକୁ ହଡ଼ପ କରିଥିବା ସ୍ପଷ୍ଟ ହୋଇଛି ବୋଲି ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସମିତିର ସଚିବ ମହାପାତ୍ର କହିଛନ୍ତି, ଆଗକୁ ଅଞ୍ଚଳବାସୀ ମହାସଂଗ୍ରାମ ପାଇଁ ପ୍ରସ୍ତୁତି ସହ ଖୋର୍ଦ୍ଧା ଜିଲାର ସମସ୍ତ ପାଇକ ଏକଜୁଟ ହୋଇ ଆଗକୁ ଆସିବେ। ସରକାର ଚକ୍‌କତା କରି ନେଇଥିବା ଜମିକୁ ଶିଖରଚଣ୍ଡୀଙ୍କ ନାମରେ କରାଯାଇ ପାଣିଟାଙ୍କିକୁ ଅନ୍ୟତ୍ର ସ୍ଥାନନ୍ତର କରିବାକୁ ବାଧ ହେବେ।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୬ ଗିରଫ

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା (ଦିଲୀପ ସ୍ୱାଇଁ)/ ବାଲୁଗାଁ,୬।୭(ସଂଗ୍ରାମ ପାଇକରାୟ)**


ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା ଜିଲାର ବାଣପୁର, ବାଲୁଗାଁ ଓ ନାଚୁଣୀ ଥାନା ଅଞ୍ଚଳରେ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା। ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ବୁଧବାର ରାତିରେ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଏହି ଟିମ୍ ଚଢ଼ାଉ କରି ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲୁଗାଁ ଥାନା ନୂଆଗଡ ଅଞ୍ଚଳର ମାନସ ପଲେଇ ଓରଫ ଚାନ୍ଦୁ(୨୮), ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ(୨୦) ଓ ଶିବରାମ ନାହାକ ଓରଫ ମୁନା (୨୬), ବାଣପୁର ଥାନା ଅଞ୍ଚଳର ଆଦିତ୍ୟ ପ୍ରସାଦ ସୁବୁଦ୍ଧି ଓରଫ ଆଦି(୨୦) ଓ ସନ୍ତୋଷ ବସ୍ତି (୨୨) ଏବଂ ନିରାକାରପୁର ଥାନା ଅଞ୍ଚଳର ଶେଖ୍ ଅରବାଜ ଓରଫ ନଟୁ (୨୦) । ଏମାନଙ୍କ ନିକଟରୁ ଗୋଟିଏ ଚାଇନା ପିସ୍ତଲ, ଦୁଇଟି ଖଣ୍ଡା, ଦୁଇଟି ବାଇକ୍, ବିଅର ବୋତଲ, ଚିଲି ପାଉଡର, ରୁମାଲ ଓ ମୋବାଇଲ ଫୋନ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି ବୋଲି ଗୁରୁବାର ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ କହିଛନ୍ତି।

- **ଚାଇନା ପିସ୍ତଲ, ଖଣ୍ଡା, ବାଇକ୍ ଓ ମୋବାଇଲ ଜବତ**
- **୩ ଜଣ ଖସି ପଳାଇଲେ**

ସୂଚନା ମୁତାବକ, ଅଭିଯୁକ୍ତ ମାନସ ଜଣେ ପେସାଦାର ନିଶା ବେପାରୀ। ପୋଲିସର ବାରମ୍ବାର ଚଢ଼ାଉ ପରେ ମାନସ ନିଶା ବେପାର ଛାଡି ଚୋରି, ଡକାୟତି, ଛିନତାଇ ଆଦି ଅପରାଧ ବାଣପୁର, ବାଲୁଗାଁ ଓ ଖଲିକୋଟ ଅଞ୍ଚଳରେ କରିବା ପାଇଁ ଏକ ଗ୍ୟାଙ୍ଗ ଗଠନ କରିଥିଲା। ତେଣୁ ସେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସହିତ ଗ୍ୟାଙ୍ଗ କରି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଭିଆଉଥିଲା, ଯାହାକି ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଣପୁର,ବାଲୁଗାଁ ଓ ନାଚୁଣୀ ଆଇଆଇସି ଏକ ଟିମ୍ ଗଠନ କରି ଉକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ତେବେ ବୁଧବାର ରାତିରେ ନାଇଟ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ମାନସ ଓ ତାର ଗ୍ୟାଙ୍ଗ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଏହି ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ସମ୍ପୃକ୍ତ ଘରକୁ ଘେରାଉ କରିଥିଲେ। ଏହା ଦେଖି ଅଭିଯୁକ୍ତମାନେ ପୋଲିସ ଉପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଅଭିଯୁକ୍ତ ଖସି ପଳାଇଥିଲେ। ତେବେ ଖସିଯାଇଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ା, ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାସ, ନାଚୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ନାମ ଲେଖା

ପୁରୀ,(ଅଜିତ୍ ମହାନ୍ତି)- ସିଦ୍ଧମହାବୀର ପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ତରଫରୁ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଜ ପରିଚୟ ଲେଖା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ନପୂର୍ଣ୍ଣା ଦେବୀଙ୍କ ପରାମର୍ଶରେ ସହ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ମହାନ୍ତି, ସୁକାନ୍ତି ମିଶ୍ର, ରଶ୍ମିତା କୁମାରୀ ସାହୁ ପରିଚାଳନା କରିଥିଲେ। ଟିକିତାରାର ସମ୍ପାଦକ ବିପିନ୍ ବିହାରୀ ଦଳାଇ ଛାତ୍ରୀଛାତ୍ରମାନଙ୍କର ଖାତା ଦେଖି ଶବ୍ଦ ଓ ଶବ୍ଦ ମଧ୍ୟରେ ଦୂରତା, ମାର୍ଜିନ ବ୍ୟବହାର, ମାତ୍ରା, ଯୁକ୍ତାକ୍ଷର ଉପରେ ସମସ୍ୟା ଉପସ୍ଥାପନା ଶୈଳୀ ଓ ସର୍ବୋପରି ଅକ୍ଷରଗୁଡ଼ିକର ଗଠନ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରାଥମିକ ସ୍ତରରେ ପ୍ରଭାବ ପକାଇବା ସହିତ ଲିଖନ ସ୍ତରର ଅଭିବୃଦ୍ଧି ହିଁ ସେମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୭।୨୦୨୩

| | |
|---|---|
| ୩,୨୩,୮୦୧ ଟଙ୍କା | |
| ସୁନା | ୧୧୦ ମିଲି ଗ୍ରାମ୍ |
| ରୁପା | ୩୮.୮୫୦ ଗ୍ରାମ୍ |

# 'ଶୃଙ୍ଖଳିତ ଭାବେ ନ ଆସିଲେ, ନିୟମ କରାଯିବ'

ପୁରୀ,୬।୭(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ର ପୁରୀ ବିଶ୍ୱରେ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ପରିଚିତ। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବସ୍ଥାନ ରହିଥିବାରୁ ଦେଶ ତଥା ବିଦେଶରୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ତେଣୁ ଶ୍ରୀମନ୍ଦିରରେ ଧାର୍ମିକ ତଥା ଆଧ୍ୟାତ୍ମିକ ପରିବେଶ ରହିବା ଆବଶ୍ୟକ। ମାତ୍ର ସେଥିରେ ବର୍ତ୍ତମାନ ଆଧୁନିକତା ସ୍ପର୍ଶ ଦେଖିବାକୁ ମିଳୁଛି। ଯାହା ଧାର୍ମିକ ଭାବନାକୁ କ୍ଷୁଣ୍ଣ କରୁଛି। ତେଣୁ ମନ୍ଦିରରେ ଭକ୍ତମାନେ ଦର୍ଶନ କରିବା ସମୟରେ ଶାଳୀନତା ସମ୍ପନ୍ନ ବେଶଭୂଷା ରହିବା ଆବଶ୍ୟକ। ଭାରତ ବର୍ଷର ବିଭିନ୍ନ ମନ୍ଦିର ଭିତରକୁ ଯିବା ସମୟରେ ଡ୍ରେସ୍‌କୋଡ ରହିଛି ବିଶେଷକରି ଦକ୍ଷିଣ ଭାରତରେ ଏହି ଡ୍ରେସକୋଡ କଡ଼ାକଡ଼ି ଭାବରେ ପାଳନ କରାଯାଇଥାଏ, ସେହି ଅନୁସାରେ ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଡ୍ରେସକୋଡ ଲାଗୁ କରାଯାଉ ବୋଲି ଦଇତାପତି ନିଯୋଗ ପକ୍ଷରୁ ବୁଧବାର କୁହାଯାଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ପ୍ରକାର ମତ ଦେଖିବାକୁ ମିଳିଥିଲା। ତେବେ ମନ୍ଦିରକୁ ଆସୁଥିବା ଭକ୍ତମାନେ ଶାଳୀନତା ରକ୍ଷା କରି ବସ୍ତ୍ର ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତୁ ବୋଲି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିବା ପରେ ଅନେକ ବ୍ୟକ୍ତି ଏହି ଦାବିକୁ ସମର୍ଥନ କରିଛନ୍ତି। ମହିଳାମାନେ ପାରମ୍ପରିକ ଶାଢ଼ି ପରିଧାନ କରିବା ସହ ଯୁବତୀମାନେ ସାଲୱାର ପଞ୍ଜାବୀ ଓଢ଼ଣି ପକାଇବା ଆବଶ୍ୟକ। ସେହିପରି ଯୁବକମାନେ ହାପ ପ୍ୟାଣ୍ଟ ନପିନ୍ଧି ପାରମ୍ପରିକ ପୋଷାକ ପିନ୍ଧିବା ପାଇଁ ମତ ରଖିଥିଲେ। ତେଣୁ ଶ୍ରୀଜଗନ୍ନାଥ ମନ୍ଦିରରେ ଡ୍ରେସ୍‌କୋଡର ଆବଶ୍ୟକତା ରହିଛି ବୋଲି ଦଇତାପତି ନିଯୋଗ ସମ୍ପାଦକ ମତ ରଖିଥିଲେ।

ତେବେ ଡ୍ରେସ୍‌କୋର୍ଡ ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଗୁରୁବାର ମତ ପ୍ରଦାନ କରିଛନ୍ତି। ସେ କହିଛନ୍ତି କି, ଶ୍ରୀମନ୍ଦିର ମହାପ୍ରଭୁଙ୍କ ଦର୍ଶନବେଳେ ଡ୍ରେସକୋର୍ଡ ପାଇଁ ଯେଉଁ ପ୍ରସ୍ତାବ ବା ଦାବି ହେଉଛି, ତାହାକୁ ନିଶ୍ଚିତ ଭାବରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଭକ୍ତ ଶୁଦ୍ଧପୁତ ମନୋଭାବ ନେଇ ଆସନ୍ତୁ। ଶାଳୀନତା ଭଳି ପୋଷାକ ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ କରନ୍ତୁ। ସୁଇମିଙ୍ଗ ପୁଲ କିମ୍ବା ସମୁଦ୍ରକୁ ଗାଧୋଇବାକୁ ଯିବାଭଳି ପୋଷାକ ପିନ୍ଧି ଆସନ୍ତୁ ନାହିଁ। କାରଣ ଆମେ ଯେତେବେଳେ କୋର୍ଟ, ଥାନା ବା ସରକାରୀ କାର୍ଯ୍ୟାଳୟକୁ ଯାଉ, ସେତେବେଳେ ପୋଷାକ ପ୍ରତି ସଚେତନ ହେବାକୁ ପଡିଥାଏ, ନ ହେଲେ ଦଣ୍ଡ ମିଳିବାର ସମ୍ଭାବନା ରହିଥାଏ। ତେଣୁ ମହାପ୍ରଭୁଙ୍କ ନିକଟକୁ ଆସିବା ସମୟରେ ଶାଳୀନତାର ବାତାବରଣ ଭିତରେ ଆସିବା ଦରକାର। ଭାରତର ଅନେକ ମନ୍ଦିରରେ ଡ୍ରେସ୍‌କୋର୍ଡ ରହିଛି। ଦକ୍ଷିଣ ଭାରତର ଅନେକ ସ୍ଥାନରେ ରହିଛି। ଏପରିକି ଗୁରୁଦ୍ୱାରକୁ ଯିବାବେଳେ ମଧ୍ୟ ମୁଣ୍ଡରେ ରୁମାଲ ବାନ୍ଧି ଭକ୍ତମାନେ ଯାଇଥାନ୍ତି। ଶ୍ରୀମନ୍ଦିରରେ ଡ୍ରେସ୍‌କୋଡ ଲଗାଯିବାରେ କୌଣସି ଅସୁବିଧା ନାହିଁ। ଯଦି ଭକ୍ତମାନେ ଶୃଙ୍ଖଳିତ ଭାବେ ନ ଆସନ୍ତି, ତେବେ ବାଧ୍ୟ ହୋଇ ନିୟମ ଅଣାଯିବ। ତେବେ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ରଙ୍ଗର ଡ୍ରେସ୍‌କୋଡ ଆଣିବା ନେଇ ଯୋଜନା କରାଯାଇ ନାହିଁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଆସୁଛନ୍ତି। ତେଣୁ ସମସ୍ତେ ଗୋଟିଏ ପ୍ରକାର ରଙ୍ଗର ପୋଷାକ ପିନ୍ଧି ଆସିବା ଅସୁବିଧା ହୋଇପାରେ। ତେବେ ଭକ୍ତମାନେ ଶାଳୀନତା ପୋଷାକ ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ କରନ୍ତୁ। ନାରୀମାନେ ଶାଢ଼ି କିମ୍ବା ସାଲୱାର ପରିଧାନ କରନ୍ତୁ। ସେହିଭଳି ପୁରୁଷମାନେ ଫୁଲ୍ ପ୍ୟାଣ୍ଟ ଶାର୍ଟ କିମ୍ବା ଧୋତି ଅବା କୁର୍ତ୍ତା ପିନ୍ଧି ଦର୍ଶନ ପାଇଁ ଆସନ୍ତୁ। ମନ୍ଦିରକୁ ଆସିବା ସମୟରେ ଯେପରି ଭକ୍ତି, ସମର୍ପଣର ଭାବ ନେଇ ଆସନ୍ତୁ। ନିର୍ଦ୍ଦିଷ୍ଟ ଡ୍ରେସ୍‌କୋଡ କରିବା ଅପେକ୍ଷା ଭକ୍ତମାନେ ନିଜେ ଶୃଙ୍ଖଳିତ ଭାବେ ଶାଳୀନତା ପୋଷାକ ପରିଧାନ କରି ଆସିବା ଉଚିତ। ସେହିପରି ରତ୍ନ ଭଣ୍ଡାର ଖୋଲିବା ସମ୍ପର୍କରେ କହିଛନ୍ତି, କୋର୍ଟ ଯାହା ନିଷ୍ପତ୍ତି ନେବେ ତାହାକୁ ଆମେ ସ୍ୱୀକାର କରିବୁ। କୋର୍ଟ ପକ୍ଷରୁ ଯେଉଁ ନୋଟିସ୍ ଜାରି କରାଯାଇଛି, ତାହା ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ପାଇନି। ନୋଟିସ୍ ପାଇବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

**ଭକ୍ତଙ୍କ ଡ୍ରେସ୍ କୋଡ, ରତ୍ନଭଣ୍ଡାର ନେଇ ମୁଖ୍ୟ ପ୍ରଶାସକଙ୍କ ମତ**

**■କୋର୍ଟର ଯାହା ନିଷ୍ପତ୍ତି ରହିବ, ସ୍ୱୀକାର କରିବୁ**



ପୁରୀ ସିଂହଦ୍ୱାର ନିକଟରେ ବ୍ୟାରିକେଡ୍ ପଡିଥିବା ରାସ୍ତା ସଂକୀର୍ଣ୍ଣ ହେଉଥିବା ବେଳେ ରାସ୍ତାରେ ଉଠାଦୋକାନୀ ଯୋଗୁ ଟ୍ରାଫିକ ଜାମ ହେଉଛି ।

# ଘର ମୁହଁରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ



ଯାଉଁଳି ପୋଖରୀସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ ।

ଗୋପ,୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱାସ୍ଥ୍ୟସେବା ପ୍ରତି ସରକାର ସବୁବେଳେ ଓ ସବୁ ସମୟରେ ଦୃଷ୍ଟି ଦେଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ଡାକ୍ତରଖାନା ସେବା ଆରମ୍ଭ କରିବା ସହ ୫ ହଜାର ଡାକ୍ତରଙ୍କୁ ତୁରନ୍ତ ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତି ଦେବାର ପପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାପରେ ଏବେ ଘର ଦୁଆର ମୁହଁରେ କିଭଳି ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଗୋପ ବ୍ଲକ ଗଣେଶ୍ୱରପୁରର ଶିଶୋ ଓ ବଣିଆସାହି ପଞ୍ଚାୟତର ଯାଉଁଳି ପୋଖରୀଠାରେ ଗୁରୁବାର ୯୨ ଲକ୍ଷ ଟଙ୍କା ବ୍ୟୟରେ ୨ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ଏହାକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରକାର ଅଧିକ ମାତ୍ରାରେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ଜରିଆରେ ସ୍ୱାସ୍ଥ୍ୟସେବା କିପରି ଆଗକୁ ଯାଇପାରିବ ବୋଲି ଚିନ୍ତା କରି ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ଉପସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବ ଓ ସାଧାରଣ ଲୋକେ ଏହାର ସୁଫଳ ପାଇବାକୁ ନେଇ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟ ହୋଇଛି ବୋଲି ବିଧାୟକ କହିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥଳରେ ପହଞ୍ଚିବା ମାତ୍ରେ ଲୋକେ ବିଧାୟକଙ୍କୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ନିରଞ୍ଜନ ଶଗଡ଼ିଆ, ଦେବବ୍ରତ ସାହୁ, ସର୍ବେଶ୍ୱର ଭଞ୍ଜ, କରୁଣା କର ସାହୁ, ବୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବରଯାତ୍ରୀଙ୍କୁ ବୋତଲ ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

ଗୋପ,୬।୭(ଭାରତୀ ଭୂଷଣ ଉପାଧ୍ୟାୟ)- ବରଯାତ୍ରୀରେ ସାମାନ୍ୟ ପାଟିତୁଣ୍ଡକୁ ନେଇ ଜଣେ ଯୁବକଙ୍କୁ ମଦବୋତଲ ମାଡ଼ ଘଟଣାରେ ଗୋପ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋପ ଥାନା ଅଧୀନ ସୁଜାନଗର ଗ୍ରାମର ଅଟୋ ଚାଳକ ସୁଦର୍ଶନ ମୁଦୁଲି (୪୬)। ଏନେଇ ପୋଲିସ ୨୧୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିରେ ସୁଦର୍ଶନ ଗଣ୍ଡଗୋଳ କରି ନ ଥିବା, କାହାକୁ ଆକ୍ରମଣ କରି ନ ଥିବାବେଳେ ତାଙ୍କ ଗାଡ଼ି ଭାଙ୍ଗିଦେଇଥିବା ପାଲଟା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ବୁଧବାର ପୁରୀ ମାର୍କଣ୍ଡେଶ୍ୱର ସାହିର ଦେବ ପ୍ରସାଦ ଖୁଣ୍ଟିଆ(୨୭) ଗୋପ ଥାନା ଅଧୀନ କୁଆଁପଡା ଗ୍ରାମକୁ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ। ବିଳମ୍ବିତ ରାତ୍ରିରେ ବର କୁଆଁପଡ଼ା ନିକଟ ମଦରଙ୍ଗ ଛକରେ ପହଞ୍ଚିବା ପରେ ବରଯାତ୍ରୀଙ୍କ ସହ ବାଣ ବାଜା ରୋଶଣି ସହ ଶଶୁର ଘରେ ପହଞ୍ଚିଥିଲେ। ବରକୁ ବେଦିକୁ ନେବା ପରେ ବରଯାତ୍ରୀଙ୍କୁ ଆତିଥ୍ୟ ଦିଆଯାଇଥିଲା। କେତେକ ବରଯାତ୍ରୀ ବାହାରେ ବସିଥିଲେ। ସେହି ରାସ୍ତା ଦେଇ ଗୋଟିଏ ଗୋଟିଏ ଅଟୋ ଯିବାବେଳେ ସେମାନଙ୍କ ଉପରେ କାଦୁଅ ପଡ଼ିଥିଲା। ଫଳରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ବରଯାତ୍ରୀଙ୍କ ସହିତ ଦେବ ପ୍ରସାଦଙ୍କୁ ସୁଦର୍ଶନ ଏକ ମଦ ବୋତଲରେ ଆକ୍ରମଣ କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ନହଳାପଡ଼ା ହାଇସ୍କୁଲରେ ଚାରାରୋପଣ

ପିପିଲି,୬।୭(ଦୁର୍ଗାମାଧବ ମିଶ୍ର)- ପରିବେଶ ଆଜି ପ୍ରଦୂଷଣଯୁକ୍ତ, ସାରା ବିଶ୍ୱ ଏଥିରୁ ମୁକ୍ତି ପାଇବାକୁ ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିଲେ ମଧ୍ୟ ସବୁଠାରୁ ଶ୍ରେଷ୍ଠ ଉପାୟ ହେଉଛି ଚାରାରୋପଣ। ଏହି ଅବସରରେ ନହଳାପଡ଼ା ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଅମିୟ ରଞ୍ଜନ ରାଉତ ଏବଂ ଇକୋ କ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କିଛିଦିନ ତଳେ ୫-ଟି ରୂପାନ୍ତରିତରେ କଟାଯାଇଥିବା ଗଛର ଭରଣା ପାଇଁ ଏବଂ ପରିବେଶକୁ ସବୁଜିମାମୟ କରିବା ଲକ୍ଷ୍ୟ ରଖି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗାମୀ ଦିନରେ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ଦିଗରେ ଆଗ୍ରହୀ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ଶିକ୍ଷକ କୈଳାସଚନ୍ଦ୍ର ରାଉତ, ସନ୍ତୋଷ ଦାସ, ସୁଚିତ୍ର ସାହୁ, ରମେଶ ପ୍ରଧାନ, ଦିଲୀପ ଦାସ, ପ୍ରଦୀପ୍ତ ସେନାପତି, ଗୋପାଳ ନାୟକ, ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ନୃସିଂହ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ ଦାବି

ବଳଙ୍ଗା,୬।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଭଗବତୀପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବିପଦସଙ୍କୁଳ ଅବସ୍ଥାରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବ୍ୟାରିକେଡ୍‌ଡ଼ ନିର୍ମାଣ ପାଇଁ ଗ୍ରାମବାସୀ ପିପିଲି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖେଲାର ଓ ବାୟାବର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ବିଦ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ଧରି ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିବାବେଳେ ଏହାର ବ୍ୟାରିକେଡ଼ ନିର୍ମାଣ ହୋଇନାହିଁ। ଫଳରେ ବୁଲା ଗୋରୁ ପ୍ରତିଦିନ ଚଳପ୍ରଚଳ କରୁଥିବା କାରଣରୁ ଅନେକ ସମୟରେ ମୁକୁଳା ଟ୍ରାନ୍ସଫର୍ମର ସମ୍ପର୍କରେ ଆସି ଆଘାତ ପ୍ରାପ୍ତ ହେଉଛନ୍ତି। ସେହିଭଳି ସେଠାରେ ଥିବା ବିଦ୍ୟାଳୟରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଟ୍ରାନ୍ସଫର୍ମରଟି ରାସ୍ତା ପାର୍ଶ୍ୱକୁ ଲାଗି ରହିଥିବା କାରଣରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ବିଭାଗୀୟ ଉଚ୍ଚ ପଦସ୍ଥ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବ୍ୟାରିକେଡ଼ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ପିପିଲି ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ କହିଛନ୍ତି ଖୁବ୍‌ଶୀଘ୍ର ସେଠାରେ ବ୍ୟାରିକେଡ୍ ନିର୍ମାଣ କରାଯିବ।

# ୧୩ ବର୍ଷୀୟାଙ୍କୁ ଭଣ୍ଡବାବା ଅନ୍ତଃସତ୍ତ୍ୱା କରିଥିବା ଅଭିଯୋଗ

ପିପିଲି,୬।୭(ପ୍ରଭାତ ମହାପାତ୍ର)

**ନାବାଳିକାଙ୍କୁ ଉଦ୍ଧାର କଲେ ଡେଲାଙ୍ଗ ସିଡିପିଓ**

ପିପିଲି ଅରିସଲ ପଞ୍ଚାୟତ ଅଞ୍ଚଳର ଜନୈକା ୧୩ ବର୍ଷୀୟାଙ୍କୁ ଜଣେ ଭଣ୍ଡବାବା ଆଠମାସର ଅନ୍ତଃସତ୍ତ୍ୱା କରିଛନ୍ତି। ଏପରିକି ନାବାଳିକାଙ୍କ ମା'ଙ୍କ ସହିତ ମଧ୍ୟ ବାବା ଶାରିରୀକ ସମ୍ପର୍କ ରଖିଥିବା ମଧ୍ୟ ଅଭିଯୋଗ ରହିଛି। ଏହି ଘଟଣାକୁ ଚପାଇଦେବାକୁ ଯାଇ ସ୍ଥାନୀୟ ଜଣେ ଯୁବକଙ୍କ ଉପରେ ଏହି ଦୋଷ ଲଦି ଦେଇ ଉଭୟଙ୍କୁ ବିବାହ କରିବାକୁ ପ୍ରୟାସ କରୁଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ପୁରୀ ଏସ୍‌ପି, ୫-ଟି ସଚିବ, ଗୃହ ବିଭାଗ ସଚିବ ଓ ମହିଳା କମିଶନଙ୍କୁ ଲିଖିତ ଅଭିଯୋଗ କରି ଏହି ଭଣ୍ଡବାବାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଘଟଣାଟି ଗୁରୁବାର ପ୍ରଘଟ ହେବା ପରେ ଡେଲାଙ୍ଗ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ପିପିଲି ପୋଲିସର ଏକ ଟିମ୍ ନାବାଳିକାଙ୍କୁ ଉଦ୍ଧାର କରି ପୁରୀ ସିଡବ୍ଲୁସି (ଶିଶୁ ମଙ୍ଗଳ ଗୃହ)କୁ ପଠାଇଛି। ଏନେଇ ଡେଲାଙ୍ଗ ସିଡିପିଓ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ଉକ୍ତ ବାବାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଉକ୍ତ ଭଣ୍ଡବାବାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ସହ ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ସୁଦର୍ଶନ ପ୍ରଧାନ ଦାବି କରିଛନ୍ତି।

# ସଭାପତି ରାଜଦୀପ, ସମ୍ପାଦକ ହରିହରଙ୍କୁ ଦାୟିତ୍ୱ ହସ୍ତାନ୍ତର

ପୁରୀ,୬।୭(ଅଜିତ ମହାନ୍ତି)

**ରୋଟାରୀ କ୍ଲବ ପୁରୀ ସାଗରର ଅଧିଷ୍ଠାନ ଉତ୍ସବ**

ରୋଟାରୀ କ୍ଲବ ଅଫ୍ ପୁରୀ ସାଗରର ପଞ୍ଚମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ର କ୍ଲବ ସଭାପତି ଧବଳେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨୦୨୪-୨୫ ବର୍ଷର ରୋଟାରୀ ଜିଲା ଗଭର୍ଣ୍ଣର ଯାଜ୍ଞାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସଲର ପ୍ରଫେସର ଡ. ଶୀତିକଣ୍ଠ ମିଶ୍ର, ଚଳିତବର୍ଷର ସଭାପତି ରାଜଦୀପ ଘୋଷ ଏବଂ ସମ୍ପାଦକ ହରିହର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ରୋଟାରିଆନ ଭିତରଚ୍ଛ ଭବାନୀ ମହାପାତ୍ରଙ୍କ ସଂଯୋଜନାରେ ପ୍ରଦୀପ ପ୍ରଜ୍ୱଳନ ପରେ ସମସ୍ତଙ୍କୁ ଚାରା ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗତବର୍ଷର ସମ୍ପାଦକ ରୋଟାରିଆନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବିଗତ ବର୍ଷର ସଭାପତି ମହାପାତ୍ର ଓ ସମ୍ପାଦକ ନୂତନବର୍ଷର ସଭାପତି ରାଜଦୀପ ଘୋଷ ଏବଂ ସମ୍ପାଦକ ହରିହର ଖୁଣ୍ଟିଆଙ୍କୁ କଲର ପ୍ରଦାନ ପୂର୍ବକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ଯୁଧିଷ୍ଠିର ଲେଙ୍କା, ଅଶୋକ ପାତ୍ର, ଧବଳେଶ ମହାପାତ୍ର, ଶ୍ୟାମ କାହ୍ନା ପଟ୍ଟନାୟକ, କେଦାର ମହାପାତ୍ର, ଗଣେଶ ଚନ୍ଦୁକା, ଶଶିଭୂଷଣ ପାଢ଼ୀ ଓ ରାଜେନ୍ଦ୍ରନାଥ ବେହେରା ପ୍ରମୁଖ ବୋର୍ଡର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସେମାନଙ୍କ ସମେତ ନୂତନ ଭାବେ ଯୋଗଦେଇଥିବା ରୋଟାରିଆନମାନଙ୍କୁ ମଧ୍ୟ ପିନ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି ରୋଟାରି ଇଣ୍ଟରନ୍ୟାଶନାଲ ପକ୍ଷରୁ ଆଭେନ୍ୟୁ ଅଫ୍ ସର୍ଭିସ ସମ୍ମାନରେ ସମ୍ମାନିତ ହୋଇଥିବା ରୋଟାରିଆନ୍ ଯୁଧିଷ୍ଠିର ଲେଙ୍କାଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ରୋଟାରିଆନ ପଟ୍ଟନାୟକଙ୍କ ସଂଯୋଜନାରେ ସଭାରେ ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ଜୟଦେବ ମହାପାତ୍ର, ସୁବ୍ରତ ପ୍ରଧାନ, କୃଷ୍ଣପ୍ରିୟା ପାତ୍ର, ଶ୍ୟାମସୁନ୍ଦର ପାତ୍ର ଏବଂ ସ୍ୱର୍ଗତ ଡା. ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଯୋଗଦେବାକୁ ଆସିଥିବା ବିଭିନ୍ନ କ୍ଲବର କର୍ମକର୍ତ୍ତାଙ୍କୁ ମଧ୍ୟ ଏଠାରେ ସମ୍ମାନିତ କରାଯାଇଥିଲା। ଏଠାରେ ଦାମୋଦର ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ କ୍ଲବର ମାଗାଜିନ୍ 'ସାଗର' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅରୁଣ ଗଜେନ୍ଦ୍ର, ତୁଷାର ରାଉତ, କେଦାର ମହାପାତ୍ର, ଚନ୍ଦନ ପାତ୍ର, ରାଜେନ୍ଦ୍ରନାଥ ବେହେରା, ଲକ୍ଷ୍ମୀକାନ୍ତ ନନ୍ଦ ଓ ମୋହିନୀ ତ୍ରିପାଠୀ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ରୋଟାରିଆନ ହିମାଂଶୁ ମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ।



ରୋଟାରି କ୍ଲବ ସାଗରର ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି ଓ ସଦସ୍ୟ ।

# ମରଣଯନ୍ତା ପାଲଟିଛି ଡେଲାଙ୍ଗ- ବେଗୁନିଆପଡ଼ା ରାସ୍ତା

ଡେଲାଙ୍ଗ, ୬।୭(ରଶ୍ମିରଞ୍ଜନ ପ୍ରଧାନ)



ମରାମତିରେ ଅବହେଳା ଯୋଗୁ ଖୋର୍ଦ୍ଧା- ପଟ୍ଟନାୟିକିଆ ପୂର୍ତ୍ତ ବିଭାଗ ରାସ୍ତାର ଡେଲାଙ୍ଗ ହାଟଠାରୁ ବେଗୁନିଆପଡ଼ା ୭ କି.ମି ରାସ୍ତା ମରଣଯନ୍ତା ପାଲଟିଛି। ଡେଲାଙ୍ଗ ବଜାରଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ରାସ୍ତାରେ କେଉଁଠି ଖାଲ ତ ଆଉ କେଉଁଠି ପିଚୁ ଓ ଗୋଡ଼ି ଉଠିଯାଇଛି। ଫଳରେ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୈନନ୍ଦିନ ଶହ ଶହ ଭାରିଯାନ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉନି। ଗତ ବନ୍ୟାରେ ଏହି ରାସ୍ତା ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବାରୁ ରାସ୍ତାଟି ସମ୍ପୂର୍ଣ୍ଣ ଖାଲ ହୋଇଯାଇଥିଲା। ଏହି ରାସ୍ତାକୁ କିଛି ଦିନ ତଳେ ଜୈନିକ ଠିକାଦାର ମରାମତି କରିଥିଲେ। ହେଲେ ଢଳେଇ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏବେ ଗୋଡ଼ି ଉଠି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତାଟି ମହତାବ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଡ଼ ବଡ଼ ଖାଲ ହେବା ସହ ଜଳସେଚନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅରାଏ ଅରାଏ ବଡ଼ ବଡ଼ ଆକୃତିର ପିଚୁ ଉଠିଯାଇଛି। ଫଳରେ ରାସ୍ତାରେ ଯାତାୟାତ କରିବାରେ ଅନେକ ସମସ୍ୟା ଉପୁଜୁଛି। ସେହିପରି ଜଗଦଳପୁର ଛକଠାରୁ ୩ଶହ ମିଟର ରାସ୍ତାରେ ଗୋଟିଏ ଫାଳ ଢଳେଇ ହୋଇଥିବାବେଳେ ଅନ୍ୟ ଫାଳଟି ଢଳେଇ ନ ହୋଇ ସେମିତି ଖାଲ ହୋଇ ପଡିରହିଛି। ପଟ୍ଟନାଇକିଆଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ରାସ୍ତାଟି ପୂର୍ତ୍ତ ବିଭାଗର ରାଜଧାନୀ ରକ୍ଷଣାବେକ୍ଷଣ ଡିଭିଜନ ୨ ଅଧୀନରେ ଥିବାବେଳେ ଡେଲାଙ୍ଗ ହାଟ ବଜାରଠାରୁ ତିରିମଲ୍ଲ ପର୍ଯ୍ୟନ୍ତ ରାସ୍ତାଟି ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ହେଲେ ପୂର୍ତ୍ତ ବିଭାଗ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଉନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଯଥାଶୀଘ୍ର ରାସ୍ତା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି ।

# ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ନାୟକଙ୍କ କାର୍ଯ୍ୟକୁ ପ୍ରଶଂସା

ପୁରୀ,୬।୭( ଅଜିତ୍ ମହାନ୍ତି)

ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ରିତା ସାହୁଙ୍କ ସଭାପିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମୀନତି ବେହେରା, ଶିକ୍ଷାବିତ୍ ରମେଶ ଚନ୍ଦ୍ର ବଳିଆରସିଂହ, ପଙ୍କଜ ଲୋଚନ ପଲେଇ, ପ୍ରଭାତୀ ମହାପାତ୍ର, ସ୍ମୃତିଲତା ମିଶ୍ର, ସବିତା ମହାପାତ୍ର, ମିନାକ୍ଷୀ ମିଶ୍ର, ରଞ୍ଜିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ସୁରେନ୍ଦ୍ର କାର୍ଯ୍ୟଶୈଳୀ ସମ୍ପର୍କରେ କହିବା ସହ ପ୍ରଶଂସା କରିଥିଲେ। ଏହି ଅବସରରେ ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ନାୟକଙ୍କୁ ମାନପତ୍ର, ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।



ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସୁରେନ୍ଦ୍ର ନାୟକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଉଛି ।

# କୃଷ୍ଣପ୍ରସାଦକୁ ମୋ ବସ୍ ଚଳାଚଳ ପାଇଁ ଦାବି

ପୁରୀ,୬।୭(ଅଜିତ୍ ମହାନ୍ତି)

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

କୃଷ୍ଣପ୍ରସାଦ ବ୍ଲକ ଏବଂ ଏହାର ପାଖ ଅଞ୍ଚଳ ମଧ୍ୟରେ ମୋ ବସ୍ ସୁବିଧା ଆରମ୍ଭ କରିବାକୁ ଅନୁରୋଧ କରି କୃଷ୍ଣପ୍ରସାଦ ବ୍ଲକର କିଛି ସମାଜସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୃଷ୍ଣପ୍ରସାଦ ବ୍ଲକ ଏକ ଚିଲିକା ମଧ୍ୟସ୍ଥ ଦୀପାଞ୍ଚଳ ଏବଂ ପୁରୀ ସଦର ମହକୁମାଠାରୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ରହିଛି। ଜିଲାରେ ରହି ମଧ୍ୟ ଏଠିକାର ଅଞ୍ଚଳବାସୀ ଜିଲା ସଦର ମହକୁମାର ସୁବିଧା ପାଇବାରେ ବଞ୍ଚିତ ଅଛନ୍ତି। 'ଭାରତମାଳା' ପ୍ରକଳ୍ପ ଦ୍ୱାରା 'ଜହ୍ନିକୁଦା- ସାତପଡ଼ାକୁ' ହେବାକୁ ଥିବା ବ୍ରିଜ ମଧ୍ୟ ହୋଇପାରିଲା ନାହିଁ। ବର୍ତ୍ତମାନ କୃଷ୍ଣପ୍ରସାଦ ବ୍ଲକର ଜନସଂଖ୍ୟା ଅନେକ ମାତ୍ରାରେ ବଢ଼ିଛି ଏବଂ ଜନସଂଖ୍ୟାକୁ ଦେଖିଲେ ଜନସାଧାରଣଙ୍କ ଗମନାଗମନ ସୁବିଧା ଢେର କମ ରହିଛି। ଯାହାଦ୍ୱାରା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଲୋକମାନେ ଅତ୍ୟନ୍ତ ଖର୍ଚ୍ଚାନ୍ତ ବି ହେଉଛନ୍ତି। କୃଷ୍ଣପ୍ରସାଦ ଅଞ୍ଚଳରେ ଉଚିତ ସ୍ୱାସ୍ଥ୍ୟାବସ୍ଥାର ଅସୁବିଧା ଥିବାରୁ ଅସୁବିଧା ସମୟରେ ଏଠାକାର ଲୋକମାନେ ଗଞ୍ଜାମ ଜିଲାର ଛତ୍ରପୁର, ବ୍ରହ୍ମପୁର ମେଡିକାଲ ଉପରେ ନିର୍ଭର କରନ୍ତି। କୃଷ୍ଣପ୍ରସାଦ ଅଞ୍ଚଳର ଅନେକଗୁଡିଏ ପର୍ଯ୍ୟଟନସ୍ଥଳୀ ମା'କାଳିଜାଇ ମନ୍ଦିର, ନବାବିଚ, କମଳେଶ୍ୱର ଦ୍ୱିତୀୟ ବାଲି ଯାତ୍ରାପଡିଆ, ଗୁରୁବାଇ ଚର୍ଚ୍ଚିକା ମନ୍ଦିର ଇତ୍ୟାଦି ଅନେକ ମନ୍ଦିର ଐତିହ୍ୟ ରୂପେ ରହିଛି, ଯାହା ଓଡ଼ିଶା ପର୍ଯ୍ୟଟନର ଉନ୍ନତିରେ ସହାୟକ ହୋଇପାରିବ। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଦ୍ୱାରା ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣକୁ ଲୋକଙ୍କ ସୁବିଧା ପାଇଁ 'ମୋ ବସ୍ ସେବା' ଆରମ୍ଭ କରାଯାଇଛି। ନିକଟ କିଛିଦିନ ତଳେ କୃଷ୍ଣପ୍ରସାଦ ବ୍ଲକ ନିକଟ ବ୍ରହ୍ମଗିରିରେ ମଧ୍ୟ ଏଇ ସେବାରେ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଉପଯୁକ୍ତ ପଦକ୍ଷେପ ନେବା ସହ କୃଷ୍ଣପ୍ରସାଦରୁ ଭୁବନେଶ୍ୱର, କୃଷ୍ଣପ୍ରସାଦଠାରୁ ବ୍ରହ୍ମପୁର ଏବଂ ପାଇକରାପୁରଠାରୁ ପୁରୀକୁ ମୋ ବସ୍‌ର ସେବା ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଅଞ୍ଚଳବାସୀ ବେଶ୍ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଏବଂ ବିଷ୍ଣୁଚରଣ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୫ମ କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ସୁମିତ୍-୨୦୨୩, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ମିଳନୀ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- 'ଅଧୁରା ପ୍ରେମ କାହାଣୀ'ର ଫିଲ୍ମ ପ୍ରିମିୟର, ସିନେପଲିସ୍, ଏକ୍ସପ୍ଲାନେଡ୍, ଅପରାହ୍ନ ୫ଟା ୪୫।
- ପଦାମୃତ ନୃତ୍ୟାୟନର ୩ୟ ବିମୁଗ୍ଧା ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ହେଲ୍ମମେଟ୍‌ର ୭ମ ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସଙ୍ଗୀତ ଭାରତୀର ବର୍ଷା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ତିଗିରିଆ**

- ଶ୍ରମିକନେତା ଅକ୍ଷୟ ମଲ୍ଲିକଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ସହିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚାରାରୋପଣ, ପାଞ୍ଚଗାଁ ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ ଟା।

# କର୍ନାଟକରୁ ଦ୍ୱିତୀୟ ଅଭିଯୁକ୍ତ ଗିରଫ

## 'ଗେଟ୍‌ଶୋ' ଆର୍ନିଂ ଆପ୍‌ରେ ବଡ଼ ଠକେଇ

- ଅଭିଯୁକ୍ତ କ୍ରିଷ୍ଣାନନ୍ଦଙ୍କ ପାଖକୁ ଯାଇଛି ୨୬ କୋଟି ଠକେଇ ଟଙ୍କା
- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ
- ମାର୍ଚ୍ଚ ୩୦ରେ ପୁଣେରୁ ଗିରଫ ହୋଇଥିଲେ ପ୍ରଥମ ଅଭିଯୁକ୍ତ

ଭୁବନେଶ୍ୱର,୬।୭(ସତ୍ୟଜିତ୍ ରାଉତ)

'ଗେଟ୍‌ଶୋ' ଆର୍ନିଂ ଆପ୍ ଜରିଆରେ କ୍ରିପ୍ଟୋ ମାଇନିଂରେ ଟଙ୍କା ବିନିଯୋଗ ନାଁରେ ହୋଇଥିବା ୧୪୪ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ମାମଲାରେ ସମ୍ପୃକ୍ତ ଆଉ ଜଣେ ଦ୍ୱିତୀୟ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ କର୍ନାଟକ କୋଡ଼ଗୁ ଜିଲା କୁଶଲନଗର ସହରରୁ ଗିରଫ କରିଛି। ସେ ହେଲେ କ୍ରିଷ୍ଣାନନ୍ଦ ଏନ୍। ତାଙ୍କୁ ବୁଧବାର ଗିରଫ କରାଯିବା ପରେ ଇଓଡବ୍ଲ୍ୟୁ ତାଙ୍କୁ କୁଶଲନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ଅନୁମତିକ୍ରମେ ଇଓଡବ୍ଲ୍ୟୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ସେ ଏଠାରେ ପହଞ୍ଚିବା ପରେ ତାଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବ। କ୍ରିଷ୍ଣାନନ୍ଦଙ୍କ ପାଖକୁ ଠକେଇ ଆପ୍‌ରୁ ୨୬ କୋଟି ଟଙ୍କା ଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଗତ ମାର୍ଚ୍ଚ ୩୦ରେ ଏହି ମାମଲାରେ ପ୍ରଥମ ଅଭିଯୁକ୍ତ ବିଶାଲ ସଖାରାମ୍ ଉକ୍ରରଙ୍କୁ ପୁଣେରୁ ଗିରଫ କରାଯାଇଥିଲା। ତାଙ୍କ ପାଖକୁ ୯ କୋଟି ଟଙ୍କା ଯାଇଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଥିଲା।

ସୂଚନା ଅନୁଯାୟୀ, ୨୦୨୨ରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଦିବ୍ୟଜ୍ୟୋତି କର 'ଗେଟ୍‌ଶୋ'ଆପ୍‌ର କିଛି ପ୍ରମୋଶନାଲ୍ ଭିଡିଓ ଦେଖିବା ପରେ ସେଥିରେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ ଆସିଥିଲା। ଏହାପରେ ଜଣେ ମହିଳା ନିଜକୁ 'ଗେଟ୍‌ଶୋ'ର ମ୍ୟାନେଜର ବୋଲି ପରିଚୟ ଦେଇ ତାଙ୍କ ପ୍ରତି ବିଶ୍ୱାସ ଜନ୍ମାଇଥିଲେ। ପରେ କ୍ରିପ୍ଟୋ ମାଇନିଂରେ ବ୍ୟବସାୟ କରିବା ପାଇଁ ସେ ସହାୟତା କରିବାକୁ କହି ପ୍ରବର୍ତ୍ତାଇଥିଲେ। ଏଥିରେ ଟଙ୍କା ବିନିଯୋଗ କଲେ ପ୍ରତିଦିନ ୬ ପ୍ରତିଶତ ସୁଧରେ ଟଙ୍କା ଉଠାଣ କରିପାରିବେ ବୋଲି ଦିବ୍ୟଜ୍ୟୋତିଙ୍କୁ ଲୋଭ ଦେଖାଇଥିଲେ। ମହିଳାଙ୍କ ପରାମର୍ଶରେ ଦିବ୍ୟଜ୍ୟୋତି ରେଫରାଲ୍ ଲିଙ୍କ୍ ଜରିଆରେ 'ଗେଟ୍‌ଶୋ' ଆପ୍‌କୁ ଡାଉନ୍‌ଲୋଡ୍ କରିଥିଲେ। ପରେ ୨୦୨୨ ଅକ୍ଟୋବର ୨୨ରୁ ଡିସେମ୍ବର ୨୪ ମଧ୍ୟରେ ଦିବ୍ୟଜ୍ୟୋତି ୧ ଲକ୍ଷ ୨୭ ହଜାର ଟଙ୍କା ସେଥିରେ ନିବେଶ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଉକ୍ତ ଆପ୍ ବନ୍ଦ ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା ଦିବ୍ୟଜ୍ୟୋତି ଏତଲା ଦେବା ପରେ ଇଓଡବ୍ଲ୍ୟୁ ୨୦୨୩ ମାର୍ଚ୍ଚ ୨୩ରେ ଏକ ମାମଲା (ନଂ.୧୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଆପ୍ ଜରିଆରେ ଦେଶବ୍ୟାପୀ ୧୪୪ କୋଟି ଠକେଇ ହୋଇଥିବା ଏପର୍ଯ୍ୟନ୍ତ ଜଣାପଡ଼ିଥିବା ବେଳେ କେବଳ ଓଡ଼ିଶାରେ ୧୦୦ରୁ ଊର୍ଦ୍ଧ୍ୱ ଫସିଛନ୍ତି। ଏହି ମାମଲାରେ ମାଷ୍ଟରମାଇଣ୍ଡ ୟୁଏସ୍‌ଏରେ ରହି କାରବାର କରୁଥିବା ଇଓଡବ୍ଲ୍ୟୁ କହିଛି।



ଗିରଫ ଅଭିଯୁକ୍ତ କ୍ରିଷ୍ଣାନନ୍ଦ ଏନ୍।

## ଓଡ଼ିଆରେ ମିଳିବ ଯୁବ ପୁରସ୍କାର

ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ)- ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଜୁନ୍ ୨୩ରେ ବାଲ୍ ସାହିତ୍ୟ ପୁରସ୍କାର ଓ ଯୁବ ପୁରସ୍କାର ଘୋଷଣା କରାଯାଇଥିଲା। ସେଥିରେ ଓଡ଼ିଆ ଭାଷାରେ ଯୁବ ପୁରସ୍କାର ଚୟନ କରାଯାଇ ନ ଥିବାରୁ ଏହାକୁ ନେଇ ଅନେକ ଦ୍ୱନ୍ଦ୍ୱ ଓ ବିବାଦ ସୃଷ୍ଟି ହୋଇଥିଲା। ଉକ୍ତ ଦିନ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ବୈଠକ ହୋଇଥିଲା, ଯେଉଁଥିରେ ଓଡ଼ିଆ ଭାଷାରେ ଯୁବ ପୁରସ୍କାର ପ୍ରଦାନ ନେଇ ଆଲୋଚନା କରାଯାଇଥିଲା। ଏ ନେଇ ଗୁରୁବାର କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶଦାତା କମିଟି ଆବାହକ ଡ. ଗୌରହରି ଦାସ କହିଛନ୍ତି, ଏ ସଂକ୍ରାନ୍ତ ବୈଠକ ପରେ ଓଡ଼ିଆ ଭାଷାରେ ପୁରସ୍କାର ଦେବାକୁ ସ୍ଥିର କରାଯାଇଛି। ଏ ନେଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ନୂତନ ବିଚାରକ ମଣ୍ଡଳୀଙ୍କ ଚୟନରେ ଓଡ଼ିଆ ଭାଷାରେ ଯୁବ ପୁରସ୍କାର ଦିଆଯିବ। ଚଳିତବର୍ଷ ପାଇଁ ଘୋଷଣା ହୋଇଥିବା ସମସ୍ତ ରାଜ୍ୟର ପୁରସ୍କାର ପ୍ରଦାନ ଦିନ ଓଡ଼ିଆ ଭାଷାରେ ମଧ ପୁରସ୍କାର ଦିଆଯିବ ବୋଲି ସେ କହିଛନ୍ତି।

## ଖର୍ଚ୍ଚ ତଥ୍ୟ ଦେଇନାହାନ୍ତି ୭୦ ଇଏମ୍‌ଏସ୍

### ଯୁକ୍ତ ୨ ପରୀକ୍ଷା ପରିଚାଳନା

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ଦ୍ୱାରା ପରିଚଳାଳିତ ଯୁକ୍ତ ୨ ପରୀକ୍ଷା ପରିଚାଳନା ବାବଦରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ବର୍ତ୍ତମାନ ପର୍ଯ୍ୟନ୍ତ ପରିଷଦ ପାଖରେ ତଥ୍ୟ ନାହିଁ। ଏକ୍‌ଜାମିନେଶନ ମ୍ୟାନେଜମେଣ୍ଟ ହବ୍ସ (ଇଏମ୍‌ଏଚ୍‌ଏସ୍) ଗୁଡ଼ିକରେ ପରୀକ୍ଷା ପରିଚାଳନା ନେଇ ହୋଇଥିବା ଖର୍ଚ୍ଚର ବିଲ୍ ତଥା ଅଗ୍ରୀମ ଦିଆଯାଇଥିବା ଭାଉଚର ସମ୍ପର୍କିତ ତଥ୍ୟ ରଖିବା ପାଇଁ ୭୦ଟି ଉଚ୍ଚମାଧମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସିଏଚ୍ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ବୁଧବାର ଚିଠି ଲେଖିଛନ୍ତି। ଇଏମ୍‌ଏଚ୍‌ଏସ୍‌ର ଅଧକ୍ଷ ଓ ସୁପରଭାଇଜରଙ୍କୁ ଏନେଇ ତୁରନ୍ତ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ କେଉଁ କାରଣରୁ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ରଖିବାରେ ସଂପୃକ୍ତ ଇଏମ୍‌ଏଚ୍‌ଏସ୍ ବିଳମ୍ବ କରିଛନ୍ତି ତାହା ଜଣାପଡ଼ିନାହିଁ।


ରାଜ୍ୟରେ ବଜାର ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବା ପ୍ରତିବାଦରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସୁଥିବା ପ୍ରଦେଶ କିଷାନ କଂଗ୍ରେସର ପ୍ରତିନିଧି ଦଳ। (ଫଟୋ: ମୌସୁମ୍ ନନ୍ଦ)

## ଦରବୃଦ୍ଧି ପ୍ରସଙ୍ଗ: ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର, ୬।୭((ସୁନିତ୍ ମିଶ୍ର)

ସମଗ୍ର ରାଜ୍ୟରେ ପନିପରିବାର ଆକାଶଛୁଆଁ ଦର ବୃଦ୍ଧି ଘଟିଛି। ବଜାର ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ। ଏହି ପ୍ରସଙ୍ଗରେ ଗୁରୁବାର ୧୫ ଦଫା ଦାବି ନେଇ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି। ଯଦି ଦାବି ପୂରଣ ନ ହୁଏ ତେବେ ସରକାର ବିରୋଧରେ ଜୋରଦାର ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ଆନନ୍ଦ ଟପ୍ପୋ ହତ୍ୟା ମାମଲା**

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ,୬।୭ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ ନିରପେକ୍ଷ ସଂସ୍ଥା ଦ୍ୱାରା ଆନନ୍ଦଙ୍କ ମୃତ୍ୟୁ ମାମଲାର ତଦନ୍ତ କରିବାକୁ ପିଟିଶନ୍ ଦାଏର କରିଥିଲେ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିଷ୍ଠ ଅଧିକାରୀଙ୍କ ଦ୍ୱାରା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ହାଇକୋର୍ଟ ଏହି ମାମଲାର ତଦନ୍ତ କରି ୩ ମାସ ମଧ୍ୟରେ ଶେଷ କରିବାକୁ ଭୁବନେଶର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଗତ ଫେବୃୟାରୀ ୨୪ରେ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଅପରପକ୍ଷରେ ଇନ୍‌ଫୋସିଟି ଥାନା ତତ୍କାଳୀନ ଆଇଆଇସି ଅର୍ପିତା ପ୍ରିୟଦର୍ଶିନୀ ବନ୍ଧନ ଟପ୍ପୋଙ୍କ ଏଫ୍‌ଆଇଆର୍ ନ ରଖିବା ନେଇ ହାଇକୋର୍ଟ ଆଇଆଇସିଙ୍କୁ ଦଣ୍ଡିତ କରିଥିଲେ। ତାଙ୍କୁ ୧ ବର୍ଷ ପର୍ଯ୍ୟନ୍ତ କୌଣସି ଥାନାରେ ଡ୍ୟୁଟି ନ ଦେବା ସହ ବିଜୁ ପଟ୍ଟନାୟକ ପୋଲିସ ତାଲିମ ଏକାଡେମୀରେ ଏକ ମାସ ତାଲିମ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଆଡ଼ କରି ଅର୍ପିତାଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ଅର୍ପିତା ୧୬୧, ୧୬୪ ଧାରାରେ ସାକ୍ଷୀ ଓ ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରିବା ସହ ଭିସେରା ରିପୋର୍ଟ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଣି ଏକ ସତ୍ୟପାଠ ଦାଖଲ କରିଦେଲେ। ତାଙ୍କର କିଛି ଦୋଷ ନାହିଁ ବୋଲି ଉକ୍ତ ସତ୍ୟପାଠରେ ସେ ଉଲ୍ଲେଖ କରିଥିଲେ। ହାଇକୋର୍ଟ ଜଣେ ଆଇଆଇସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ତାଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନେଇ ବନ୍ଧନ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ବାହାର ପୋଲିସ ଅଧିକାରୀଙ୍କ ଦ୍ୱାରା ଆଉ ଥରେ ମାମଲାର ତଦନ୍ତ କରାଇବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋଙ୍କ ବିବାହର ମାତ୍ର ୧୦ ଦିନ ପରେ ସେ ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିବା ଫ୍ଲାଟ୍‌ରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଇନ୍‌ଫୋସିଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ତାଙ୍କ ବନ୍ଧୁ ବୀରେନ୍ଦ୍ର ଲାକ୍ରା ତାଙ୍କୁ ହତ୍ୟା କରିଛନ୍ତି ବୋଲି ବନ୍ଧନ ଅଭିଯୋଗ ଆଣିଥିଲେ। ଏନେଇ ଏତଲା ଦେବାକୁ ସେ ପ୍ରଥମ ଇନ୍‌ଫୋସିଟି ଥାନାକୁ ଯାଇଥିବାବେଳେ ପୋଲିସ ତାଙ୍କ ଏତଲା ଗ୍ରହଣ କରି ନ ଥିଲା। ତେଣୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଚାକିରି ନିୟମିତ ଦାବି ଜିଦ୍‌ରେ ଠିକା କର୍ମଚାରୀ

## ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିରୋଧ

କଟକ,୬।୭ (କାର୍ତ୍ତିକ ସାହୁ)

ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକରେ ଗୁରୁବାର ଯୋଗଦେବାକୁ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ବିରୋଧର ଶିକାର ହୋଇଛନ୍ତି। ବୈଠକ ସାରି ଫେରୁଥିବାବେଳେ ଏହି ପ୍ରତିଷ୍ଠାନରେ କାର୍ଯ୍ୟରତ ଠିକା ନର୍ସିଂ କର୍ମଚାରୀମାନେ ମନ୍ତ୍ରୀ ପୂଜାରୀଙ୍କୁ ଘେରାଉ କରିଥିଲେ। ସେମାନଙ୍କ ଚାକିରି ନିୟମିତ କରିବା ଦାବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରାୟ ୧୫ରୁ ୨୦ ମିନିଟ ଧରି ଘେରି ରଖିଥିଲେ। ପରେ ସୁରକ୍ଷା କର୍ମୀ ଓ ପୋଲିସ କର୍ମଚାରୀମାନେ ମନ୍ତ୍ରୀଙ୍କୁ ବାହାରକୁ ଆଣିଥିଲେ। ଏପରିକି ମେଡିକାଲ ପରିସରରେ ଏକପ୍ରକାର ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ହସ୍ପିଟାଲ୍‌ର ଅଧିକାରୀମାନେ ଠିକା କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଠିକା ନର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଧାରଣାରେ ଦୀର୍ଘ ସମୟ ବସିରହିବା କାରଣରୁ ରୋଗୀ ସେବା ପ୍ରଭାବିତ ହୋଇଥିଲା।

ସୂଚନା ଅନୁସାରେ, ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଗୁରୁବାର ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସାଧରଣ ପରିଷଦ ବୈଠକ ବସିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ ହସ୍ପିଟାଲ୍‌ର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବୈଠକ ଶେଷ ପରେ ମନ୍ତ୍ରୀ ବାହାରକୁ ଆସିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲକୁ ଆସିଥିବା ସମ୍ପର୍କରେ ଠିକା କର୍ମଚାରୀମାନେ ଜାଣିବା ପରେ ତାଙ୍କୁ ଘେରାଉ କରିବାକୁ ବାହାରିଥିଲେ। ସେମାନେ ନିଜର ଡ୍ୟୁଟି ଛାଡ଼ି ମନ୍ତ୍ରୀଙ୍କ ଗାଡ଼ି ଆଗକୁ ଆସିବା ସହ ତାଙ୍କୁ ଘେରିଯାଇଥିଲେ। ଏପରିକି ତାଙ୍କ ଗାଡ଼ି ଆଗରେ ଶୋଇବାକୁ ବି ଉଦ୍ୟମ କରିଥିଲେ। ମନ୍ତ୍ରୀଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ପୋଲିସ ଓ ସିକ୍ୟୁରିଟି ଗାର୍ଡମାନଙ୍କୁ କସରତ୍ କରିବାକୁ ପଡ଼ିଥିଲା। ପ୍ରାୟ ୨୦ ମିନିଟ୍‌ର ବିରୋଧ ପରେ ମନ୍ତ୍ରୀ ସୁରକ୍ଷା ବଳୟ ଭିତରେ ଚାଲିଚାଲି ବାହାରକୁ ଆସିଥିଲେ। ଏହାପରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଧାରଣାରେ ବସିଥିଲେ। କୌଣସି ମିଛ ପ୍ରତିଶ୍ରୁତିକୁ ଗ୍ରହଣ କରି ନ ଥିଲେ। ନିୟମିତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଜଣେ ଠିକା କର୍ମଚାରୀ କହିଛନ୍ତି, ଆମେ ସରକାରୀ ନିୟମାନୁସାରେ ପରୀକ୍ଷା ଦେଇ ଚାକିରିରେ ଯୋଗଦେଇଛୁ। ଆମକୁ ନିୟମିତ କରା ନ ଯାଇ ମାସକୁ ମାତ୍ର ୧୩ହଜାର ଟଙ୍କା ଦରମା ଦିଆଯାଉଛି। ଏବାବଦରେ ବାରମ୍ବାର ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟସଚିବଙ୍କୁ ଭେଟି ଆଲୋଚନା କରିଛୁ। ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଛି, ହେଲେ କାର୍ଯ୍ୟକାରୀ କରାଯାଉ ନାହିଁ। ଆମକୁ ଦୁଃଖ ଲାଗୁଛି ଠିକା କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସମଗ୍ର ରାଜ୍ୟରେ ଗୋଟିଏ ନିୟମ ହୋଇଥିବାବେଳେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ପାଇଁ ଅଲଗା ନିୟମ କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ କହିଛନ୍ତି, ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ ହେବ।

ସୂଚନାଯୋଗ୍ୟ ଯେ, ଗତବର୍ଷ ଅକ୍ଟୋବର ମାସରେ ପ୍ରାୟ ୫୭ ହଜାର ଠିକା କର୍ମଚାରୀଙ୍କୁ ରାଜ୍ୟ ସରକାର ନିୟମିତ କରିଥିଲେ। ହେଲେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ କାର୍ଯ୍ୟରତ ୧୯୧ ଠିକା କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ନିୟମିତ କରାଯାଇ ନାହିଁ। ତନ୍ମଧ୍ୟରେ ଷ୍ଟାଫ୍‌ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକାଲ କର୍ମଚାରୀ ଅଛନ୍ତି।



ବିଭିନ୍ନ ଦାବି ନେଇ ଠିକା ନର୍ସିଂ କର୍ମଚାରୀମାନେ ଧାରଣାରେ ବସିଛନ୍ତି।


ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଘେରାଉ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୁରୁକ୍ରିଷ୍ଣା


@ ଗୁଡଲି


@ ସଦାନନ୍ଦ


@ ନିତୁ


@ ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କମିଲା କଟ୍ ଅଫ୍ ମାର୍କ

## ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)

ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ଚଳିତ ଥର କଟ୍ ଅଫ୍ ମାର୍କ ଯଥେଷ୍ଟ କମିଛି। ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚଳିତବର୍ଷ କଟ୍‌ଅଫ୍ ମାର୍କ ୫ରୁ ୬ ପ୍ରତିଶତ ହ୍ରାସ ପାଇଛି। ଚଳିତବର୍ଷ ମାଟ୍ରିକ ଫଳାଫଳକୁ ଦୃଷ୍ଟିରେ ରଖି କଟଅଫ୍ ମାର୍କ କମିବା ନେଇ ଶିକ୍ଷାବିତ୍‌ମାନେ ଆକଳନ କରିଥିଲେ। ପ୍ରତିବର୍ଷ ରାଜ୍ୟର ଅଧିକାଂଶ ମେଧାବୀ ଛାତ୍ରୀଛାତ୍ର ପ୍ରମୁଖ କଲେଜରେ ଯୁକ୍ତ୨ରେ ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କରିଥା'ନ୍ତି। ମାତ୍ର ଚଳିତବର୍ଷ ମେଧାବୀଙ୍କ ସଂଖ୍ୟା କମିଥିବାରୁ ରାଜ୍ୟର ବିଭିନ୍ନ କଲେଜର କଟ୍ ଅଫ୍ ମାର୍କ କମିଛି। ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ପ୍ରତିଷ୍ଠିତ କଲେଜଗୁଡ଼ିକ ଶ୍ରେଷ୍ଠ ୧୦ ଶିକ୍ଷାନୁଷ୍ଠାନରେ ରହିଥିଲେ ମଧ ସମସ୍ତ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ କଟ୍‌ଅଫ୍ ମାର୍କ ପୂର୍ବବର୍ଷ ତୁଳନାରେ ହ୍ରାସ ପାଇଛି। ରମାଦେବୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ, ପୁରୀ ଏସ୍‌ସିଏସ୍ ଉଚ୍ଚ ମାଧମିକ ବିଦ୍ୟାଳୟ ଶ୍ରେଷ୍ଠ ୧୦ ତାଲିକାରେ ଆସିପାରିନାହିଁ। ଭୁବନେଶ୍ୱରସ୍ଥିତ ବେସିକ ସାଇନ୍ସ କଲେଜର ମଧ ବିଜ୍ଞାନ ବିଭାଗରେ କଟଅଫ୍ ମାର୍କ କମିଛି। ସୂଚନା ଥାଉ କି, ଚଳିତବର୍ଷ ମାଟ୍ରିକ ପାସ୍ ହାର ୯୬.୪୦ ପ୍ରତିଶତ ରହିଥିଲେ ମଧ ମେଧାବୀଙ୍କ ସଂଖ୍ୟା କମିଥିଲା। ପୂର୍ବବର୍ଷ ୮,୧୧୯ ଜଣ ଏ-୧ ଗ୍ରେଡ୍ ପାଇଥିବାବେଳେ ଚଳିତବର୍ଷ ମାତ୍ର ୪୧୫୮ ଜଣ ଏ-୧ ଗ୍ରେଡ୍ ପାଇଥିଲେ। ସେହିପରି ପୂର୍ବବର୍ଷ ୫୪,୮୮୯ ଜଣ ଏ-୨ ଗ୍ରେଡ୍ ପାଇଥିବାବେଳେ ଚଳିତବର୍ଷ ୨୯ ହଜାର ୮୩୮ ଜଣ ଏ-୨ ଗ୍ରେଡ୍ ପାଇଥିଲେ। ଅନ୍ୟପଟେ ଚଳିତବର୍ଷ ୭୭ ହଜାର ୫୬୭ ଜଣ ବି-୧ ଏବଂ ୧ଲକ୍ଷ ୧୮ହଜାର ୭୫୦ ଜଣ ବି-୨ ଗ୍ରେଡ୍‌ରେ ପାସ୍ ହୋଇଥିଲେ।

# ବେଦାନ୍ତରେ ୧୦ ଟନ୍ ଇଲେକ୍ଟ୍ରିକ୍ ଫର୍କଲିଫ୍ଟର ଶୁଭାରମ୍ଭ

## ଭାରତର ସର୍ବବୃହତ୍ ବୈଦ୍ୟୁତିକ ଫର୍କଲିଫ୍ଟ ଫ୍ଲିଟର ସମ୍ପ୍ରସାରଣ

ଭୁବନେଶ୍ୱର,୬।୭(ଅଭୟ ଦାଶ)



ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ୧୦ ଟନ୍ ଇଲେକ୍ଟ୍ରିକ୍ ଲିଥିୟମ୍-ଆୟନ ଫର୍କଲିଫ୍ଟର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ (ଝାରସୁଗୁଡ଼ା) ମେଗା ଆଲୁମିନିୟମ୍ ସ୍ମେଲଟର ପ୍ଲାଣ୍ଟ ଝାରସୁଗୁଡାରେ ନିୟୋଜିତ ହୋଇଛି। ସେହିଭଳି କମ୍ପାନୀର ବିଭିନ୍ନ ୟୁନିଟରେ ବର୍ତ୍ତମାନ ଭାରତର ସର୍ବବୃହତ ବୈଦ୍ୟୁତିକ ଲିଥିୟମ-ଆୟନ ଫର୍କଲିଫ୍ଟର ବ୍ୟବହାର ସହ ମୋଟ ୪୪ଟି ୟୁନିଟ୍ ଓଡ଼ିଶା ଏବଂ ଛତିଶଗଡ କାର୍ଯ୍ୟ ପରିସରରେ ନିୟୋଜିତ ହୋଇଛି। ବିଶେଷ କରି କମ୍ପାନୀ ନିକଟରେ ଭାରତର ପ୍ରଥମ ୧୦ ଟନ୍ ଇଲେକ୍ଟ୍ରିକ୍ ଲିଥିୟମ୍-ଆୟନ ଫର୍କଲିଫ୍ଟକୁ ଝାରସୁଗୁଡା ମେଗା ଆଲୁମିନିୟମ୍ ସ୍ମେଲଟରରେ ମଧ୍ୟ ନିୟୋଜିତ କରିଛି। ଏଥିସହିତ ଏହା ପ୍ରଥମ ଥର ପାଇଁ ଓଡ଼ିଶାର ଲାଞ୍ଜିଗଡଠାରେ ଥିବା ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀରେ ଏବଂ ଛତିଶଗଡର କୋରବାଠାରେ ଅବସ୍ଥିତ ଭାରତର ପ୍ରତିଷ୍ଠିତ ଆଲୁମିନିୟମ୍ ଉତ୍ପାଦକ ୩-ଟନ୍ ଏବଂ ୫ ଟନ୍ ଇଲେକ୍ଟ୍ରିକ୍ ଫର୍କଲିଫ୍ଟର ମଧ୍ୟ ବ୍ୟବହାର କରାଯାଇଛି। ଅପରପକ୍ଷରେ ଗିୟର (ଜେମିନି ଇକ୍ୟୁପମେଣ୍ଟ ଆଣ୍ଡ ରେଣ୍ଟାଲସ ପ୍ରା.ଲିଃ) ଇଣ୍ଡିଆ ଏବଂ ଟାରନ୍ ଲିଫ୍ଟ ଆଣ୍ଡ ମୁଭ୍ ସହଯୋଗରେ ଉପରୋକ୍ତ କାର୍ଯ୍ୟ ସମ୍ପ୍ରସାରଣ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଆମେ ଆମର ସ୍ଥିରତା ପ୍ରଦର୍ଶନକୁ ବଢାଇବା ପାଇଁ ଏଭଳି ଏକ ଅଭିନବ ଅଭ୍ୟାସ ଓ ଅନୁସନ୍ଧାନର ପ୍ରୟୋଗ ଜାରି ରଖିଛୁ। ବିଶେଷ କରି ଆଲୁମିନିୟମର ସର୍ବୋତ୍ତମ ଗୁଣ ମଧ୍ୟ ଆମେ ଉତ୍ପାଦନ କରୁଛୁ। ଏପରିକି ଇଏସଜି ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ଉତ୍ସର୍ଗୀକୃତ ରହିଛି, ଯାହା ଆମର ସମସ୍ତ ବ୍ୟବସାୟ ପ୍ରୟାସର ମୂଳଦୁଆ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଅଗ୍ରଣୀ ବୈଷୟିକ ପ୍ରଦାନକାରୀଙ୍କ ସହିତ ଆମର ସହଭାଗିତା କମ୍ପାନୀକୁ ଶିଳ୍ପରେ ସ୍ଥାୟୀ ସାମଗ୍ରୀ ପରିଚାଳନା ଅଭ୍ୟାସକୁ ଅଗ୍ରଗତି କରିବାକୁ ସକ୍ଷମ କରିଛି। ଭାରତର ପ୍ରଥମ ୧୦ଟନ୍ ଇଲେକ୍ଟ୍ରିକ୍ ଲିଥିୟମ୍-ଆୟନ ଫର୍କଲିଫ୍ଟର ଶୁଭାରମ୍ଭ ସହ ଏକ ନେଟ୍ ଜିରୋ ଭବିଷ୍ୟତର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଆମର ପ୍ରତିବଦ୍ଧତାର ଏହା ଏକ ବଳିଷ୍ଠ ପ୍ରମାଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଗିଅର ଇଣ୍ଡିଆର କାର୍ଯ୍ୟନିର୍ବାହୀ ସଭାପତି ବରୁଣ ଚୋପ୍ରା କହିଛନ୍ତି, ଆମର ସ୍ଥିରତା ଯାତ୍ରାରେ ବେଦାନ୍ତ ଆଲୁମିନିୟମ ସହ ଭାଗୀଦାରି ହୋଇ ଆମେ ବେଶ ଆନନ୍ଦିତ।

# ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୬।୭

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଡଲ୍‌ବି ଆଟ୍‌ମସ୍ ସାଉଣ୍ଡବାର୍ ଏଚ୍‌ଟି-ଏସ୍୨୦୦୦ ୫.୧ଇଞ୍ଚର ଡଲ୍‌ବି ଆଟ୍‌ମସ ସାଉଣ୍ଡ ବାର୍‌କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଏଥିରେ ସିନେମା ଭଳି ସାଉଣ୍ଡ, ଭର୍ଟିକାଲ୍ ସରାଉଣ୍ଡ ଇଞ୍ଜିନ ଓ ଏସ୍-ଫୋର୍ସ ପ୍ରୋ ଫ୍ରଣ୍ଟ ସାଉଣ୍ଡ ପ୍ରଦାନ କରାଯାଉଛି। ଏପରିକି ଷ୍ଟେରିଓ କନ୍‌ଟେଣ୍ଟ ବଜାଇବା ବେଳେ ଏହା ଥ୍ରି-ଡାଇମେନ୍‌ସନ୍ ସରାଉଣ୍ଡ ଅନୁଭୂତି ପ୍ରଦାନ କରୁଛି। ଏହାର କେନ୍ଦ୍ରୀୟ ସ୍ପିକର ସଂଳାପଗୁଡ଼ିକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରୁଥିବା ବେଳେ ଏହା ଡୁଆଲ ସବ୍ ଉଫର ଗଭୀର ବାସ୍ ସୃଷ୍ଟି କରୁଛି। ସେହିଭଳି ବ୍ରାଭିଆ ଏକ୍ସଆର୍ ଟିଭି ସହିତ ଏହା କମ୍ପାଟିବଲ୍ ରହିବ ଏବଂ ସ୍ୱୟଂକ୍ରିୟ ଭାବେ ତାହା ସହ ଯୋଡ଼ି ହୋଇପାରିବ। ବ୍ରାଭିଆର ତ୍ୱରିତ ସେଟିଂ ମେନୁ ଜରିଆରେ ତାହାକୁ ନିୟନ୍ତ୍ରଣ ସହ କିଛି ସେକେଣ୍ଡ ଭିତରେ ଏହାକୁ ସେଟ୍‌ଅପ୍ କରି ହେବ।

# ବଜାରରେ ଜିଓ ଭାରତ ୪ଜି ଫୋନ୍




ଭୁବନେଶ୍ୱର,୬।୭

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓର ନୂଆ ୪ଜି ଫିଚର ଫୋନ୍ ଜିଓ ଭାରତ ଭି୨କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷ କରି ଦେଶର କୋଟି କୋଟି ୨ଜି ଫୋନ୍ ବ୍ୟବହାରକାରୀଙ୍କୁ ଡିଜିଟାଲ୍ ମାଧ୍ୟମରେ ସଶକ୍ତ କରିବା ଏବଂ ୨ଜି ମୁକ୍ତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ରିଲାଏନ୍ସ ଜିଓ ମାତ୍ର ୯୯୯ ଟଙ୍କାରେ ଏଭଳି ଏକ ଫିଚର ଫୋନକୁ ସର୍ବଭାରତୀୟ ଉନ୍ମୋଚନ କରିଥିଲା। ଉକ୍ତ ଅଭିଯାନକୁ ଆଗକୁ ବଢ଼ାଇବା ସହ ଜିଓ ଭାରତକୁ କମ୍ପାନୀ ଓଡ଼ିଶା ବଜାରରେ ଉପଲବ୍ଧ କରାଇବା ସହିତ ୩୦୦ ସହର ଓ ନଗର ୧୦,୦୦୦ ରୁ ଅଧିକ ଷ୍ଟୋର୍ ଓ ବିଭିନ୍ନ ମୋବାଇଲ ଦୋକାନରେ ପହଞ୍ଚାଇଛି। ଉଲ୍ଲେଖଯୋଗ୍ୟ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ରାଜ୍ୟର ପ୍ରମୁଖ ସହର ଓ ନଗରର ଧାର୍ମିକ ସ୍ଥଳରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା ସହିତ ଉକ୍ତ ଫୋନ୍‌କୁ ଓଡ଼ିଶା ବଜାରରେ ଉନ୍ମୋଚନ କରାଇଛି। ଏହି ପରିପ୍ରେକ୍ଷୀରରେ ରାଜ୍ୟର ବିଭିନ୍ନ ସହର ଓ ନଗରରେ ବସବାସ କରୁଥିବା ସଫେଇ କର୍ମଚାରୀ, ରିକ୍ସା ଓ ଅଟୋଚାଳକ, ଫାଟକ ଜଗୁଆଳି,ମାଳୀ, ଗୃହସହାୟିକା, ଦିନମଜୁରିଆ, ବଢ଼େଇଙ୍କ ଭଳି ପ୍ରାୟ ୩୦୦ ରୁ ଅଧିକ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଜିଓ ଭାରତ ଭି୨ ଫୋନ୍ ପ୍ରଦାନ ସହ ସେମାନଙ୍କୁ ଡିଜିଟାଲ୍ ଭାବେ ସଶକ୍ତ କରାଯାଇଛି।

# ଫୋନ୍‌ପେର ୱାନ୍ ଷ୍ଟପ୍ ପିଓଏସ୍

ଭୁବନେଶ୍ୱର,୬।୭

ଫୋନ୍‌ପେ ପକ୍ଷରୁ ଏକ ଅତ୍ୟାଧୁନିକ ୱାନ୍ ଷ୍ଟପ ପଏଣ୍ଟ-ଅଫ-ସେଲ (ପିଓଏସ୍) ଡିଭାଇସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହା ବ୍ୟବସାୟୀଙ୍କୁ ଡେବିଟ କାର୍ଡ, କ୍ରେଡିଟ କାର୍ଡ ଏବଂ ୟୁପିଆଇ ମାଧ୍ୟମରେ ପେମେଣ୍ଟ ଗ୍ରହଣ କରିବାକୁ ସକ୍ଷମ ସହ ଏକ ସରଳ ଓ ବାଧାରହିତ ସେଟଲମେଣ୍ଟ ଅନୁଭୂତି ପ୍ରଦାନ କରିବ। ଉକ୍ତ ଡିଭାଇସରେ ଫୋନପେ ପିଓଏସ ଆପ୍ ପୂର୍ବରୁ ଲୋଡ୍ ହୋଇ ଆସୁଛି ଏବଂ ଏହା ଟାପ/ସ୍ୱାଇପ/ଡିପ ଏବଂ ଇଣ୍ଟରଅପରେବଲ ଡାଇନାମିକ କ୍ୟୁଆର କୋଡ୍ ମାଧ୍ୟମରେ ଟ୍ରାଞ୍ଜାକ୍ସନର ସମର୍ଥନ କରୁଛି। ଆଣ୍ଡ୍ରଏଡ ପ୍ଲାଟଫର୍ମ ଉପରେ ନିର୍ମିତ ଏହି ପିଓଏସ ଡିଭାଇସ ବ୍ୟବସାୟୀମାନଙ୍କ ପାଇଁ ଚେକଆଉଟ ଅନୁଭୂତିରେ ପରିବର୍ତ୍ତନ ଆଣିଛି । ଗ୍ରାହକମାନେ କାଉଣ୍ଟର, ଟେବୁଲ, ଡେଲିଭରୀ ଲୋକେଶନ କିମ୍ବା ସେଲ୍ୟୁଲାର କଭରେଜ ଥିବା ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁ ଏହି ଡିଭାଇସ ସମଗ୍ର ପ୍ରକ୍ରିୟାକୁ ସହଜ କରିଥାଏ। ଉଭୟ ମର୍ଚ୍ଚାଣ୍ଟ ଏବଂ ଉପଭୋକ୍ତାଙ୍କ ଡାଟାକୁ ସୁରକ୍ଷିତ ରଖିବା ପାଇଁ ଏହା ପିସିଆଇ-ପିଟିଏସ ୬ସାର୍ଟିଫିକେଶନ ଦ୍ୱାରା ସମର୍ଥିତ ରହିଛି। ଏ ସମ୍ପର୍କରେ ଫୋନପେର ଅଫଲାଇନ ବିଜ୍‌ନେସ ମୁଖ୍ୟ ବିବେକ ଲୋହଚେବ କହିଛନ୍ତି, ଫୋନପେ ପିଓଏସ ଡିଭାଇସ ହେଉଛି ଏକ ୱାନ-ଷ୍ଟପ ସଲ୍ୟୁଶନ ଯାହା ଆମର ମର୍ଚ୍ଚାଣ୍ଟ ପାର୍ଟନରମାନଙ୍କୁ ସେମାନଙ୍କର ଗ୍ରାହକଙ୍କର କିଣିବାର ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଉତ୍ସାହିତ କରିଥାଏ। ଏଥିରେ ଏକ ଏକୀକୃତ ଏବଂ ସମନ୍ୱିତ ଇଣ୍ଟରଫେସ ରହିଛି, ଯାହା ପେମେଣ୍ଟର ବିଭିନ୍ନ ପଦ୍ଧତିକୁ ସୁବିଧା ଦେଇଥାଏ ଏବଂ ସହଜ କରିଥାଏ। ଉଲ୍ଲେଖଯୋଗ୍ୟ, ସମଗ୍ର ଦେଶରେ ଫୋନ୍‌ପେର ୩୫କୋଟିରୁ ଅଧିକ ମର୍ଚ୍ଚାଣ୍ଟମାନଙ୍କର ଏକ ବ୍ୟାପକ ନେଟୱର୍କ ରହିଛି।

# ମାରୁତି ସୁଜୁକିର ନ୍ୟୁ ଇନ୍‌ଭିକ୍ଟୋ ଉନ୍ମୋଚିତ

ଭୁବନେଶ୍ୱର,୬।୭




ମାରୁତି ସୁଜୁକି ଇଣ୍ଡିଆର ଲିମିଟେଡ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଦି ନ୍ୟୁ ମାରୁତି ସୁଜୁକି 'ଇନ୍‌ଭିକ୍ଟୋ ଏମପିଭି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି।

ଏ ସମ୍ପର୍କରେ ଏମଏସଆଇଏଲର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ହିସାଶି ଟାକେଉଚି କହିଛନ୍ତି, ଏସ୍‌ୟୁଭି ଭଳି ଚରିତ୍ର ସହିତ ଆମର ନୂଆ ଇନ୍‌ଭିକ୍ଟୋ ପ୍ରିମିୟମ ଡିଜାଇନ୍ ହୋଇଛି। ବିଶେଷକରି ଉକ୍ତ ମଡେଲର ଇଣ୍ଟେଲିଜେଣ୍ଟ ପ୍ୟାକେଜିଂ ଏବଂ ଏକାଧିକ ସୁରକ୍ଷା ଫିଚର ଓ ଉଦ୍ଭାବନର ଏକ ସମ୍ମିଶ୍ରଣ ପ୍ରଦାନ କରୁଛି। ସେହିଭଳି ନୂଆ ଇନ୍‌ଭିକ୍ଟୋରେ ଇଣ୍ଟେଲିଜେଣ୍ଟ ଇଲେକ୍ଟ୍ରିକ୍ ହାଇବ୍ରିଡ୍ ସିଷ୍ଟମ ସହିତ ଏକ ଇ-ସିଭିଟି ଟ୍ରାନ୍ସମିଶନ ସହ ଜଡିତ ୨.୦ଏଲ୍ ଇଞ୍ଜିନ୍ ରହିଛି। ଏହାର ଅଭିନବ ସେଲ୍‌ଫ-ଚାର୍ଜି ଶକ୍ତିଶାଳୀ ହାଇବ୍ରିଡ୍ ସିଷ୍ଟମରେ ଏକ ବିଳାସପୂର୍ଣ୍ଣ ଡୁଆଲ ପାୱାରଟ୍ରେନ୍ ସିଷ୍ଟମ ରହିଥିବା ବେଳେ ଏହା ଏକ ଇଲେକ୍ଟ୍ରିକ୍ ମୋଟର ଓ ପେଟ୍ରୋଲ ଇଞ୍ଜିନ୍‌କୁ ଏକତ୍ରିତ କରୁଛି। ଏହି ଶକ୍ତିଶାଳୀ ହାଇବ୍ରିଡ୍ ସିଷ୍ଟମ ଏକାଧିକ ଡ୍ରାଇଭ୍ ମୋଡ୍ ଯେପରିକି ଇଭି, ନର୍ମାଲ, ଇକୋ ଓ ପାୱାର ଆଦି ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ଉକ୍ତ କାର୍‌ରେ ୬ଟି ଏୟାରବ୍ୟାଗ୍, ଆଡ୍‌ଭାନ୍ସଡ୍ ଫିଚର ସହ ସୁଜୁକି କନେକ୍ଟ ଓ ଇ-କଲ୍ ଫଙ୍କ୍‌ଶନାଲିଟି, ଫ୍ରଣ୍ଟ ଓ ରିୟର ଡିସ୍କ ବ୍ରେକ୍, ଇଲେକ୍‌ଟ୍ରୋନିକ୍ ପାର୍କିଙ୍ଗ ବ୍ରେକ୍ ସହ ଅଟୋ ହୋଲ୍ଡ, ଏବିଏସ୍ ସହ ଇବିଡି, ଭେଇକିଲ ଷ୍ଟାବିଲିଟି କଣ୍ଟ୍ରୋଲ ସହ ହିଲ୍ ହୋଲ୍ଡ ଆସିଷ୍ଟ, ୩ ପଏଣ୍ଟ ଇଏଲ୍‌ଆର୍ ସିଟ୍‌ବେଲ୍ଟ, ଆଇଏସ୍‌ଓଫିକ୍ସ ଚାଇଲ୍ଡ ସିଟ୍ ଆଙ୍କୋରେଜ୍, ୩୬୦ ଭ୍ୟୁ କ୍ୟାମେରା ଆଦି ଫିଚର ରହିଛି। ବିଶେଷ କରି ଏହା ଆଲ୍‌ଫା+ ଓ ଜିଟା+ ଭାରିଆଂଟ୍ ପାଇଁ ଜେନୁଇନ୍ ନେକ୍ସା ଆକ୍‌ସେସରିଜର ନୂଆ ରେଞ୍ଜ୍ ନୂଆ ସିଗ୍ନେଚର କଲେକ୍ସନରେ ଉପଲବ୍ଧ ରହିଛି।

# ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା

ଭୁବନେଶ୍ୱର,୬।୭

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା ଭୁବନେଶ୍ୱରର କେଶୁରାଠାରେ ଉଦଘାଟିତ ହୋଇଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଶାଖାର ସମସ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ସହରରେ ଏହା ବ୍ୟାଙ୍କର ୨୭ତମ ଶାଖା ହୋଇଥିବା ବେଳେ ରାଜ୍ୟରେ ୧୮୦ତମ ଶାଖା ସହିତ ୩୪୦ ଏଟିଏମ୍‌ର ଏକ ବ୍ୟାପକ ନେଟ୍‌ୱର୍କ ରହିଛି। ଉଲ୍ଲେଖଯୋଗ୍ୟ, ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଶାଖା, ଏଟିଏମ୍, କଲ ସେଣ୍ଟର, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ ଭଳି ବିବିଧ ମାଧ୍ୟମରେ ସେବା ପ୍ରଦାନ କରାଯାଉଛି। ବିଶେଷ କରି ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ଖାତା, ଜମା, ଋଣ ଆଦି ସୁବିଧା ପ୍ରଦାନ କରାଯାଉଛି, ଯେଉଁଥିରେ ଚଳନ୍ତି ଖାତା, ଫିକ୍ସଡ୍ ଓ ରିକରିଂ ଜମା, ବ୍ୟବସାୟ ଋଣ, ଗୃହ ଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ, ସୁନା ଋଣ ଓ ଫୋରେକ୍ସ ସେବା ଆଦି ସାମିଲ ରହିଛି। ଉକ୍ତ ଶାଖାରେ ଏକ ଏଟିଏମ୍ ତଥା କ୍ୟାଶ୍ ରିସାଇକ୍‌ଲର ମେଶିନ୍ (ସିଆର୍‌ଏମ୍) ରହିଛି,ଯେଉଁଥିରେ ନଗଦ ଟଙ୍କା ଜମା କରି ହେବ ଏବଂ ଗ୍ରାହକମାନେ ସେଥିରୁ ଟଙ୍କା ମଧ୍ୟ ଉଠାଇପାରିବେ।

## ଫୁର୍‌ସତ




# 'ବୃଷଭ'ରେ ଶନାୟାଙ୍କ ସାଉଥ୍ ଡେବ୍ୟୁ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର ନିକଟରେ ତାଙ୍କ ଫିଲ୍ମ ଡେବ୍ୟୁକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ରିପୋର୍ଟ ମୁତାବକ, ମୋହନଲାଲଙ୍କ ଫିଲ୍ମ 'ବୃଷଭ' ଜରିଆରେ ଶନାୟା ସାଉଥ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ଏକତା କପୁରଙ୍କ ନିର୍ମିତ ଏହି ମୁଭିକୁ ନନ୍ଦ କିଶୋର ନିର୍ଦ୍ଦେଶନା ଦେବେ। ଚଳଚ୍ଚିତ୍ରଟି ବାପା-ପୁଅଙ୍କ ସମ୍ପର୍କକୁ ନେଇ ନିର୍ମିତ ହେବ। ମୁଭିରେ ଶନାୟାଙ୍କୁ ଏକ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଏହା ତାଙ୍କର ପ୍ୟାନ ଇଣ୍ଡିଆ ଫିଲ୍ମ। ଏକତା କପୁରଙ୍କ ପ୍ରଡକ୍ସନ ହାଉସ୍‌ର ଏହି ଫିଲ୍ମଟି ଅତୀତ ଏବଂ ବର୍ତ୍ତମାନର ବିଷୟବସ୍ତୁକୁ ନେଇ ତିଆରି ହେଉଛି। ଚଳଚ୍ଚିତ୍ରଟି ମୁଖ୍ୟତଃ ତେଲୁଗୁ ଓ ମାଲାୟାଲମ୍ ଭାଷାରେ ପ୍ରସ୍ତୁତ ହେବ; ଯାହା ଏକ ଦକ୍ଷିଣ ଭାରତୀୟ ଫିଲ୍ମ, ଯାହା ସମଗ୍ର ଦେଶରେ ରିଲିଜ୍ ହେବାର ଯୋଜନା ରହିଛି। ଏଥିସହ ତାମିଲ, ହିନ୍ଦୀ ଏବଂ କନ୍ନଡ଼ରେ ମଧ୍ୟ ରିଲିଜ୍ ହେବ। ଏଥିରେ ଗରୁଡ଼ ରାମ, ଶ୍ରୀକାନ୍ତ, ରୋଶନ ମେକା, ସିମରନ୍‌ଙ୍କୁ ବିଭିନ୍ନ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହା ପୂର୍ବରୁ ବଲିଉଡ୍‌ରେ ୨ଟି ମୁଭି କରିଛନ୍ତି। କରନ ଜୋହରଙ୍କ ନିର୍ଦ୍ଦେଶିତ ମୁଭି 'ବେଧଡ଼କ୍' ଏବଂ ଅଭିନେତା ଟାଇଗର ଶ୍ରଫଙ୍କ ସହିତ 'ସ୍କୃ ଢିଲା'ରେ ନଜରକୁ ସେ ଆସିଛନ୍ତି।

# ସୁଖ ଶାନ୍ତି ଆଣେ କ୍ଷମା

### ବିଶ୍ୱ କ୍ଷମା ଦିବସ



କ୍ଷମା ଏକ ମାନବୀୟ ଗୁଣ। ଏହାଦ୍ୱାରା ଶତ୍ରୁ ମଧ୍ୟ ମିତ୍ର ହୋଇଯାଇଥାଏ। କ୍ଷମା କରିବା ଗୁଣକୁ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୭ରେ ବିଶ୍ୱ କ୍ଷମା ଦିବସ ପାଳନ କରାଯାଇଥାଏ। କ୍ଷମା କରିବା ଦ୍ୱାରା ଶରୀରରେ ଆରୋଗ୍ୟ ଶକ୍ତି ସୃଷ୍ଟିହେବା ସହ ଶାନ୍ତିପୂର୍ଣ୍ଣ ନିରାମୟ ଜୀବନ ଯାପନ ସମ୍ଭବ ହୋଇଥାଏ। ଅଧ୍ୟୟନ ପ୍ରମାଣିତ କରିଛି ଯେ ଯେଉଁମାନେ କ୍ଷମା କରିବାକୁ ପସନ୍ଦ କରନ୍ତି ସେମାନେ ସୁସ୍ଥ ଏବଂ ସୁଖୀ। କ୍ଷମାକରି ନ ଜାଣିଲେ ଭଗବାନ୍ ଦେଇଥିବା ଆଶୀର୍ବାଦ ସମ୍ପର୍କରେ କେବେ ମଧ୍ୟ ଜ୍ଞାନ ଉପଲବ୍ଧି ହେବ ନାହିଁ। ବିଂଶ ଶତାବ୍ଦୀରେ କ୍ଷମା କ୍ଷମତା ବିଜ୍ଞାନର ଦୃଷ୍ଟି ଆକର୍ଷଣ କରିଥିଲା ଯେତେବେଳେ ବୈଜ୍ଞାନିକ, ମନୋବିଜ୍ଞାନୀ ଏବଂ ଶିକ୍ଷାବିତ ମାନବଙ୍କ ମଙ୍ଗଳ ଉପରେ ଏହାର ପ୍ରଭାବ ଅଧ୍ୟୟନ କରିବା ଆରମ୍ଭ କଲେ।

କ୍ଷମା ଅଭ୍ୟାସ ଯୋଗୁ କ୍ରୋଧ ଉପରେ ନିୟନ୍ତ୍ରଣ ଆସିଥାଏ। ଏହିଦିନ ସ୍ମରଣ କରାଏ ଲୋକମାନଙ୍କୁ କ୍ଷମା କରିବା ଦ୍ୱାରା ମାନସିକ ଅଶାନ୍ତି ଭଳି ଯନ୍ତ୍ରଣାଦାୟକ ପାପ ଧୋଇ ହୋଇଥାଏ। ଜୀବନ ଏକ ନୂତନ ଯାତ୍ରା ଆରମ୍ଭ କରେ। ୧୯୯୪ରେ ଖ୍ରୀଷ୍ଟିଆନ ଏମ୍ବାସି ଅଫ୍ ଖ୍ରୀଷ୍ଟସ୍ ଆମ୍ବାସାଡର୍ସ (ସିଇସିଏ) ପକ୍ଷରୁ ବ୍ରିଟିଶ କଲମ୍ବିଆରେ ଜାତୀୟ କ୍ଷମା ଦିବସ ପ୍ରତିଷ୍ଠା କରାଯାଇଥିଲା। ଭିକ୍ଟୋରିଆ ସହରରେ ଏହା ଜାତୀୟ କ୍ଷମା ଦିବସ ଭାବରେ ଘୋଷଣା ହୋଇଥିଲା। ପରେ ଏହାକୁ ବିଶ୍ୱ କ୍ଷମା ଦିବସ ଭାବେ ନାମିତ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଅନ୍ୟକୁ କିପରି କ୍ଷମା ପ୍ରଦାନ କରାଯିବ ଏହାର ସୁଫଳ କ'ଣ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସୁସ୍ଥ ରହିବା ପାଇଁ, ହୃଦୟରେ ଅନ୍ୟମାନଙ୍କ ପ୍ରତି କ୍ଷମା ଭାବ ରଖିବା ଅପରିହାର୍ଯ୍ୟ। ଅନ୍ୟମାନଙ୍କୁ ଭୁଲ୍ ପାଇଁ କ୍ଷମା କରିବା ଦୈବୀ ଗୁଣ।

ବିଶ୍ୱ କ୍ଷମା ଦିବସ ଆମକୁ ପୁରାତନ ପାର୍ଥକ୍ୟକୁ ଦୂରେଇ ରଖିବାକୁ, ଅଭିଯୋଗଠାରୁ ଦୂରେଇ ଯିବାକୁ ଏବଂ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଶିକ୍ଷା ଦିଏ। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ନିଜ ହୃଦୟରେ ଦୁଃଖ ଏବଂ ଯନ୍ତ୍ରଣାର ଭାର ବହନ କରିବା ତେବେ ଏହା ମନ ଏବଂ ହୃଦୟକୁ ଅସୁସ୍ଥ କରିପାରେ। ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେଉଁମାନେ କ୍ଷମା କରିବାକୁ ପସନ୍ଦ କରନ୍ତି ସେମାନେ କ୍ରୋଧ ଏବଂ ଅସନ୍ତୋଷ ଥିବା ଲୋକଙ୍କ ଅପେକ୍ଷା ସୁସ୍ଥ ଏବଂ ସୁଖୀ। ପ୍ରତିବର୍ଷ ବିଶ୍ୱ କ୍ଷମା ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଧାରିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ବିଶ୍ୱ କ୍ଷମା ଦିବସର ବିଷୟବସ୍ତୁ ହେଉଛି 'ଲୋକଙ୍କୁ କ୍ଷମାକରି କମ୍ ଅସୁସ୍ଥ ହୁଅନ୍ତୁ' (ଫରଗିଭିଙ୍ଗ୍ ପିପୁଲ ଫଲ୍ ଇଲ୍ ଲେସ୍')।

# ଅନ୍‌ପିୟୋଙ୍ଗ-ରି'କୁ ୧୦୦ ମିଲିୟନ୍ ଡଲାର ଦାନ



**ସିଓଲ:** ଯଦି କେହି ବ୍ୟକ୍ତି ଲୋକଙ୍କ ପାଇଁ କିଛି ଭଲ କାମ କରିଥାଏ, ତେବେ ତାଙ୍କୁ ଲୋକେ ମନେରଖିଥା'ନ୍ତି। ନିକଟରେ ଜଣେ ଧନୀ ବ୍ୟକ୍ତି ଲୋକଙ୍କ ପାଇଁ ଏପରି କିଛି କରିଛନ୍ତି। ଦକ୍ଷିଣ କୋରିଆର ଏକ ଛୋଟ ଗାଁରୁ ଆସିଥିବା ଜଣେ ପ୍ରପର୍ଟି ଡେଭେଲପର କମ୍ପାନୀ ବୁୟଙ୍ଗର ୮୨ ବର୍ଷୀୟ ଚେୟାରମ୍ୟାନ ଲି ଜନ୍ କ୍ୟୁନ୍ ଏକ ଛୋଟ ଗାଁ ସନ୍‌ଟିଅନ୍‌ର ଅନ୍‌ପିୟୋଙ୍ଗ-ରି ପାଇଁ କୋଟି କୋଟି ଟଙ୍କା ଦାନ କରିଛନ୍ତି। ଗାଁରେ ଥିବା ୨୮୦ ପରିବାର ଓ ସ୍କୁଲର ପୁରାତନ ଛାତ୍ରଙ୍କୁ ମିଶାଇ ମୋଟ ୧୦୦ ମିଲିୟନ୍ ଡଲାର ଅର୍ଥାତ୍ ୮୨ ହଜାର ୫୨୮ କୋଟି ଟଙ୍କା ଦେଇଛନ୍ତି। ଏଥିସହ ଛାତ୍ରଙ୍କୁ ଇତିହାସ ବହି ଏବଂ ଟୁଲ ସେଟ୍ ମଧ୍ୟ ବଣ୍ଟାଯାଇଛି। କମ୍ପାନୀ କହିଛି, ଏହି ଟଙ୍କା ଲୋକଙ୍କୁ ଆଭାରି ଜଣାଇବା ପାଇଁ ଦିଆଯାଇଛି। ୧୯୪୧ରେ ଲି ଏହି ଗାଁରେ ଜନ୍ମ ହୋଇଥିଲେ। ୧୯୭୦ରେ ସେ ରିୟଲ ଇଷ୍ଟେଟ୍ ଡେଭଲପର ଭାବେ କାମ କରିବା ଆରମ୍ଭ କରିଥିଲେ। ଆଜିର ସମୟରେ ତାଙ୍କର ମୋଟ ସମ୍ପତ୍ତି ହେଉଛି ୧.୩୧ ଲକ୍ଷ କୋଟି। ଲି କୋରିଆର ଟପ୍ ୩୦ ଲୋକଙ୍କ ମଧ୍ୟରେ ରହିଛନ୍ତି। ଟ୍ୟାକ୍ସ ଚୋରି ଏବଂ ଲୁଣ୍ଠନ ମାମଲାରେ ସେ ୨୦୦୪ ଏବଂ ୨୦୦୮ରେ ଜେଲ ମଧ୍ୟ ଯାଇଛନ୍ତି। ଗତ ମାସରେ ତାଙ୍କ କମ୍ପାନୀ କୋରିଆ ଏୟାରଫୋର୍ସକୁ ୬୨ କୋଟି ୭୨ ଲକ୍ଷ ୨୧ ହଜାର ଟଙ୍କା ଦାନ କରିଛନ୍ତି।

# ୬୦ ବର୍ଷ ପରେ ପ୍ରେମିକାଙ୍କୁ ବିମାନବନ୍ଦରରେ ପ୍ରେମ ନିବେଦନ




**ୱାଶିଂଟନ:** କୁହାଯାଏ, ମଣିଷ ତା' ପ୍ରଥମ ପ୍ରେମକୁ କେବେହେଲେ ଭୁଲିପାରେନି। ଅନେକ ସମୟରେ ସେହି ପ୍ରେମ ସଫଳ ହୋଇ ନ ଥାଏ। ଆଉ ଯଦି ସେହି ପ୍ରେମ ଅନେକ ବର୍ଷ ପରେ ମିଳିଯିବ, ତେବେ ତାହା ବହୁତ ଖୁସି ଦେଇଥାଏ। ଏପରି କିଛି ଘଟଣା ଆମେରିକାରେ ଦେଖିବାକୁ ମିଳିଛି, ଯାହାର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଆମେରିକାର ଜଣେ ବ୍ୟକ୍ତି ୬୦ ବର୍ଷ ପରେ ତାଙ୍କ ପ୍ରେମିକାକୁ ଏୟାରପୋର୍ଟରେ ପାଇ ସମସ୍ତଙ୍କ ସମ୍ମୁଖରେ ପ୍ରେମ ନିବେଦନ କରିଛନ୍ତି। ରିପୋର୍ଟ ମୁତାବକ, ଫ୍ଲୋରିଡ଼ାର ବାସିନ୍ଦା ଥୋମାସ୍ ପେସାରେ ଜଣେ ଡାକ୍ତର। ସ୍କୁଲରେ ପଢିବା ସମୟରେ ସେ ନ୍ୟାନ୍ସି ନାମକ ଜଣେ ଝିଅକୁ ଭଲ ପାଉଥିଲେ, ଯାହା ତାଙ୍କର ପ୍ରଥମ ପ୍ରେମ ଥିଲା। ହେଲେ ସେ ସମୟରେ ସେମାନଙ୍କ ପ୍ରେମ ଆଉ ଆଗକୁ ବଢିପାରି ନ ଥିଲା। ଏହାପରେ ୬୦ ବର୍ଷ ପରେ ସେମାନେ ଦୁହିଁଙ୍କ ସମ୍ପର୍କରେ ଆସିଲେ। ସେତେବେଳେ ଉଭୟଙ୍କୁ ଜଣାପଡ଼ିଲା କି, ଦୁହିଁଙ୍କର ଦୁହିଁଙ୍କ ପ୍ରତି ଥିବା ଭାବନା ଏବେ ବି ସେମିତି ରହିଛି। ଉଭୟ କିଛି ଘଣ୍ଟା ଫୋନରେ କଥା ହେବାକୁ ଲାଗିଲେ। ଦିନେ ନ୍ୟାନ୍ସି ଥୋମାସ୍‌ଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ। ସେଥିପାଇଁ ନ୍ୟାନ୍ସି ଫ୍ଲୋରିଡା ପାଇଁ ବିମାନରେ ବସିଲେ। ଫ୍ଲୋରିଡା ବିମାନବନ୍ଦରରେ ପହଞ୍ଚିବା ପରେ ଥୋମାସ୍ ସମସ୍ତଙ୍କ ସମ୍ମୁଖରେ ତାଙ୍କ ଆଗରେ ଆଣ୍ଠେଇ ପ୍ରେମ ନିବେଦନ କରିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଥୋମାସ୍ ନ୍ୟାନ୍ସିଙ୍କୁ ପ୍ରେମ ନିବେଦନ କରିବା ସମୟରେ କହିଥିଲେ, ତାଙ୍କର ପ୍ରଥମ ଦେଖାକୁ ଆଜିକୁ ୬୦ ବର୍ଷ ହେଲାଣି। ୫୬ ବର୍ଷ ତଳେ ସେମାନେ ପ୍ରଥମ ଥର ଡେଟ୍‌ରେ ଯାଇଥିଲେ। ଶେଷ ଥର ପାଇଁ ସେ ୧୦ ବର୍ଷ ତଳେ ତାଙ୍କୁ ଦେଖିଥିଲେ। ଆଉ ୨୦ ଦିନ ହେବ ତାଙ୍କ ବନ୍ଧୁତା ପୁଣିଥରେ ଆରମ୍ଭ ହୋଇଥିବା କହିଥିଲେ। ଥୋମାସ୍‌ଙ୍କ ବିବାହ ପ୍ରସ୍ତାବରେ ନ୍ୟାନ୍ସି ହଁ ବୋଲି କହିଥିଲେ। ଏହାପରେ ବିମାନବନ୍ଦରରେ ଥିବା ଲୋକେ ତାଳି ମାରିବା ସହ ଭିଡିଓ କଏଦ କରିଥିଲେ।

# ଜେସିବି ଲଗାଇ ଏଟିଏମ୍ ଚୋରି




**ଲଣ୍ଡନ:** ଚୋରମାନେ ଚୋରି କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି। ବ୍ରିଟେନ୍‌ରେ ଚୋରିକୁ ନେଇ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ୪ ଜଣ ଚୋର ଏଟିଏମ୍‌ରୁ ଟଙ୍କା ନେବା ବଦଳରେ ପୂରା ଏଟିଏମ୍‌କୁ ଜେସିବିରେ ଉଠାଇ ନେଇଥିବା ଜଣାପଡ଼ିଛି। ସେମାନେ ଆଣିଥିବା ଜେସିବି ମଧ୍ୟ ଜଣେ ବିଲ୍ଡରଙ୍କଠାରୁ ଚୋରି କରିଥିବା ଜଣାପଡ଼ିଛି। ଏଥିପାଇଁ ବ୍ରିଟେନ ପୋଲିସ ସେମାନଙ୍କୁ ଗିରଫ କରିଛି। ସୂଚନା ମୁତାବକ, ବ୍ରିଟେନ୍‌ର ପଶ୍ଚିମ ସୁସେକ୍ସର ବ୍ରନହମ୍ ଅଞ୍ଚଳର ସୁପରମାର୍କେଟ୍‌ରେ ଥିବା ଏକ ଏଟିଏମ୍‌କୁ ରାତି ୨ଟା ୧୫ରେ ଜେସିବି ସାହାଯ୍ୟରେ ଉଠାଇବାକୁ ଚେଷ୍ଟା କରୁଥିଲେ। ସେହି ଏଟିଏମ୍‌ଟି ଏକ ରେଳ ଷ୍ଟେଶନର କାନ୍ଥକୁ ଲାଗିଛି। ଯଦି ଏଟିଏମ୍‌ଟି ଭାଙ୍ଗିଯାଇଥା'ନ୍ତା, ତେବେ ଅଧିକାଂଶ ଲୋକେ ଏଥିରେ ଆହତ ହୋଇଥାନ୍ତେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ଫଳରେ ଚୋରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରି ନ ଥିଲା। ପୋଲିସକୁ ଦେଖି ୪ ଜଣ ଚୋର ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ବେଶି ବାଟ ଯାଇପାରି ନ ଥିଲେ। ପୋଲିସ ସେମାନଙ୍କୁ ଧରି ନେଇଥିଲା। ଜଣାପଡ଼ିଛି କି ରେଳଷ୍ଟେଶନର କାନ୍ଥ ଭାଙ୍ଗିଯାଇଛି। ଏହା ପୂର୍ବରୁ ମଧ୍ୟ ମହାରାଷ୍ଟ୍ରରେ ଜେସିବି ଲଗାଇ ଏଟିଏମ୍ ତାଡ଼ି ଅନ୍ୟତ୍ର ନେଇଯାଇଥିବା ଏକ ଖବର ସାମ୍ନାକୁ ଆସିଥିଲା।

## ସଂକ୍ଷେପରେ

### ଅଶୋକ ଗେହଲଟଙ୍କୁ କୋର୍ଟ ସମନ

**ନୂଆଦିଲ୍ଲୀ, ୬।୭:** କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦାଏର କରିଥିବା ମାନହାନି



ମାମଲାରେ ଦିଲ୍ଲୀର ଏକ ଅଦାଲତ ଗୁରୁବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ସମନ ଜାରି କରିଛନ୍ତି। ଅଗଷ୍ଟ ୭ରେ କୋର୍ଟରେ ହାଜର ହେବା ଲାଗି ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ହରପ୍ରୀତ୍ ସିଂ ଗେହଲଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଞ୍ଜୀବନି କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଦ୍ୱାରା ହଜାର ହଜାର ଜମାକାରୀଙ୍କର ୯୦୦ କୋଟି ଟଙ୍କା ଠକେଇ ଅଭିଯୋଗକୁ ନେଇ ଗେହଲଟ ଶେଖାୱତଙ୍କୁ ଦୋଷାରୋପ କରିଥିଲେ। ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ସହ ରାଜନୈତିକ କ୍ୟାରିୟରକୁ ପ୍ରଭାବିତ କରିବା ଲାଗି ଗେହଲଟ ଏଭଳି ମର୍ଯ୍ୟାଦା ହାନିକାରକ ମନ୍ତବ୍ୟ ଦେଇଥିବା ଶେଖାୱତ ତାଙ୍କ ପିଟିଶନରେ ଉଲ୍ଲେଖ କରିଥିଲେ।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା: ବ୍ୟବସାୟୀ ଦୀନେଶ ଗିରଫ

**ନୂଆଦିଲ୍ଲୀ,୬।୭:(ପି.ଟି.):** ଦିଲ୍ଲୀ ଅବକାରୀ ନୀତି ମନିଲଣ୍ଡରିଂ ମାମଲାରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବ୍ୟବସାୟୀ ଦୀନେଶ ଅରୋରାଙ୍କୁ ଗିରଫ କରିଛି। ପୂର୍ବରୁ ମାମଲାର ଯାଞ୍ଚ କରୁଥିବା କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି (ସିବିଆଇ) ଦୀନେଶଙ୍କୁ ରାଜସାକ୍ଷୀ ଘୋଷଣା କରିଥିଲେ। ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କର ଦୀନେଶ ଘନିଷ୍ଠ ବୋଲି କୁହାଯାଉଛି। ଦିଲ୍ଲୀ ଅବକାରୀ ନୀତି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଇଡି ପକ୍ଷରୁ ୫ଟି ଚାର୍ଜଶିଟ୍ ଦାଖଲ କରାଯାଇଛି।



# ଏସ୍‌ଏଡି, ଟିଡିପି ଫେରିବା ନେଇ ଚର୍ଚ୍ଚା

### ୧୮ରେ ଏନ୍‌ଡିଏ ବୈଠକ

**ନୂଆଦିଲ୍ଲୀ,୬।୭:(ପି.ଟି.)**

ଆଠମାସ ପରେ ହେବାକୁ ଥିବା ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ଶାସକ ଓ ବିରୋଧୀ ସଜବାଜ ହେଲେଣି। ଜୁଲାଇ ୧୭-୧୮ରେ ବେଙ୍ଗାଲୁରୁରେ ବିରୋଧୀ ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଥିବାବେଳେ ୧୮ ତାରିଖରେ ହିଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସହଯୋଗୀଙ୍କୁ ନେଇ ନୂଆଦିଲ୍ଲୀର ଅଶୋକା ହୋଟେଲରେ ବୈଠକ କରାଯିବ। ଏନ୍‌ଡିଏ ବୈଠକରେ ଭାଜପାର ପୂର୍ବତନ ସହଯୋଗୀ ଶିରୋମଣି ଅକାଳି ଦଳ (ଏସ୍‌ଏଡି) ଏବଂ ଏଲ୍‌ଜେପି (ଚିରାଗ୍ ପାଶ୍ୱାନ ଗୋଷ୍ଠୀ) ଯୋଗଦେବେ।



ସୁଖବୀର ସିଂ ବାଦଲ



ଏନ୍.ଚନ୍ଦ୍ରାବାବୁ ନାଇଡୁ

ତେବେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାଞ୍ଝିଙ୍କ ହିନ୍ଦୁସ୍ତାନ ଆୱାମ୍ ମୋର୍ଚ୍ଚା (ଏଚ୍‌ଏଏମ୍) ଗତମାସରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ମହାମେଣ୍ଟରୁ ଓହରି ଏନ୍‌ଡିଏରେ ସାମିଲ ହୋଇସାରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ରେ ଅଜିତ ପାୱାର ବିଦ୍ରୋହ ଘଟାଇ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଓ ଅଜିତଙ୍କ ଏନ୍‌ସିପି ଗୋଷ୍ଠୀକୁ ଏହି ବୈଠକରେ ଦେଖିବାକୁ ମିଳିପାରେ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ଭାଜପା ସହିତ ହାତ ମିଳାଇ ପାରନ୍ତି। ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ତାଙ୍କ ବାସଭବନରେ ଭେଟିବା ପରଠୁ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଶାସକ ମେଣ୍ଟକୁ ଫେରିବା ନେଇ ଚର୍ଚ୍ଚା ହେଉଛି। ଉଭୟ ସୁଖବୀର ସିଂ ବାଦଲଙ୍କ ଏସ୍‌ଏଡି ଏବଂ ଟିଡିପି ଭାଜପାର ପୁରୁଣା ସହଯୋଗୀ। ସେହିପରି ବିହାରରେ ନୀତୀଶ କୁମାରଙ୍କ ସହ ମତଭେଦ ପରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଛାଡ଼ି ନୂଆ ଦଳ ଗଢ଼ିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶୱା ମଧ୍ୟ ଏନ୍‌ଡିଏରେ ମିଶିପାରନ୍ତି ବୋଲି କୁହାଯାଉଛି। ନୀତୀଶଙ୍କ ଉଦ୍ୟମକ୍ରମେ ଏକାଠି ହେବାକୁ ଥିବା ବିରୋଧୀଦଳଗୁଡ଼ିକ ମଧ୍ୟରୁ ୧୫ ଦଳକୁ ଏନ୍‌ଡିଏକୁ ଟାଣିବା ପାଇଁ ଭାଜପା ଅଭିଯାନ ଆରମ୍ଭ କରିଥିବା ସୂତ୍ରରୁ ଜଣାପଡ଼ିଛି।

## ରବୀନ୍ଦ୍ରନାଥଙ୍କ ଲୋକ ସଭା ନିର୍ବାଚନକୁ ଅବୈଧ ଘୋଷଣା କଲେ ହାଇକୋର୍ଟ

**ଚେନ୍ନାଇ, ୬।୭**



ଓ.ପି. ରବୀନ୍ଦ୍ରନାଥ

ତାମିଲନାଡୁର ଥେନି ଆସନରୁ ବହିଷ୍କୃତ ଏଆଇଏଡିଏମ୍‌କେ ସଦସ୍ୟ ଓ.ପି. ରବୀନ୍ଦ୍ରନାଥଙ୍କ ୨୦୧୯ ଲୋକ ସଭା ନିର୍ବାଚନକୁ ମାଡ୍ରାସ ହାଇକୋର୍ଟ ଗୁରୁବାର ଅବୈଧ ଘୋଷଣା କରିଛନ୍ତି। ଏଥିସହ ଜଷ୍ଟିସ୍ ଏସ୍.ଏସ୍. ସୁନ୍ଦର ଉକ୍ତ ଆସନ ଖାଲି ଥିବା ଘୋଷଣା କରିଛନ୍ତି। ରବୀନ୍ଦ୍ରନାଥ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ପନିରସେଲଭାମ୍‌ଙ୍କ ପୁଅ। ତାଙ୍କ ଓକିଲଙ୍କ ନିବେଦନ କ୍ରମେ ବିଚାରପତି ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରିତାକୁ ଗୋଟିଏ ମାସ ପାଇଁ ସ୍ଥଗିତ ରଖିଛନ୍ତି, ଯାହା ଫଳରେ ସେ ସୁପ୍ରିମକୋର୍ଟରେ ଅପିଲ ପାଇଁ ସୁଯୋଗ ପାଇବେ। ଥେନି ନିର୍ବାଚନ ମଣ୍ଡଳୀର ଭୋଟର ପି. ମିଲାନିଙ୍କ ପିଟିଶନ ଆଧାରରେ ହାଇକୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ପିଟିଶନ ଅନୁଯାୟୀ ରବୀନ୍ଦ୍ରନାଥ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ବେଳେ ତାଙ୍କର ଓ ତାଙ୍କ ପରିବାର ସଦସ୍ୟଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ବିବରଣୀ ସମେତ ବିଭିନ୍ନ ତଥ୍ୟ ଲୁଚାଇଥିଲେ। ଏହା ନିର୍ବାଚନକୁ ପ୍ରଭାବିତ କରିଥିବା ମିଲାନିଙ୍କ ଓକିଲ କହିଛନ୍ତି। ଏହାକୁ ବିଚାରକୁ ନେଇ ସାକ୍ଷୀମାନଙ୍କ ତଥ୍ୟ ପ୍ରମାଣକୁ ଅନୁଧ୍ୟାନ କରିବା ପରେ ହାଇକୋର୍ଟ ରବୀନ୍ଦ୍ରନାଥଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିଥିଲେ। ଗତବର୍ଷ ଜୁଲାଇରେ ଏଆଇଏଡିଏମ୍‌କେ ଅନ୍ତରୀଣ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିବା ରବୀନ୍ଦ୍ରନାଥଙ୍କ ସମେତ ଅନ୍ୟମାନଙ୍କୁ ଦଳର ମୁଖ୍ୟ ଏଡାପ୍ପାଡି କେ. ପାଲାନିସ୍ୱାମୀ ବହିଷ୍କାର କରିବା ସହ ସେ ଦଳରେ ନ ଥିବା ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ଜଣାଇଥିଲେ ଏବଂ ତାଙ୍କୁ ଦଳର ଏମ୍‌ପି ଭାବେ ବିଚାର କରାଯିବା ଉଚିତ ନୁହେଁ ବୋଲି କହିଥିଲେ।

## ପ୍ରେମିକାଙ୍କୁ ଜିଅନ୍ତା ପୋତି ଦେଇଥିଲେ

### ଅଷ୍ଟ୍ରେଲିଆରେ ଭାରତୀୟ ବଂଶୋଦ୍ଭବ ଦୋଷୀ ସାବ୍ୟସ୍ତ

**କାନବେରା ୬।୭**

ଅଷ୍ଟ୍ରେଲିଆର ଭାରତୀୟ ବଂଶୋଦ୍ଭବ ତରିକ୍‌ଜୋତ କୌର ପ୍ରେମିକା ଯସ୍ମିନ କୌର (୨୧)ଙ୍କ ଗୋଡ଼ହାତ ବାନ୍ଧି ମାଟିତଳେ ଜୀଅନ୍ତା ପୋତି ହତ୍ୟା କରିଛନ୍ତି। ୨୦୨୧ ମାର୍ଚ୍ଚରେ ନର୍ସିଂ ଛାତ୍ରୀଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ବୁଧବାର ମାମଲାର ଶୁଣାଣିରେ କୁହାଯାଇଛି। ଯସ୍ମିନ ହତ୍ୟା ମାମଲାରେ ଗତ ଫେବୃୟାରୀରେ କୋର୍ଟ ତରିକଜୋତ୍‌ଙ୍କୁ ଦୋଷୀ ପ୍ରମାଣିତ କରିଛନ୍ତି। ଯସ୍ମିନ ଓ ତରିକ୍‌ଜୋତ ଦୁହେଁ ପ୍ରେମ ସମ୍ପର୍କରେ ଥିବାବେଳେ କୌଣସି କାରଣରୁ ସେମାନଙ୍କର ବ୍ରେକ୍‌ଅପ୍ ହୋଇଥିଲା। ଯସ୍ମିନ୍ ପୁରୁଷ ବନ୍ଧୁଙ୍କ ସହ ସମ୍ପର୍କରେ ରହିବାକୁ ଚାହୁଁ ନ ଥିବାବେଳେ ତରିକଜୋତ ଏହାକୁ ଗ୍ରହଣ କରିପାରୁ ନ ଥିଲେ। ପ୍ରତିଶୋଧ ପରାୟଣ ହୋଇ ସେ ଏହି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିଲେ। ଆଡିଲେଡସ୍ଥିତ କାର୍ଯ୍ୟାଳୟରୁ ଯସ୍ମିନଙ୍କୁ ତରିକଜୋତ ଅପହରଣ କରି ନେଇଥିଲେ। ଯସ୍ମିନ୍‌ଙ୍କ ଆଖିରେ ପଟିଦେଇ ଗୋଡ଼ ହାତ କେବୁଲରେ ବାନ୍ଧି ୪ ଘଣ୍ଟା କାର ଚଲେଇ ଅଷ୍ଟ୍ରେଲିଆ ଫ୍ଲିଣ୍ଡର୍ସ ରେଞ୍ଜେସ୍‌କୁ ନେଇ ଗଭୀର ଗାତରେ ଜିଅନ୍ତା ପୋତିଦେଇଥିଲେ। ତରିକ୍‌ଜୋତ, ଯାହା କରିଛନ୍ତି ସେଥିପାଇଁ ତାଙ୍କୁ କ୍ଷମା ମିଳିବ ନାହିଁ ବୋଲି ଯସ୍ମିନଙ୍କ ମା' କହିଛନ୍ତି।



ଯସ୍ମିନ କୌର



ତରିକ୍‌ଜୋତ କୌର

## ବିନା ସ୍ତ୍ରୀରେ ପ୍ରଧାନମନ୍ତ୍ରୀଙ୍କୁ ପିଏମ୍ ହାଉସରେ ରହିବାକୁ ଅନୁମତି ନ ମିଳୁ: ଲାଲୁ

**ନୂଆଦିଲ୍ଲୀ, ୬।୭**

ବିନା ସ୍ତ୍ରୀରେ କୌଣସି ପ୍ରଧାନମନ୍ତ୍ରୀଙ୍କୁ ପିଏମ୍ ହାଉସ୍‌ରେ ରହିବା ପାଇଁ ଅନୁମତି ମିଳିବା ଉଚିତ ନୁହେଁ ବୋଲି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଗୁରୁବାର କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସ୍ତ୍ରୀ ବିନା ରହିବା ଭୁଲ୍। ଏଭଳି ବ୍ୟବସ୍ଥା ବନ୍ଦ ହେବା ଆବଶ୍ୟକ। ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ ହେବେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଲାଲୁ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବିବାହ କରିବା ଲାଗି ଲାଲୁ ପରାମର୍ଶ ଦେଇଥିଲେ। ଏନେଇ ଖବରଦାତା ପ୍ରଶ୍ନ କରିବାରୁ ଆରଜେଡି ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ପାୱାରଙ୍କୁ ଭେଟିଲେ ରାହୁଲ



ନୂଆଦିଲ୍ଲୀସ୍ଥିତ ବାସଭବନରେ ଶରଦ ପାୱାର, ଝିଅ ସୁପ୍ରିଆ ସୁଲେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ନୂଆଦିଲ୍ଲୀ, ୬।୭**

### କଂଗ୍ରେସର ସମର୍ଥନ ଜାରି ରହିବ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ଦଳର ନେତ୍ରୀ ସୁପ୍ରିୟା ସୁଲେଙ୍କୁ ସେମାନଙ୍କ ନୂଆଦିଲ୍ଲୀ ବାସଭବନରେ ଭେଟିଛନ୍ତି। ଏନ୍‌ସିପିରେ ଅଜିତ ପାୱାରଙ୍କ ବିଦ୍ରୋହ ପରେ ଲାଗିରହିଥିବା ରାଜନୈତିକ ସଙ୍କଟ ସତ୍ତ୍ୱେ କଂଗ୍ରେସର ଆଭିମୁଖ୍ୟରେ ପରିବର୍ତ୍ତନ ହେବ ନାହିଁ। ବର୍ତ୍ତମାନର ସଙ୍କଟରୁ କଂଗ୍ରେସ ଫାଇଦା ଉଠାଇବାକୁ ଚାହିଁ ନାହିଁ ଏବଂ ବରିଷ୍ଠ ନେତା ପାୱାରଙ୍କ ପ୍ରତି ସମର୍ଥନ ଜାରି ରହିବ ବୋଲି ରାହୁଲ କହିଛନ୍ତି। ପାୱାର ତାଙ୍କ ଦଳର କାର୍ଯ୍ୟକାରୀ କମିଟି ବୈଠକକୁ ଉଦ୍‌ବୋଧନ ଦେବା ପରେ ରାହୁଲ ତାଙ୍କୁ ଭେଟିଥିଲେ।

## ରାଜ୍ୟ ଖବର

# ରାଜ୍ୟରେ ବ୍ୟାପୁଛି ଆଖିଧରା ରୋଗ

- **ମାର୍ଗଦର୍ଶିକା ଜାରି କଲା ସ୍ୱାସ୍ଥ୍ୟ ବିଭାଗ**
- **ଭୟଭୀତ ନ ହୋଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ**

**ଭୁବନେଶ୍ୱର, ୬।୭ (ବନ୍ଦନା ସେଠୀ)**

ବର୍ଷାଦିନ ଆରମ୍ଭରୁ ରାଜ୍ୟରେ ଡେଙ୍ଗୁ, ହଇଜା ସଂକ୍ରମଣ ମାଡ଼ିଚାଲି ଥିବାବେଳେ ଏବେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଦିନ ଶହ ଶହ ଆଖିଧରା ରୋଗୀ ଚିହ୍ନଟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଶେଷକରି ଛୋଟପିଲା ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରତି ଅଧିକ ସଂକ୍ରମଣର ବିପଦ ରହିଥିବା କହିଛନ୍ତି। ଅପରପକ୍ଷେ ସଂକ୍ରମଣର ଗୁରୁତ୍ୱକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ମାର୍ଗଦର୍ଶିକା ଜାରି କରାଯାଇ ଲୋକଙ୍କୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି।

ଆଖିଧରା ଏକ ସ୍ପର୍ଶ ଜନିତ ସଂକ୍ରାମକ ରୋଗ ହୋଇଥିବାରୁ ଖୁବ୍‌ଶୀଘ୍ର ବ୍ୟାପିଥାଏ। ତେଣୁ ଏଥିପାଇଁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ରୁମାଲ, ତଉଲିଆ, ତକିଆ କିମ୍ବା ସେ ବ୍ୟବହାର କରିଥିବା ଆଇଡ୍ରପ୍ ଅନ୍ୟମାନେ ବ୍ୟବହାର କରିବାକୁ ବାରଣ କରାଯାଇଛି। ସେହିପରି ଚଷମା ବ୍ୟବହାର କରୁଥିବା ବ୍ୟକ୍ତିମାନେ ନିୟମିତ ଭାବେ ତାହାକୁ ସଫା କରିବା, ସୁଇମିଂ ପୁଲ୍, ପୋଖରୀ ଆଦିରେ ମୁହଁ ନ ବୁଡାଇବା, କଣ୍ଟାକ୍ଟ ଲେନ୍ସ ବ୍ୟବହାରକାରୀମାନେ ଚକ୍ଷୁ ଚିକିତ୍ସକଙ୍କ ସହ ପରାମର୍ଶ କରି ସାବଧାନତା ଅବଲମ୍ବନ କରିବା, ଆଖିରେ କୌଣସି ପ୍ରସାଧନ ସାମଗ୍ରୀ ବ୍ୟବହାର ନ କରିବା, ଆଖି ଧରିଲେ ଉଷୁମ ପାଣିରେ ପରିଷ୍କାର କପଡ଼ା ପକାଇ ଆଖି ପୋଛିବା, ଆଖି ପୋଛା କପଡ଼ାକୁ ଗରମ ପାଣି ଓ ଡିଟରଜେଣ୍ଟ ପାଉଡରରେ ଭିଜାଇବା ପରେ



ନଷ୍ଟ କରିବା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଆଖି ଔଷଧ ବ୍ୟବହାର ନ କରିବା ସହିତ ଆବଶ୍ୟକ ହେଲେ ନିକଟସ୍ଥ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି। ଆଖିଧରା ରୋଗକୁ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। ତେଣୁ ଏଥିପାଇଁ ଜନସାଧାରଣ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଜୀବନବଲ୍ଲଭ ଷଡ଼ଙ୍ଗୀ କହିଛନ୍ତି, ଲୋକମାନେ ଭୟଭୀତ ହେବାର କାରଣ ନାହିଁ। ଆଖିଧରା ରୋଗ ପାଇଁ ସମସ୍ତ ଡାକ୍ତରଖାନାରେ ଔଷଧ ମହଜୁଦ୍ ଅଛି। ରୋଗ ଆରମ୍ଭ ହେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେଇ ଆଇଡ୍ରପ୍ ପକାଇବା ଦ୍ୱାରା ତାହା ୨/୩ଦିନ ଭିତରେ ଭଲ ହୋଇଯାଉଛି। ଏହା ସଂକ୍ରାମକ ରୋଗ ହୋଇଥିବାରୁ ସଂକ୍ରମିତ ରୋଗୀମାନେ ସଚେତନ ହୋଇ ଚିକିତ୍ସା କରାଇଲେ ଏହାର ସଂକ୍ରମଣକୁ ରୋକିହେବ ବୋଲି ଡା. ଷଡ଼ଙ୍ଗୀ କହିଛନ୍ତି। ସେହିପରି ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ୍‌ର ଚକ୍ଷୁ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସୁରେଶ ସ୍ୱାଇଁ କହିଛନ୍ତି, ଯେ କୌଣସି ସମୟ ଏବଂ ଯେ କୌଣସି ବୟସରେ ଆଖିଧରା ରୋଗ ହୋଇଥାଏ। ଏହା ଏକ ଭୂତାଣୁଜନିତ ରୋଗ। ବର୍ଷାପାଣିରେ ଭୂତାଣୁ ଥିଲେ ବା ଭୂତାଣୁ ଦ୍ୱାରା ତାହା ସଂକ୍ରମିତ ହୋଇଥିଲେ ଆଖି ଧରିଥାଏ। ନଚେତ୍ ବର୍ଷାଦିନ ସହିତ ଏହି ରୋଗର କୌଣସି ସମ୍ପର୍କ ନାହିଁ। ସେହିପରି ଆଖିଧରା ବ୍ୟକ୍ତିଙ୍କ ଆଖିକୁ ଦେଖିଲେ ସଂକ୍ରମଣ ହୋଇ ନ ଥାଏ। ଏହା କେବଳ ଏକ ଅନ୍ଧବିଶ୍ୱାସ। ବିଶେଷକରି ଫିଙ୍ଗର-ଆଇ ଟଚ୍‌ରେ ଏହା ସଂକ୍ରମିତ ହୋଇଥାଏ। ଆଖି ଲାଲ୍ ପଡ଼ିବା, ଖୁଞ୍ଚି ହେବା, ଆଖିରୁ ପାଣି ବାହାରିବା, ଖରାକୁ ଚାହିଁ ନ ପାରିବା ଆଦି ଲକ୍ଷଣ ଦେଖାଦେଲେ ଆଖି ଧରିଛି ବୋଲି ଜଣାପଡ଼େ। ଗୋଟିଏ ଆଖିରେ ଏହା ହେଲେ ଆରଆଖିକୁ ସଂକ୍ରମିତ ହୋଇଥାଏ। ତେବେ ଠିକ୍ ସମୟରେ ଚିକିତ୍ସା ନ କଲେ ଏହା ଆଖିର ସ୍ୱଚ୍ଛ ପଟଳ ଉପରେ ପ୍ରଭାବ ପକାଏ। ଆଖିରେ ଧଳା ଚିହ୍ନ ହେବା ସହ ଝାପ୍‌ସା ଦେଖାଯାଏ। ଏଥିରେ ସେଭଳି କିଛି ଗୁରୁତର ହେବା ବା ସମ୍ପୂର୍ଣ୍ଣ ଦେଖା ନ ଯିବା ଭଳି ଘଟଣା ଘଟେ ନାହିଁ। ତେବେ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ ବୋଲି ଡା. ସ୍ୱାଇଁ କହିଛନ୍ତି।

# ତାଞ୍ଜାନିଆରେ ହେବ ଆଇଆଇଟି କ୍ୟାମ୍ପସ୍

**ଭୁବନେଶ୍ୱର, ୬।୭ (ସୁନିତ୍ ମିଶ୍ର)**

### ଦେଶ ବାହାରେ ପ୍ରଥମ

ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ରେ ଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ଉତ୍ତମ ପ୍ରଦର୍ଶନ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଦେଶରେ କ୍ୟାମ୍ପସ ପ୍ରତିଷ୍ଠା କରିବା ଲାଗି ପ୍ରୋତ୍ସାହିତ କରାଯିବ ବୋଲି ସୁପାରିସ କରାଯାଇଥିଲା। ସେହିକ୍ରମରେ ଆଇଆଇଟି ଭାରତ ବାହାରେ ଏହାର ସର୍ବପ୍ରଥମ କ୍ୟାମ୍ପସ୍ ତାଞ୍ଜାନିଆର ଜାଞ୍ଜିବରରେ ସ୍ଥାପନ କରିବାକୁ ଯାଉଛି। ଚଳିତ ବର୍ଷ ଅକ୍ଟୋବରରୁ ଉକ୍ତ କ୍ୟାମ୍ପସ ପାଇଁ ପ୍ରୋଗ୍ରାମ ଶୁଭାରମ୍ଭ ହେବ। ଏଥିପାଇଁ ବୁଧବାର ଜାଞ୍ଜିବରରେ ଭାରତର ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ମାଡ୍ରାସ ଏବଂ ଜାଞ୍ଜିବରର ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସମୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାଞ୍ଜିବର ରାଷ୍ଟ୍ରପତି ହୁସେନ ଅଲି ମୁଇନି ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ଭାରତ ବାହାରେ ଆଇଆଇଟିର ସର୍ବପ୍ରଥମ କ୍ୟାମ୍ପସ ପ୍ରତିଷ୍ଠା ହେବାକୁ ଯାଉଛି। ଏହା ଭାରତ ଓ ତାଞ୍ଜାନିଆ ମଧ୍ୟରେ ଥିବା ଲମ୍ବା ସମୟର ବନ୍ଧୁତ୍ୱର ପ୍ରତିଫଳନ। ଆଫ୍ରିକା ଏବଂ ଗ୍ଲୋବାଲ ସାଉଥ୍‌ରେ ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ଉପରେ ଭାରତ ଯେଉଁ ପ୍ରାଥମିକତା ଦେଉଛି, ତାହାର ଏକ ବାସ୍ତବ ରୂପାୟନ। ଆଇଆଇଟି ମାଡ୍ରାସ-ଜାଞ୍ଜିବର କ୍ୟାମ୍ପସ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଐତିହାସିକ ଅଧ୍ୟାୟ ଆରମ୍ଭ ହୋଇଛି। ଆଫ୍ରିକା ସହ ସୁଦୃଢ଼ ସମ୍ପର୍କ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ପ୍ରତିବଦ୍ଧତା। ଜାତୀୟ ଶିକ୍ଷା ନୀତି ଜ୍ଞାନକୁ ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ଅଂଶରେ ପରିଣତ କରିବା ସହିତ ବିଶ୍ୱର କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ମାର୍ଗ ପ୍ରଶସ୍ତ କରୁଛି। ଭଲ ପ୍ରଦର୍ଶନ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନ୍ୟ ଦେଶରେ କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ତାଞ୍ଜାନିଆ ଏବଂ ଭାରତ ମଧ୍ୟରେ ଶିକ୍ଷାଗତ ଭାଗୀଦାରିର ସମ୍ପର୍କକୁ ଏକ ଦସ୍ତାବିଜରେ ସ୍ୱାକ୍ଷର କରି ଏହାକୁ ଆନୁଷ୍ଠାନିକ ରୂପ ଦିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ବିଦେଶକୁ ରପ୍ତାନି ହେବ କୃଷିଜାତ ଦ୍ରବ୍ୟ: ମନ୍ତ୍ରୀ

**ଭୁବନେଶ୍ୱର, ୬।୭(ସୁନିତ୍ ମିଶ୍ର):** ରାଜ୍ୟରୁ ଅଧିକ ପରିମାଣର କୃଷିଜାତ ଦ୍ରବ୍ୟ, ମାଛ ଏବଂ ସାମୁଦ୍ରିକ ଖାଦ୍ୟ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ରପ୍ତାନିର ସୁଯୋଗକୁ ବିନିଯୋଗ କରାଯିବ। ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି କରିବା ଦିଗରେଏହିପଦକ୍ଷେପନିଆଯିବବୋଲିକୃଷିମନ୍ତ୍ରୀରଣେନ୍ଦ୍ରପ୍ରତାପସ୍ୱାଇଁକହିଛନ୍ତି।

କୃଷି ଭବନଠାରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ), ନୂଆଦିଲ୍ଲୀ ଏବଂ ଓଡ଼ିଶାର ପ୍ରତିନିଧିମାନଙ୍କ ସହିତ ଏକ ବୈଠକରେ ଏହିସବୁ ଦେଶକୁ କୃଷି ଓ ମତ୍ସ୍ୟଜାତ ଦ୍ରବ୍ୟର ରପ୍ତାନି ସୁଯୋଗ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ ଆଲୋଚନା କରିଥିଲେ। ସମ୍ପ୍ରତି ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ଓଡ଼ିଶାରୁ ସେହିସବୁ ଦେଶକୁ କୃଷିଜାତ ଦ୍ରବ୍ୟର ରପ୍ତାନି ସୁଯୋଗ ବୃଦ୍ଧି ପାଇଛି। ତେଣୁ ରପ୍ତାନି ବୃଦ୍ଧିର ସମ୍ଭାବନାକୁ ଉପଯୋଗ ନିମନ୍ତେ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୨୦ରେ ପ୍ରକାଶ ପାଇବ ପିଜି ନାମଲେଖା ପାଇଁ ମେଧା ତାଲିକା

**ଭୁବନେଶ୍ୱର,୬।୭(ଅନୁରାଧା ମହାରଣା)**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଷୟରେ ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି) ଗତ ୪ ତାରିଖରେ ଶେଷ ହୋଇଛି। ଅନ୍ୟପଟେ ଆସନ୍ତା ଶନିବାରଠାରୁ ଛାତ୍ରୀଛାତ୍ର ସାମସ୍ ପୋର୍ଟାଲରେ ସେମାନଙ୍କ ଯୁକ୍ତ ୩ ମାର୍କ ଅପଲୋଡ୍ କରିବେ। ୟୁଜର୍ ଆଇଡି ମାଧ୍ୟମରେ ମାର୍କ ଦାଖଲ କରାଯିବାକୁ ଥିବାବେଳେ ଜୁଲାଇ ୨୦ ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ୨୦ରୁ ୩୦ ତାରିଖ ସୁଦ୍ଧା ପିଲାମାନେ ଚଏସ ଫିଲିଂ କରିବେ। ୨୮ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୨୯ରୁ ୩୧ ତାରିଖ ମଧ୍ୟରେ ଅନଲାଇନରେ ନାମଲେଖା ପାଇଁ ଫି' ଦାଖଲ କରିବା ସହ ୩୧ରୁ ଅଗଷ୍ଟ ୨ତାରିଖ ମଧ୍ୟରେ ପିଲାମାନେ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ସେହିପରି ଅଗଷ୍ଟ ୭ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ ହେବ। ଅଗଷ୍ଟ ୧୦ ସୁଦ୍ଧା ଫି ଦାଖଲ ଓ ୧୧ ତାରିଖ ମଧ୍ୟରେ ପିଲାମାନେ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ଅଗଷ୍ଟ ୧୮ରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୨୩ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ସରିବ। ମୋଟ୍ ୬ଟି ରାଉଣ୍ଡରେ ନାମଲେଖା ପ୍ରକ୍ରିୟା ହେବାକୁ ଥିବାବେଳେ ସେପ୍ଟେମ୍ବର ୧୮ରେ ଷଷ୍ଠ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୨୧ ତାରିଖ ସୁଦ୍ଧା ସମସ୍ତ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

## ମଧ୍ୟାହ୍ନଭୋଜନରେ ଝିଟିପିଟି: ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

**ଭଦ୍ରକ,୬।୭ (ସନାତନ ରାଉତ)**

ଭଦ୍ରକ ବ୍ଲକ ଅଧୀନ ଖଣ୍ଡତଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନରେ ଝିଟିପିଟି ବାହାରିଛି। ଏହି ମଧ୍ୟାହ୍ନଭୋଜନ ଖାଇ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ଛାତ୍ରୀଛାତ୍ର ଖାଉଥିବା ବେଳେ ଖାଦ୍ୟରେ ଛୋଟିଆ ଝିଟିପିଟି ପଡ଼ିଥିବା ଦେଖିଥିଲେ। ସେତେବେଳକୁ ଅଧିକାଂଶ ପିଲାଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ ସରିଥିଲା। ପରେ ସ୍କୁଲ ପକ୍ଷରୁ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଭଦ୍ରକ ଗେଲପୁରସ୍ଥିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଏକ ମେଡିକାଲ ଟିମ୍ ବିଦ୍ୟାଳୟକୁ ଯାଇ ଅନ୍ୟ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଜବତ ଗାଡ଼ି ମୁକୁଳାଇବା ପାଇଁ ଲାଞ୍ଚ

- **ସୁକିନ୍ଦା ଥାନା ସବ୍‌ଇନ୍ସପେକ୍ଟର ଗିରଫ**
- **୧୦ହଜାର ଲାଞ୍ଚ ଟଙ୍କା ଜବତ**
- **ବିଭିନ୍ନ ସ୍ଥାନରେ ଭିଜିଲାନ୍ସର ଚଢ଼ାଉ ଜାରି**

**ଯାଜପୁର/ସୁକିନ୍ଦା,୬।୭ (ହର୍ଷବର୍ଦ୍ଧନ ବେହେରା/ସତ୍ୟଜିତ ଦାସ)**

ଯାଜପୁର ଜିଲା ସୁକିନ୍ଦା ଥାନା ସବ୍‌ଇନ୍ସପେକ୍ଟର ନିର୍ମଳ କୁମାର ସେନାପତି ଗୁରୁବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଏକ ଚୋରା ବାଲି ବୋଝେଇ ହାଇୱା ଗାଡ଼ି ଜବତ ମାମଲାକୁ ରଫାଦଫା କରିବା ପାଇଁ ଗାଡ଼ି ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଯାଜପୁର ଓ କଟକ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏହାସହ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ୫୩ ନଂ. ଜାତୀୟ ରାଜପଥରେ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ ଜବତ କରି ଥାନା ଜିମା ଦେଇଥିଲେ। ଏନେଇ ସୁକିନ୍ଦା ଥାନାରେ ଏକ ମାମଲା(ନଂ.୧୨୪/୨୩) ରୁଜୁ କରି ହାଇୱା ଗାଡ଼ିର ଡ୍ରାଇଭର ମନୋହରପୁର ଗ୍ରାମର ପ୍ରକାଶ ସିଂହଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ହେଲେ ସେହି ବାଲି ବୋଝେଇ ହାଇୱା ଗାଡ଼ିକୁ ଥାନାରୁ ମୁକୁଳାଇବାକୁ ଗାଡ଼ି ମାଲିକ ଯଖପୁରା ଥାନା ମାନତିରା ଗ୍ରାମର ଦେବେନ୍ଦ୍ର ଜେନାଙ୍କୁ ସବ୍‌ଇନ୍ସପେକ୍ଟର ସେନାପତି ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଗାଡ଼ି ମାଲିକ ଜେନା ଯାଜପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ କେମିକାଲ ମିଶା ୫୦୦ ଟଙ୍କିଆ ନୋଟ ଗାଡ଼ି ମାଲିକଙ୍କୁ ଦେଇ ପୋଲିସ ବାବୁଙ୍କୁ ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ତଦନୁସାରେ ଗୁରୁବାର ଅପରାହ୍ନରେ ଗାଡ଼ି ମାଲିକ ଉକ୍ତ ୧୦ ହଜାର ଟଙ୍କା ଧରି ପୋଲିସ ବାବୁ ସେନାପତିଙ୍କୁ ଦେଇଥିଲେ। ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ହଠାତ ଚଢାଉ କରି ସବ୍‌ଇନ୍ସପେକ୍ଟର ସେନାପତିଙ୍କଠାରୁ କେମିକାଲମିଶା ସମସ୍ତ ଲାଞ୍ଚ ନୋଟ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏନେଇ କଟକ ଭିଜିଲାନ୍ସ ଅଫିସରେ ଏକ ମାମଲା(ନଂ.୨୨/୨୩) ରୁଜୁ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।



ଏସ୍‌ଆଇ ନିର୍ମଳ କୁମାର ସେନାପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦ସୁଦ୍ଧା ହୋଇପାରେ ରେସ୍‌ଲିଂ ଟ୍ରାଏଲ୍ସ



**ନୂଆଦିଲ୍ଲୀ, ୬।୭ (ପି.ଟି.)**

ଏସିଆନ ଗେମ୍ସ ପାଇଁ କୁସ୍ତିଯୋଦ୍ଧାମାନଙ୍କ ଶର୍ଟଲିଷ୍ଟ ତାଲିକା ପାଇଁ ଟ୍ରାଏଲ୍ସ ଯଥାସମ୍ଭବ ଜୁଲାଇ ୨୦ ପାଖାପାଖି ହୋଇପାରେ। ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ(ଓସିଏ) ତରଫରୁ ଏ ନେଇ ଅଣାନୁଷ୍ଠାନିକ ପ୍ରତିଶ୍ରୁତି ମିଳିଛି। ଏସିଆନ ଗେମ୍ସ ଲାଗି ଖେଳାଳିମାନଙ୍କର ନାମ ତାଲିକା ସମୟସୀମା ଜୁଲାଇ ୧୫ ରଖାଯାଇଥିଲା। କିନ୍ତୁ ଭାରତୀୟ କୁସ୍ତିଯୋଦ୍ଧା ମହାସଂଘର ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡ୍‌ହକ କମିଟି ସମୟସୀମାକୁ ବୃଦ୍ଧି କରିବା ଲାଗି ଓସିଏକୁ ଅନୁରୋଧ କରିଥିଲା। ପ୍ରତିଶ୍ରୁତି ମିଳିଥିଲେ ହେଁ ଏଣ୍ଟ୍ରି ଲିଷ୍ଟ ପଠାଇବା ଲାଗି କେତେଦିନ ରିହାତି ମିଳିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଆଡ୍‌ହକ୍ ପ୍ୟାନେଲର ଜଣେ ସଦସ୍ୟ ଜିଆନ ସିଂ କହିଛନ୍ତି, ଆଥ୍‌ଲେଟଙ୍କ ତାଲିକା ପଠାଇବା ସମୟସୀମା ବୃଦ୍ଧି ସମ୍ପର୍କରେ କୌଣସି ମେଲ୍ ଏପର୍ଯ୍ୟନ୍ତ ଓସିଏରୁ ଆସିନାହିଁ। ସେମାନେ କୋହଳ କରିବା ଲାଗି ରାଜି ହୋଇଥିଲେ ମଧ୍ୟ ତାହା ୧୦,୧୨, ୧୫ ଦିନ କିମ୍ବା ତା'ଠାରୁ ଅଧିକ ଲାଗିବ ଆମେ କହିପାରିବୁ ନାହିଁ। ଏସିଆନ ଗେମ୍ସ ଟ୍ରାଏଲ୍ସ ପାଇଁ ଦିନ ଘୋଷଣା ସୋମବାର ହେବ। ତାହା ଯଥା ସମ୍ଭବ ଜୁଲାଇ ୨୦ ପାଖାପାଖି ହେବ। ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାଙ୍କୁ ପ୍ରସ୍ତୁତି ଲାଗି ଯଥେଷ୍ଟ ସମୟ ଦେବା ପରିପ୍ରେକ୍ଷୀରେ ଆଇଓଏ ଆଥଲେଟଙ୍କ ତାଲିକା ପଠାଇବାର ଶେଷ ତାରିଖ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦେବାଲାଗି ଓସିଏକୁ ଅନୁରୋଧ କରିଥିଲା। ସୂଚନାଯୋଗ୍ୟ, ଏସିଆନ ଗେମ୍ସ ଲାଗି ପ୍ରସ୍ତୁତି ସକାଶେ ଅତିରିକ୍ତ ସମୟ ଦେବା ଲାଗି ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଭିନେଶ ଫୋଗତଙ୍କ ସମେତ ୬ଜଣ କୁସ୍ତି ଯୋଦ୍ଧା କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିଦାୟୀ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଦୀର୍ଘ ୩୮ ଦିନ ଆନ୍ଦୋଳନ କରିଥିବା ଦୃଷ୍ଟିରୁ ସେମାନେ ବର୍ତ୍ତମାନ ଶାରୀରିକ ଦୃଷ୍ଟିରୁ ଫିଟ୍ ନାହାନ୍ତି। ଆଡହକ୍ ପ୍ୟାନେଲ ସେମାନଙ୍କୁ ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସରୁ ଛାଡ଼ କରି ଏକମାତ୍ର ବାଉଟ୍ ବ୍ୟବସ୍ଥା କରିଥିଲା। ହେଲେ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଜିଆନ ସିଂ କହିଛନ୍ତି, ପ୍ରସ୍ତୁତି ପାଇଁ କୁସ୍ତିଯୋଦ୍ଧାମାନଙ୍କୁ ଯଥେଷ୍ଟ ସମୟ ଦିଆଯିବ। ସେମାନଙ୍କୁ ଅତିକମ୍‌ରେ ୧୦ ଦିନ ସମୟ ଦିଆଯିବ।

# ଜେଭରେଭ୍, ଆଜାରେଙ୍କା ବିଜୟୀ

**ଡ୍ୱିମ୍ବେଲଡନ୍, ୬।୭**

## ଡ୍ୱିମ୍ବେଲଡନ୍ ଟେନିସ

ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଡ୍ୱିମ୍ବେଲଡନ୍‌ର ତୃତୀୟ ଦିବସରେ ଏକାଧିକ ସିଡେଡ୍ ଖେଳାଳି ବିଜୟ ହାସଲ କରିଛନ୍ତି। ବର୍ଷା ବାଧାପ୍ରାପ୍ତ ଏହି ଟୁର୍ନାମେଣ୍ଟର ଅନେକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିବା ବେଳେ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟୀ ହୋଇଛନ୍ତି ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍। ଅନ୍ୟ ପୁରୁଷ ସିଡେଡ ଖେଳାଳିଙ୍କ ମଧ୍ୟରେ ଲରେଞ୍ଜୋ ମୁସେଟ୍ଟି, ହୋବାର୍ଟ ହୁରକାଜ ଓ ଷ୍ଟାନ ୱାରିଙ୍କା ବିଜୟୀ ହୋଇଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଭିକ୍ଟୋରିଆ ଆଜାରେଙ୍କା ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ବିୟାଙ୍କା ଆଣ୍ଡ୍ରିସ୍କ୍ୟୁ, ମେରୀ ବୁଜୋକୋଭା, ସୋଫିଆ କେନିନ୍ ପ୍ରମୁଖ ବିଜୟୀ ହୋଇଛନ୍ତି।

ପ୍ରଥମ ରାଉଣ୍ଡ ମ୍ୟାଚ୍ ଖେଳୁଥିବା ଜର୍ମାନୀର ଜେଭରେଭ୍ ୬-୪, ୭-୬(୭-୪) ଓ ୭-୬(୭-୫) ସେଟରେ ନେଦରଲାଣ୍ଡ୍ସର ଗିଜ୍ସ ବ୍ରାଉଓରଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ସହଜ ବିଜୟ ହାସଲ କରିବା ପରେ ଜେଭରେଭ୍ ପରବର୍ତ୍ତୀ ଦୁଇ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ। ଇଟାଲୀର ଲରେଞ୍ଜୋ ମୁସେଟ୍ଟି ୬-୪, ୬-୩ ଓ ୬-୧ ସେଟ୍‌ରେ ସ୍ପେନ୍‌ର ଜାଉମେ ମୁନାରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ଥିବା ପୋଲାଣ୍ଡର ହ୍ୟୁବର୍ଟ ହୁରକାଜ ୬-୪, ୬-୪ ଓ ୭-୬(୭-୩) ସେଟ୍‌ରେ ବ୍ରିଟେନ୍ ଖେଳାଳି ଜାନ୍ ଚୋଇନସ୍କିଙ୍କୁ ପରାସ୍ତ କରିଥିଲେ। ଦୀର୍ଘ ଦିନ ପରେ ଗ୍ରାଣ୍ଡସ୍ଲାମ ଖେଳିଥିବା ସ୍ୱିଜରଲାଣ୍ଡର ଷ୍ଟାନ ୱାରିଙ୍କା ୬-୩, ୪-୬, ୬-୪ ଓ ୬-୨ ସେଟ୍‌ରେ ଗ୍ରୀସ୍‌ର ଥୋମାସ ମାର୍ଟିନ୍ ଏଚେଭେରୀଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କାଜାଖସ୍ତାନର ୨୩ ନମ୍ବର ଖେଳାଳି ଆଲେକଜାଣ୍ଡାର ବୁବଲିକ୍ ୬-୩, ୭-୬(୭-୫), ୬-୦ ରେ ଆମେରିକାର ଜେଜେ ଓଲ୍ଫଙ୍କୁ ପରାସ୍ତ କରିଛନ୍ତି। ୭ ନମ୍ବର ସିଡ୍ ରୁଷିଆର ଆଣ୍ଡି ରୁବଲେଭ୍ ନିଜ ଦେଶର ଆସ଼୍ଲାନ କାରାଟସେଭ୍‌ଙ୍କୁ ୬-୭(୪-୭), ୬-୩, ୬-୪ ଓ ୭-୫ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ମହିଳା ସିଙ୍ଗଲ୍ସରେ ଭିକ୍ଟୋରିଆ ଆଜାରେଙ୍କା ୬-୩ ଓ ୬-୦ ସେଟ୍‌ରେ ଗ୍ରୀସ୍‌ର ନାଦିଆ ପୋଡୋରୋସ୍କିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ୩୨ ନମ୍ବର ସିଡ୍ ଚେକ୍ ରିପବ୍ଲିକ୍‌ର ମେରୀ ବୁଜୋକୋଭା ୬-୧, ୬-୨ ରେ ଇଷ୍ଟୋନିଆର ଆନା କୋଣ୍ଟାଭେଟଙ୍କୁ ପରାସ୍ତ କରିଛନ୍ତି। ଆମେରିକାର ସୋଫିଆ କେନିନ ୬-୪, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରି ପ୍ରଥମ ଥର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିୟାଙ୍କା ଆଣ୍ଡ୍ରିସ୍କ୍ୟୁ ୬-୩, ୩-୬ ଓ ୬-୨ ସେଟରେ ଆନା ବୋଣ୍ଡାରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ୬-୧, ୧-୬ ଓ ୬-୧ରେ ବେଲଜିୟମର ଏଲିସ ମର୍ଟେନ୍ସଙ୍କୁ ପରାସ୍ତ କରିଛନ୍ତି।



ସୋଫିଆ କେନିନ୍

# କୋର୍ଟକୁ ରଙ୍ଗିନ କାଗଜ ଫୋପାଡ଼ି ୨ ଗିରଫ

**ଡ୍ୱିମ୍ବେଲଡନ୍, ୬।୭(ପି.ଟି.)**

ଡ୍ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ମ୍ୟାଚ୍ ଚାଲିଥିବା ବେଳେ ଦେଖିବାକୁ ମିଳିଥିଲା ପ୍ରତିବାଦ। ପରିବେଶ ସୁରକ୍ଷାକାରୀ ସଂସ୍ଥା 'ଜଷ୍ଟ ଫର୍ ଅଏଲ୍' ପକ୍ଷରୁ ଏହି ବିରୋଧ କରାଯାଇଥିଲା। କୋର୍ଟ ନମ୍ବର ୧୮ରେ ମ୍ୟାଚ୍ ଖେଳାଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ଗ୍ରିଗୋର ଦିମିଟ୍ରୋଭ୍ ସର୍ଭ କରିବାକୁ ଯାଉଥିବା ବେଳେ କୋର୍ଟ ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ ଜଣେ ପୁରୁଷ ଓ ମହିଳା। ଉଭୟ କମଳା ରଙ୍ଗର କାଗଜ କୋର୍ଟ ମଧ୍ୟକୁ ଫିଙ୍ଗିଥିଲେ। ତେବେ କୋର୍ଟ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ଉଭୟଙ୍କୁ ଆୟତ୍ତ କରି ନେଇଥିଲେ ସୁରକ୍ଷା କର୍ମୀ। ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଆଶେସ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ସମାନ ସଂସ୍ଥା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା।

# ଚେନ୍ନାଇନ୍ ଏଫ୍‌ସିରେ ପ୍ରତୀକ, ସାଟୁ

**ଚେନ୍ନାଇ, ୬।୭ (ପି.ଟି.):** ଚେନ୍ନାଇନ ଏଫ୍‌ସି ଗୁରୁବାର ପ୍ରତିଭାସମ୍ପନ୍ନ ଗୋଲ୍‌କିପର ପ୍ରତୀକ କୁମାର ସିଂ ଓ ଡିଫେଣ୍ଡର ସାଟୁ ସିବିଙ୍କ ସହ ଚୁକ୍ତି କରିଛି। ସାଟୁଙ୍କ ଯୋଗଦାନ ଫଳରେ ଦଳର ଡିଫେନ୍ସ ଅଧିକ ଶକ୍ତିଶାଳୀ ହୋଇଛି। ଉଭୟ ଯୁବ ଖେଳାଳି ପ୍ରଥମ ଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଖେଳିବେ। ଚଣ୍ଡିଗଡ଼ରେ ଜନ୍ମଗ୍ରହଣ କରିଥିବା ପ୍ରତୀକ ରମଣ ବିଜୟନ ସଙ୍କର ସ୍କୁଲର ସୃଷ୍ଟି। ୟୁଥ୍ ଲେଭଲରେ ସେ ଏଟିକେରୁ ପ୍ରତିନିଧିତ୍ୱ କରିଛନ୍ତି। ୨୩ ବର୍ଷୀୟ ଖେଳାଳି ତାଙ୍କ ପ୍ରଫେସନାଲ କ୍ୟାରିୟର ୨୦୧୯ରେ ଚେନ୍ନାଇ ସିଟି ଏଫ୍‌ସି ସହ ଆରମ୍ଭ କରିଥିଲେ। ସେ ୧୫ଟି ମ୍ୟାଚ ଖେଳିଛନ୍ତି। କେରଳ ପ୍ରିମିୟର ଲିଗ୍ ୨୦୨୨-୨୩ରେ ଡିଫେଣ୍ଡର ସିବିଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। କେରଳ ୟୁନାଇଟେଡ୍‌କୁ ଟାଇଟଲ ବିଜୟ ଅଭିଯାନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

# ପୂଜାରା, ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ

**ବେଙ୍ଗାଲୁରୁ,୬।୭(ପି.ଟି.)**

## ଦୁଲୀପ୍ ଟ୍ରଫି

ଦୁଲୀପ୍ ଟ୍ରଫି ସେମିଫାଇନାଲରେ ବୋଲରଙ୍କ ପ୍ରାଧାନ୍ୟ ଜାରି ରହିଥିବା ବେଳେ ଅର୍ଦ୍ଧଶତକ ହାସଲ କରିଛନ୍ତି ଚେତେଶ୍ୱର ପୂଜାରା ଓ ସୂର୍ଯ୍ୟକୁମାର ଯାଦବ। ଉଭୟଙ୍କ ଅର୍ଦ୍ଧଶତକ ବଳରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ପଶ୍ଚିମାଞ୍ଚଳ ୩ ଉଇକେଟରେ ୧୪୯ ରନ୍ କରିବା ସହିତ ୨୪୧ ରନ୍‌ରେ ଆଗୁଆ ରହିଛି। ଅନ୍ୟପକ୍ଷରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୩ ରନ୍‌ର ଅଗ୍ରଣୀ ହାସଲ କରିଛି।

**ନାଗ୍ୱାସ୍ୱାଲାଙ୍କୁ ୫ ଉଇକେଟ:** ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପଶ୍ଚିମାଞ୍ଚଳ ୨୨୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଅତୀତ ସେଠ୍ ସର୍ବାଧିକ ୭୪ ରନ୍ କରିଥିବା ବେଳେ କେନ୍ଦ୍ରାଞ୍ଚଳ ପକ୍ଷରୁ ଶିବମ ମାଭି ୬ ଉଇକେଟ ନେଇଥିଲେ। ଜବାବରେ ଅର୍ଜନ ନାଗ୍ୱାସ୍ୱାଲାଙ୍କ ୫ ଉଇକେଟ ସଫଳତା ବଳରେ କେନ୍ଦ୍ରାଞ୍ଚଳ ୧୨୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ରିଙ୍କୁ ସିଂ ସର୍ବାଧିକ ୪୮ ରନ୍ କରିଥିବା ବେଳେ ଧ୍ରୁବ୍ ଜୁରେଲ ୪୬ ରନ୍ କରିଥିଲେ। ଦଳର ୮ ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଅର୍ଜନ ୭୪ ରନ୍‌ରେ ୫ ଉଇକେଟ ନେଇଥିବା ବେଳେ ଅତୀତ ସେଠ୍ ୩ ଓ ଚିନ୍ତନ ଗଜା ୨ ଉଇକେଟ ନେଇଥିଲେ। ୯୨ ରନ୍‌ର ଅଗ୍ରଣୀ ହାସଲ କରିଥିବା ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ଦୃଢ଼ତାର ସହିତ ବ୍ୟାଟିଂ କରିଥିଲା। ପୃଥ୍ୱୀ ଶ(୨୫) ଓ ପ୍ରିୟଙ୍କ ପାଞ୍ଚାଲ(୧୫) ପ୍ରଥମ ଉଇକେଟରେ ୩୬ ରନ୍ ଯୋଡିଥିଲେ। ଉଭୟ ଓପନର ମାତ୍ର ୪ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରିଥିବା ବେଳେ ଚେତେଶ୍ୱର ପୂଜାରା(୫୦*) ଓ ସୂର୍ଯ୍ୟକୁମାର ଯାଦବ(୫୨) ଚତୁର୍ଥ ଉଇକେଟରେ ୯୫ ରନ୍ ଯୋଡିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଚେତେଶ୍ୱର ପୂଜାରା ୧୦୩ ବଲ୍ ଖେଳି ୫୦ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅନ୍ୟତମ ବ୍ୟାଟର ସର୍ଫରାଜ ଖାଁ ୬ରନ୍ କରି ବ୍ୟାଟିଂ କରୁଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ସୌରଭ କୁମାର ଦୁଇଟି ଓ ଯଶ ଠାକୁର ଗୋଟିଏ ଉଇକେଟ ନେଇଛନ୍ତି।

**ଉତ୍ତରାଞ୍ଚଳ ୩ ରନ୍‌ରେ ଆଗୁଆ:** ଦକ୍ଷିଣାଞ୍ଚଳ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ ୩ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଉତ୍ତରାଞ୍ଚଳ। ଉତ୍ତରାଞ୍ଚଳର ୧୯୮ ରନ୍ ଜବାବରେ ମୟଙ୍କ ଅଗ୍ରୱାଲଙ୍କ ୭୬ ଓ ତିଳକ ବର୍ମାଙ୍କ ୪୬ ରନ୍ ସତ୍ତ୍ୱେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ମାତ୍ର ୧୯୫ ରନ୍‌ରେ ଅଲଆଉଟ ହୋଇ ୩ ରନ୍ ପଛରେ ରହିଥିଲା। ଦ୍ୱିତୀୟ ଇନିଂସରେ ଜୟନ୍ତ ଯାଦବ ଓ ବୈଭବ ଅରୋରା ୩ଟି ଲେଖାଏ ଉଇକେଟ ନେଇ ଦଳକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ପ୍ରଦାନ କରିଥିଲେ। ମୟଙ୍କ ୧୧୫ ବଲ୍ ଖେଳି ୧୦ ଚୌକା ସହିତ ୭୬ ରନ୍ କରିଥିଲେ। ସେ ତିଳକ ବର୍ମାଙ୍କ ସହିତ ୧୧୦ ରନ୍ ଯୋଡିଥିବା ବେଳେ ୫୦ ରନରେ ଦଳର ଶେଷ ୫ ଉଇକେଟର ପତନ ଘଟିଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଉତ୍ତରାଞ୍ଚଳ ଦୁଇ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଛି। ଧ୍ରୁବ ସୋରେ ୫ ଓ ପ୍ରଶାନ୍ତ ଚୋପ୍ରା ୧୯ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଅଙ୍କିତ କାଲସି ୨୧ ଓ ପ୍ରଭସିମରନ୍ ସିଂ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦକ୍ଷିଣାଞ୍ଚଳ ପକ୍ଷରୁ ବିଜୟ କୁମାର ବୈଶାକ ଓ ବିଦ୍ୱାଥ କଭେରପ୍ପା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ତିଳକ ବର୍ମା


**ଚବିଶତମ ବିବାହ ବାର୍ଷିକୀ**



**ବିଜୟ ଓ ମିଲି**

ଉଭୟଙ୍କ ଦାମ୍ପତ୍ୟ ଜୀବନକୁ ଜଗତରନାଥ ଜଗନ୍ନାଥ ଘଣ୍ଟ ଘୋଡ଼େଇ ରଖନ୍ତୁ ଏହା ହିଁ ପରିବାରସଦସ୍ୟଙ୍କ ପ୍ରାର୍ଥନା।

ଶୁଭେଚ୍ଛାରେ ବଡ଼ଭାଇ: ରବି, ଭାଉଜ: ପିଲି, ପ୍ରଶାନ୍ତ, କାନ୍ତି, ଅଳୁ, ରାଲି, ସୋନୁ, ମୁନୁ, ଲିକୁ, କାହ୍ନୁ ମାମା, ଶୁଭ୍ରା, ରଚୁନୁ ଓ ବରାଡ଼ ପରିବାରବର୍ଗ।

ଧ-୦୭୬୫


# ୟଙ୍ଗ୍ ଉତ୍କଳକୁ ହରାଇଲା ସନରାଇଜ୍

**କଟକ, ୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)**

## ଫାଓ ଲିଗ୍-୨୦୨୩

ଫୁଟବଲ ଆସୋସିଏଶନ ଅଫ୍ (ଫାଓ) ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍-୨୦୨୩ରେ ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ମଙ୍ଗଳା କ୍ଲବ ଏବଂ ପୂର୍ବତଟ ରେଳପଥ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜ ଦଳ ୩-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ହରାଇ ଦେଇଛି। ଦୀନବନ୍ଧୁ ଦାସ ୧୫ତମ ମିନିଟରେ ଗୋଲ କରି ୟଙ୍ଗ୍ ଉତ୍କଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ୧୭ତମ ମିନିଟରେ ସନରାଇଜ ଦଳର ଜମିର ଓରାମ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇଆସିଥିଲେ। ପରେ ଏହି ଦଳର ସେଲୱିନ ଫ୍ରେଜର ମିରାଣ୍ଡା ୨୬ତମ ଏବଂ ୩୬ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ସନରାଇଜ ୩-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବାରୁ ସନରାଇଜ ସହଜ ବିଜୟୀ ହୋଇଥିଲା।

## ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ

# ଭୁବନେଶ୍ୱର ବିଜୟୀ

**କଟକ, ୬।୭ (ସୁପ୍ରିୟା ପ୍ରିୟଦର୍ଶିନୀ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓଡିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭୁବନେଶ୍ୱର ୯ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୮ଉଇକେଟ ବିନିମୟରେ ୮୦ରନ କରିଥିଲା। ଜିଏମ ଅଳକାନନ୍ଦ ସର୍ବାଧିକ ୨୦ରନ କରିଥିଲେ। ବଲାଙ୍ଗୀର ପକ୍ଷରୁ ରସନାରା ପରୱିନ ୪ ଏବଂ ରାମେଶ୍ୱରୀ ନାୟକ ୨ ଉଇକେଟ ଦଖଲ କରିଥିଲେ। ଜବାବରେ ବଲାଙ୍ଗୀର ୭୧ରନରେ ଅଲଆଉଟ ହୋଇଥିଲା। ଭୁବନେଶ୍ୱର ପକ୍ଷରୁ ଅଳକାନନ୍ଦ ୩ ଉଇକେଟ ଅକ୍ତିଆର କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ କିଟ୍ ୬ ରନରେ ଅବଶିଷ୍ଟ ଓଡ଼ିଶା 'ଏ'କୁ, କଟକ-୧୧ ରନରେ ଯାଜପୁରକୁ ଏବଂ ଅବଶିଷ୍ଟ ଓଡ଼ିଶା-ବି ୨ରନରେ ରାଉରକେଲାକୁ ହରାଇଛି।


# Classified Everyday

0674-2580101, 2549949



REAL ESTATE

**SALE**

Litigation free plot for sale near KIIT University or near Ashok Leyland, Chandaka Road side. Anyone to purchase please Contact: 8249742867 or 9853821712. D-0732

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-75003

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

Duplex sale at Bhubaneswar @ 57 Lakhs only. Contact: 9777433701. D-74881





Newly open Spa positively health benefits with expert therapist. 9040286886. D-75127

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74700

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

Herbal full body massage by smart/expert therapist. Contact: 9124139069. D-75005

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Spa Kerala Body Massage only best Therapist @699/- Bhubaneswar, 9337672475. D-0750

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit near Executive Magistrate, Talcher, I Ila Nanda, W/o Pradeep Kumar Nanda, R/o-Flat No. 111, Block-O, Ghatikia, Trident Galaxy Apartment, Bhubaneswar, Khorda, Odisha-751003, declare by this affidavit No-2015, Dated 16.07.2022 that now onwards, I shall be known as Ila Dash for all future purpose. D-0763

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଇଜିଲାସ, ପୁରୀ। ମୁଁ ରାଜଶ୍ରୀ ସାମନ୍ତରା, ସ୍ୱା- ରାଜଚନ୍ଦନ ସାମନ୍ତରା, ସାକିନ ମଣିକର୍ଣ୍ଣିକା ସାହି, ପୋଷ୍ଟ/ଜିଲ୍ଲା/ଥାନା- ପୁରୀ ଟାଉନ ତା।୨୧।୦୬।୨୦୨୩ରି ଖ ସମ୍ପାଦିତ ସତ୍ୟପାଠ ଦ୍ୱାରା ଜଣାଉଛି କି ମୋର ବିବାହ ରାଜଚନ୍ଦନ ସାମନ୍ତରାଙ୍କ ସହିତ ହୋଇଥିବାରୁ ହିନ୍ଦୁପ୍ରଥା ଅନୁଯାୟୀ ମୋର ପୂର୍ବୋକ୍ତ ନାମ ଲିଜା ବେହେରା ବଦଳରେ ରାଜଶ୍ରୀ ସାମନ୍ତରା ରୂପେ ନାମିତ ରହିଲି। ଏଣୁ ଆଜ ଦିନଠାରୁ ମୁଁ ରାଜଶ୍ରୀ ସାମନ୍ତରା ନାମରେ ସମସ୍ତ କାର୍ଯ୍ୟ ସମ୍ପାଦନରେ ଉଲ୍ଲେଖ ରହିବି। ଧ-୭୩୫୪୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before the Notary Public, Bhograi, Balasore, I, Ramratan Mohapatra, S/o Late- Kruttibas Mohapatra, Vill/PO- Putina, PS-Kamarda, Dist-Balasore, Odisha-756035, do hereby solemnly affirm that in my Son Rajan Kumar Mohapatra passport No. F2341382 my name mentioned as RAMA RATAN MOHAPATRA instead of RAMRATAN MOHAPATRA. Hence RAMA RATAN MOHAPATRA & RAMRATAN MOHAPATRA is one and same person. I want to change my son passport my name from RAMA RATAN MOHAPATRA to RAMRATAN MOHAPATRA. D-0762

# ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀ


ଅଶୋକ ମହାନ୍ତି

**ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ନେଇ ଆଲେଖ୍ୟର ପ୍ରଥମ ଭାଗ ଗତ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ହକି, ଆଥ୍ଲେଟିକ୍ସ, କ୍ରିକେଟ ଆଦି ଇଭେଣ୍ଟରେ ସୁନାମ ଅର୍ଜନ କରିଥିବା ଭାଇ ଓ ଭଉଣୀଙ୍କ ସମ୍ପର୍କରେ ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମ ଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

## (ଭାଗ-୨)

ଓଡ଼ିଶାର ପ୍ରସିଦ୍ଧ କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ନେଇ ଆଲେଖ୍ୟର ପ୍ରଥମ ଭାଗ ଗତ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇସାରିଛି। ଏଥିରେ ହକି, ଆଥ୍ଲେଟିକ୍ସ, କ୍ରିକେଟ ଆଦି ଇଭେଣ୍ଟରେ ସୁନାମ ଅର୍ଜନ କରିଥିବା ଭାଇ ଓ ଭଉଣୀଙ୍କ ସମ୍ପର୍କରେ ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମ ଭାଗରେ ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଭଲିବଲ ଆଦି ଇଭେଣ୍ଟରେ ଲୋକପ୍ରିୟତା ଅର୍ଜନ କରିଥିବା କ୍ରୀଡ଼ାବିତ୍ ଭାଇ ଓ ଭଉଣୀଙ୍କୁ ସ୍ଥାନିତ କରାଯାଇଛି। ଏହା ମଧ୍ୟରେ ଅଛନ୍ତି ୩ ଲୋକପ୍ରିୟ ଭ୍ରାତା ବିଜୁ ପଟ୍ଟନାୟକ, ଡ. ଜର୍ଜ ପଟ୍ଟନାୟକ ଓ ସିଜୁ ପଟ୍ଟନାୟକ। ଏହି ମହାନ୍ କ୍ରୀଡ଼ାବିତ୍‌ମାନେ ୧୯୩୦ ଦଶକରେ ଓଡ଼ିଶା ଫୁଟ୍‌ବଲ ଓ ଆଥ୍ଲେଟିକ୍ସରେ ପ୍ରସିଦ୍ଧି ଲାଭ କରିଥିଲେ।


ଅମରେନ୍ଦ୍ର ପାତ୍ର


ଶୁଭେନ୍ଦୁ ପାତ୍ର

### ଫୁଟ୍‌ବଲ

**ଦେବେନ୍ଦ୍ର ସିଂ ଓ ନରେନ୍ଦ୍ର ସିଂ**

**ଦେବେନ୍ଦ୍ର ସିଂ** (୧୯୪୩-ଜନ୍ମ)- ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଦେବେନ୍ଦ୍ର ସିଂ ଜଣେ ପ୍ରବୀଣ ଡିଫେଣ୍ଡର ଭାବେ ବହୁବର୍ଷ ଧରି ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହ ରାଜ୍ୟ ଦଳର ସଫଳ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସାନଭାଇ ନରେନ୍ଦ୍ର ସିଂ ମଧ୍ୟ ୧୯୬୭ରେ ବଡ଼ଭାଇ ଦେବ ସିଂଙ୍କ ସହ ରାଜ୍ୟ ଦଳର ସଦସ୍ୟ ଭାବେ ଓଡ଼ିଶାକୁ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଅମରେନ୍ଦ୍ର ପାତ୍ର ଓ ଶୁଭେନ୍ଦୁ ପାତ୍ର**

**ଅମରେନ୍ଦ୍ର ପାତ୍ର** (୧୯୩୦-୨୦୧୫) ଓଡ଼ିଶା ଫୁଟ୍‌ବଲର ଜଣେ ଦକ୍ଷ ପୁରୋଭାଗ ଖେଳାଳି ଭାବେ ୧୯୫୨ରୁ ୧୯୬୪ ମଧ୍ୟରେ ରାଜ୍ୟକୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ସାନଭାଇ ଶୁଭେନ୍ଦୁ ପାତ୍ର ମଧ୍ୟ ୧୯୬୭ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଖେଳିଥିଲେ।

**ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଗୀତାଞ୍ଜଳି ସାମନ୍ତରାୟ**

**ଶ୍ରଦ୍ଧାଞ୍ଜଳି**- ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ଭାରତୀୟ ଦଳ ପକ୍ଷରୁ ଏସିଆନ ଚାମ୍ପିୟନଶିପ୍, ଏଏଫ୍‌ସି, ଏସୀୟ କ୍ରୀଡ଼ା, ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ଏକାଧିକ ଥର ଖେଳିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାକୁ ଜାତୀୟ କ୍ରୀଡ଼ା ଓ ଚାମ୍ପିୟନଶିପ୍‌ରେ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ବଡ଼ଭଉଣୀ ଗୀତାଞ୍ଜଳି ରାଜ୍ୟ ଦଳର ପ୍ରଥମ ଅଧିନାୟିକା ଭାବେ ରାଜ୍ୟକୁ ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ।

### ବ୍ୟାଡ୍‌ମିଣ୍ଟନ

**ଅସୀମ ଦାସ ଓ ସୁସୀମ ଦାସ**

**ଅସୀମ ଦାସ** (ଜ-୧୯୪୧) ୧୯୬୨ରୁ ୧୯୬୪ ମଧ୍ୟରେ ବ୍ୟାଡ୍‌ମିଣ୍ଟନରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ସହ ବହୁବର୍ଷ ଧରି ଟ୍ରିପଲଜମ୍ପ (ଆଥଲେଟିକ୍)ରେ ରାଜ୍ୟ ରେକର୍ଡର ଅଧିକାରୀ ଥିଲେ। ସାନଭାଇ ଡ. ସୁସୀମ ଦାସ ୧୯୭୫ ଏବଂ ୧୯୭୬ରେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଖେଳିଥିଲେ। ୨ଭାଇଙ୍କ ଯୋଡ଼ି ଏକାଧିକ ଥର ରାଜ୍ୟ 'ଡବଲ୍ସ ଚାମ୍ପିୟନ' ଟାଇଟଲ ହାସଲ କରିଥିଲା।

**ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା**

ବିଗତ କିଛିବର୍ଷ ଧରି ୨ ପଣ୍ଡା ଭଉଣୀ ରାଜ୍ୟ ତଥା ଦେଶର ବ୍ୟାଡ୍‌ମିଣ୍ଟନ ସେନ୍‌ସେଶନ ଭାବେ ଉଭାହୋଇ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

**ରତପର୍ଣ୍ଣା** (ଜନ୍ମ-୧୯୯୯) ସାନଭଉଣୀ ଶ୍ୱେତପର୍ଣ୍ଣା (ଜ-୨୦୦୫)ଙ୍କୁ ପାର୍ଟନର କରି ଏକାଧିକ ଜାତୀୟ ଟାଇଟଲ ଜିତିବା ସହ ଭାରତକୁ ଉବର କପ୍ (୨୦୨୧) ଓ ସୁଦିରମାନ କପ୍ (କିଡାମ୍ବି ଶ୍ରୀକାନ୍ତଙ୍କର ପାର୍ଟନର ଭାବେ) ସଫଳତାର ସହ ଭାଗ ନେଇଛନ୍ତି। ଶ୍ୱେତପର୍ଣ୍ଣା ବଡ଼ଭଉଣୀଙ୍କ ସହ ପାର୍ଟନର ହୋଇ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି।


ଅରୂପାନନ୍ଦ ରାଉତରାୟ



ରତପର୍ଣ୍ଣା ପଣ୍ଡା
ଶ୍ୱେତପର୍ଣ୍ଣା ପଣ୍ଡା

**ଅରୂପାନନ୍ଦ/ଅଭିନ୍ନ ରାଉତରାୟ**

ଓଡ଼ିଶା କ୍ରୀଡ଼ାରେ ଅରୂପାନନ୍ଦ ରାଉତରାୟ ଏକ ବହୁ ପରିଚିତ ନାମ। ସେ ୬୦ ଓ ୭୦ ଦଶକରେ ଓଡ଼ିଶା ଓ ସର୍ଭିସେସ୍ ପକ୍ଷରୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତିନିଧିତ୍ୱ କରିଥିଲେ। କେବଳ ସେତିକି ନୁହେଁ, ୬୦ ଦଶକର ମଧ୍ୟଭାଗରେ ସେ ଏକମାତ୍ର ଓଡ଼ିଶା ଖେଳାଳିଭାବେ ଭାରତୀୟ ସିନିୟର ବାସ୍କେଟ୍‌ବଲ ଦଳ ପକ୍ଷରୁ ଖେଳିବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ସାନଭାଇ ଅଭିନ୍ନ ରାଉତରାୟ ଓଡ଼ିଶା ପକ୍ଷରୁ ଜାତୀୟ ସିନିୟର ଟୁର୍ନାମେଣ୍ଟରେ ଖେଳିଥିଲେ।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ


ଗୀତାଞ୍ଜଳି ସାମନ୍ତରାୟ

**ଗଗନେନ୍ଦୁ/ଲୋତକବିନ୍ଦୁ**

ଜଗତ୍‌ସିଂହପୁରର ଗଗନେନ୍ଦୁ ଦାଶ ଓ ଲୋତକବିନ୍ଦୁ ଦାଶ ଓଡ଼ିଶା ଭଲିବଲରେ ପରିଚିତ ନାମ। ସାନଭାଇ ଲୋତକ ୧୯୯୦ରେ ଭାରତୀୟ ଜୁନିୟର ଦଳ ପକ୍ଷରୁ ଖେଳିଥିଲେ। ସମ୍ପ୍ରତି କିଟ୍ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନର ମୁଖ୍ୟ ଥିବା ଗଗନେନ୍ଦୁ ମଧ୍ୟ ଜଣେ ଭଲିବଲ ଖେଳାଳିଭାବେ ବେଶ୍ ପରିଚିତ।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରର ଖାଲ୍‌କୋ ଭ୍ରାତା (ପରମାନନ୍ଦ ଓ ନିତି ଖାଲ୍‌କୋ) ୬୦ ଦଶକରେ ଫୁଟ୍‌ବଲରେ, ପଟେଲ ଭ୍ରାତା (ଅରୁନ ପଟେଲ, କନକ ପଟେଲ ଏବଂ ମୁକୁନ୍ଦ ପଟେଲ (ସମ୍ପର୍କୀୟ ଭାଇ) ୭୦ ଦଶକରେ କ୍ରିକେଟରେ, କଟକର ସାମଲ ଭ୍ରାତା (ମାନସ ଓ ସୁରେଶ ସାମଲ) ଫୁଟ୍‌ବଲରେ, ପଡ଼ିଆରୀ ଭ୍ରାତା (ବିକାଶ ଓ ଭାବଗ୍ରାହୀ) ଫୁଟ୍‌ବଲରେ ଏବଂ ବର୍ତ୍ତମାନର ଓରାମ ଭ୍ରାତା ରାକେଶ ଓ ବିକି ଓରାମ (ରାକେଶ ଓଡ଼ିଶାକୁ ଓ ବିକି କର୍ନାଟକ ଦଳର ସଦସ୍ୟ) ଫୁଟ୍‌ବଲରେ ଜାତୀୟ ପ୍ରତିଯୋଗିତାରେ ଖେଳି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି।

---

## ଏଲିମ୍‌ନେଟ୍

ବିଶ୍ୱକପ କ୍ୱାଲିଫାୟର୍ସରେ ହାରି
ଡାଉନ୍ ଜିମ୍ବାୱେ ମୁଣ୍ଡ
ବିପକ୍ଷକୁ ଏଲିମ୍‌ନେଟ୍‌କରି ହସେ
ରିଚି ଟିମ୍ ସ୍କଟଲାଣ୍ଡ
ମାଟି କ୍ରିସ୍ ସୋଲ୍ ଷଣ୍ଢ
ଜିମ୍ବାୱେ ଟପ୍ ଅର୍ଡର ବ୍ୟାଟରଙ୍କୁ ମାରି
ଭାଙ୍ଗିଦେଲା ମେରୁଦଣ୍ଡ।

ୱାନ୍‌ଡେ ବିଶ୍ୱକପରୁ ଏଲିମ୍‌ନେଟ୍
ୱେଷ୍ଟଇଣ୍ଡିଜ ଦଳ
ଅଠଚାଳିଶ ବର୍ଷ ହିଷ୍ଟ୍ରିରେ ଘଟଣା
କାରିବିୟାନ୍‌ଙ୍କୁ କାଳ
ସମୟ ଚକ୍ରରେ ଭୋଳ
ଦୁର୍ଦ୍ଧର୍ଷରୁ ଦୟନୀୟ ଷ୍ଟେଜରେ
ଇଣ୍ଡିଜ କ୍ରିକେଟ ଖେଳ।

ପେନାଲ୍ଟି ଶୁଟ୍ ଆଉଟ ଗୋଲରେ
ଗତଥର ପରି ନାତି
କୁଏଟ୍‌କୁ ଟାଇଟଲରୁ ଏଲିମନେଟ୍
କରି ଛେତ୍ରୀ ଏଣ୍ଡ ସାଥୀ
ବଢ଼ାଇଛି ଦେଶ ଖ୍ୟାତି
ମୋଷ୍ଟ ସକ୍ସେସଫୁଲ୍ ମୋ ଟିମ୍ ଇଣ୍ଡିଆ
ନଅ ଥର ସାଫ୍ ଜିତି।

**-ସୁବାସ ଚନ୍ଦ୍ର ପ୍ରଧାନ**



---

# କାରିବିୟାନ୍ ଟୁର୍


ନିର୍ମଳ କୁମାର ମିଶ୍ର

**ଭାରତୀୟ କ୍ରିକେଟ ଦଳର କାରିବିୟାନ୍ ଟୁର୍ ଆରମ୍ଭ ହୋଇଯାଇଛି। ଏହି ଗସ୍ତରେ ଟିମ୍ ଇଣ୍ଡିଆ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏହି ଟୁର୍ ପାଇଁ ପୂର୍ବରୁ ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳ ଏବଂ ବୁଧବାର ଟି୨୦ ଦଳ ଘୋଷିତ ହୋଇଛି। ରୋହିତ ଶର୍ମା ଟେଷ୍ଟ ଓ ଦିନିକିଆ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଟି୨୦ ଦଳର ନେତୃତ୍ୱ ନେବେ...**

ଅଷ୍ଟ୍ରେଲିଆଠାରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପରାଜିତ ହେବା ପରେ ଭାରତୀୟ ଦଳକୁ ବିଭିନ୍ନ ମହଲରୁ ସମାଲୋଚିତ ହେବାକୁ ପଡ଼ିଛି। କ୍ରିକେଟ ବିଶେଷଜ୍ଞମାନେ ବିଭିନ୍ନ କାରଣ ଦର୍ଶାଇ ଟିମ୍ ଇଣ୍ଡିଆରେ ସଂସ୍କାର ଆବଶ୍ୟକ ବୋଲି ଖୋଲାଖୋଲି ମନ୍ତବ୍ୟ ଦେଇଛନ୍ତି। ଦଳରେ ସଂସ୍କାର ଆଣିବା ପାଇଁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରୁ ହିଁ ପଦକ୍ଷେପ ନେବାକୁ ହେବ ବୋଲି ଚୟନ କମିଟି ଅନୁଭବ କରିଛି। କାରଣ ଏହି ଗସ୍ତରୁ ହିଁ ଭାରତର ୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅଭିଯାନ ଆରମ୍ଭ ହେବ। ଦଳରେ କିପରି ସମନ୍ୱୟ ରକ୍ଷା କରିହେବ, ଭବିଷ୍ୟତକୁ ଆଖି ଆଗରେ ରଖି ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିଙ୍କୁ କିପରି ସୁଯୋଗ ମିଳିବ ଏହା ଉପରେ ମନ୍ତବ୍ୟ ଦେଇ ଅନେକ ପୂର୍ବତନ ଖେଳାଳି ଚର୍ଚ୍ଚାରେ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏବେ ଭାରତୀୟ ଦଳରେ କେତେଜଣ ଖେଳାଳି ୩୫ ବର୍ଷ ବୟସ ଅତିକ୍ରମ କରିଛନ୍ତି। ତେଣୁ ୩ ଫର୍ମାଟ ପାଇଁ ଯୁବଖେଳାଳିଙ୍କୁ ସୁଯୋଗ ଦେବା ସହ ଏବେଠାରୁ ସେମାନଙ୍କୁ ସିନିୟର ଖେଳାଳିଙ୍କ ସହିତ ସୁଯୋଗ ଦେଇ ଅଭିଜ୍ଞତା ହାସଲ କରିବାର ସମୟ ଆସିଛି। ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେବା ସହ ଯୁବ ନେତୃତ୍ୱକୁ ନେଇ ୱେଷ୍ଟଇଣ୍ଡିଜ ଗସ୍ତ କରିବାକୁ ପୂର୍ବତନ ଖେଳାଳି ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ, ବୀରେନ୍ଦ୍ର ସେହ୍ୱାଗ ଏବଂ ଦିଲୀପ ଭେଙ୍ଗ୍‌ସରକାର ନିଜର ମତାମତ ରଖିଥିଲେ। ଜାତୀୟ ଚୟନ କମିଟି ଘୋଷଣା କରିଥିବା ଟେଷ୍ଟ ଏବଂ ଏକଦିବସୀୟ ଦଳ ପାଇଁ ରୋହିତ ଶର୍ମାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବାବେଳେ ଅନେକ ଯୁବଖେଳାଳିଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଟି୨୦ ଦଳର ନେତୃତ୍ୱ ନେବେ।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତର ପରାଜୟ ପାଇଁ ଅନେକେ ରୋହିତ ଶର୍ମାଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଥିଲେ। ଇତିମଧ୍ୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଟିମ୍ ଇଣ୍ଡିଆ ୩ଟି ଫର୍ମାଟ୍‌ରେ ୨ଟି ଟେଷ୍ଟମ୍ୟାଚ୍, ୩ଟି ଏକଦିବସୀୟ ସହ ୫ଟି ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଜୁଲାଇ ୧ରୁ ଭାରତୀୟ ଦଳର ୱେଷ୍ଟଇଣ୍ଡିଜ ଗସ୍ତ ଆରମ୍ଭ ହୋଇଯାଇଛି। ଡୋମିନିକାରେ ଜୁଲାଇ ୧୨ରୁ ୧୬ ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ପୋର୍ଟ ଅଫ୍ ସ୍ପେନ୍‌ରେ ଜୁଲାଇ ୨୦ରୁ ୨୪ ପର୍ଯ୍ୟନ୍ତ ୨ୟ ଟେଷ୍ଟ ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଉଭୟ ଦେଶ ୯୮ଟି ଟେଷ୍ଟରେ ପରସ୍ପରକୁ ଭେଟିଛନ୍ତି। ଏଥିରୁ ଭାରତ ୨୨ଟି ଏବଂ ୱେଷ୍ଟଇଣ୍ଡିଜ ୩୦ଟି ମ୍ୟାଚ ବିଜୟୀ ହୋଇଛି। ୪୬ଟି ମ୍ୟାଚ ଡ୍ର ରହିଛି। ଭାରତ ମାଟିରେ ଟିମ୍ ଇଣ୍ଡିଆ ୧୩ଟି ଏବଂ ୱେଷ୍ଟଇଣ୍ଡିଜ ୯ଟି ମ୍ୟାଚ ଜିତିଛି। ସେହିପରି ୱେଷ୍ଟଇଣ୍ଡିଜ ୧୬ଟି ମ୍ୟାଚ୍ ନିଜ ମାଟିରେ ଜିତିଥିବା ବେଳେ ୧୪ଟି ମ୍ୟାଚରେ ଭାରତ ବିଜୟୀ ହୋଇଛି। ଉଭୟ ଦେଶ ନିରପେକ୍ଷ ଭେନ୍ୟୁରେ କୌଣସି ଟେଷ୍ଟ ଖେଳିନାହାନ୍ତି। ଉଭୟ ଦେଶ ମଧ୍ୟରେ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳାଯିବାକୁ ଥିବା ୧୦୦ତମ ଟେଷ୍ଟ ମ୍ୟାଚ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ।

ଟେଷ୍ଟ ସିରିଜ ପାଇଁ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହା ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ସୁନୀଲ ଗାଭାସ୍କରଙ୍କ ମତରେ ଯଦି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଖରାପ ପ୍ରଦର୍ଶନ ଯୋଗୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ତେବେ ରୋହିତ ଶର୍ମା, ବିରାଟ କୋହଲି, କେ.ଏସ୍. ଭରତ ମଧ୍ୟ ଖରାପ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ପାଇଁ ସମାନ ନିୟମ ପୋଷଣ କରାଯାଇନାହିଁ କାହିଁକି। ଏହି ସିରିଜ ପାଇଁ ଭେଟେରାନ୍ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅନ୍‌ଫିଟ୍ ଉମେଶ ଯାଦବଙ୍କୁ ବାଦ୍ ଦିଆଯାଇଛି। ୪ଜଣ ଓପନର ରୋହିତ ଶର୍ମା, ଶୁବମନ ଗିଲ୍, ଋତୁରାଜ ଗାଏକ୍‌ୱାଡ୍, ଯଶସ୍ୱୀ ଜୟସ୍ୱାଲ ରହିଥିବା ବେଳେ ଡବ୍ଲ୍ୟୁଟିସିରେ ଭଲ ଖେଳିଥିବା ଅଜିଙ୍କ୍ୟ ରାହାନେଙ୍କୁ ଦଳର ଉପ ଅଧିନାୟକ କରାଯାଇଛି। ପେସ୍ ବୋଲିଂ ଦାୟିତ୍ୱ ମୁକେଶ କୁମାର, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଜୟଦେବ ଉନାଡକଟ୍ ଏବଂ ନବଦୀପ ସଇନୀଙ୍କ ଉପରେ ନ୍ୟସ୍ତ ରହିଛି। କିପର କେ.ଏସ୍. ଭରତଙ୍କ ଉପରେ ଆସ୍ଥା ସ୍ଥାପନ କରାଯାଇଛି। ଇଶାନ କିଶନ ମଧ୍ୟ ଆବଶ୍ୟକ ହେଲେ ଉଇକେଟ କିପିଂ କରିବେ। ରିଷଭ ପନ୍ତ, ଲୋକେଶ ରାହୁଲ, ଯଶପ୍ରୀତ୍ ବୁମ୍ରା ଏବଂ ଶ୍ରେୟସ ଆୟରଙ୍କ ପରି ଖେଳାଳିଙ୍କ ଅନୁପସ୍ଥିତି ଟିମ୍ ଇଣ୍ଡିଆ ପାଇଁ କିଛିଟା ସମସ୍ୟା ସୃଷ୍ଟି କରିଛି।

ଚେତେଶ୍ୱର ପୂଜାରା ଯେହେତୁ ଗୋଟିଏ ଫର୍ମାଟ (ଟେଷ୍ଟ ମ୍ୟାଚ)ରେ ଖେଳୁଛନ୍ତି ତାଙ୍କୁ ଆଉ ଥରେ ସୁଯୋଗ ମିଳିବା କଥା। ମାତ୍ର ବିସିସିଆଇ ତାଙ୍କୁ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନକରି ପ୍ରତ୍ୟାବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ସର୍ଫରାଜ ଖାଁ, ରିଙ୍କୁ ସିଂ, ପ୍ରଭସିମରନ ସିଂ, ତିଲକ ବର୍ମା, ଜିତେଶ ଶର୍ମା, ହର୍ଷିତ ରାଣା, କାର୍ତ୍ତିକ ତ୍ୟାଗୀଙ୍କ ପରି ଯୁବ ଖେଳାଳିମାନଙ୍କୁ ସୁଯୋଗ ନ ଦେବା ମଧ୍ୟ ଆଲୋଚନାରେ ରହିଛି। ଲଗାତର ରଣଜୀ ଟ୍ରଫିରେ ସଫଳତା ହାସଲ କରିଥିବା ସର୍ଫରାଜ ଖାଁଙ୍କୁ ଚୟନ ନ କରିବା ଉପରେ ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ତେବେ ତାଙ୍କ ଫିଟ୍‌ନେସ୍‌କୁ ନେଇ ସମସ୍ୟା ଥିବା ବିସିସିଆଇ ସ୍ପଷ୍ଟ କରିଛି। ସର୍ଫରାଜ ଲଗାତର ୩ଟି ଘରୋଇ ସିଜନରେ ୨୫୬୬ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର କ୍ୟାରିୟର ଆଭରେଜ ୩୭ଟି ମ୍ୟାଚରେ ପାଖାପାଖି ୮୦ ରହିଛି। ଅନ୍ୟପକ୍ଷରେ ଟେଷ୍ଟ ମ୍ୟାଚ୍ ପାଇଁ ବିଶ୍ୱର ୨ଶ୍ରେଷ୍ଠ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଆବଶ୍ୟକ ହେଲେ ଅକ୍ଷର ପଟେଲ ମଧ୍ୟ ସ୍ପିନ୍ ଚ୍ୟାଲେଞ୍ଜ ସମ୍ଭାଳିବେ। ଏକଦିବସୀୟ ମ୍ୟାଚ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଉପ ଅଧିନାୟକ ମନୋନୀତ ହେବାକୁ ମଧ୍ୟ କ୍ରିକେଟ ସମୀକ୍ଷକ, ପୂର୍ବତନ ଖେଳାଳି ଏବଂ ଭାଷ୍ୟକାରମାନେ କଡ଼ା ସମାଲୋଚନା କରିଛନ୍ତି। ଏଥିପାଇଁ ଶୁବମନ ଗିଲ୍‌ଙ୍କ ପରି ଦକ୍ଷତାସମ୍ପନ୍ନ ଖେଳାଳିଙ୍କୁ ଏବେଠାରୁ ସୁଯୋଗ ଦେବା ଆବଶ୍ୟକ ବୋଲି କହିଛନ୍ତି।

ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ମଧ୍ୟ ବେଶ୍ ଶକ୍ତିଶାଳୀ। ନିକୋଲସ୍ ପୁରନ, ସାଇ ହୋପ୍, କାଇଲ ମେୟର, ସିମ୍‌ରନ ହେଟମେର, ଶେଲ୍‌ଡ୍ରନ କଟ୍ରେଲ, ଏଭିନ୍ ଲୁଇସ, ଡାରେନ ବ୍ରାଭୋ, କେମୋ ରୋଚ, ରୋଭମାନ ପାୱେଲଙ୍କ ପରି ବ୍ୟାଟର ଏବଂ ବୋଲର ଅଛନ୍ତି। ଭାରତ ଯଦିଓ ୨୦୧୯ରୁ ୱେଷ୍ଟଇଣ୍ଡିଜ ପରି ଏକ ଶକ୍ତିଶାଳୀ ଦଳକୁ ସବୁ ଫର୍ମାଟରେ ବଡ଼ ବ୍ୟବଧାନରେ ପରାସ୍ତ କରିଛି ତଥାପି ଟି୨୦ରେ ୱେଷ୍ଟଇଣ୍ଡିଜକୁ ହରାଇବା କଷ୍ଟକର। ୨୦୧୯ରେ ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜକୁ ଟେଷ୍ଟ ସିରିଜରେ ୨-୦ ଏବଂ ଏକଦିବସୀୟ ସିରିଜରେ ୩-୦ରେ ଏବଂ ଟି୨୦ରେ ୪-୧ରେ ପରାସ୍ତ କରିଥିଲା। ଏହାସତ୍ତ୍ୱେ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ଏଥର କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି।



ରୋହିତ ଶର୍ମା



ହାର୍ଦ୍ଦିକ ପାଣ୍ଡ୍ୟା

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୭/୨୦୨୩ Bhubaneswar, Friday, July 7/ 2023

# ନେଦରଲାଣ୍ଡସ୍କୁ ବିଶ୍ୱକପ୍ ଯୋଗ୍ୟତା

ବୁଲାୱାୟୋ, ୬।୭

ସ୍କଟଲାଣ୍ଡକୁ ପରାସ୍ତ କରିବା ସହ ଦିନିକିଆ ବିଶ୍ୱକପରେ ନିଜର ସ୍ଥାନ ସୁରକ୍ଷିତ କରି ନେଇଛି ନେଦରଲାଣ୍ଡସ୍। ବାସ ଡି ଲିଡ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ (୧୨୩ ରନ୍ ଓ ୫ ଉଇକେଟ୍) ବଳରେ ଦଳ ୪ ଉଇକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ

## ଲିଡ୍‌ଙ୍କ ଅଲରାଉଣ୍ଡ ସଫଳତା

୨୭୭ ରନ୍ କରିଥିଲା। ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ନେଦରଲାଣ୍ଡସ୍‌କୁ ୪୪ ଓଭର ମଧ୍ୟରେ ଲକ୍ଷ୍ୟ ହାସଲ କରିବାର ଥିଲା। ୪୧ ଓ ୪୨ ତମ ଓଭରରୁ ବାସ ଡେ ଲିଡ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ଯଥାକ୍ରମେ ୨୨ ଓ ୨୦ ରନ୍ ସ୍କୋର କରିବାରୁ ଦଳ ବିଜୟ ହାସଲ ସହିତ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।



ଶତକୀୟ ଇନିଂସ୍ ଅବସରରେ ବାସ ଡି ଲିଡ୍।

ଟସ୍ ଜିତି ନେଦରଲାଣ୍ଡସ୍ ପ୍ରଥମେ ବୋଲିଂ କରିଥିଲା। ସ୍କଟଲାଣ୍ଡ ୬୪ ରନ୍‌ରେ ୩ ଉଇକେଟ ହରାଇଥିବା ବେଳେ ବ୍ରେଣ୍ଡନ ମ୍ୟାକ୍‌ମୁଲେନ୍‌ଙ୍କ ୧୦୬ ଓ ରିକି ବାରିଙ୍ଗଟନ୍‌ଙ୍କ ୬୪ ରନ୍ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ଉଭୟ ଚତୁର୍ଥ ଉଇକେଟରେ ୧୪୬ ରନ୍ ଯୋଡିଥିଲେ। ମ୍ୟାକ୍‌ମୁଲେନ୍ ୧୧୦ ବଲ୍ ଖେଳି ୧୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୮୪ ବଲ୍ ଖେଳି ରିକି ୩ ଚୌକା ଓ ୨ ଛକା ମାରିଥିଲେ। ଶେଷ ଆଡକୁ ଥୋମାସ ମ୍ୟାକିଣ୍ଟୋସ୍ ୩୮ ଓ କ୍ରିସ୍ ଗ୍ରିଭ୍‌ସ ୧୮ ରନ୍ କରିବାରୁ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ନେଦରଲାଣ୍ଡସ୍ ପକ୍ଷରୁ ବାସ୍ ଡେ ଲିଡ୍ ୫ ଉଇକେଟ ନେଇଥିବା ବେଳେ ର୍‌ୟାନ୍ କ୍ଲେନ୍ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

ରନ୍‌ରେଟ୍‌ରେ ପଛୁଆ ଥିବା ନେଦରଲାଣ୍ଡସ୍ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ୪୪ ଓଭରରେ ୨୭୮ ରନ୍ କରିବା ଆବଶ୍ୟକ ଥିଲା। ମ୍ୟାଚ୍‌ର ୪୦ତମ ଓଭର ପର୍ଯ୍ୟନ୍ତ ସ୍କଟଲାଣ୍ଡ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ୪୧ ଓ ୪୨ ନମ୍ବର ଓଭରରୁ ୪୨ ରନ ସଂଗ୍ରହ କରିଥିଲେ ଲିଡ୍। ନେଦରଲାଣ୍ଡସ୍ ଦଳ ୩୧ ଓଭର ସୁଦ୍ଧା ୫ ଉଇକେଟରେ ୧୬୩ ରନ୍ ସ୍କୋର କରିଥିଲା। ତେବେ ପରବର୍ତ୍ତୀ ବ୍ୟାଟର ସାକିବ ଜୁଲଫିକର (୩୩*)ଙ୍କୁ ସାଥୀ କରି ୧୧୩ ରନ୍ ଯୋଡିଥିଲେ ଲିଡ୍। ସେ ୯୨ ବଲ୍ ଖେଳି ୧୨୩ ରନ୍ କରି ରନ୍‌ଆଉଟ ହେବା ବେଳକୁ ବିଜୟ ପାଇଁ ମାତ୍ର ୨ ରନ୍ ଆବଶ୍ୟକ ଥିଲା। ଲିଡ୍‌ଙ୍କ ଏହି ଇନିଂସରେ ୭ ଚୌକା ଓ ୫ ଛକା ସାମିଲ ଥିଲା। ସ୍କଟଲାଣ୍ଡ ପକ୍ଷରୁ ମାଇକେଲ ଲିସ୍କ ଦୁଇ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଲିଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ସ୍କଟଲାଣ୍ଡ ୫୦ ଓଭରରେ ୨୭୭/୯ (ବ୍ରେଣ୍ଡନ ମ୍ୟାକ୍‌ମୁଲେନ୍-୧୦୬, ରିକି ବାରିଙ୍ଗଟନ୍-୬୪, ଥୋମାସ ମ୍ୟାକିନ୍‌ଟୋସ-୩୮*, ବାସ୍ ଡି ଲିଡ୍-୫/୫୨, ର୍‌ୟାନ୍ କ୍ଲେନ୍-୨/୫୯, ଲୋଗାନ୍ ଭାନ୍ ବିକ୍-୧/୪୯)। ନେଦରଲାଣ୍ଡସ୍ ୪୨.୫ ଓଭରରେ ୨୭୮/୬ (ବାସ୍ ଡି ଲିଡ୍-୧୨୩, ବିକ୍ରମଜିତସିଂ-୪୦, ସାକିବଜୁଲଫିକର-୩୩*, ମାଇକେଲ ଲିସ୍କ-୨/୪୨, କ୍ରିସ୍ ଗ୍ରିଭ୍‌ସ-୧/୧୮, ମାର୍କ ୱାଟ-୧/୬୩)।

# ମାର୍ଶଙ୍କ ଶତକ, ଉଡ୍‌ଙ୍କୁ ୫ ଉଇକେଟ

ଲିଡ୍ସ, ୬।୭

ଲିଡ୍ସର ହେଡିଙ୍ଗଲିରେ ଅନୁଷ୍ଠିତ ତୃତୀୟ ଆଶେସ୍ ଟେଷ୍ଟରେ ଅଷ୍ଟ୍ରେଲିଆ ୨୬୩ ରନ୍‌ରେ ଅଲ୍‌ଆଉଟ ହୋଇଛି। ଜବାବରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଇଂଲଣ୍ଡ ୩ ଉଇକେଟରେ ୬୮ ରନ୍ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ମାର୍ଶ ଚମତ୍କାର ୧୧୮ ରନ୍ କରିଥିଲେ। ଆଣ୍ଡରସନ୍ ଓ ଜୋଶ ଟଙ୍ଗଙ୍କୁ ବାଦ ଦେଇ ଇଂଲଣ୍ଡ ମାର୍କ ଉଡ୍ ଓ କ୍ରିସ୍ ଓକ୍ସଙ୍କୁ ଖେଳାଇଥିବା ବେଳେ ସିରିଜ୍‌ରେ ପ୍ରଥମ ଥର ପାଇଁ ଏହାର ବୋଲିଂ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା।

## ଆଶେସ୍ ଟେଷ୍ଟ

ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ଘାତକ ବୋଲିଂ କରିଥିଲେ। ପ୍ରଥମ ସେସନରେ ବ୍ରଡ ଦୁଇ ଉଇକେଟ ନେଇଥିବା ବେଳେ ଅଷ୍ଟ୍ରେଲିଆ ୮୫ ରନ୍‌ରେ ୪ ଉଇକେଟ ହରାଇଥିଲା। ଡେଭିଡ୍ ୱାର୍ନର(୪), ଉସ୍‌ମାନ ଖ୍ୱାଜା (୧୩), ମାର୍ନସ ଲାବୁଶେନ୍ (୨୧) ଓ ଷ୍ଟିଭ୍ ସ୍ମିଥ୍(୨୨) ରନ୍ କରି ଆଉଟ ହୋଇଥିଲେ। ଶତକୀୟ ଟେଷ୍ଟ ଖେଳୁଥିବା ସ୍ମିଥ୍‌ଙ୍କୁ ଆଉଟ କରିଥିଲେ ବ୍ରଡ୍।

କାମେରନ୍ ଗ୍ରୀନଙ୍କ ସ୍ଥାନରେ ଖେଳୁଥିବା ମିଚେଲ୍ ମାର୍ଶ ଶତକ ହାସଲ କରିବା ସହିତ ଅଷ୍ଟ୍ରେଲିଆକୁ



ମିଚେଲ ମାର୍ଶ

ବିପଦରୁ ଉଦ୍ଧାର କରିଥିଲେ। କାଉଣ୍ଟର ଆଟାକ କରିବା ସହ ସେ ୧୧୮ ବଲ୍‌ରୁ ୧୧୮ ରନ୍ କରିଥିଲେ। ଏହିଇନିଂସରେ ୧୭ ଚୌକା ଓ ୪ ଛକା ସାମିଲ ଥିଲା। ଟ୍ରାଭିସ୍ ହେଡ୍ ୩୯ଙ୍କୁ ସାଥୀ କରି ସେ ପଞ୍ଚମ ଉଇକେଟରେ ୧୫୫ ରନ୍ ଯୋଡିଥିଲେ।

ମାର୍ଶ ଓ ହେଡ୍ ୧୫୫ ରନ୍ ଯୋଡି ଦଳକୁ ଏକ ବୃହତ ସ୍କୋର ଆଡକୁ ନେଉଥିବା ବେଳେ କ୍ରିସ୍ ଓକ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ ମିଚେଲ୍ ମାର୍ଶ। ମାର୍ଶଙ୍କ ଉଇକେଟ ପତନ ପରେ ନିଜ ପେସ୍ ବୋଲିଂ ଜରିଆରେ ଅଷ୍ଟ୍ରେଲିଆ ଟେଲ ଏଣ୍ଡରକୁ ଶେଷ କରି ଦେଇଥିଲେ ମାର୍କ ଉଡ୍। ୨୯ ତମ ଟେଷ୍ଟରେ ୪ର୍ଥ ଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ ଉଡ୍। ସେ ମାତ୍ର ୩୪ ରନ୍ ବ୍ୟୟ କରି ୫ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିସ୍ ଓକ୍ସ ୩ ଓ ଷ୍ଟୁଆର୍ଟ ବ୍ରଡ୍ ୨ ଉଇକେଟ ନେଇଥିଲେ। ଜବାବରେ ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୧୯ ଓଭରରେ ୩ ଉଇକେଟ ହରାଇ ୬୮ ରନ୍ ସଂଗ୍ରହ କରିଛି। ବେନ୍ ଡକେଟ୍ (୨), ହ୍ୟାରୀ ବ୍ରୁକ୍(୩) ଓ ଜ୍ୟାକ୍ କ୍ରଲି (୩୩) ରନ୍ କରି ଆଉଟ ହୋଇଥିବା ବେଳେ ଜୋ ରୁଟ୍ ୧୯ ଓ ଜନି ବେୟାରଷ୍ଟୋ ୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ ଦୁଇଟି ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୬୦.୪ ଓଭରରେ ୨୬୩/୧୦ (ମିଚେଲ୍ ମାର୍ଶ-୧୧୮, ଟ୍ରାଭିସ୍ ହେଡ୍-୩୯, ଷ୍ଟିଭେନ୍ ସ୍ମିଥ୍-୨୨, ମାର୍କ ଉଡ୍-୫/୩୪, କ୍ରିସ୍ ଓକ୍ସ-୩/୭୩, ଷ୍ଟୁଆର୍ଟ ବ୍ରଡ୍-୨/୫୮)। ଇଂଲଣ୍ଡ ପ୍ରଥମ ଇନିଂସ ୧୯ ଓଭରରେ ୬୮/୩ (ଜ୍ୟାକ୍ କ୍ରଲି-୩୩, ଜୋ ରୁଟ୍-୧୯* ପ୍ୟାଟ କମିନ୍ସ-୨/୨୭, ମିଚେଲ୍ ମାର୍ଶ-୧/୯)।

# କ୍ରିକେଟରୁ ତମିମ ଇକ୍‌ବାଲଙ୍କ ଅବସର

ଚଟ୍ଟଗ୍ରାମ (ବାଂଲାଦେଶ),୬।୭

ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଅଧିନାୟକ ତମିମ ଇକ୍‌ବାଲ ଗୁରୁବାର ତାଙ୍କର ଅବସର ଘୋଷଣା କରିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରିପାରୁଥିବା ଜଣେ ଅନ୍ୟତମ ପରିଚିତ ଖେଳାଳି। ଏଠାରେ ଆଫଗାନିସ୍ତାନ ବିପକ୍ଷ ଓପନିଂ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ତାଙ୍କ ଦଳର ପରାଜୟ ପରେ ଏହି ୩୪ବର୍ଷୀୟ ବାମହାତୀ ଖେଳାଳି ଆକସ୍ମିକ ଖେଳରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ତମିମ ତାଙ୍କ ୧୬ବର୍ଷର କ୍ୟାରିୟରରେ ୭୦ଟେଷ୍ଟ ମ୍ୟାଚ ଖେଳି୫,୧୩୪ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ୧୦ଟି ଶତକ ଓ ଗୋଟିଏ ଦ୍ୱିଶତକ ରହିଛି। ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ସେ ୨୪୧ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୪ ଶତକ ସହ ୮,୩୧୩ ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନର କ୍ରିକେଟରଙ୍କ



ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପଛକୁ ସେ ତୃତୀୟ ସର୍ବାଧିକ ରନ ସ୍କୋରର। ତମିମ କହିଛନ୍ତି, ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରର ଅନ୍ତ ଘଟିଛି। ସେ ସବୁବେଳେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିବା ଲାଗି ପ୍ରୟାସ କରିଛନ୍ତି। ତାଙ୍କ ଲମ୍ବା କ୍ୟାରିୟରରେ ଯେଉଁ ସାଥୀ ଖେଳାଳି, କୋଚ୍, ବିସିବି ଅଫିସିଆଲ, ପରିବାର ସଦସ୍ୟଙ୍କ ସମେତ ଯେଉଁମାନେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଆସିଥିଲେ, ସେମାନଙ୍କୁ ସେ ଧନ୍ୟବାଦ ଦେଉଛନ୍ତି।

# ଡବଲ୍ସ କ୍ୱାର୍ଟରରେ ଶୁଭ୍ରଜିତ

ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)

## ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶୁଭ୍ରଜିତ ମହାରଣା। ପ୍ରସନ୍ନ କୁମାର ସିହ୍ନାଙ୍କୁ ସାଥିକରି ଖେଳୁଥିବା ଶୁଭ୍ରଜିତ ପ୍ରଥମ ମ୍ୟାଚରେ ପ୍ରତିପକ୍ଷ ୟାଓ ଆନ୍ଦ୍ରେ ଅମନି ଓ ଡିଡା ଜନ୍ ୟାଭେସ ୟାଓଙ୍କୁ ୨୧-୧୩, ୨୧-୧୪ରେ ପରାସ୍ତ କରିଥିଲେ। ପରେ ଦ୍ୱିତୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ୱଜଟେକ୍ ସିଜିକ୍ ଓ ଭାରତର ଅଭିଜିତ ସାକୁଜାଙ୍କଠାରୁ ୭-୨୧, ୧୦-୨୧ରେ ପରାଜିତ ହୋଇଥିଲେ ହେଁ ଗ୍ରୁପ୍‌ରେ ଗୋଟିଏ ମ୍ୟାଚ୍ ଜିତି ଥିବାରୁ ଦିତୀୟ ସ୍ଥାନୀୟ ଦଳ ଭାବରେ ନକ୍‌ଆଉଟରେ ପ୍ରବେଶ କରିଛନ୍ତି।

BGU BIRLA GLOBAL UNIVERSITY
ADMISSION 2023-24
PG Programs
• MAJMC
• M.Sc/MA in Financial Economics
• M.Com
UG Programs
• BAJMC (Hons.)
• BBA (Hons.)
• BBA LL.B. (Hons.)
• B.Com (Hons.)
The University Provides Excellent Placement Assistance
BIRLA GLOBAL UNIVERSITY
BHUBANESWAR
Visitus at : www.bgu.ac.in
Mobile: 7381058307, 9776129900

# ଓଡ଼ିଶା ମଡର୍ନ ପେଣ୍ଟାଥଲନ ଦଳ ଘୋଷିତ



ଓଡ଼ିଶା ପେଣ୍ଟାଥଲନ ଦଳ।

ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)

ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନଧରି ମହାରାଷ୍ଟ୍ରର ଅହମଦନଗରଠାରେ ୬ଷ୍ଠ ଜାତୀୟ ଲେଜର ରନ୍ (ମଡର୍ନ ପେଣ୍ଟାଥଲନ) ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷିତ ହୋଇଛି। ବିକାଶ ଜେନା ଅଧିନାୟକ ହୋଇଥିବାବେଳେ ମହମ୍ମଦ ଅମନ୍, ଟି.କେ. ସିଂ, ରାମକୃଷ୍ଣ ଜେନା, ଅନୁରାଗ ହେମ୍ବ୍ରମ ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିଙ୍କ ସହ ମଡର୍ନ ପେଣ୍ଟାଥଲନ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ମହମ୍ମଦ ଆଜମ କୋଚ୍‌ଭାବେ ଅହମଦନଗର ଯାତ୍ରା କରିଛନ୍ତି। ସଂଘର ସଭାପତି ରଞ୍ଜନ କୁମାର ନନ୍ଦ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, କୁନାଲ ବିଶ୍ୱାଳ, ବାସୁଦେବ ଓଝା, ଦୁର୍ଗା ସାମନ୍ତରାୟ ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରଦ୍ଧାଞ୍ଜଳି ପୁଣି ଜାତୀୟ ଦଳର ସହକାରୀ କୋଚ୍

ଭୁବନେଶ୍ୱର, ୬।୭ (ତପନ ସ୍ୱାଇଁ)

ଖେଳାଳି ଜୀବନରେ ବେଶ୍ ସୁନାମ ଅର୍ଜନ କରିଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟବଲ ତାରକା ତଥା ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ କୋଚ୍ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିବାରେ ଲାଗିଛନ୍ତି। ଗତ ମାର୍ଚ୍ଚରୁ ମେ’ ୨୩ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ସେ ସଫଳତାର ସହ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ରହିଥିଲା। ଏହାର ପୁରସ୍କାର ସ୍ୱରୂପ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ତାଙ୍କୁ ପୁଣି ୧୭ ବର୍ଷରୁ କମ୍



ଭାରତୀୟ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାରଠାରୁ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆରମ୍ଭ ହେଉଥିବା ଜାତୀୟ ଶିବିରର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ପାଇ ସେ ଗୁରୁବାର ଭୁବନେଶ୍ୱରରୁ ସେଠାକୁ ଯାତ୍ରା କରିଛନ୍ତି। ଏଆଇଏଫ୍‌ଏଫ୍ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବାରୁ ଦଳ ଶିବିର ପରେ ହେବାକୁଥିବା ପ୍ରତିଯୋଗିତାରେ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଶ୍ରଦ୍ଧାଞ୍ଜଳି ଆଶା ପ୍ରକାଶ କରିଛନ୍ତି।

# ହକି ଇଣ୍ଡିଆ ବାଣ୍ଟିଲା କ୍ରୀଡ଼ା ଉପକରଣ




ନୂଆଦିଲ୍ଲୀ, ୬।୭ (ପି.ଟି.)

ତୃଣମୂଳ ସ୍ତରରେ ହକିକୁ ପ୍ରୋତ୍ସାହିତ କରିବାକୁ ଯାଇ ହକି ଇଣ୍ଡିଆ ରାଜ୍ୟ ଆସୋସିଏଶନ, ସଦସ୍ୟ ୟୁନିଟ ଏବଂ ଦେଶବ୍ୟାପୀ ରହିଥିବା ଏକାଡେମୀଗୁଡ଼ିକୁ ୮କୋଟି ଟଙ୍କାର ସୁରକ୍ଷା ଉପକରଣ, ୧୧,୦୦୦ ହକିଷ୍ଟିକ୍ ଓ ୩,୩୦୦ଟି ବଲ୍ ବଣ୍ଟନ କରିଛି। ‘ହକି ଇଣ୍ଡିଆ କା ଅଭିଯାନ ହର ଘର୍ ହୋ ହକି କି ପେହେଚାନ’ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ତୃଣମୂଳ ସ୍ତରରେ ଖେଳର ବିକାଶ ବ୍ୟତୀତ ଅନଗ୍ରସର ପିଲାଙ୍କୁ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ରାଜ୍ୟ ଓ ସଦସ୍ୟ ୟୁନିଟ୍ ଏବଂ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ, ଧ୍ୟାନଚାନ୍ଦ ହକି ଏକାଡେମୀ, ରିପବ୍ଲିକ ସ୍ପୋର୍ଟ୍ସ କ୍ଲବ, ନାଭାଲ ଟାଟା ହକି ଏକାଡେମୀ, ଜାମସେଦପୁର, ହିମ୍ ଏକାଡେମୀ ଓ ମାତା ସାହିବ କୌର ହକି ଏକାଡେମୀ ଭଳିଏକାଡେମୀଗୁଡ଼ିକ ଉପକୃତ ହେବେ। ରାଜ୍ୟ ଓ ସଦସ୍ୟ ୟୁନିଟଗୁଡ଼ିକ ସରଞ୍ଜାମଗୁଡ଼ିକୁ ସେମାନଙ୍କ ଜିଲାରେ ଉପକରଣ ବଣ୍ଟନ କରିବେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଭାରତରେ ହକି ଖେଳର ବିକାଶର ଦୃଢ଼ ମୂଳଦୁଆ ପକାଇବା ହେଉଛି। ଏହି ଯୋଜନା ଦୃଷ୍ଟିଭଙ୍ଗୀ।





Wide transmission choices across Hyundai range: DCT, IVT, AT, AMT, iMT, MT.#
Wide engine and fuel choices across Hyundai range: Petrol, Turbo Petrol, Diesel, CNG and Electric.
3 YEAR 1 00 000km** Warranty Coverage
UPTO 7 YEARS Extended Warranty^
AURA Benefits up to ₹33 000*
ALCAZAR Benefits up to ₹20 000*
Hyundai ClicktoBuy Scan here
3 YEARS Road Side Assistance (RSA)
UPTO 5 YEARS Shield of Trust Running Repair Package
UPTO 5 YEARS Shield of Trust Super Maintenance Package
HYUNDAI

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736556, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

Lowest cost of maintenance## | my Hyundai app | Hyundai Promise Certified Pre-Owned Car | To know more, WhatsApp us on 8447228019

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. #Available in selected models only. ##Hyundai i20 (Petrol) and the new Grand i10 NIOS (Petrol) has lowest average yearly periodic maintenance service cost in its segment of ₹ 3 047 and ₹ 2 944 respectively for 5 years in Delhi. Source: Cardekho.com. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ